ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ନଭେମ୍ବର ୨୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 23/2025 | Page 16 | ₹ 7.00
୫୧ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 357 | ମୂଲ୍ୟ₹୭/-





# ଏସ୍‌ଆଇଆର୍ କାର୍ଯ୍ୟଚାପରୁ ୩ ବିଏଲ୍‌ଓଙ୍କ ମୃତ୍ୟୁ

**ବିହାର ପରେ ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) କାର୍ଯ୍ୟ ଜାରି ରହିଛି । ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀ( ବିଏଲ୍‌ଓ)ଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘରକୁ ଘର ବୁଲି ଲୋକଙ୍କୁ ଫର୍ମ ଦେବା ସହ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ହିସାବ ଅନୁଯାୟୀ ଜଣେ ବିଏଲ୍‌ଓ ଅନ୍ୟୁନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାର ଅଛି । ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଥିବାରୁ କାର୍ଯ୍ୟ ଚାପରେ କେତେଜଣ ବିଏଲ୍‌ଓଙ୍କ ପ୍ରାଣହାନି ଘଟୁଥିବା ବେଳେ ସ୍ଥଳବିଶେଷରେ ଆତ୍ମହତ୍ୟା କରୁଥିବା ଖବର ଶୁଣିବାକୁ ମିଳୁଛି । ୨୨ ନଭେମ୍ବରରେ ପଶ୍ଚିମବଙ୍ଗରେ ଜଣେ ଆତ୍ମହତ୍ୟା କରିଥିବାବେଳେ ମଧ୍ୟପ୍ରଦେଶରରେ ଦୁଇ ଜଣଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ ଅଦ୍ୟାବଧି ୧୦ ଜଣ ବିଏଲ୍‌ଓଙ୍କ ଜୀବନ ଯାଇଥିବା କୁହାଯାଉଛି।**

**ନୂଆଦିଲ୍ଲୀ,୨୨।୧୧**

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଭାରତର ନିର୍ବାଚନ କମିଶନ (ଇସିଆଇ) ଦେଶବ୍ୟାପୀ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ଆରମ୍ଭ କରିବା ପାଇଁ ଗତ ୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୋଆ, ଗୁଜରାଟ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲକ୍ଷାଦ୍ୱୀପ ପାଇଁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ରାଜ୍ୟଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ଏସ୍‌ଆଇଆର୍‌କୁ ବିରୋଧ କରିଆସୁଥିବାବେଳେ କାର୍ଯ୍ୟଚାପରୁ ଇତିମଧ୍ୟରେ ୧୦ ଜଣ ବୁଥ୍‌ସ୍ତରୀୟ କର୍ମଚାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଲାଣି। ଏସ୍‌ଆଇଆର୍‌ରେ ନିୟୋଜିତ କର୍ମଚାରୀଙ୍କ ମୃତ୍ୟୁ ଘଟଣାରେ ଉତ୍ତେଜନା ବୃଦ୍ଧି ପାଇଛି।

ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଛି। ମଧ୍ୟପ୍ରଦେଶର ରାଇସେନ ଏବଂ ଡାମୋହ ଜିଲାରେ ଶନିବାର ୨ ଜଣ ଶିକ୍ଷକ ତଥା ବିଏଲ୍‌ଓଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିପାଇଁ ପରିବାର ଲୋକେ କାର୍ଯ୍ୟଚାପକୁ ଦୋଷ ଦେଇଛନ୍ତି। ରାଇସେନ୍ ଜିଲାରେ ଜଣେ ବିଏଲ୍‌ଓ ୬ ଦିନ ହେଲା ☞ପୃଷ୍ଠା-୪


‘ଓସିପିଏଲ୍ -ଓପିଜିସି ମିଶ୍ରଣ ହେବନାହିଁ’
ପୃଷ୍ଠା-୫

ଆଜିର ସମ୍ପାଦକୀୟ
ପ୍ରଭାବୀ ସ୍ୱର

ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଭାରତ
ପୃଷ୍ଠା-୧୪






## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No. T-104: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୨୪।୧୧।୨୦୨୫ (ସୋମବାର)**ଦିନ **୧୦.୩୦ ଘଟିକା** ସମୟରେ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୦୮।୦୯।୨୦୨୫ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣୀ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବା ଆବଶ୍ୟକତା ନାହିଁ। ସେପ୍ଟେମ୍ବର ୦୮ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

OIPR-

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ




# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 23/2025 | Page 16 | ₹ 7.00

୫୧ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 357 | ମୂଲ୍ୟ ₹୭/-





# ଏସ୍‌ଆଇଆର୍ କାର୍ଯ୍ୟଚାପରୁ ୩ ବିଏଲ୍‌ଓଙ୍କ ମୃତ୍ୟୁ

**ବିହାର ପରେ ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) କାର୍ଯ୍ୟ ଜାରି ରହିଛି । ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀ( ବିଏଲ୍‌ଓ)ଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘରକୁ ଘର ବୁଲି ଲୋକଙ୍କୁ ଫର୍ମ ଦେବା ସହ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ହିସାବ ଅନୁଯାୟୀ ଜଣେ ବିଏଲ୍‌ଓ ଅନ୍ୟୁନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାର ଅଛି । ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଥିବାରୁ କାର୍ଯ୍ୟ ଚାପରେ କେତେଜଣ ବିଏଲ୍‌ଓଙ୍କ ପ୍ରାଣହାନି ଘଟୁଥିବା ବେଳେ ସ୍ଥଳବିଶେଷରେ ଆତ୍ମହତ୍ୟା କରୁଥିବା ଖବର ଶୁଣିବାକୁ ମିଳୁଛି । ୨୨ ନଭେମ୍ବରରେ ପଶ୍ଚିମବଙ୍ଗରେ ଜଣେ ଆତ୍ମହତ୍ୟା କରିଥିବାବେଳେ ମଧ୍ୟପ୍ରଦେଶରରେ ଦୁଇ ଜଣଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ ଅଦ୍ୟାବଧି ୧୦ ଜଣ ବିଏଲ୍‌ଓଙ୍କ ଜୀବନ ଯାଇଥିବା କୁହାଯାଉଛି।**

**ନୂଆଦିଲ୍ଲୀ,୨୨।୧୧**

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଭାରତର ନିର୍ବାଚନ କମିଶନ (ଇସିଆଇ) ଦେଶବ୍ୟାପୀ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ଆରମ୍ଭ କରିବା ପାଇଁ ଗତ ୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୋଆ, ଗୁଜରାଟ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲକ୍ଷାଦ୍ୱୀପ ପାଇଁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ରାଜ୍ୟଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ଏସ୍‌ଆଇଆର୍‌କୁ ବିରୋଧ କରିଆସୁଥିବାବେଳେ କାର୍ଯ୍ୟଚାପରୁ ଇତିମଧ୍ୟରେ ୧୦ ଜଣ ବୁଥ୍‌ସ୍ତରୀୟ କର୍ମଚାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଲାଣି। ଏସ୍‌ଆଇଆର୍‌ରେ ନିୟୋଜିତ କର୍ମଚାରୀଙ୍କ ମୃତ୍ୟୁ ଘଟଣାରେ ଉତ୍ତେଜନା ବୃଦ୍ଧି ପାଇଛି।

ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ବିଏଲ୍‌ଓମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଛି। ମଧ୍ୟପ୍ରଦେଶର ରାଇସେନ ଏବଂ ଡାମୋହ ଜିଲାରେ ଶନିବାର ୨ ଜଣ ଶିକ୍ଷକ ତଥା ବିଏଲ୍‌ଓଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିପାଇଁ ପରିବାର ଲୋକେ କାର୍ଯ୍ୟଚାପକୁ ଦୋଷ ଦେଇଛନ୍ତି। ରାଇସେନ୍ ଜିଲାରେ ଜଣେ ବିଏଲ୍‌ଓ ୬ ଦିନ ହେଲା ☞ପୃଷ୍ଠା-୪


‘ଓସିପିଏଲ୍ -ଓପିଜିସି ମିଶ୍ରଣ ହେବନାହିଁ’ ପୃଷ୍ଠା-୫

ଆଜିର ସମ୍ପାଦକୀୟ
ପ୍ରଭାବୀ ସ୍ୱର

ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଭାରତ ପୃଷ୍ଠା-୧୪





## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No. T-104: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୨୪।୧୧।୨୦୨୫ (ସୋମବାର)**ଦିନ **୧୦.୩୦ ଘଟିକା** ସମୟରେ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୦୮।୦୯।୨୦୨୫ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣୀ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବା ଆବଶ୍ୟକତା ନାହିଁ। ସେପ୍ଟେମ୍ବର ୦୮ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

OIPR-

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ






ନୂଆଦିଲ୍ଲୀର ସେଣ୍ଟ କଲମ୍ବସ୍ ସ୍କୁଲ୍‌ର ୧୦ମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ପ୍ରତିବାଦରେ ଶନିବାର ଯନ୍ତରମନ୍ତରରେ ଲୋକେ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି। ସ୍କୁଲ୍ ଶିକ୍ଷକମାନଙ୍କ ଦୀର୍ଘଦିନର ନିର୍ଯାତନାରେ ଅତିଷ୍ଠ ହୋଇ ଛାତ୍ର ଜଣକ ଗତ ମଙ୍ଗଳବାର ଆତ୍ମହତ୍ୟା କରିଥିଲେ।

# କପ୍ ୩୦ ଚୁକ୍ତିନାମାରୁ ଜୀବାଶ୍ମ ଇନ୍ଧନ ବାଦ୍

**ବେଲେମ୍ (ବ୍ରାଜିଲ),୨୨।୧୧**

ବ୍ରାଜିଲର ବେଲେମ୍‌ରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀ କପ୍ ୩୦ ଶନିବାର ଶେଷ ହୋଇଛି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହେଉଥିବା ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଯୋଗାଇଦେବାକୁ ସହମତି ହୋଇଛି। ତେବେ ଚୂଡ଼ାନ୍ତ ଚୁକ୍ତିନାମାରେ ଜୀବାଶ୍ମ ଇନ୍ଧନକୁ ସାମିଲ କରାଯାଇ ନାହିଁ। କୋଇଲା, ପେଟ୍ରୋଲିୟମ ଓ ଗ୍ୟାସ୍ ଆଦି ଜୀବାଶ୍ମ ଇନ୍ଧନ ବ୍ୟବହାରଜନିତ ଉତ୍ତାପ ବୃଦ୍ଧିରୁ ପୃଥିବୀକୁ ମୁକ୍ତ କରିବା ପାଇଁ ଚୁକ୍ତିନାମାରେ କୌଣସି ଯୋଜନା ନାହିଁ। ଜୀବାଶ୍ମ ଇନ୍ଧନ ବ୍ୟବହାର ପର୍ଯ୍ୟାୟକ୍ରମେ ବନ୍ଦ କରିବା ପାଇଁ ୮୦ଟି ଦେଶ ଗାଇଡ୍‌ଲାଇନ୍ସ ଚାହୁଁଥିଲେ ମଧ୍ୟ ଦସ୍ତାବିଜ୍‌ରେ ତାହା ନାହିଁ। ବ୍ରାଜିଲ ଆଣିଥିବା ଚିଠା ଚୁକ୍ତିନାମାକୁ ଗ୍ରହଣ କରିବାକୁ ୟୁରୋପୀୟ ସଂଘ (ଇୟୁ) ମନା କରିଦେବା ଫଳରେ କପ୍ ୩୦ ଜଳବାୟୁ ସମ୍ମିଟ୍‌ରେ ଅଚଳାବସ୍ଥା ଦେଖାଦେଇଥିଲା। ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ସବୁଜଗୃହ ବାଷ୍ପ ନିର୍ଗମନ ବନ୍ଦ କରିବା ପାଇଁ ବୈଶ୍ୱିକ ଉଦ୍ୟମରେ ଉକ୍ତ ଚିଠା ଡିଲ୍ ବିଫଳ ହୋଇଥିବା ଇୟୁ କହିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁଝାମଣା ଜାରି ରହିଥିଲା। ଜୀବାଶ୍ମ ଇନ୍ଧନର ଭବିଷ୍ୟତ ସମେତ ବିଭିନ୍ନ ପ୍ରସଙ୍ଗରେ ରହିଥିବା ମତଭେଦ ଦୂରକରିବା ପାଇଁ ଆୟୋଜକ ବ୍ରାଜିଲ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଥିଲା। କେତେକ ବିକାଶଶୀଳ ଅର୍ଥନୀତି ଇୟୁର ଆଭିମୁଖ୍ୟକୁ ବିରୋଧ କରିଥିଲେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଏହି ବ୍ଲକ୍ ଗରିବ ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ନିମନ୍ତେ ସେମାନେ ଦାବି କରିଥିଲେ। ଯଦି ଜୀବାଶ୍ମ ଇନ୍ଧନ ପାଇଁ ଏକ ମାର୍ଗ ରହିଛି ତେବେ ଜଳବାୟୁ ଫାଇନାନ୍ସ ପାଇଁ ମଧ୍ୟ ଏକ ମାର୍ଗ ରଖିବାକୁ ହେବ। ଜୀବାଶ୍ମ ଇନ୍ଧନ, ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ଦ୍ରୁତ ବେଗରେ ହ୍ରାସ କରିବା ଏବଂ ଅର୍ଥ ବ୍ୟବସ୍ଥାକୁ ନେଇ ମତଭେଦ ଦେଖାଦେଇଥିଲା। ବ୍ରାଜିଲ ପକ୍ଷରୁ ଜାରି ଚିଠା ଚୁକ୍ତିନାମାରେ ଫସିଲ୍ ଫୁଏଲ୍ ସମ୍ପର୍କରେ ଉଲ୍ଲେଖ ନ ଥିବାବେଳେ ଉକ୍ତ ପ୍ରସଙ୍ଗ ଉପରେ କେତେକ ବିକଳ୍ପକୁ ବାଦ୍ ଦିଆଯାଇଛି।

## ଶୀତ ଅଧିବେଶନରେ ଆସିବ ଆଣବିକ ଶକ୍ତି ବିଲ୍

**ନୂଆଦିଲ୍ଲୀ,୨୨।୧୧**

ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ବେସାମରିକ ଆଣବିକ ବିଲ୍ ସମେତ ୧୦ଟି ପ୍ରସ୍ତାବିତ ବିଲ୍ ଅଣାଯିବା ଯୋଜନା ରହିଛି। ଗୁରୁତ୍ୱପୂର୍ଣ୍ଣ ଆଣବିକ ବିଲ୍‌ରେ ଭାରତରେ ଆଣବିକ ଶକ୍ତି ବ୍ୟବହାର ଓ ନିୟନ୍ତ୍ରଣ ବ୍ୟବସ୍ଥା ରହିବ। ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱାଧୀନ ଓ ସ୍ୱୟଂକ୍ରିୟ କରିବା ପାଇଁ ଉଚ୍ଚଶିକ୍ଷା କମିଶନ ଗଠନ ନିମନ୍ତେ ବିଲ୍ ଆସିବ। ସେହିପରି ଜାତୀୟ ରାଜପଥ ସଂଶୋଧନ ବିଲ୍, କର୍ପୋରେଟ୍ ଲ' ସଂଶୋଧନ ବିଲ୍ ଆଦି ଆଗାମୀ ଅଧିବେଶନରେ ଆସିବ ବୋଲି ଜଣାପଡ଼ିଛି।

## ବୋଲ୍‌ସୋନାରୋ ଗିରଫ

**ସାଓ ପାଓଲୋ,୨୨।୧୧**

ଗୃହବନ୍ଦୀ ଥିବା ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ପୋଲିସ ଶନିବାର ସକାଳେ ଗିରଫ କରିଛି। ୨୦୨୨ରେ ଏକ ବିଦ୍ରୋହ ଉଦ୍ୟମର ନେତୃତ୍ୱ ନେଇଥିବା ବୋଲ୍‌ସୋନାରୋଙ୍କୁ ୨୭ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ବ୍ରାଜିଲ ସୁପ୍ରିମକୋର୍ଟଙ୍କ ଅନୁରୋଧକ୍ରମେ ସଂଘୀୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୭୦ ବର୍ଷୀୟ ବୋଲ୍‌ସୋନାରୋଙ୍କ ସମସ୍ତ ଅପିଲ୍ ସୁଯୋଗ ଶେଷ ହୋଇଥିବାରୁ ଆସନ୍ତା ସପ୍ତାହରୁ ଜେଲଦଣ୍ଡ ଆରମ୍ଭ ହେବ।

## ଜାନୁଆରୀ ସୁଦ୍ଧା ନୂଆ ଭାଜପା ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨୨।୧୧**

ବିହାର ବିଧାନସଭା ନିର୍ବାଚନରେ ଭାଜପାର ବୃହତ୍ ବିଜୟ ପରେ ଏବେ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୯ ରାଜ୍ୟରେ ସାଂଗଠନିକ ନିର୍ବାଚନ ଶେଷ ହୋଇଥିବାବେଳେ ଉତ୍ତରପ୍ରଦେଶ ଓ କର୍ଣାଟକରେ ତାହା ଅଟକି ରହିଛି। ଆସନ୍ତାବର୍ଷ ଜାନୁଆରୀ ସୁଦ୍ଧା ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଯିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଉତ୍ତରାଧିକାରୀ କିଏ ହେବ ତାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି।

## ଭେଜାଲ ଘିଅରେ ତିଆରି ହୋଇଥିଲା ୨୦ କୋଟି ତିରୁପତି ଲଡୁ

**ନୂଆଦିଲ୍ଲୀ,୨୨।୧୧**

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଭୋଗ ପାଇଁ ୨୦୧୯ରୁ ୨୦୨୪ ମଧ୍ୟରେ ପ୍ରାୟ ୨୦ କୋଟି ଲଡୁ ଅପମିଶ୍ରିତ ଘିଅରେ ପ୍ରସ୍ତୁତ ହୋଇଥିଲା ବୋଲି ଏହାର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ମନ୍ଦିର ପ୍ରସାଦରେ ଅପମିଶ୍ରଣ ଜଣାପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ୨୦୧୯ରୁ ୨୦୨୪ରେ ଶ୍ରଦ୍ଧାଳୁମାନଙ୍କୁ ମୋଟ ୪୮.୭୬ କୋଟି ଲଡୁ ବଣ୍ଟାଯାଇଥିଲା। ଘିଅ ଅପମିଶ୍ରଣ ସମ୍ପର୍କରେ ଗତବର୍ଷ ଖବର ପ୍ରକାଶ ପାଇବା ପରେ ଅନେକ ଲକ୍ଷ ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିଲା। ଉତ୍ତରାଖଣ୍ଡର ଭୋଲେବାବା ଡାଏରୀ ଓ ଏହାର ସହଯୋଗୀ କମ୍ପାନୀ ୨୫୦ କୋଟି ଟଙ୍କାରେ ୬୮ ଲକ୍ଷ କେ.ଜି. ଅପିମିଶ୍ରିତ ଘିଅ ମନ୍ଦିରକୁ ଯୋଗାଇଥିବା ତଦନ୍ତରୁ ଜଣାପଡ଼ିଛି।

# ପାକିସ୍ତାନ ଦେଇ ଭାରତ ଆସୁଥିଲା ଚାଇନା ଅସ୍ତ୍ର

**ବଡ଼ ଅନ୍ତର୍ଜାତୀୟ ର୍‍ୟାକେଟ୍‌ର ପର୍ଦ୍ଦାଫାଶ**

**ନୂଆଦିଲ୍ଲୀ,୨୨।୧୧**



ଗିରଫ ଅସ୍ତ୍ର ଚୋରାଚାଲାଣକାରୀ।



ଜବତ ବିଦେଶୀ ପିସ୍ତଲ।

ଦିଲ୍ଲୀ ପୋଲିସ ଏକ ବଡ଼ଧରଣର ଅନ୍ତର୍ଜାତୀୟ ଅସ୍ତ୍ର ଚୋରା କାରବାର ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଉକ୍ତ ର୍‍ୟାକେଟ୍ ଚାଇନା ଏବଂ ତୁର୍କୀ ନିର୍ମିତ ଅସ୍ତ୍ର ଭାରତକୁ ପଠାଉଥିଲେ। ଉକ୍ତ ସିଣ୍ଡିକେଟ୍ ସହ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ସମ୍ପୃକ୍ତି ରହିଛି। ଚାଇନା ଓ ତୁର୍କୀ ନିର୍ମିତ ଅତ୍ୟାଧୁନିକ ପିସ୍ତଲ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପାକିସ୍ତାନରେ ପହଞ୍ଚିବା ପରେ ସେଠାରୁ ଡ୍ରୋନ୍ ଯୋଗେ ଭାରତକୁ ଚୋରାଚାଲାଣ ହେଉଥିଲା ବୋଲି ପୋଲିସ କହିଛି। ପୋଲିସ ଏହି ଗ୍ୟାଙ୍ଗ୍‌ର ୪ ପ୍ରମୁଖ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ପଞ୍ଜାବର ମୋଷ୍ଟୱାଣ୍ଟେଡ୍ ଅପରାଧୀ ମନଦୀପ୍ ଓ ତାଙ୍କର ୨ ଘନିଷ୍ଠ ସହଯୋଗୀ ଉତ୍ତରପ୍ରଦେଶର ରୋହନ ଏବଂ ମୋନୁ ରହିଛନ୍ତି। ସେମାନଙ୍କଠାରୁ ୧୦ଟି ଦାମୀ ବିଦେଶୀ ପିସ୍ତଲ ଓ ୯୨ ଜୀବନ୍ତ ଗୁଳି ଜବତ ହୋଇଛି। ଜବତ ପିସ୍ତଲ ମଧ୍ୟରୁ ୫ଟି ତୁର୍କୀ ନିର୍ମିତ ହୋଇଥିବାବେଳେ ୩ଟି ଚାଇନା ତିଆରି ବୋଲି ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ୍ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି।

ସୋନୁ ଖତ୍ରୀ ଗ୍ୟାଙ୍ଗ ସହ ସାମିଲ ଥିବା ମନଦୀପ୍ ନାମରେ ହତ୍ୟାଠାରୁ ଆରମ୍ଭ କରି ଅନେକ ଆପରାଧିକ ମାମଲା ରହିଛି। ଚୋରା ଅସ୍ତ୍ରଶସ୍ତ୍ର ଡ୍ରୋନ୍ ଯୋଗେ ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚୁଥିଲା। ସେଗୁଡ଼ିକ କାର୍ବନ ପେପରରେ ଗୁଡ଼ାଯାଇଥିବାରୁ ସ୍କାନରରେ ଚିହ୍ନଟ ହୋଇପାରୁ ନ ଥିଲା। ଡ୍ରୋନ୍‌ରୁ ଖସାଯାଇଥିବା ଅସ୍ତ୍ରଗୁଡ଼ିକୁ ସଂଗ୍ରହ କରି ସେଗୁଡ଼ିକୁ ଦିଲ୍ଲୀରେ ପହଞ୍ଚାଇବା ପାଇଁ ଗ୍ୟାଙ୍ଗ୍ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦିଲ୍ଲୀ ଓ ଏହାର ଆଖପାଖ ରାଜ୍ୟର ଅପରାଧୀମାନଙ୍କୁ ଏହି ଅସ୍ତ୍ର ଯୋଗାଇ ଦିଆଯାଉଥିଲା। ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ, ବମ୍ବିହା ଏବଂ ଗୋଗୀ ହିମାଂଶୁ ଭାଇ ଗ୍ୟାଙ୍ଗ୍ ସହ ଜଡ଼ିତ ଅପରାଧୀଙ୍କ ପାଖକୁ ଅସ୍ତ୍ର ଆସୁଥିଲା ବୋଲି ପୋଲିସ କହିଛି। ଅସ୍ତ୍ର ଚୋରାଚାଲାଣ ର୍‍ୟାକେଟ୍‌ର ମୁଖ୍ୟ ଅପରେଟର ଯଶପ୍ରୀତ୍ ଓରଫ ଯଶ ଆମେରିକାରେ ରହୁଥିବାବେଳେ ପାକିସ୍ତାନରେ ଥିବା ତାଙ୍କ ପରିଚାଳକମାନଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ଥିଲେ। ଅସ୍ତ୍ର ଯୋଗାଣ ପାଇଁ ଚୋରାବେପାରୀମାନେ ଦିଲ୍ଲୀ ଆସୁଥିବାର ଗୋଇନ୍ଦା ସୂଚନା ପାଇ ପୋଲିସ ରୋହିଣୀ ଅଞ୍ଚଳରେ ଚଢ଼ାଉ କରିଥିଲା।

# ଜି୨୦ ଘୋଷଣାନାମାରେ ଭାରତର ପ୍ରାଥମିକତା ପ୍ରତିଫଳିତ

## ଡ୍ରଗ୍ସ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମୋଦିଙ୍କ ଆହ୍ୱାନ



ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ନେତାମାନଙ୍କ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଇଟାଲୀୟ ପ୍ରତିପକ୍ଷ ଜିଓର୍ଜିଆ ମେଲୋନିଙ୍କୁ ଭେଟୁଛନ୍ତି।

**ଜୋହାନ୍ସବର୍ଗ,୨୨।୧୧**

ସମସ୍ତ ଦେଶ ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ବିରୋଧରେ କିମ୍ବା କୌଣସି ରାଜନୈତିକ ରାଷ୍ଟ୍ରର ସ୍ୱାଧୀନତା ବିରୋଧରେ ଧମକ ଦେବା ବା ବଳପ୍ରୟୋଗ କରିବାରୁ ଦୂରେଇ ରହିବାକୁ ଜି୨୦ ଏକ ଦୃଢ଼ ବାର୍ତ୍ତାରେ କହିଛି। ଜି୨୦ ସମିଟ୍‌ରେ ଯୋଗଦେଇଥିବା ରାଷ୍ଟ୍ରମୁଖ୍ୟମାନଙ୍କ ସହମତିରେ ଘୋଷଣାନାମା ଗୃହୀତ ହୋଇଛି। ରାଷ୍ଟ୍ରଗୁଡ଼ିକ ଅନ୍ୟ ରାଷ୍ଟ୍ର ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଭୂରାଜନୈତିକ ଏବଂ ଭୂଅର୍ଥନୈତିକ ପ୍ରତିଯୋଗିତା ବୃଦ୍ଧିର ପ୍ରଭାବକୁ ମଧ୍ୟ ଏଥିରେ ସ୍ୱୀକାର କରାଯାଇଛି। ସମର୍ଥନ, ସମାନତା ଓ ସ୍ଥାୟିତ୍ୱ ସମାବେଶୀ ଅଭିବୃଦ୍ଧିର ମୁଖ୍ୟ ସ୍ତମ୍ଭ। ଶକ୍ତି ସୁରକ୍ଷା, ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ବିପର୍ଯ୍ୟୟ ସହଣି ଓ ମୁକାବିଲାକୁ ମଧ୍ୟ ଘୋଷଣାନାମାରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଜି୨୦ ନେତାଙ୍କ ଘୋଷଣାନାମାରେ ଭାରତର ପ୍ରାଥମିକତା ପ୍ରତିଫଳିତ ହୋଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏକ ସମର୍ପିତ ଜି୨୦ ପଦକ୍ଷେପ ପାଇଁ ଆହ୍ୱାନ ଦେଇଥିଲେ, ଯାହା ଡ୍ରଗ୍-ଆତଙ୍କବାଦୀ ମଧୁଚନ୍ଦ୍ରିକାର ମୁକାବିଲା କରିପାରିବ। ଫେଣ୍ଟାନିଲ ଭଳି ବିପଜ୍ଜନକ ସିନ୍ଥେଟିକ୍ ପଦାର୍ଥ ଚୋରା ଚାଲାଣ ବଢ଼ିଚାଲିଥିବାବେଳେ ଏହାକୁ ରୋକିବା ଜରୁରୀ। ଆତଙ୍କବାଦକୁ ଇନ୍ଧନ ଯୋଗାଉଥିବା ଆପରାଧିକ ଅର୍ଥବ୍ୟବସ୍ଥାକୁ ଧ୍ୱଂସ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଡ୍ରଗ୍ସ ଏବଂ ଆତଙ୍କବାଦ ମଧ୍ୟରେ ଚାଲିଥିବା ସଲାସୁତରାର ପ୍ରତିରୋଧ ପାଇଁ ପ୍ରଧାନମନ୍ତ୍ରୀ ଏକ ନୂଆ ଜି୨୦ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଅର୍ଥନୈତିକ, ଶାସନ ଓ ସୁରକ୍ଷା ଢାଞ୍ଚାକୁ ଏକୀକୃତ କରିବାକୁ ହେବ। ଏହାର ମୁଖ୍ୟ ପ୍ରାଥମିକତା ହେବ ନିଶାଦ୍ରବ୍ୟ ଚୋରାଚାଲାଣ ନେଟ୍‌ୱର୍କକୁ ଧ୍ୱଂସ କରିବା, ବେଆଇନ ଆର୍ଥିକ କାରବାରକୁ ବାଧାଦେବା ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଉଥିବା ବୃହତ୍ ଉତ୍ସଗୁଡ଼ିକୁ ଦୁର୍ବଳ କରିବା। କେବଳ ଏକୀକୃତ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



# ଚର୍ଚ୍ଚାରେ ମିନି ଐଶ୍ୱର୍ଯ୍ୟା

## 'ଧୁରନ୍ଧର'ର ମୁଖ୍ୟ ନାୟିକା ସାରା ଅର୍ଜୁନ

**ମୁମ୍ବାଇ**

ପ୍ରତିବର୍ଷ ଅଗଣିତ ନୂଆ ମୁହଁ ବଲିଉଡ୍‌ରେ ଡେବ୍ୟୁ କରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକେ ଆରମ୍ଭରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜନ୍ତି। ରଣବୀର ସିଂଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଧୁରନ୍ଧର'ର ମୁଖ୍ୟ ନାୟିକା ସାରା ଅର୍ଜୁନଙ୍କ କ୍ଷେତ୍ରରେ ମଧ୍ୟ ଏପରି ହୋଇଛି। ଫିଲ୍ମ ରିଲିଜ ହେବାକୁ ଆଉ ୨ ସପ୍ତାହ ବାକି ଅଛି, କିନ୍ତୁ ସାରା ଏବେ ବି ଶିରୋନାମାରେ ଅଛନ୍ତି। ଫିଲ୍ମର ଟିଜରରେ ସାରାଙ୍କ ଦୃଶ୍ୟ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଫିଲ୍ମରେ ସେ ତାଙ୍କଠାରୁ ୨୦ ବର୍ଷ ବଡ଼ ରଣବୀରଙ୍କ ସହ ରୋମାନ୍ସ କରିବେ। ସାରାଙ୍କୁ ଏବେ ବୟସ ୨୦ ବର୍ଷ। କିନ୍ତୁ ସେ ବହୁ ପୂର୍ବରୁ ତାଙ୍କର ଫିଲ୍ମ ଡେବ୍ୟୁ କରିଥିଲେ। ସେ ମଡେଲିଂ ଏବଂ ବିଜ୍ଞାପନ ସହ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଭାରତୀୟ ସିନେମାକୁ ଯିବା ପୂର୍ବରୁ ସେ ମ୍ୟାଗି, କ୍ଲିନିକ୍ ପ୍ଲସ୍ ଏବଂ ମ୍ୟାକ୍‌ଡୋନାଲ୍ଡସ ସମେତ ଅନେକ ପ୍ରମୁଖ ବ୍ରାଣ୍ଡ ସହିତ କାମ କରିଥିଲେ। ସାରାଙ୍କ କ୍ୟାରିୟରର ଏକ ପ୍ରମୁଖ ମୋଡ଼ ଥିଲା ବିକ୍ରମଙ୍କ ଅଭିନୀତ 'ଦିଭା ଥିରୁମାଲ'। ଏଥିରେ ସେ ବିକ୍ରମଙ୍କ ଝିଅ ନୀଲା ଭୂମିକାରେ ଅଭିନୟ କରିଥିଲେ। ସେ ମଣିରତ୍ନମଙ୍କ 'ପୋନିୟିନ ସେଲ୍‌ଭାନ'ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଚରିତ୍ର ନନ୍ଦିନୀଙ୍କ ପିଲାଦିନ ଭୂମିକାରେ ଅଭିନୟକରି ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ଏହି ଫିଲ୍ମ ପରେ ତାଙ୍କୁ 'ମିନି ଐଶ୍ୱର୍ଯ୍ୟା ରାୟ' ଡକାଯାଏ।





ନୂଆଦିଲ୍ଲୀଠାରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିବା ଅବସରରେ ଉପହାର ପ୍ରଦାନ କରୁଛନ୍ତି।

# ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଭାରତ ମଣ୍ଡପମ୍‌ରେ ଓଡ଼ିଶା ଷ୍ଟେଟ୍ ଡେ' ସେଲିବ୍ରେଶନରେ ଯୋଗଦେଲେ

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ସେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିବା ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି। ଏଥିସହ ସେ ଉଲ୍ଲେଖ କରିଛନ୍ତି, ନଡ୍ଡାଙ୍କ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ ତାଙ୍କୁ ଅଧିକ ଉତ୍ସାହରେ କାର୍ଯ୍ୟକରିବା ପାଇଁ ପ୍ରେରଣା ଯୋଗାଇବ।

ଏହାପରେ ସେ ସ୍ଥାନୀୟ ଭାରତ ମଣ୍ଡପମ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଓଡ଼ିଶା ଷ୍ଟେଟ୍ ଡେ' ସେଲିବ୍ରେଶନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଭାଜପା ସରକାରର ଲକ୍ଷ୍ୟ ହେଉଛି ଟ୍ରାନ୍ସଫର୍ମେସନାଲ ଗ୍ରୋଥ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟମ କରୁଛି। ଗତ ଦେଢବର୍ଷ ମଧ୍ୟରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭିତ୍ତିଭୂମି କ୍ଷେତ୍ରରେ ଭିଜନ୍ ୨୦୩୬କୁ ଲକ୍ଷ୍ୟ କରି ୧୫ ହଜାର କି.ମି. ବିଶ୍ୱସ୍ତରୀୟ ସଡ଼କ, ବାହୁଦା ଓ କେନ୍ଦ୍ରାପଡ଼ାଠାରେ ନୂତନ ବନ୍ଦର ଏବଂ ପୁରୀରେ ଅନ୍ତର୍ଜାତୀୟ ଏୟାରପୋର୍ଟ ପ୍ରତିଷ୍ଠା ଭଳି ବୃହତ୍ ପ୍ରକଳ୍ପ ଆରମ୍ଭ କରାଯାଇଛି। ଶିଳ୍ପ କ୍ଷେତ୍ରରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି କରାଯାଇଛି। ଭୁବନେଶ୍ୱରକୁ ପୂର୍ବ ଭାରତର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ ଏକ ସ୍ୱତନ୍ତ୍ର ଗ୍ରାଣ୍ଡ ପ୍ଲାନ୍ ରହିଛି। ମୋଟାମୋଟି ଭାବେ ଓଡ଼ିଶା ମଣ୍ଡପଠାରେ ଓଡ଼ିଶାର କଳା, ସଂସ୍କୃତି, ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧିର ଏକ ଭବ୍ୟ ପ୍ରଦର୍ଶନ କରିଛି। ସମସ୍ତଙ୍କୁ ଏହି ବିକାଶ ଯାତ୍ରାରେ ସାମିଲହେବାକୁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ସେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରରେ ଓଡ଼ିଶା ମଣ୍ଡପ ବୁଲି ଦେଖିଛନ୍ତି। ଏଥିସହ ସେ କହିଛନ୍ତି, ଏଥର ଓଡ଼ିଶା ମଣ୍ଡପ ବାସ୍ତବରେ ଅତ୍ୟନ୍ତ ସୁଦୃଶ୍ୟ ଓ ଭବ୍ୟ ଭାବରେ ପ୍ରସ୍ତୁତ କରାଯାଇଛି। ଯାହା ଶ୍ରୀମନ୍ଦିର, ପଟ୍ଟଚିତ୍ର ଓ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ମାଧ୍ୟମରେ ଆମ କଳା, ଐତିହ୍ୟ ଓ ସଂସ୍କୃତିକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରିଛି। ମଣ୍ଡପରେ ବିଭିନ୍ନ ଷ୍ଟଲ ଖୋଲାଯାଇଛି, ଯେଉଁଠି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବୁଣାକାରମାନଙ୍କ ହସ୍ତତନ୍ତ ବସ୍ତ୍ର, ହସ୍ତଶିଳ୍ପ ସାମଗ୍ରୀ, ପ୍ରସ୍ତର ମୂର୍ତ୍ତିକଳା ଏବଂ ଶ୍ରୀଅନ୍ନ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଉପଲବ୍ଧ ହେଉଛି। ସୂଚନାଯୋଗ୍ୟ, ରବିବାର ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରି ଆସିବା କାର୍ଯ୍ୟକ୍ରମ ରହିଛି।

# ସୃଷ୍ଟି ହେଲା ଲଘୁଚାପ, ଚାଷୀଙ୍କ ଚିନ୍ତା ବଢ଼ିଲା

## ୨୬ରେ ବାତ୍ୟା ଆକଳନକଲା ପାଣିପାଗ ମଡେଲ

**ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)**

ବାତ୍ୟା ଓ ବର୍ଷା ଆଶଙ୍କାରେ ଏବେ ରାଜ୍ୟର ଚାଷୀକୁଳ ଚିନ୍ତାରେ ରହିଛନ୍ତି। ଏପରିସ୍ଥିତିରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶନିବାର ସକାଳ ୮ଟା ୩୦ରେ ଲଘୁଚାପରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହା ମାଲାକ୍କା ଷ୍ଟ୍ରେଟ୍‌ର ସମୁଦ୍ର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ରହିବା ସହ ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ୨୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପଟି ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୪୮ଘଣ୍ଟା ଅର୍ଥାତ୍ ୨୬ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଅଧିକ ଘନୀଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଉପକୂଳରୁ ବହୁ ଦୂରରେ ରହିଛି। ତେଣୁ ଆଗାମୀ ୭ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ବାତ୍ୟା ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ତେବେ ବାତ୍ୟା ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ବିଭିନ୍ନ ପାଣିପାଗ ମଡେଲର ବାତ୍ୟା ଆକଳନକୁ ନେଇ ଲୋକଙ୍କ ମନରେ ଛନକା ପଶିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମଡେଲଗୁଡ଼ିକ ବାତ୍ୟା ନିଶ୍ଚିତ ବୋଲି ଦର୍ଶାଉଥିଲେ ମଧ୍ୟ ଓଡ଼ିଶା ଉପରେ ଏହାର ପ୍ରଭାବ ନେଇ ଭିନ୍ନ ଭିନ୍ନ ତଥ୍ୟ ଦେଉଛନ୍ତି।

ମଡେଲଗୁଡ଼ିକର ଆକଳନ ଅନୁଯାୟୀ, ୨୬ ତାରିଖରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୭ ତାରିଖ ବେଳକୁ ଆନ୍ଧ୍ର ଓ ଓଡ଼ିଶା ଉପକୂଳରେ ବର୍ଷାର ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ବଡ଼ ବର୍ଷାର ସମ୍ଭାବନା ରହିଛି।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ବିଧାନ ସଭା, ସମୟ: ସକାଳ ୯ଟା ୩୦।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସାଇ ଜନାନୀ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୫ଟା ୩୦।
- ଭାରତୀୟ ସାହିତ୍ୟ କେନ୍ଦ୍ର ପକ୍ଷରୁ ଡ. ତ୍ରିଲୋଚନ ଖୁଣ୍ଟିଆଙ୍କ ଗ୍ରନ୍ଥାବଳୀ ଉନ୍ମୋଚନ ଏବଂ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।
- କିମ୍ବଦନ୍ତୀ ପୁରୁଷ ଜୟୀ ରାଜଗୁରୁଙ୍କ ଜୀବନୀ ଉପରେ ଆଧାରିତ ନାଟକ ଧର୍ମଯୋଦ୍ଧା ପରିବେଷଣ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର ପକ୍ଷରୁ ୭୭ତମ ଏନ୍‌ସିସି ଦିବସ ପାଳନ, ସ୍ଥାନ: ହେଡ୍ କ୍ୱାର୍ଟର୍ସ ପରିସର, ବାରବାଟୀ ଦୁର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ୨୯ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗ୍ରାଣ୍ଡ ଅଡିଟୋରିୟମ, ମହତାବ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଜାତୀୟ ଗୋ ଚାମ୍ପିଅନ୍‌ଶିପର ଉଦ୍‌ଘାଟନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୮ଟା।
- ନିର୍ବାଣ ମହୋତ୍ସବ, ସ୍ଥାନ: ସଦାଶିବ କ୍ୟାମ୍ପସ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଷ୍ଟେଟ ସଏଲ କନଜରଭେଶନ ଫିଲ୍ଡ ଅଫିସର୍ସ ଆସୋସିଏଶନ ବୈଠକ, ସ୍ଥାନ: ପୌରସଦନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଧାମ କଲ୍‌ଚରାଲ ଏକାଡେମୀର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନର କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ବଲ୍ଲଭ ମଠ, ସମୟ: ପୂର୍ବାହ୍ନ ୧୧ଟା।
- ସପ୍ତଶକ୍ତି ସଙ୍ଗମ ଉତ୍ସବ, ସ୍ଥାନ: ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ସୁସ୍ଥ ନାରୀ ସଶକ୍ତ ରାଷ୍ଟ୍ର ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା
- ଅଖଣ୍ଡ ଗଜପତି ସାମ୍ରାଜ୍ୟ ଗଡ଼ଧୀଶ ମହାସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ସିସି ଡେ ଉତ୍ସବ, ସ୍ଥାନ: କ୍ୟାମ୍ପସ ପରିସର, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ଶ୍ରୀ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: ଜଳେଶ୍ୱରପୁର ସମିତି, ଦେଉଳା ଭଜନ ମଣ୍ଡଳୀ, ରାଇପୁର ଭଜନ ମଣ୍ଡଳୀ, କାଁଥିଭଉଁରୀ ଭଜନ ମଣ୍ଡଳୀ, ଭୋଗରାଇ, ସମୟ: ଭୋର ୪ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ନେତ୍ରାନନ୍ଦ ସରକାରୀ ଉପ୍ରା ବିଦ୍ୟାଳୟ, ସାହାଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି ଦିବସ, ସ୍ଥାନ: ବଟେଶ୍ୱର ମହାଦେବ ମନ୍ଦିର ପଡ଼ିଆ, ବଡ଼ାଶ, ବାଲିଆପାଳ, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ତିହିଡ଼ି, ସମୟ: ସକାଳ ୭ଟା।
- ସାଂସଦ ଖେଳକୁଦ କାର୍ଯ୍ୟକ୍ରମ, ସ୍ଥାନ: ଗେଲପୁର ଏସ୍‌ବିଡି ସ୍କୁଲ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶିଶୁମନ୍ଦିର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମହକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ଟାଏକୋଣ୍ଡୋ ରେଫେରୀ ଶିବିର ଉଦ୍‌ଯାପନୀ, ସ୍ଥାନ: କାର୍‌ମେଲ ସ୍କୁଲ ଅଡିଟୋରିୟମ, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ସତ୍ୟସାଇଙ୍କ ଶତ ବାର୍ଷିକୀ ଜନ୍ମ ମହୋତ୍ସବ, ସ୍ଥାନ: ମରିଗାଁ, ଡ଼ଅଁର, ଇଂଚୋଳ, ମଠ କପୁଣ୍ଡି, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା।
- ଟାଟା କମ୍ପାନୀ ଦ୍ୱାରା ଗଣ ଦୌଡ଼, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ପ୍ରାତଃ ୫ ଟା ୩୦।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ସପ୍ତମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ : ସଦର ବ୍ଲକ ରାଇକଳା ଗ୍ରାମ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: କୁଆମରା ତଳକଡଦା ଭଜନ ମଣ୍ଡଳୀ, ଗୋପବନ୍ଧୁ ନଗର, ସମୟ: ସକାଳ ୮ଟା।
- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମଦିନ ପାଳନ, ସ୍ଥାନ: ଡାଇମଣ୍ଡ ଟ୍ୟାଙ୍କ ରୋଡ, ସମୟ: ପ୍ରାତଃ ୫ଟା।
- ବାଲ୍ୟ ରୁଦ୍ର ଦଣ୍ଡକାଳୀଙ୍କ ଶିଳା ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ଶାଳିଆବନ୍ଧ ହୁଡା, ପୁରୁଣା ବ୍ରହ୍ମପୁର, ସମୟ: ସକାଳ ୬ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସିଭିଲ କୋର୍ଟ ପରିସର, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା ।

## ଗଞ୍ଜାମ
- ସାଇବାବାଙ୍କ ଶତବର୍ଷ ଜନ୍ମ ମହୋତ୍ସବ: ସ୍ଥାନ: ବୁଗୁଡ଼ା ଶ୍ରୀ ସତ୍ୟସାଇ ସେବା ସମିତି କେନ୍ଦ୍ର, ସମୟ: ସକାଳ ୬ ଟା।

## ଢେଙ୍କାନାଳ
- ତ୍ରିରଙ୍ଗା-ସୁପ୍ରଭାତ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଷ୍ଠାନର କାର୍ଯ୍ୟାଳୟ, ଦକ୍ଷୀଣକାଳୀ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ଆଠମଲ୍ଲିକ ନ୍ୟାୟାଳୟ ପରିସର, ସମୟ: ସକାଳ ୮ ଟା ୪୫।
- ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର
- ଡମ୍ପର ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ସଂଘ ପରିସର, ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୭ ଟା।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ଏକତା ପଦଯାତ୍ରା, ସ୍ଥାନ: କଲେଜ ପରିସର, ନୁଆବଜାର, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- ବଗଡା ସ୍ପୋର୍ଟସ କ୍ଲବ ଓ ତ୍ରିପୁରା କ୍ଲବ ପକ୍ଷରୁ ଦିବା ରାତ୍ର ଭଲିବଲ ପ୍ରତିଯୋଗିତା, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା ।
- ମାଇଁ ଏନ୍‌ସିସି ଆଲୁମନି ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ରକ୍ତଦାନ ମହୋତ୍ସବ, ସ୍ଥାନ: ନିଗିନିପୁର, ସାନଜରିଆ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୮ଟା ।

## ଯାଜପୁର
- ଯାଜପୁର ରୋଡ ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଜନ୍ମଦିନ ପାଳନ ଉତ୍ସବ, ସ୍ଥାନ : ବ୍ୟାସନଗର ଶ୍ରୀସତ୍ୟସାଇ ମନ୍ଦିର ପରିସର, ସମୟ : ସକାଳ ୮ଟା୩୦।
- ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ : ଜାରକା ହାଇସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ, ସ୍ଥାନ:ଦଶପଲ୍ଲା ଦୁର୍ଗାବଜାର କଲୋନୀସ୍ଥିତ ଶ୍ରୀସତ୍ୟସାଇ ସେବା ସମିତି, ସମୟ:ସକାଳ ୫ଟା , ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୬ଟା ୩୦।
- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ, ସ୍ଥାନ:ଓଡଗାଁ ବିଜୟ ମଣ୍ଡପ ସାହି, ସମୟ:ସକାଳ ୫ଟାରୁ ସଂଧ୍ୟା ୭ଟା ୧୫ ।
- ମହାବିଦ୍ୟାଳୟର ପ୍ରତିଷ୍ଠାତା ରୁଦ୍ର ମାଧବ ରାୟଙ୍କ ୮୮ତମ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା୧୫ ।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଶରଣକୂଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।

## ରାୟଗଡ଼ା
- ଜିଲାସ୍ତରୀୟ ସର୍ଗିଫୁଲ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର
- ସମୟ: ସକାଳ ୯ଟା।
- ତାଲୁକ୍ ଆଇନ ସେବା ସଂସ୍ଥା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୯ଟା।
- ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଚଜୟନ୍ତୀ, ସ୍ଥାନ: ମୁନିଗୁଡ଼ା ସତ୍ୟସାଇ ମନ୍ଦିର, ସମୟ: ସକାଳ ୧୦ଟା।

## ନବରଙ୍ଗପୁର
- ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଝରିଗାଁ କୋର୍ଟ ପରିସର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ହରଘର ସ୍ୱଦେଶୀ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ, ସ୍ଥାନ: ହାଟପଦାସ୍ଥିତ ଭଜନ ମଣ୍ଡଳ ପ୍ରାର୍ଥନା କକ୍ଷ, ନନ୍ଦପୁର, ସମୟ: ପ୍ରାତଃ ୫ଟା।
- ସତ୍ୟସାଇଙ୍କ ୧୦୦ତମ ଜୟନ୍ତୀ ଉତ୍ସବ, ସ୍ଥାନ: ସେବା ଅନୁଷ୍ଠାନ ପରିସର, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ରକ୍ତଦାନ ଦାନ ଶିବିର, ସ୍ଥାନ: ବେହରା ଗୁଡ଼ା, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ନିଶାଣୀ ମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ସାଇକ୍ରିଷ୍ଣା କଲୋନୀ ଖେଳପଡିଆ, ଦଶମନ୍ତପୁର, ସମୟ: ଅପରାହ୍ନ ୨ଟା ୩୦।

## ମାଲକାନଗିରି
- ସତ୍ୟସାଇଙ୍କ ଜନ୍ମବାର୍ଷିକୀ ଉତ୍ସବ, ସ୍ଥାନ: ସାଇବାବାଙ୍କ ମନ୍ଦିର ପରିସର, ବାଲିମେଳା ସାଇବାବା ଲାଇନ୍, ସମୟ: ପ୍ରାତଃ ୫ଟା।
- ସତ୍ୟ ସାଇଙ୍କ ଜନ୍ମବାର୍ଷିକୀ ପାଳିତ, ସ୍ଥାନ: ସାଇବାବା ମନ୍ଦର ପରିସର, ସଦର ମହକୁମା କୁମୁଟିଗୁଡ଼ା, ମାଲକାନଗିରି, ସମୟ: ସକାଳ ୬ଟା।

## ସମ୍ବଲପୁର
- ଶ୍ରୀସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ, ସ୍ଥାନ : ଭୁତାପଡା ସ୍ଥିତ ପ୍ରଶାନ୍ତି ମନ୍ଦିର, ସମୟ : ସକାଳ ୫ଟାରୁ ସନ୍ଧ୍ୟା ୬ଟା ୩୦ ।
- କଲମ ପରିବାର ଆୟୋଜନରେ ଶୀତ ସକାଳ କବିତା ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ୩୦ ।
- ଶ୍ରୀହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ବ୍ରୁକ୍ସହିଲ ସ୍ଥିତ ହନୁମାନ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନାଟ୍ୟ ମହର୍ଷି ଭଗବାନ ସାହୁ ଜୟନ୍ତୀ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ବଲାଙ୍ଗୀର
- ସମାଜବାଦୀ ଜନ ପରିଷଦର ଦ୍ୱିଦିବସୀୟ ରାଷ୍ଟ୍ରୀୟ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ମହାବୀର ଧର୍ମଶାଳା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା
- ରୋଟାରୀ କ୍ଲବ ପକ୍ଷରୁ ମିନି ମାରାଥନ, ସ୍ଥାନ: ଛେଣ୍ଡ ବିଏସ୍‌ଏନ୍‌ଏଲ ଛକ, ସମୟ: ସକାଳ ୭ଟା ।
- ଶ୍ରୀ ସତ୍ୟ ସାଇସେବା ସମିତି ରାଉରକେଲା ପକ୍ଷରୁ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ: ଓରାମପଡ଼ା ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସାନ୍ତାଳୀ ଭାଷାର ଲିପି ଅଲଚିକିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର--୧୯ ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡଦାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ସେକ୍ଟର-୨୧ ସତ୍‌ସଙ୍ଗ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଅରିଜିନାଲ ପାୱାର କ୍ଲବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୭, ର୍‌ୟାମା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ଓରାମପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ବିକାଶ ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୯, ରାଉରକେଲା, ସମୟ: ସନ୍ଧ୍ୟା ୫ଟା।
- ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଶ୍ରୀମଦ ଭାଗବତ କଥା,ସ୍ଥାନ:ଇବ ନଗର,ଆରଆରଆଇଟି କଲୋନୀ, ଶିବ ମନ୍ଦିର ପ୍ରାଙ୍ଗଣ,ସୁନ୍ଦରଗଡ,ସମୟ: ଅପରାହ୍ନ୫ଟା୩୦ରୁ ୮ଟା୩୦ପର୍ଯ୍ୟନ୍ତ।

## ବରଗଡ଼
- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ, ସ୍ଥାନ:ଡାଙ୍ଗବାହାଲ, ଗାଇସିଲେଟ, ସମୟ: ପ୍ରାତଃ ୪ଟା ୩୦।
- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ୭୭ତମ ଏନ୍‌ସିସି ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଜିଲା ମୁଖ୍ୟ କୋର୍ଟରେ ଚିତ୍ରାଙ୍କନ, ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ, ବାଣିଜ୍ୟ ମେଳା ଉଦ୍‌ଯାପନ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର , ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଳେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୬ଟା୩୦।

## ସୁବର୍ଣ୍ଣପୁର
- ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭା ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ-୨୦୨୫, ସ୍ଥାନ: ବିନିକା ବ୍ଲକ ମହଦା ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦।
- ମା'ମାହେଶ୍ୱରୀ ରାଜ୍ୟସ୍ତରୀୟ କଳାପଥର କ୍ରିକେଟ କପ, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ସୁନିତା ସାହୁ କୀର୍ତ୍ତନ ଧାରା, ସ୍ଥାନ: ନୂଆପାଲି, ବିନିକା, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା
- ୩ୟ ଫୁଟ୍‌ବଲ ମହାକୁମ୍ଭ ଷଷ୍ଠ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- କୁରାଳ (କୁମ୍ଭାର) ସମାଜ ପକ୍ଷରୁ କୁରାଳ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଏନ୍‌ଏସି ମହୁଆଭଟା ୱାର୍ଡ ନଂ.୧୩, ୧୪, ସମୟ: ଅପରାହ୍ନ ୫ଟା।



## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛରେ ପାଣି ଦେଉ ଦେଉ**
**ଶିମ୍ବ ଗଛ ମଲା।**

କିଛି ବ୍ୟକ୍ତି ଅବହେଳାର ଶିକାର ହୋଇଥାନ୍ତି। ତାଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଯିବା ଫଳରେ ସେମାନେ ଆଖିଦୃଶିଆ ଅଗ୍ରଗତି କରିପାରି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠ ଦୁମୁକାଣି, ଷୋଳ ଅସରା,**
**ବତିଶି ଝିପିଝିପି, ଚଉଷଠି କୁଣ୍ଡାଝରା,**
**ତେବେ ଯାଇ ଚଷାର ପେଟ ପୂରା।**

ବର୍ଷାର ପରିମାଣ ଅଧିକ ହେଲେ ଧାନଗଛ ଭଲ ବଢ଼ିଥାଏ ଓ ସେହି ଅନୁସାରେ ଭଲ ଫସଲ ମିଳିଥାଏ। ବର୍ଷା ଉପରେ ଧାନ ଫସଲ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରକ୍ ଧକ୍କାରେ ମଉସା ମୃତ, ଝିଆରୀ ଗୁରୁତର

**ବଅଁରପାଳ/ ସନ୍ତ୍ରୀଛକ, (ସୁବାସ ସାହୁ/ ସନ୍ତୋଷ ପରିଡ଼ା), ୨୨।୧୧**

ଅନୁଗୋଳ ଜିଲା ବଅଁରପାଳ-ତାଳଚେର ୧୪୯ ନମ୍ବର ଜାତୀୟ ରାଜପଥର ଗୋତମରା ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ମଉସାଙ୍କ ମୃତ୍ୟୁ ହୋଇଥିବାବେଳେ ଝିଆରୀ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ନୂଆହତା ଗ୍ରାମ ଜୋରାଗାଡ଼ିଆ ସାହିର ରାଜ କିଶୋର ପରିଡ଼ା(୪୭) ଏବଂ ଝିଆରୀ ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମର ମିତାଲି ପରିଡ଼ା (୧୯) ଏକ ବାଇକ୍ ଯୋଗେ ନୂଆହତାରୁ ବସୁଲେଇ ଯାଉଥିଲେ। ଅପରାହ୍ନ ୪ଟା ବେଳେ ସେମାନେ ଉକ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ହୋଇଥିବାବେଳେ ପଛରୁ ଆସୁଥିବା ଟ୍ରକ୍ (ଓଡି୩୫ଡି-୯୭୧୫) ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମଉସା ରାଜକିଶୋରଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ସେମାନେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିବାରୁ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ଖବରପାଇ ବଅଁରପାଳ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ଏସ୍‌ଆଇଆର୍ ...

ନିଖୋଜ ଅଛନ୍ତି। କେରଳରେ ଜଣେ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ଜଣେ ଏବଂ ଗୁଜରାଟରେ ୪ ଦିନରେ ୪ ଜଣଙ୍କ ଜୀବନ ଗଲାଣି। ଶନିବାର ଭଦୋଦାରାର ଏକ ସ୍କୁଲରେ କାର୍ଯ୍ୟରତ ଜଣେ ମହିଳା ସହକାରୀ ବିଏଲ୍‌ଓ ମୂର୍ଚ୍ଛାଯିବା ସହ ତାଙ୍କର ମୃତ୍ୟୁ ଘଟିଛି। ୨ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆତ୍ମହତ୍ୟା କରିଛନ୍ତି। ପଶ୍ଚିମବଙ୍ଗରେ ୨ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି। ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ଦାୟୀ କରିବା ସହ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଭୋଟର ତାଲିକା ସଂଶୋଧନ ସ୍ଥଗିତ ରଖିବାକୁ କହିଥିଲେ। କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ଏସ୍‌ଆଇଆର୍‌କୁ ବନ୍ଦ ରଖିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି।

ଇସିଆଇ ସୂଚନା ଅନୁଯାୟୀ, ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫୦.୯୭ କୋଟି ଭୋଟରଙ୍କ ଉପରେ ସର୍ଭେ କରାଯାଉଛି। ଏଥିପାଇଁ ୫.୩୨ ଲକ୍ଷ ବିଏଲ୍‌ଓଙ୍କୁ ନିୟୋଜିତ କରାଯାଇଛି। ଅର୍ଥାତ୍ ମାସେ ମଧ୍ୟରେ ଜଣେ ବିଏଲ୍‌ଓଙ୍କୁ ଅନ୍ୟୂନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାକୁ ହେବ। ଏଥିରେ ରହିଛି ଫର୍ମ ବଣ୍ଟନ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଏବଂ ସେମାନଙ୍କ ସମସ୍ୟାର ସମାଧାନ। ବିଏଲ୍‌ଓମାନଙ୍କୁ ଫୋନ୍ ଯୋଗେ କ୍ରମାଗତ ଭାବେ ବିଭିନ୍ନ ପରାମର୍ଶ ଦିଆଯାଉଛି। ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଛି। କାର୍ଯ୍ୟଚାପ ବଢୁଥିବାରୁ ବିଏଲ୍‌ଓମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ମଧ୍ୟପ୍ରଦେଶରେ ପ୍ରାଣ ହରାଇଥିବା ୨ ଜଣ ବିଏଲ୍‌ଓ ହେଲେ ରମାକାନ୍ତ ପାଣ୍ଡେ ଏବଂ ସୀତାରାମ ଗୋଣ୍ଡ। ନିଖୋଜ ବିଏଲ୍‌ଓ ଜଣକ ଭବ୍ୟ ସିଟିରେ ରହୁଥିବା ଶିକ୍ଷକ ନାରାୟଣ ଦାସ ସୋନି ବୋଲି ଜଣାପଡ଼ିଛି। ସେହିପରି ଶନିବାର ପଶ୍ଚିମବଙ୍ଗ ନଦିଆ ଜିଲାରେ ମହିଳା ବିଏଲ୍‌ଓ ରିଙ୍କୁ ତରଫଦାରଙ୍କ ମୃତ୍ୟୁ ଘଟିଛି। ଗତ ବୁଧବାର ଜଳପାଇଗୁଡ଼ି ଜିଲାରେ ଆଉ ଜଣେ ବିଏଲ୍‌ଓ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ପରିବାରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କର୍ମଜଞ୍ଜାଳ ମଧ୍ୟରେ ଚିନ୍ତା କରିବାକୁ ଅବସର ମିଳିବ ନାହିଁ। ପାରିବାରିକ ସମସ୍ୟା ସମାଧାନରେ ପଡ଼ୋଶୀଙ୍କ ଅବଦାନକୁ ଅସ୍ୱୀକାର କରିପାରିବେ ନାହିଁ। ରଚନାତ୍ମକ କାମରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାରେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିପାରନ୍ତି।

**ବୃଷ** – ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ ଗୁରୁତର ହୋଇ ନ ପାରେ। ପରିବାରରୁ ପୂର୍ଣ୍ଣ ସମର୍ଥନ ଲାଭ କରି ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିବେ। ବନ୍ଧୁଙ୍କ ପରାମର୍ଶରେ ଦୂରଯାତ୍ରାରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହିତ ବିବାଦୀୟ ଘଟଣାର ଅବସାନ ଘଟିବାର ସୂଚନା ରହିଛି।

**ମିଥୁନ** – ବନ୍ଧୁଙ୍କ ଅନୁରୋଧକ୍ରମେ ସମାଜ କଲ୍ୟାଣ କାମ ସକାଶେ ସ୍ୱୀକୃତି ପ୍ରଦାନ କରିବେ। ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ସକାଶେ ସମର୍ଥନ ପାଇପାରନ୍ତି। ଅଂଶୀଦାର ବ୍ୟବସାୟୀଙ୍କ ସହିତ ବାଣିଜ୍ୟରେ ମାନମନାନ୍ତର ସୃଷ୍ଟି ହେବ। ଆତ୍ମୀୟମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କାମ ଅଟକି ରହିବ ନାହିଁ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତିର ସହିତ ସହଯୋଗର ହାତ ବଢ଼ାଇପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ସହିତ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅଭାବ ଲାଗି ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** – ଆଜି କୌଣସି କାମ ଅଟକିବ ନାହିଁ, କିନ୍ତୁ ଅର୍ଥ ସଂକଟ ଲାଗିରହିବ। ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଜନିତ ମାନସିକ ମନକୁ କବଳିତ କରି ରଖିବ। ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। ନିଜ ପରିସରର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** – ଆଜି ଯେତିକି ପାଇବେ, ଦୁଇଗୁଣା ଖର୍ଚ୍ଚ ମାନସିକ ଅସ୍ଥିରତାର କେନ୍ଦ୍ରବିନ୍ଦୁ ପାଲଟିଯିବ। ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଆନୁଷ୍ଠାନିକ କାମ ସ୍ଥଗିତ ରହିଯିବ। ଭଲ ସମ୍ପର୍କ ରହିଥିବା ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ। ବାଣିଜ୍ୟ, ଗବେଷଣା, ଅନୁସନ୍ଧାନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**ତୁଳା** – ଆଜି ବନ୍ଧୁତ୍ୱ ଡୋରିରେ ବାନ୍ଧି ହୋଇ ଜୀବନର ନୂତନ ଅଧ୍ୟାୟ ଆରମ୍ଭ କରିପାରନ୍ତି। ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପାରସ୍ପରିକ ଆଲୋଚନା କରିବା ଭଲ। ସଭାସମିତିରେ ଯୋଗ ଦେଇ ଲାଭବାନ୍ ହେବେ ଓ ପ୍ରତିଷ୍ଠା ପାଇବେ। ପୂର୍ବ ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ସମସ୍ୟା ହେତୁ ବାତିଲ ହୋଇପାରେ।

**ବିଛା** – ଆଜି ଏକାଧିକ କାମ ହାତକୁ ନେଇ କୌଣସି କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ। ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବେ।

**ଧନୁ** – ପରିବର୍ତ୍ତିତ ପରିସ୍ଥିତି ମାନସିକ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବ। ନିଜର ପୂର୍ବ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ବଦଳାଇବାକୁ ବାଧ୍ୟ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ସଫଳତା ହାସଲ କରିବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** – ଆଜି ଆପଣ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମିତ୍ରଭଳି ଆଚରଣ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ ଏବଂ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ନ ଚଳିଲେ ନିନ୍ଦା, ଅପମାନ ପାଇପାରନ୍ତି। ତଥାପି ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାର ମଉକା ମିଳିବ। ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାକୁ ଚେଷ୍ଟା କରିବେ।

**ମୀନ** – ଆପଣ ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି, ତାହା ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଅପରାହ୍ନରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର କିମ୍ବା ହଜି ଯାଇଥିବା ଜିନିଷ ଅଜଣା ବ୍ୟକ୍ତିଙ୍କ ନିକଟରୁ ପାଇପାରନ୍ତି।

ଆଜି ନଭେମ୍ବର ୨୩ ତାରିଖ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ତିରୋଧାନ ଦିବସ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ତୃତୀୟା ରବିବାର। ରାଶି ନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୭ ଗତେ ଘ.୦୮।୫୯ ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୩୯ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ।

# 'ଓସିପିଏଲ୍-ଓପିଜିସି ମିଶ୍ରଣ ହେବନାହିଁ'

## ଓସିପିଏଲ୍ ସିଇଓଙ୍କୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଚିଠି

ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)

ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ସହ ମିଶ୍ରଣ କରାଯିବା ନିଷ୍ପତ୍ତିକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ଓଡ଼ିଶା ସରକାରଙ୍କ ଏହି ଯୋଜନା ବିଫଳହେବା ସାଙ୍ଗକୁ ଏହାକୁ ନେଇ ଚାଲିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଓସିପିଏଲ୍-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ରେ ନୀତିଗତ ନିଷ୍ପତ୍ତି ନେବା ପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନର ଆବଶ୍ୟକତା ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାକୁ ଗତ ୧ ତାରିଖରେ ଓସିପିଏଲ୍ ଏକ ପତ୍ର ମାଧ୍ୟମରେଆବେଦନ କରାଯାଇଥିଲା। ଓସିପିଏଲ୍‌ର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ନିଜ ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖକରି ଗତ ୨୦ ତାରିଖରେ ଏକ ପତ୍ର ମାଧ୍ୟମରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଛି। ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହ ଓସିପିଏଲ୍ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ୍-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଟାଙ୍ଗରଡ଼ିହି ଉତ୍ତର କୋଇଲା ଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ୍-ଇନ୍ ଅବଧିରେ ଓସିପିଏଲ୍-ଓପିଜିସି ମିଶ୍ରଣ ସମ୍ଭବ ନୁହେଁ। ସେହିପରି ଟାଙ୍ଗରଡ଼ିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ୍ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାମ୍ପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୮ ରେ ଏକ ନୋଟ୍‌ସିଟ୍ ମାଧ୍ୟମରେ ଶକ୍ତି ବିଭାଗକୁ ସୂଚିତ କରାଯାଇଥିଲା। ରାଜ୍ୟ ସରକାର ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଥିଲେ। ଫଳରେ ଓସିପିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତିର ଆଉ ଆବଶ୍ୟକ ନ ଥିଲା। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସେତେବେଳେ ଏହାକୁ ବିରୋଧକରି କହିଥିଲେ, ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି, ମିଶ୍ରଣ ହୋଇଗଲେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହିଁ, ଫଳରେ ବିଦ୍ୟୁତ୍ ମୂଲ୍ୟ କମିଯିବ। କେନ୍ଦ୍ର ଜିଏସ୍‌ଟି କାଉନସିଲ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ୨୨.୦୯.୨୦୨୫ରୁ ବନ୍ଦ କରିଦେଇଛନ୍ତି। ତେଣୁ ଓପିଜିସି ଆଉ ୪୦୦ ଟଙ୍କା ସେସ୍ ଦେଉନାହିଁ। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୨୨।୦୮।୨୦୨୫ରେ ଓସିପିଏଲ୍‌କୁ ସୁନ୍ଦରଗଡ଼ ଜିଲାର ଟାଙ୍ଗରଡ଼ିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବାଜ୍ୟାପ୍ତ ହେବା ସହ ରାଜ୍ୟର ପ୍ରବଳ ବ୍ୟବସାୟିକ ଓ ଅର୍ଥନୈତିକ କ୍ଷତି ହେବ। ଦକ୍ଷତା ବୃଦ୍ଧି ପାଇଁ ଏନ୍‌ଟିପିସି ଏକ ନୂତନ କୋଇଲା କମ୍ପାନୀ ଏନ୍‌ଏମ୍‌ଏଲ୍(ଏନ୍‌ଟିପିସି ମାଇନିଂ ଲିମିଟେଡ୍) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ।

# ହାତୀ ଲଢ଼େଇରେ ଦନ୍ତାର ମୃତ୍ୟୁ

ମୋରଡ଼ା/ରାସଗୋବିନ୍ଦପୁର, ୨୨।୧୧
(ସ୍ମାରକ ମାଜୀ/ ସତ୍ୟବାଦୀ ପରିଡ଼ା)



ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଶନିବାର ଏକ ଦନ୍ତା ହାତୀର ମୃତଦେହକୁ ବନ ବିଭାଗ ଠାବ କରିଛି। ହାତୀ-ହାତୀ ମଧ୍ୟରେ ଲଢ଼େଇରୁ ଦନ୍ତାର ମୃତ୍ୟୁ ହୋଇଥିବା କୁହାଯାଉଛି। ବନ ବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଜାରି ରହିଥିବା କୁହାଯାଇଛି।

ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲକୁ ସ୍ଥାନୀୟ ଲୋକେ ପତ୍ର ତୋଳିବାକୁ ଯାଇଥିଲେ। ସେଠାରେ ଗୋଟିଏ ହାତୀର ମୃତଦେହକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ମାଳତୀଲତା ସିଂ, ଫରେଷ୍ଟଗାର୍ଡ ଚିତ୍ତରଞ୍ଜନ ଜେନା ଘଟଣାସ୍ଥଳରେ ପହଞ୍ଚି ଦନ୍ତାହାତୀର ମୃତଦେହକୁ ଜବତ କରିଥିଲେ। ପରେ ଡିଏଫ୍‌ଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗଗିନେନୀ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ମୃତ ଦନ୍ତାହାତୀର ବୟସ ୭ ରୁ ୮ ବର୍ଷ ହେବ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଶୁକ୍ରବାର ଉକ୍ତ ଦନ୍ତାହାତୀର ଅନ୍ୟ ଏକ ହାତୀ ସହିତ ଜଙ୍ଗଲରେ ଲଢ଼େଇ ହେଉଥିବା ବନ ବିଭାଗ କର୍ମଚାରୀ ଦେଖିଛନ୍ତି। ଫଳରେ ହାତ-ହାତୀ ଲଢ଼େଇରେ ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରୁମୂଳା ବିଟର ବେତନସିଆ ଜଙ୍ଗଲକୁ ଆସିଥିଲେ।

# ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର, ଭାଇ

## ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ରହିବା ପ୍ରସଙ୍ଗ

ଜଗତ୍‌ସିଂହପୁର/ବିଣ୍ଝାରପୁର,୨୨।୧୧
(ପ୍ରମୋଦ କୁମାର ନାୟକ/ରାମକୃଷ୍ଣ ଦାସ)

ଜଗତ୍‌ସିଂହପୁର ଥାନା ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରଖି ବେଆଇନ କାର୍ଯ୍ୟରେ ନିୟୋଜିତ କରିଥିବା ମୁଖ୍ୟ ଅଭିଯୁକ୍ତ ତଥା ଧନିପୁର ଗ୍ରାମର ସିକନ୍ଦର ଆଲାମ୍ ଓରଫ ସେଇକୋ ଓ ତାଙ୍କ ସାନ ଭାଇ ଅବଦୁଲ ମୋତାଲିଫଙ୍କୁ ଫେରାର ହେବାର ୭ ଦିନ ପରେ ଗିରଫ କରାଯାଇଛି। ଏହାପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଉଭୟ ବାରମ୍ବାର ସ୍ଥାନ ଓ ମୋବାଇଲ ବଦଳାଉଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ଅଡୁଆ ହୋଇଥିଲା। ଯାଜପୁର ଜିଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଉଭୟ ଅଭିଯୁକ୍ତ ଆତ୍ମଗୋପନ କରିଥିବା ସୂଚନା ପାଇ ଜଗତ୍‌ସିଂହପୁର ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀ ସେମାନଙ୍କୁ ଧରିଛନ୍ତି। ସେମାନେ ଯାଜପୁର, ଭଦ୍ରକ ପରେ ଧାମରା ଦେଇ ଜଳପଥରେ ବିଦେଶ ଚାଲିଯିବାକୁ ଚେଷ୍ଟା କରୁଥିବା କୁହାଯାଉଛି। ଏଥିସହ ସିକନ୍ଦରଙ୍କ ପୁଅ ଓ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଜଗତ୍‌ସିଂହପୁର ପୋଲିସ ଉଠାଇ ନେଇ ପଚରାଉଚରା ଜାରି ରଖିଛି।

ସିକନ୍ଦରଙ୍କୁ ଗିରଫ ପରେ ତାଙ୍କଠାରୁ ପାସ୍‌ପୋର୍ଟ, ଫଟୋ, ମୋବାଇଲ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସାମଗ୍ରୀ ଜବତ କରାଯାଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରସ୍ଥିତ ପୋଲିସ ବାରାକରେ ରଖି ଜେରା କରିଛି। ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ କେଉଁ ଉଦ୍ଦେଶ୍ୟ ସରକାରୀ ଜମିରେ ଘର ତିଆରି କରି ରଖିଥିଲେ ଓ ସେମାନଙ୍କୁ କେଉଁ କାମରେ ବ୍ୟବହାର କରୁଥିଲେ ସେନେଇ ପୋଲିସ ତଦନ୍ତ କରୁଛି। ଆତଙ୍କବାଦୀମାନଙ୍କ ସହ ଲିଙ୍କ୍, ଆପରାଧିକ କାର୍ଯ୍ୟ, ଅର୍ଥନୈତିକ ଫାଇଦା, ମାନବ ଚାଲାଣ ଆଦି ତମାମ ଦିଗକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ଅତୀତରେ ସିକନ୍ଦର ମର୍ଚ୍ଚାଣ୍ଟ ନାଭିରେ ଚାକିରି କରିଥିଲେ। ସେତେବେଳେ ସାଉଦିଆରବ, କୁଏତ୍, କାତାର, ବାଂଲାଦେଶ ଓ ପାକିସ୍ତାନର ବେଲୁଚିସ୍ତାନ ଆଦି ଅଞ୍ଚଳ ସହ ତାଙ୍କର ଲିଙ୍କ୍ ଥିବା କୁହାଯାଉଛି। ଏଥିସହ ଚେନ୍ନାଇ, ମୁମ୍ବାଇ, ବେଙ୍ଗାଲୁରୁ ଓ କୋଲକାତା ଆଦିରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଥିବା ମଧ୍ୟ କୁହାଯାଉଛି।

ଗତ ୧୬ ତାରିଖ ରାତିରେ ବେହେରାମପୁର ବସ୍ତିରେ ପୋଲିସ ଚଢ଼ାଉ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବସ୍ତିର ୨ ଜଣ ମହିଳାଙ୍କ ନେତୃତ୍ୱରେ ଏକାଧିକ ବ୍ୟକ୍ତି ପୋଲିସ ଉପରେ ଆକ୍ରମଣ କରିବାରୁ ଅତିରିକ୍ତ ଏସ୍‌ପିଙ୍କ ସହ ଏକାଧିକ ପୋଲିସ ଆହତ ହୋଇଥିଲେ। ପୋଲିସ ଫୋର୍ସ ସେଠାରେ ପହଞ୍ଚିଲାବେଳକୁ ସିକନ୍ଦରଙ୍କ ସମେତ ଅନେକେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ପୋଲିସ ପ୍ରଥମେ ୨ ଜଣଙ୍କୁ ଗିରଫ କରିଥିଲା। ତା'ପରଦିନ ସେଠାରେ ଥିବା ଅସ୍ଥାୟୀ ୧୦ ବଖରା ଆଜବେଷ୍ଟସ ଘର ଭାଙ୍ଗି ଦିଆଯାଇଥିଲା।



ଗିରଫ ସିକନ୍ଦର ଆଲାମ୍(ବାମ) ଓ ସାନଭାଇ ଅବଦୁଲ ମୋତାଲିଫ।





DSPL - 372

# ଆମ ନନ୍ଦନକାନନ

NANDANKANAN
CONSERVE | EDUCATE | INSPIRE






## ଆକର୍ଷଣୀୟ ଜନ୍ତୁ ସଂଗ୍ରହ

ନନ୍ଦନକାନନରେ ୧୭୭ ପ୍ରଜାତିର ମୋଟ ୪୧୩୦ଟି ଜୀବଜନ୍ତୁ ରହିଛନ୍ତି, ଯେଉଁଥିରେ ୧୧୫ ଭାରତୀୟ ଏବଂ ୬୨ ବିଦେଶୀ ପ୍ରଜାତିର ପ୍ରାଣୀ ଅଛନ୍ତି । ଏଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୩ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ଭାରତୀୟ ଚିଡିଆଖାନାଙ୍କ ମଧ୍ୟରେ ନନ୍ଦନକାନନର ଜନ୍ତୁ ସଂଗ୍ରହ ସର୍ବାଧିକ।





## ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁତଳ ଗାଡ଼ି ରହଣି ସ୍ଥଳ, ୪ଟି ବନ୍ୟପ୍ରାଣୀ ସଫାରି, ବ୍ୟାଟେରୀ ଚାଳିତ ଯାନ ସେବା, ଶିଶୁମାନଙ୍କ ପାଇଁ ବ୍ୟାଟେରୀ ଚାଳିତ ରେଳଗାଡ଼ି, ନୌକାବିହାର, ରଜ୍ଜୁପଥ ଓ ବିହଙ୍ଗ ସରଣୀ ଆଦି ରହିଛି।

## ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

ନନ୍ଦନକାନନରେ ବିଶ୍ୱର ଏକମାତ୍ର ଭାରତୀୟ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ର ରହିଛି। ଏଥି ସହିତ ବାଘ, ଗୁରାଣ୍ଡି, ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ସଂରକ୍ଷଣ ପ୍ରଜନନ ମଧ୍ୟ ଜାରି ରହିଛି । ବିଲୁପ୍ତମୁଖି ଘଡିଆଳ କୁମ୍ଭୀରର ବଂଶ ରକ୍ଷା ପାଇଁ ମହାନଦୀରେ ଘଡିଆଳ ପୁନରୁଦ୍ଧାର ପ୍ରକଳ୍ପ ଚାଲିଛି।

## ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

ନନ୍ଦନକାନନରେ ବନ୍ୟପ୍ରାଣୀଙ୍କ ଉନ୍ନତମାନର ରକ୍ଷଣାବେକ୍ଷଣ ପାଇଁ ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର ଉପଲବ୍ଧ ଅଛି। ବନ୍ୟପ୍ରାଣୀଙ୍କ ରୋଗନିରୁପଣ ଓ ଗବେଷଣା ପାଇଁ ସଂରକ୍ଷଣ, ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି।









## ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

ନନ୍ଦନକାନନରେ ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଯଥା ପରିବେଶ ସମ୍ବନ୍ଧୀୟ ଦିବସ ପାଳନ, ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ନନ୍ଦନକାନନରେ ଗୋଟିଏ ଦିନ, ଗବେଷଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ଶିକ୍ଷା କାର୍ଯ୍ୟକ୍ରମ ଓ ବିଜ୍ଞାନରେ ନାଗରିକଙ୍କ ଯୋଗଦାନ ଆଦି କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଉପାଦେୟ ହେଉଅଛି।

OIPR-

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ପ୍ରଭାବୀ ସ୍ୱର



ଆକାର ପଟେଲ

କଶ୍ମୀରର ଟାଇମ୍ସ ଖବରକାଗଜ ଏବଂ ଏହାର ସମ୍ପାଦିକା ଅନୁରାଧା ଭାସିନଙ୍କ ଉପରେ ଚଢ଼ାଉ ସମ୍ପର୍କିତ ବହୁ ଅଯୋଗଭିତ୍ତିକ ଖବର ପ୍ରକାଶ ପାଉଛି। ଏହି ପରିପ୍ରେକ୍ଷୀରେ କିଛି ପୃଷ୍ଠଭୂମିକୁ ଏଠାରେ ଉପସ୍ଥାପନ କରାଯାଉଛି, ଯେଉଁଥିରୁ ପାଠକେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିପାରିବେ। ୨ ଜୁନ୍ ୨୦୨୦ରେ ମୋଦି ସରକାର କଶ୍ମୀରକୁ ଲକ୍ଷ୍ୟ କରି 'ନୂତନ ଗଣମାଧ୍ୟମ ନୀତି ୨୦୨୦' ଘୋଷଣା କରିଥିଲେ। ଉଲ୍ଲେଖନୀୟ, କଶ୍ମୀରରେ ଲୋକଦେଖାଣିଆ ସମନ୍ୱୟ ଆଣିବା ଏବଂ ଏହାର ସ୍ୱତନ୍ତ୍ର ଆଇନଗୁଡ଼ିକୁ ଉଚ୍ଛେଦ କରିବା ସରକାରଙ୍କ ଏକ ବାହାନା ଥିଲା। ତଥାପି ଏଠାରେ ଆଉ ଏକ କଶ୍ମୀର ନୀତି ଥିଲା। ୫୦ ପୃଷ୍ଠାରୁ ଅଧିକ ଲମ୍ବା ଏହି ନୀତି ସରକାରଙ୍କୁ 'ନକଲି', 'ଅନୈତିକ' କିମ୍ବା 'ଦେଶ ବିରୋଧୀ' ଖବର କ'ଣ ତାହା ନିର୍ଣ୍ଣୟ କରିବା ପାଇଁ ଅବାଧ କ୍ଷମତା ଦେଇଥିଲା। ଏହି ଆଧାରରେ ଏହା ସାମ୍ବାଦିକ ଏବଂ ଗଣମାଧ୍ୟମ ସଙ୍ଗଠନ ବିରୋଧରେ ଆଇନଗତ ଏବଂ ଅନ୍ୟାନ୍ୟ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନେଇପାରିବ। ବିଦେଶରେ ଗଣମାଧ୍ୟମ ତତ୍ତ୍ୱାବଧାରକମାନେ 'ନକଲି', 'ଅନୈତିକ', 'ଦେଶ ବିରୋଧୀ' ଏବଂ 'ସମାଜ ବିରୋଧୀ' ଭଳି ଅସ୍ପଷ୍ଟ ତଥା ଅନିର୍ଦ୍ଧାରିତ ଶବ୍ଦର ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣିଥିଲେ, ଯାହା ଅପବ୍ୟବହାର ପାଇଁ ପଥ ଖୋଲି ଦେଇଥିଲା। କାରଣ ଖବର ଉପରେ ବିଚାର କରୁଥିବା ଅମଲାତନ୍ତ୍ରୀ ବା ଅଧିକାରୀଙ୍କ ପାଇଁ କୌଣସି ମାର୍ଗଦର୍ଶିକା ମାନଦଣ୍ଡ କିମ୍ବା ନୀତି ରଖାଯାଇ ନ ଥିଲା। ଏହା ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ନିଷ୍ପତ୍ତି ଥିଲା। କଶ୍ମୀରର ଗଣମାଧ୍ୟମ ଏହି ନୀତିର ଦୃଢ଼ ବିରୋଧ କରିଥିବାବେଳେ ଜମ୍ମୁର ପ୍ରେସ୍ ଏ ବିଷୟରେ ନୀରବ ରହିଥିଲେ। ଯେଉଁମାନେ ଦୃଢ଼ ସ୍ୱର ଉଠାଇଥିଲେ, ସେମାନଙ୍କ ମଧ୍ୟରୁ ଭାସିନ ଥିଲେ ଜଣେ। ୧୦ ଜାନୁଆରୀ ୨୦୨୦ରେ କଶ୍ମୀରରେ ଇଣ୍ଟର୍‌ନେଟ ପୁନଃ ସ୍ଥାପନ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ଇଣ୍ଟରନେଟ୍ ବ୍ୟବହାର ଭାରତୀୟଙ୍କର ଏକ ମୌଳିକ ଅଧିକାର। ପରଦିନ 'ଇଣ୍ଟରନେଟ୍ ବ୍ୟବହାର ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଦୁର୍ଭାଗ୍ୟବଶତଃ, ପ୍ରକୃତରେ ନ୍ୟାୟ ମିଳିଲା ନାହିଁ ଏବଂ କଶ୍ମୀରରେ ଇଣ୍ଟରନେଟ୍ ବ୍ୟବହାର ବନ୍ଦ ଜାରି ରହିଲା। ସରକାର କହିଥିଲେ ଯେ, 'ଇଣ୍ଟରନେଟ୍ ବ୍ୟବହାର କରିବାର ଅଧିକାର ଏକ ମୌଳିକ ଅଧିକାର ନୁହେଁ। ତେଣୁ ଅନୁଚ୍ଛେଦ ୧୯(୧)(ଏ) ଅନୁଯାୟୀ ବାକ୍ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ଅଧିକାର ପାଳନ କରିବା କିମ୍ବା ଇଣ୍ଟରନେଟ୍ ମାଧ୍ୟମରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଜି) ଅନୁଯାୟୀ ଯେକୌଣସି ପ୍ରକାର ବାଣିଜ୍ୟ କିମ୍ବା ବ୍ୟବସାୟର ପ୍ରଚାର ବା ବିସ୍ତାରକୁ ରୋକାଯାଇପାରିବ।' କଶ୍ମୀରବାସୀଙ୍କ ପାଇଁ ଏହି ସାମୂହିକ ଦଣ୍ଡ ଯଥାର୍ଥ ବୋଲି ଦର୍ଶାଇ କୁହାଯାଇଥିଲା ଯେ, 'ଅଗଷ୍ଟ ୨୦୧୯ ସାମ୍ବିଧାନିକ ଘଟଣା ପରେ ପାକିସ୍ତାନ ହ୍ୟାଣ୍ଡଲରମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ କରିବା, ହିଂସାକୁ ଉସ୍କାଇବା ଏବଂ ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହିଛନ୍ତି'। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, 'ଦୁର୍ଭାଗ୍ୟବଶତଃ, ଇଣ୍ଟରନେଟ୍ ଜିହାଦ ସଫଳ ହୋଇଛି। ଏହା ଏକ ବିଶ୍ୱସ୍ତରୀୟ ବିଷୟ। ଜିହାଦୀ ନେତାମାନେ ଇଣ୍ଟରନେଟ୍ ମାଧ୍ୟମରେ ଘୃଣା ଏବଂ ଅବୈଧ କାର୍ଯ୍ୟକଳାପ ପ୍ରସାର କରିପାରୁଛନ୍ତି।' ଖଣ୍ଡପୀଠ ପଚାରିଥିଲେ ଯେ କିଛି ପ୍ରତିବନ୍ଧକ ସହିତ ଇଣ୍ଟରନେଟ୍ ବ୍ୟବହାର ପାଇଁ ଅନୁମତି ଦିଆଯାଇପାରିବ କି? କେନ୍ଦ୍ରର ଉତ୍ତର ଥିଲା, 'ଇଣ୍ଟରନେଟ୍ ଗତି ବୃଦ୍ଧି ହେବା ଦ୍ୱାରା ଉତ୍ତେଜକ ଭିଡିଓ ଏବଂ ଅନ୍ୟାନ୍ୟ ତଥ୍ୟ ସମ୍ବଳିତ ଫାଇଲଗୁଡ଼ିକ ଶୀଘ୍ର ଅପ୍‌ଲୋଡ ଏବଂ ପୋଷ୍ଟିଂ ହୋଇଯିବ।'

ଉଲ୍ଲେଖନୀୟ, ୨୦୦୧ରେ କଶ୍ମୀରରେ ହିଂସା ଶୀର୍ଷରେ ପହଞ୍ଚିଥିଲା ଏବଂ ଏଥିରେ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ କଶ୍ମୀରରେ ଇଣ୍ଟରନେଟ୍ କିମ୍ବା ମୋବାଇଲ ଟେଲିଫୋନ ନ ଥିଲା। ତଥ୍ୟ ଅନୁଯାୟୀ, ହିଂସାର ସ୍ତର ସହିତ ଇଣ୍ଟରନେଟ୍ ଉପଲବ୍ଧତାର କୌଣସି ସମ୍ପର୍କ ନାହିଁ। କିନ୍ତୁ ସରକାର କିମ୍ବା କୋର୍ଟ ଏହାକୁ ବିଚାରକୁ ନେଇଥିଲେ। ୨୦୧୯ର ସାମ୍ବିଧାନିକ ପରିବର୍ତ୍ତନ ପରଠାରୁ ଜମ୍ମୁ ଏବଂ କଶ୍ମୀରରେ ସରକାର ଅତିକମ୍‌ରେ ୯୦ ଥର ଇଣ୍ଟର୍‌ନେଟ ବନ୍ଦ କରିବା ଯୋଗୁ ଏହାର ଉପଲବ୍ଧତା ବାଧାପ୍ରାପ୍ତ ହୋଇଛି, ଯାହା ବିଶ୍ୱରେ ସର୍ବାଧିକ। ଇଣ୍ଟର୍‌ନ୍ୟାଶନାଲ ଆଡ୍‌ଭୋକେସି ଗ୍ରୁପ ଆକ୍ସେସ ନାଓ ରିପୋର୍ଟ ଅନୁଯାୟୀ, ୧୭ ମାସ ଇଣ୍ଟର୍‌ନେଟ ବନ୍ଦ କରାଯିବା ଏକ ଗଣତନ୍ତ୍ରରେ ସବୁଠାରୁ ଦୀର୍ଘ ସମୟ। ଆମ୍‌ନେଷ୍ଟି ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ୧୪ ଜାନୁଆରୀ ୨୦୨୦ରୁ ୪ ଅଗଷ୍ଟ ୨୦୨୦ ମଧ୍ୟରେ ସରକାର ମୋଟ ୬୭ ଥର ଇଣ୍ଟରନେଟ୍ ବନ୍ଦ କରିଥିଲେ। କଶ୍ମୀରରେ ଇଣ୍ଟରନେଟ୍ ପୁନଃ ସ୍ଥାପନ ସତ୍ତ୍ୱେ ମନମୁଖି ଭାବେ ଏହାକୁ ବନ୍ଦ କରାଯାଉଛି।

ତେବେ ୧୦ ଜାନୁଆରୀ ୨୦୨୦ରେ ଶୁଣାଣି ହୋଇଥିବା ମାମଲାର ଆବେଦନକାରୀ ଥିଲେ 'କଶ୍ମୀର ଟାଇମ୍ସ'ର ସମ୍ପାଦିକା ତଥା ପ୍ରକାଶକ ଅନୁରାଧା ଭାସିନ୍। ସେ କୋର୍ଟଙ୍କୁ କହିଥିଲେ, ଭାରତ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଯୋଗାଯୋଗ କଟକଣା ଯୋଗୁଁ ସେ ଖବରକାଗଜ ପ୍ରକାଶ କରିପାରି ନ ଥିଲେ। ସେ ଇଣ୍ଟରନେଟ୍, ମୋବାଇଲ ଏବଂ ଲ୍ୟାଣ୍ଡଲାଇନ୍ ଫୋନ ବ୍ୟବହାର ଉପରେ ଲାଗୁ ହୋଇଥିବା କଟକଣାକୁ ହଟାଇବା ଏବଂ ଅନ୍ୟାନ୍ୟ ବିଷୟକୁ କୋହଳ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ହେଲେ କୋର୍ଟ ଯେପରି ଉତ୍ତର ଦେବା କଥା ସେପରି କରି ନ ଥିଲେ ଏବଂ କଟକଣା ଜାରି ରହିଲା। ଫଳରେ କଶ୍ମୀର ଟାଇମ୍ସ ପ୍ରକାଶ ପାଇପାରିଲା ନାହିଁ ଏବଂ ସ୍ୱତଃ ଏହାର କାମ ବନ୍ଦ ହୋଇଗଲା। ୨୦ ଅକ୍ଟୋବର ୨୦୨୦ରେ 'ଭେଣ୍ଡେଟା: ଭାରତୀୟ ଅଧିକାରୀଙ୍କ ଦ୍ୱାରା କଶ୍ମୀର ଖବରକାଗଜର କାର୍ଯ୍ୟାଳୟକୁ ସିଲ୍ କରାଯାଇଛି' ଶୀର୍ଷକ ଏକ ମୁଖ୍ୟ ଖବର ପ୍ରକାଶ ବି ପାଇଥିଲା। ଏବକାର ଅଭିଯୋଗ ପରେ, ଚଳିତ ସପ୍ତାହରେ 'କଶ୍ମୀର ଟାଇମ୍ସ: ଏକ ଜମ୍ମୁ ଖବରକାଗଜ ଯାହା ଉପତ୍ୟକା ପାଇଁ ଠିଆ ହୋଇଥିଲା' ଶୀର୍ଷକ ଆଉ ଏକ ଖବର ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ୧୯୫୪ରେ ପ୍ରତିଷ୍ଠିତ ଏହି ଖବରକାଗଜ କଶ୍ମୀର ଗଣମାଧ୍ୟମ କ୍ଷେତ୍ରରେ ଏକ ପ୍ରଭାବଶାଳୀ ଏବଂ ବିଶ୍ୱସନୀୟ ସ୍ୱର ଭାବରେ ବିବେଚିତ ହୋଇଛି।' ଏହା ସମ୍ପୂର୍ଣ୍ଣ ସତ୍ୟ। ହେଲେ ଏହା ଉପରେ ଯେଉଁଭଳି ଆକ୍ରମଣ କରାଯାଇଛି ଏବଂ ଭାସିନ୍ ତଥା ତାଙ୍କ ଖବରକାଗଜକୁ ବିଶେଷକରି ଭାରତର ତେଜହୀନ ଗଣମାଧ୍ୟମରୁ ଅଧିକ ସମର୍ଥନ ନ ମିଳିବା ଅତ୍ୟନ୍ତ ଲଜ୍ଜାଜନକ।

Email:aakar.patel@gmail.com

# ବେକାରି ସମସ୍ୟା ଓ ଚାକିରି ଜାଲିଆତି



ସୁଧୀର କୁମାର ନାୟକ

ଭାରତରେ ବେକାରି ସମସ୍ୟା ଚିନ୍ତାର ବିଷୟ। ସମସ୍ୟା ଏହିପରି କି ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ପିଅନ, ହୋମଗାର୍ଡ, ଝାଡୁଦାର, ସିକ୍ୟୁରିଟି ପୋଷ୍ଟ ବାହାରୁଛି ତେବେ ନିମ୍ନ ଶିକ୍ଷାଗତ ଯୋଗ୍ୟତା କଥା କ'ଣ କହିବା ସ୍ନାତକ, ସ୍ନାତକୋତ୍ତର, ଇଞ୍ଜିନିୟରିଂ ଡିଗ୍ରୀଧାରୀ ପିଲାମାନେ ଆବେଦନ କରୁଛନ୍ତି। ବେସରକାରୀ କିମ୍ବା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏଜେନ୍ସିଗୁଡ଼ିକ ଚାକିରି ଦେବା ଆଳରେ ବେକାର ପିଲାଙ୍କୁ ବିଭିନ୍ନ ଦିଗରେ ଶୋଷଣ କରିଥାନ୍ତି। ଏହି ପରିସ୍ଥିତିରେ ଓଡ଼ିଶା ପୋଲିସ ଏସ୍ଆଇ ଚାକିରି ନିଯୁକ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ବିଭିନ୍ନ ଦଲାଲ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ବିକ୍ରି କରିବାର ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହା ବର୍ତ୍ତମାନ ଅନେକ ଲକ୍ଷ ପିଲାଙ୍କୁ ହତାଶ କରିଛି। ସରକାରଙ୍କ ନିଯୁକ୍ତି ପରିଚାଳନା କାର୍ଯ୍ୟାଳୟ ଉପରେ ସେମାନଙ୍କ ଭରସା ଓ ବିଶ୍ୱାସ ନ ରହିବା ସ୍ୱାଭାବିକ। ସରକାର ଯେତେ ପ୍ରକାରର ତଦନ୍ତ କଲେ ବି ଏହା ସ୍ୱୀକାର କରିବାକୁ ପଡ଼ିବଯେ, ଏପରି ଜାଲିଆତି ପଛରେ ନିଶ୍ଚୟ ବଡ଼ ବାବୁମାନଙ୍କ ହାତ ଅଛି। ତାହାର କାରଣ ହେଲା ପ୍ରଶ୍ନପତ୍ର ତିଆରି କରିବା, ଛପାଇବା, ବିଭିନ୍ନ କେନ୍ଦ୍ରକୁ ବିତରଣ କରିବା, ପରୀକ୍ଷା କେନ୍ଦ୍ର ଚୟନ କରିବା, ପରୀକ୍ଷା ଖାତା ମୂଲ୍ୟାୟନ ସହ ଶାରୀରିକ ଓ ମୌଖିକ ପରୀକ୍ଷା ଦାୟିତ୍ୱ ସୀମିତ ଅଧିକାରୀଙ୍କ ହାତରେ ସମ୍ଭବପର ନୁହଁ।

ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍, ଟେଣ୍ଡର ପାଇଥିବା ବେଳେ ପରବର୍ତ୍ତୀ ସମୟରେ ବିନା ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ଅନୁମତିରେ ସିଲିକନ୍ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦିଆଗଲା କିପରି? ଏଥିରେ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ନୀରବ ଥିଲା କାହିଁକି? ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବାର ଦାୟିତ୍ୱ ବୋର୍ଡର ଥିଲେ ବି ଯେଉଁ ପରୀକ୍ଷାର୍ଥୀମାନେ ଆନ୍ଧ୍ରପ୍ରଦେଶ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ ଏ ବାବଦରେ ବୋର୍ଡକୁ ସୂଚନା ମିଳିଲା ନାହିଁ କେମିତି? ଏଥିସହ ସିଲିକନ୍ ଓ ପଞ୍ଚସଫ୍ଟର ସିଧାସଳଖ ଜାଲିଆତି କାମରେ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି। ପୋଷ୍ଟକୁ ବିଭିନ୍ନ ପ୍ରାର୍ଥୀଙ୍କୁ ଅନେକ ଲକ୍ଷ ଟଙ୍କାରେ ବିକ୍ରି କରିଥିବାର ଯାହା ଅନୁସନ୍ଧାନରୁ ଜଣାପଡୁଛି। ଏଥିରେ ବିଭିନ୍ନ ଜିଲାରେ ଦଲାଲମାନେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି।

କେନ୍ଦ୍ର ସରକାରଙ୍କ ରେଳ, ଡାକ ବିଭାଗ, ସେଣ୍ଟ୍ରାଲ ପୋଲିସ ଅର୍ଗାନାଇଜେଶନ୍, ରାଜ୍ୟ ପୋଲିସ ନିଯୁକ୍ତି ବୋର୍ଡ, ବ୍ୟାଙ୍କିଂ, ସେକ୍ସନ ଅଫିସର, ଆର୍‌ଆଇ ଏଆର୍‌ଆଇ, ଏଲ୍ଆଇ, ଏପରି କି ପିଅନ, ଚପରାସୀ, ହୋମଗାର୍ଡ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଯୁକ୍ତି ସମୟରେ ନାନାଦି ବିଶୃଙ୍ଖଳା ହେବାର ଖବର ଆସିଥାଏ। କୌଣସି ପରିସ୍ଥିତିରେ ଯଦି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା କିମ୍ବା ଜାଲିଆତି ଧରାପଡ଼େ, ତଥାପି ସେମାନଙ୍କ ପ୍ରତି ଅନେକ କ୍ଷେତ୍ରରେ କଠୋର ଦଣ୍ଡବିଧାନ ହୁଏନାହିଁ। ତଳଆଡୁ କିଛି କର୍ମଚାରୀଙ୍କୁ ଧରି ବଡ଼ ବଡ଼ିଆଙ୍କୁ ଖସାଇ ଦେବାର ଧାରା ପାରମ୍ପରିକ ହୋଇଯାଇଛି।



ମନେପକାଇ ଦେଉଛି, ୨୦୨୧ ଜୁଲାଇରେ ଓଡ଼ିଶା ଷ୍ଟାଫ୍ ସିଲେକ୍‌ଶନ କମିଶନ୍‌ଙ୍କ ଜଣେ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଧରିଥିଲା। ତାଙ୍କ ଘରୁ ୩.୫୧ କୋଟି ଟଙ୍କା ଜବତ ହେବା ସହ ବହୁ ସୁନା ରୁପା ଅଳଙ୍କାର, ଗାଡ଼ି, ଫ୍ଲାଟ ଠାବ କରାଯାଇ ତାଙ୍କୁ ଗିରଫ କରାଗଲା। ତାଙ୍କ ଘରୁ ବିଭିନ୍ନ ପରୀକ୍ଷାର ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ମଧ୍ୟ ଜବତ କରାଯାଇଥିଲା। ଏ ସବୁ ଘଟଣାକୁ ଲକ୍ଷ୍ୟ କଲେ ସାଧାରଣ ପରୀକ୍ଷାର୍ଥୀଟିଏ କେଉଁ ଭରସା ନେଇ ସରକାରୀ ଚାକିରି ପାଇଁ ପରୀକ୍ଷା ଦେବ। ଆଜିପ୍ରମାଣ ହେଉଛି ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ପ୍ରତିଭା ଥାଇ ମଧ୍ୟ ଚାକିରିରୁ ବଞ୍ଚିତ ହେଉଛନ୍ତି। ଏହା ମଧ୍ୟରେ ସାଧାରଣ ବର୍ଗର ପିଲାମାନଙ୍କର ବୟସ ସୀମା ମଧ୍ୟ ଅତିକ୍ରାନ୍ତ କରିଯାଉଛି। ନିକଟରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଦ୍ୱାରା ବୋର୍ଡର କର୍ମଚାରୀଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ରାଜ୍ୟରେ ବହୁ ଉଚ୍ଚଶିକ୍ଷିତ ନିଜର ଯୋଗ୍ୟତା ଥାଇ ବି ଉପଯୁକ୍ତ ଚାକିରି ନ ପାଇ ବାହାର ରାଜ୍ୟ ବା ଦେଶକୁ ପଳାଉଛନ୍ତି। ଆଶ୍ଚର୍ଯ୍ୟର କଥା, ପ୍ରତ୍ୟେକ ବର୍ଷ ରାଜ୍ୟରୁ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯେଉଁ ଦାଦନ ଯାଇଥାନ୍ତି, ସେମାନଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ଯୁବକ ଅଛନ୍ତି। ପରିବାରର ବୋଝ ଓ ନିତିଦିନିଆ ଖର୍ଚ୍ଚ ତୁଲାଇବା ପାଇଁ ସେମାନେ ଦାଦନ ଖଟିବାକୁ ବାଧ ହୋଇଥାନ୍ତି।

ଦେଶରେ ଖାଦ୍ୟ ସୁରକ୍ଷା ଯୋଜନାଠାରୁ ଆରମ୍ଭ କରି ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସବୁକିଛି ହିତାକାଧିକାରୀଙ୍କୁ ମିଳୁଛି। ଶ୍ରମ ସୃଷ୍ଟିକାରୀ ଯୋଜନାଗୁଡ଼ିକ ଦ୍ୱାରା ଗ୍ରାମାଞ୍ଚଳ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଉଛି ବୋଲି ଯଦିଓ ସରକାରୀ ତଥ୍ୟ ମିଳିଥାଏ ତେବେ ସେହି ସବୁ ଅଞ୍ଚଳରୁ ପ୍ରତ୍ୟେକ ବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କାହିଁକି? ଦେଶରେ ଉଚ୍ଚଶିକ୍ଷିତ ବେକାରି ହାର ୩୦%ରୁ ଅଧିକ। ବେରୋଜଗାରଙ୍କ ସଂଖ୍ୟା ୬୫.୭%ରୁ ଅଧିକ। ଭାରତରେ ୧୫ରୁ ୩୦ ବର୍ଷ ବୟସର ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୮୦%ରୁ ଅଧିକ। ଜିଲାଗୁଡ଼ିକରେ ଥିବା କର୍ମ ନିୟୋଜନ ସଂସ୍ଥା ଯେଉଁ ହାରରେ ପଞ୍ଜୀକୃତ ହୋଇଥାଏ ସେଥିରୁ ୧ ପ୍ରତିଶତ ନିଯୁକ୍ତି ମିଳିବା ସମ୍ଭବ ହେଉନାହିଁ। ଅବଶ୍ୟ ସବୁ ଉଚ୍ଚ ଶିକ୍ଷିତଙ୍କୁ ସରକାରୀ ଚାକିରି ମିଳିବା ସମ୍ଭବ ନୁହେଁ। କିନ୍ତୁ ମେଧାବୀ ପରୀକ୍ଷାର୍ଥୀ ନିଯୁକ୍ତି ପ୍ରଶ୍ନପତ୍ରର ଠିକ୍ ଉତ୍ତର ଦେଇ ଚାକିରି ପାଇବା ସୁନିଶ୍ଚିତ ନୁହେଁ। କମ୍ପାନୀଗୁଡ଼ିକରେ ବିଭିନ୍ନ ପଦବୀରେ ଯେଉଁ ନିଯୁକ୍ତି ମିଳିଥାଏ ତାହା ମଧ୍ୟ ନେତାବାବୁଙ୍କ ସୁପାରିସ ଦରକାର।

ଆମ ଦେଶରେ ଅର୍ଥନୈତିକ ବୈଷମ୍ୟ ଚିନ୍ତାଜନକ। ଦିନକୁ ଦିନ ଦେଶରେ ଧନୀମାନଙ୍କ ସଂଖ୍ୟା ବଢୁଥିବାବେଳେ, ଗରିବଙ୍କ ସଂଖ୍ୟା କମୁନାହିଁ। କ୍ଷୁଧା, ଅପପୁଷ୍ଟି, ନାନାଦି ରୋଗରୁ ମୁକ୍ତି ପାଇଁ ଦେଶରେ ୩୫ କୋଟିରୁ ଅଧିକ ଲୋକ ସଂଘର୍ଷ କରୁଛନ୍ତି।

ଗତ ଦଶବର୍ଷ ମଧ୍ୟରେ ଲକ୍ଷ୍ୟ କରାଯାଏ ଦେଶରେ ବହୁ ଜ୍ଞାନୀ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀ ଯୁବତୀ, ଯୁବକ, କୁଶଳୀ ବ୍ୟକ୍ତିମାନେ ନିଜ ଦେଶ ଛାଡ଼ି ବାହାର ଦେଶକୁ ଯାଇ ସେଠାରେ ଚାକିରି କରି ରହୁଛନ୍ତି। ଲଜ୍ଜାଜନକ ବିଷୟ ହେଉଛି, ଦେଶରେ ସବୁ କ୍ଷେତ୍ରରେ ଦଲାଲଙ୍କର ହାକିମାତି ରହୁଛି। ବର୍ତ୍ତମାନର ସରକାରୀ ନିଯୁକ୍ତି କ୍ଷେତ୍ରରେ ଦଲାଲଙ୍କର ଭୂମିକା ଓ ପ୍ରାଦୁର୍ଭାବ ବଢ଼ିଯାଇଛି। ଏମାନଙ୍କୁ ଅସାଧୁ ସରକାରୀ ବାବୁ ଏବଂ କ୍ଷମତାଶାଳୀ ନେତାମାନେ ହାତବାରିସି କରି ଜନତାଙ୍କଠାରୁ ଅନୈତିକ ଭାବେ ଅର୍ଥ ଲୁଟୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ, ରାଜ୍ୟ ଓ ଦେଶରେ ଯେଉଁ ସରକାରୀ ବିଭାଗଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଉଛି, ସେଗୁଡ଼ିକରେ ସ୍ୱଚ୍ଛତା ରହିବା ଜରୁରୀ। ନିଯୁକ୍ତିର ଅନେକ ନୀତି ନିୟମ ଏବଂ ପରିଚାଳନା ବୋର୍ଡର ବର୍ତ୍ତମାନ ସମୟକୁ ନେଇ ସଂସ୍କାରର ଆବଶ୍ୟକତା ରହିଛି। ସମସ୍ତ ପରୀକ୍ଷାକୁ ଏସ୍‌ଓପିରେ ଧାର୍ଯ୍ୟ ବ୍ୟବସ୍ଥା କରାଯାଉ। ଆଉଟ୍‌ସୋର୍ସିଂକୁ ସବୁକ୍ଷେତ୍ରରେ ଦାୟିତ୍ୱ ଦେବା ଠିକ୍ ନୁହେଁ। ତେବେ ରାଜ୍ୟରେ ପରିଚାଳିତ ହେଉଥିବା ସମସ୍ତ ନିଯୁକ୍ତିଭିତ୍ତିକ ପରୀକ୍ଷାକୁ ସ୍ୱତନ୍ତ୍ର ସିସିଟିଭି ଦ୍ୱାରା ବ୍ୟବସ୍ଥା କରାଯାଇ ଅଭିଜ୍ଞ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ପରୀକ୍ଷା ସମ୍ବନ୍ଧୀୟ ତଥ୍ୟର ସୁରକ୍ଷା ଓ ବିଶ୍ୱସନୀୟତା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ବହୁ ଅଧିକାରୀଙ୍କ ବିରୋଧରେ ଯଦି ପୂର୍ବରୁ କିଛି ଅଭିଯୋଗ ଥାଏ କିମ୍ବା ସେମାନଙ୍କ କାର୍ଯ୍ୟକଳାପ ଉପରେ କିଛି ସନ୍ଦେହ ଆସିଥାଏ ସେମାନଙ୍କୁ ଏପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ଅନ୍ତର କରାଯାଉ। ପରୀକ୍ଷାର୍ଥୀ ଯଦି ସୂଚନା ଅଧିକାର ଆଇନ ଦ୍ୱାରା ତାହାର ଉତ୍ତର ଖାତା ନକଲ ଚାହାନ୍ତି ତେବେ ଆଇନାନୁଯାୟୀ ତାଙ୍କୁ ଯୋଗାଇ ଦିଆଯାଉ। କୌଣସି ପରିସ୍ଥିତିରେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ସେହି ଅଧିକାରରୁ ବଞ୍ଚିତ କରା ନ ଯାଉ।

ଶ୍ୟାମପୁର, ଧାମନଗର, ଭଦ୍ରକ
ମୋ: ୯୯୩୮୦୮୦୨୯୪

# ସଂସ୍କୃତ: ଭାଷାର ଜନନୀ



ଡ. ଭାରତ ଭୂଷଣ ରଥ

ସମୟକ୍ରମେ ବିଶ୍ୱରେ ଅନେକ ଭାଷା ସୃଷ୍ଟି ହୋଇଛି ଏବଂ କିଛି ବିଲୀନ ହୋଇଛି। ତନ୍ମଧ୍ୟରେ ସଂସ୍କୃତ ବିଶ୍ୱର ଏକ ପ୍ରାଚୀନ ଭାଷା। ସଂସ୍କୃତ ଭାଷାରେ ବିରଚିତ ବେଦ ଏକ ପ୍ରାଚୀନ ଶାସ୍ତ୍ର ଯାହା ପୂର୍ବରୁ କୌଣସି ତତ୍ତ୍ୱ ବିଶ୍ୱ ରହସ୍ୟକୁ ଏତେ ପ୍ରାମାଣିକ ଭାବରେ ଉପସ୍ଥାପନ କରି ନ ଥିଲା। ଯେତେବେଳେ ବିଶ୍ୱରେ ଲେଖନ କଳାର ସୃଷ୍ଟି ହୋଇ ନ ଥିଲା ସେତେବେଳେ ଶ୍ରବଣ ମାଧ୍ୟମରେ ଋଷିମାନେ ବେଦ ମନ୍ତ୍ରଗୁଡ଼ିକୁ ମନେରଖୁଥିଲେ। ତେଣୁ ବେଦକୁ ଶ୍ରୁତିଶାସ୍ତ୍ର କୁହାଯାଏ। ପରବର୍ତ୍ତୀ ସମୟରେ ଲିପି ସୃଷ୍ଟି ହେଲା ତଥା ଭୁଜପତ୍ର ଏବଂ ତାଳପତ୍ର ପ୍ରଭୃତିରେ ଲେଖନ ଆବିଷ୍କାର ହେଲା। ବିଶ୍ୱରେ ନିଶ୍ଚୟ ଅନେକ ପ୍ରାନ୍ତୀୟ, ଗ୍ରାମ୍ୟ ତଥା ଅରଣ୍ୟବାସୀଙ୍କର ଭାଷା ରହିଥିବ। କିନ୍ତୁ ବିଶ୍ୱର ରହସ୍ୟ ସଂସ୍କୃତ ଶାସ୍ତ୍ରଗୁଡ଼ିକରେ ଲିଖିତ ହେବା କାରଣରୁ ସଂସ୍କୃତ ବଞ୍ଚିରହିଲା। ଏହା ପ୍ରମାଣିତ କରେ ଅନ୍ୟ ଭାଷାଗୁଡିକ ଅପେକ୍ଷା ସଂସ୍କୃତ ଏକ ସର୍ବମାନ୍ୟ ବିଶ୍ୱ ଭାଷାର ସ୍ଥାନ ଗ୍ରହଣ କରିଥିଲା।

ବାଲ୍ମୀକି ରାମାୟଣର ସୁନ୍ଦରାକାଣ୍ଡ ମତରେ ତ୍ରେତୟାଯୁଗରେ ସଂସ୍କୃତ ଭାଷା କଥୋପକଥନର ଏକ ପ୍ରମୁଖ ଭାଷା ଥିଲା। କାରଣ ଯେତେବେଳେ ମା'ସୀତାଙ୍କୁ ଅନ୍ୱେଷଣ କରି ହନୁମାନ ଲଙ୍କାର ଅଶୋକବାଟିକାରେ ପହଞ୍ଚିଲେ ସେତେବେଳେ ସଂସ୍କୃତ ଭାଷାରେ ସୀତାଙ୍କ ସହ କଥାହେଲେ। ଏପରିକି ରାବଣ ମଧ୍ୟ ସଂସ୍କୃତ ଭାଷାରେ ସୀତାଙ୍କ ସହ କଥା ହେଉଥିଲେ। ଠିକ୍ ସେହିପରି ଦ୍ୱାପର ଯୁଗରେ ମଧ୍ୟ ସଂସ୍କୃତ ଭାଷା ଲୋକ ଭାଷା ଥିଲା। ତେଣୁ ଶ୍ରୀମଦ୍ଭଗବଦ୍‌ଗୀତାର ୧୮ଟି ଯାକ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ସଂସ୍କୃତ ଭାଷାରେ ହିଁ ଅର୍ଜୁନଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି। ବେଦ, ଉପନିଷଦ, ରାମାୟଣ, ମହାଭାରତ, ଧର୍ମଶାସ୍ତ୍ର ପ୍ରଭୃତି ପ୍ରାଚୀନ ଶାସ୍ତ୍ରଗୁଡିକ ସଂସ୍କୃତ ଭାଷାରେ ବିରଚିତ। ପରବର୍ତ୍ତୀ ସମୟରେ ସଂସ୍କୃତ ଭାଷାରୁ ଅନୁଦିତ ହୋଇ ବିଭିନ୍ନ ଭାଷାରେ ସମସ୍ତ ତଥ୍ୟ ପ୍ରକାଶ ପାଇଲା। ସଂସ୍କୃତ ଭାଷାରେ ବିରଚିତ ଉପନିଷଦ ଆତ୍ମଜ୍ଞାନକୁ ଉପସ୍ଥାପନ କରେ, ସମାଜତତ୍ତ୍ୱ ଉପସ୍ଥାପନ କରେ ସାହିତ୍ୟ, ଶାନ୍ତ ଜୀବନର ମାର୍ଗଦର୍ଶକ ରାମାୟଣ ଏବଂ ଗୀତା, ବିଜ୍ଞାନକୁ ଉପସ୍ଥାପନ କରିବା ପାଇଁ ବେଦ ମନ୍ତ୍ର ତଥା ବିଭିନ୍ନ ଶାସ୍ତ୍ର, ଗ୍ରହମଣ୍ଡଳର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜ୍ୟୋତିଷ, ଭାଷା ଜ୍ଞାନ ପାଇଁ ବ୍ୟାକରଣ, ସାମ୍ବିଧାନିକ ବିଧିବ୍ୟବସ୍ଥା ପାଇଁ ସ୍ମୃତିଗ୍ରନ୍ଥ, ଅର୍ଥନୀତି ପାଇଁ କୌଟିଲ୍ୟ ଅର୍ଥଶାସ୍ତ୍ର, ଶରୀରର ସୁସ୍ଥତା ପାଇଁ ଆୟୁର୍ବେଦ ତଥା ଯୋଗଶାସ୍ତ୍ର, ସମାଜ ଚେତନା ପାଇଁ ପୁରାଣ ପ୍ରଭୃତି ଅନେକ ଶାସ୍ତ୍ର ସମାଜକୁ ମାର୍ଗଦର୍ଶନ କରନ୍ତି। କହିବାକୁ ଗଲେ ଭାରତର ସଂସ୍କୃତି ଏବଂ ସଂସ୍କୃତ ଭାଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ।



ଟିକେ ଗଭୀର ଚିନ୍ତା କଲେ ଜାଣିହୁଏ, ଭାରତର ପ୍ରତିଷ୍ଠାରେ ଏହି ସଂସ୍କୃତ ଭାଷା କେତେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଭାରତୀୟମାନେ ଅନେକ ବର୍ଷ ଧରି ବଣଜଙ୍ଗଲରେ ସାଧାରଣ ଜୀବନଯାପନ କଲେ। କଳକାରଖାନା ତଥା ଆଧୁନିକତା ଭାରତରେ ନ ଥିଲା। ଭାରତ ତୁଳନାରେ ବିଶ୍ୱର ଅନେକ ଦେଶ ଅଗ୍ରଗତି କରିସାରିଥିଲେ। ଏପରିକି ବିକଶିତ ଦେଶଗୁଡ଼ିକ ଭାରତକୁ ଶାସନ କଲେ। ଇଂରେଜ ଏବଂ ମୋଗଲମାନେ ଏ ଦେଶର ଶାନ୍ତି ଭଙ୍ଗ କଲେ। ଦେଶର ଧନରତ୍ନ ଲୁଣ୍ଠନ କଲେ। ଏତେ ସବୁ ପରେ ମଧ୍ୟ ବିଶ୍ୱ ଆମକୁ ସମ୍ମାନ କରୁଥିଲା। ବୈଦେଶିକ ଶତ୍ରୁ ଆମ ସଂସ୍କୃତି ଏବଂ ସଂସ୍କାରକୁ ନତମସ୍ତକ ହୋଇ ସମ୍ମାନ ଦେଉଥିଲେ। ଭାରତକୁ ଯେଉଁଭଳି ଭାବରେ ଲୁଣ୍ଠନ କରାଗଲା ଯଦି ଆମ ଭାଷା ଏବଂ ସଂସ୍କୃତି ସେତିକି ସୁଦୃଢ଼ ନ ଥାନ୍ତା ଆମ ଦେଶ କେଉଁ ରସାତଳକୁ ଚାଲିଯାଇଥାନ୍ତା, ଯାହାକୁ ପୁନଃ ପ୍ରାପ୍ତି କରିବା ସହଜ ସାଧ୍ୟ ହୋଇ ନ ଥାନ୍ତା। ଆମର ଭାଷା, ସାହିତ୍ୟ, ସଂସ୍କୃତି, ଜ୍ଞାନ, ବିଜ୍ଞାନ ଇତ୍ୟାଦି ଏତେ ମାର୍ଜିତ ଥିଲା ଯେ, ବିଦେଶୀମାନେ ଆମର ପୂର୍ବପୁରୁଷଙ୍କର ଗବେଷଣାକୁ ନେଇଯାଇ ନିଜ ନାମରେ ନାମିତ କରିଛନ୍ତି। ମାକ୍ସମୁଲାର, ମାକ୍‌ଡୋନାଲ, ମନିୟର ଉଇଲିୟମ୍ସ, ହୋମର ପ୍ରମୁଖ ଅନେକ ବିଶିଷ୍ଟ ପାଶ୍ଚାତ୍ୟ ବିଦ୍ୱାନ୍ ଭାରତ ଆସି ସଂସ୍କୃତ ଭାଷାକୁ ଅଧ୍ୟୟନ କରିବା ସହିତ ସଂସ୍କୃତ ଶାସ୍ତ୍ରକୁ ପଢ଼ି ସେଗୁଡିକର ଅନୁବାଦ କରିପାରିଥିଲେ। ତେବେ ପ୍ରଶ୍ନ ଉଠେ ସଂସ୍କୃତରେ ଏମିତି କ'ଣ ସବୁ ବିଶେଷତ୍ୱ ରହିଅଛି ଯାହାକୁ ପଢ଼ିବା ପାଇଁ ଦେଶବିଦେଶର ବିଦ୍ୱାନ୍ ଏବଂ ମହାତ୍ମାମାନେ ଏତେ ଉତ୍କଣ୍ଠିତ। ଏ ପ୍ରଶ୍ନର ଉତ୍ତର ସ୍ୱରୂପ ଗୋଟିଏ ବାକ୍ୟ କୁହାଯାଇ ପାରେ ସଂସ୍କୃତ ହେଉଛି ସମାଜ ନିର୍ମାଣର ମୂଳ ଉତ୍ସ। ଏହା କେବଳ ଏକ ଭାଷା ନୁହେଁ ଏହା ଶୃଙ୍ଖଳିତ ଜୀବନ ଜିଇବାର ମାର୍ଗ। ଆମ ଭାଷା ଏବଂ ସଂସ୍କୃତିକୁ ଆମ ଜନଜୀବନରେ ମଜଭୁତ କରିରଖିବା ଏକାନ୍ତ ଆବଶ୍ୟକ।

ପ୍ରାୟ ସମସ୍ତ ଭାରତୀୟ ଭାଷାର ସୃଷ୍ଟି ସଂସ୍କୃତରୁ ହୋଇଛି। ଓଡ଼ିଆରେ ବ୍ୟବହୃତ ଅର୍ଦ୍ଧାଧିକ ଶବ୍ଦ ସଂସ୍କୃତରୁ ହିଁ ସୃଷ୍ଟି। କେଉଁଠି ସଂସ୍କୃତ ଏବଂ ଓଡ଼ିଆ ଶବ୍ଦମାନଙ୍କ ମଧ୍ୟରେ ଶତପ୍ରତିଶତ ସମାନତା ଥାଏ ତଥା କେତେକ ସ୍ଥଳରେ ସାମାନ୍ୟ ସମାନତା ପରିଲକ୍ଷିତ ହୁଏ। ଭାରତର ପ୍ରାୟ ସମସ୍ତ ଆଞ୍ଚଳିକ ଭାଷା ସହିତ ସଂସ୍କୃତ ଭାଷା ନିବିଡ଼ଭାବେ ଜଡିତ। ତେଣୁ ସଂସ୍କୃତ ଭାଷାକୁ ଭାଷାର ଜନନୀ ଏବଂ ଭଗିନୀ ଭାବରେ ସମ୍ମାନ ଦିଆଯାଏ। ଶହଶହ ବର୍ଷ ପୂର୍ବରୁ ରଚିତ ରାମାୟଣ, ମହାଭାରତ, ଅର୍ଥଶାସ୍ତ୍ର, ନୀତିଶତକ, ସ୍ମୃତିଗ୍ରନ୍ଥ ପ୍ରଭୃତିରେ ଦେଶ ଶାସନ ପ୍ରକ୍ରିୟା ଯେପରି ବର୍ଣ୍ଣିତ ଅଛି ତାକୁ ଅନୁସରଣ କରି ଆମ ଦେଶର ସମ୍ବିଧାନ ତିଆରି କରାଯାଇଛି। ସଂସ୍କୃତରେ ଥିବା ମହତ୍ତ୍ୱକୁ ଦୃଷ୍ଟିରେ ରଖି ଏବେ ସଂସ୍କୃତ ଏବଂ ଭାରତୀୟ ସଂସ୍କୃତିର ବିଶେଷ ଅଧ୍ୟୟନରେ ବିଶ୍ୱ ମନ ଦେଇଛି।

ଉପନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ଆନ୍ଧ୍ରପ୍ରଦେଶ
ମୋ: ୮୮୯୭୪୨୬୨୪୩

## ଏଇ ଭାରତରେ

ବର୍ଷର ସବୁ ସମୟରେ ଏବେ ପଣସର ସ୍ୱାଦ ପାଇପାରିବେ। କେରଳର ରାନି ସୁନିଙ୍କ ଦ୍ୱାରା ପଣସରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଆପଣଙ୍କର ଏହି ଆଶା ପୂରଣ କରିପାରିବ। ରାନିଙ୍କୁ ବୟସ ଏବେ ୫୭। ସେ ରହୁଛନ୍ତି ଇଡୁକିରେ। ସେ ପାଖାପାଖି ୫ ଏକରରେ ପଣସ ଗଛ ଲଗାଇଛନ୍ତି। ସେହି ଗଛଗୁଡ଼ିକରେ ପଣସ ପାଚିବା ପରେ ତାହାକୁ ସଂଗ୍ରହ କରି ବଜାରରେ ବିକ୍ରି କରିଦେବା ବଦଳରେ ସେଥିରୁ ଶୁଖିଲା ପଣସ ଗୁଣ୍ଡ, ପଣସ ସସ୍ ଓ ପଣସ ମଞ୍ଜିଗୁଣ୍ଡ ଇତ୍ୟାଦି ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ସେଥିରୁ ସେ ବର୍ଷକୁ ୮ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ଉତ୍ପାଦଗୁଡ଼ିକୁ 'ଏଡେନ ଜ୍ୟାକଫ୍ରୁଟ ପ୍ରଡକ୍ଟ' ବ୍ରାଣ୍ଡରେ ବିକ୍ରି କରାଯାଉଛି। ଜଣେ ଗୃହିଣୀ ଭାବେ ଏଭଳି ଏକ ନିଆରା ବିଜ୍‌ନେସ୍ ଆରମ୍ଭ କରି ସଫଳ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ସେ ପ୍ରତିଦିନ ଘର କାମ ଶେଷ କରିବା ପରେ ଅବଶିଷ୍ଟ ସମୟ ବିଜ୍‌ନେସ୍ ପାଇଁ ଦେଉଛନ୍ତି। ରାନିଙ୍କ ବ୍ୟବସାୟିକ ଯାତ୍ରା ସଂଘର୍ଷମୟ ଥିଲା। ସେ ପ୍ରଥମେ ଏକ ଛୋଟ ରୁମ୍‌ରେ ବିଜ୍‌ନେସ୍ ଆରମ୍ଭ କରି ତାହାକୁ ନେଇପାରିଛନ୍ତି। ଏବେ ନିଜ ବଗିଚାରୁ ସଂଗୃହୀତ ପଣସ ବ୍ୟତୀତ ଅନ୍ୟ ୨୦ଟି ପରିବାରଠାରୁ ପଣସ ସଂଗ୍ରହ କରି ଅଧିକ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ପଣସ ସଂଗ୍ରହ କରିବାଠାରୁ ଆରମ୍ଭ କରି ଉତ୍ପାଦ ପ୍ରସ୍ତୁତି କରିବା କାର୍ଯ୍ୟରେ ସେ ୧୦ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ନଭେମ୍ବର ୧୯୭୬

- ସିରିଆର ପଦାତିକ ସାମରିକ ବାହିନୀ ଓ ଟ୍ୟାଙ୍କ ବାହିନୀ ତ୍ରିପୋଲିର ମୁଖ୍ୟ ବନ୍ଦର ଓ କେତେକ ସହର ଦଖଲ କରି ନେଇଛନ୍ତି।
- ଭାରତ ଓ ଆଲଜେରିଆ ମଧ୍ୟରେ ଜାତୀୟ ସମ୍ବାଦ ସରବରାହ ସଂସ୍ଥା ଘେନି ଏକ ନୂତନ ବିନିମୟ ଚୁକ୍ତିନାମା ସ୍ୱାକ୍ଷରିତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 4 | | | | | 3 |
| 2 | 1 | | | | 5 | | 6 | |
| | | 8 | | | 1 | | 7 | 4 |
| | 3 | | | 2 | 9 | 1 | | |
| | | | | 7 | | | | |
| | | 1 | | | 6 | | | 5 |
| | | | | | | | | 7 |
| | | | | | | | | |
| 8 | | | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 8 | 9 | 7 | 4 | 1 | 3 | 2 |
| 4 | 2 | 7 | 3 | 5 | 1 | 9 | 8 | 6 |
| 3 | 9 | 1 | 8 | 2 | 6 | 7 | 4 | 5 |
| 1 | 5 | 6 | 2 | 9 | 3 | 8 | 7 | 4 |
| 8 | 4 | 2 | 7 | 1 | 5 | 3 | 6 | 9 |
| 7 | 3 | 9 | 4 | 6 | 8 | 2 | 5 | 1 |
| 2 | 1 | 4 | 5 | 8 | 7 | 6 | 9 | 3 |
| 9 | 7 | 5 | 6 | 3 | 2 | 4 | 1 | 8 |
| 6 | 8 | 3 | 1 | 4 | 9 | 5 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଇ–ଆଡ୍‌ମିଶନରେ ଅଭିଭାବକ ସନ୍ତୁଷ୍ଟ ନୁହନ୍ତି

ମହାଶୟ,

ଇ–ଆଡ୍‌ମିଶନ ଯେତେ ସୁବିଧାଜନକ, ଏଥିରେ ପିଲାଙ୍କ ମତାମତ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଏଥିରେ ଅନେକ ଆଗ୍ରହୀ ଛାତ୍ରୀ–ଛାତ୍ର ଯୋଗ୍ୟତା ବଳରେ ନିଜ ଜିଲାରେ ବା ସାରା ରାଜ୍ୟର ନାମୀଦାମୀ କଲେଜକୁ ଇ–ଚଏସ୍ ମାଧ୍ୟମରେ ବାଛିବାର ପ୍ରସ୍ତାବ ରହୁଛି। କେତେକାଂଶରେ ଅନେକ ଛାତ୍ରୀଛାତ୍ର ଏହି ପ୍ରକ୍ରିୟାକୁ ସମର୍ଥନ ଜଣାଉଥିବା ବେଳେ, ପିଲାର ସର୍ବାଙ୍ଗୀନ ଚିନ୍ତା କରୁଥିବା ଅଭିଭାବକ ମହଲରେ କିନ୍ତୁ ବ୍ୟତିକ୍ରମ ଦେଖାଯାଇଛି। ସାଧାରଣତଃ ନିଜ ଘରଠାରୁ ଅନେକ ଦୂରରେ ଅବସ୍ଥିତ କଲେଜରେ ସେମାନେ ପିଲାଙ୍କ ନାମ ଲେଖାଇବାକୁ କୁଣ୍ଠାବୋଧ କରୁଛନ୍ତି। କାରଣ ଅନେକ ଅଭିଭାବକ ପ୍ରତିଦିନ ପିଲାଙ୍କ ଗସ୍ତ ଖର୍ଚ୍ଚକୁ ନେଇ ଚିନ୍ତିତ। ବାଙ୍ଗିରିପୋଷିରୁ ୩୦ କିମିରୁ ଦୂର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଅନେକ ଛାତ୍ରୀଛାତ୍ରଙ୍କ ଅଭିଭାବକ ମହଲରେ ଏ ବିଷୟରେ ଅଧିକ ଚିନ୍ତାର କାରଣ ହୋଇଛି। ପିଲାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପରିବର୍ତ୍ତେ ଖର୍ଚ୍ଚକୁ ଭୟ କରି ଆଜି ବି ଅନେକ ଅଭିଭାବକ ପିଲାଙ୍କୁ କଲେଜ ପାଠରୁ ଦୂରେଇ ରଖିବା ଦେଖାଯାଉଛି। ଫଳରେ ପିଲାମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଅଧ୍ୟୁଷିତ ଅଞ୍ଚଳର ଅଭିଭାବକମାନେ ନିବେଦନ କରିଛନ୍ତି।

– ସଂଜିତ ବୈଠା, ବାଙ୍ଗିରିପୋଷି, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
ଜଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
–(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁଷମ ଖାଦ୍ୟ ମେଳା

ବେଗୁନିଆ,୨୨।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୁଷମ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ନର୍ମଦା ଆଦି ଦଳରେ ନାମିତ ହୋଇ ପ୍ରସ୍ତୁତ ସୁଷମ ଖାଦ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକ, ସଦସ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ ବିଚାରକଭାବେ ଉପସ୍ଥିତ ରହି ସୁସ୍ଥ ଶରୀରକୁ ସତେଜ ରଖିବା ପାଇଁ ସୁଷମ ଖାଦ୍ୟର ଆବଶ୍ୟକ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସର୍ବଶ୍ରେଷ୍ଠ ବୈତରଣୀ ଦଳକୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅମିୟ ରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ମୁମୂର୍ଷୁ ଅବସ୍ଥାରେ ଅପହୃତା ନାବାଳିକା ଉଦ୍ଧାର ଘଟଣା, ୬ ଅଟକ

- ଖୋର୍ଦ୍ଧା ମେଡିକାଲକୁ କିଏ ଆଣିଥିଲା ଅସ୍ପଷ୍ଟ
- ତଦନ୍ତ ଜାରି ରହିଛି: ଏସ୍‌ଡିପିଓ

ଖୋର୍ଦ୍ଧା,୨୨।୧୧(ପ୍ରଭାତ ପାଣିଗ୍ରାହୀ): ବାଘମାରୀ ଥାନା ଅଞ୍ଚଳରୁ ନିଖୋଜ ନାବାଳିକା ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ରୁ ଗତ ୨୦ତାରିଖରେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ପୋଲିସ ତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରିଛି। ତେବେ ନାବାଳିକା ଖୋର୍ଦ୍ଧା ମେଡିକାଲକୁ କିପରି ଆସିଲେ, ତାଙ୍କୁ କିଏ ଏଠାରେ ଛାଡ଼ିଥିଲା ତାହାର ଖୋଳତାଡ଼ କରିଛି ପୋଲିସ। ମେଡିକାଲ ପରିସର ସିସିଟିଭି ଯାଞ୍ଚ କରିବା ସହିତ ନିକଟ ଘରୋଇ ମେଡିକାଲ, ଦୋକାନରେ ଲାଗିଥିବା ସିସିଟିଭି ମଧ୍ୟ ଯାଞ୍ଚ କରାଯାଇଛି। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଡିଏଚ୍‌ଏଚ୍‌ରେ କାର୍ଯ୍ୟରତ ଜଣେ ପୁରୁଷ ସିକ୍ୟୁରିଟି ଗାର୍ଡ, ମହିଳା ସିକ୍ୟୁରିଟି ଗାର୍ଡ ଓ ତାଙ୍କ ସମ୍ପର୍କୀୟ, ମୋ'ଆଇ ହେଲ୍ପ ଡେସ୍କର ଜଣେ କର୍ମଚାରୀଙ୍କ ସମେତ ମୋଟ୍ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ପରିବାରଲୋକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଖୋର୍ଦ୍ଧାର ଏକ କଲେଜରେ ଯୁକ୍ତ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ସେ ସବୁଦିନ ଭଳି ଗତ ୧୮ତାରିଖରେ କଲେଜ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଚାରିଆଡ଼େ ଖୋଜି ନିରାଶ ହେବା ପରେ ୧୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଦିନ ତାଙ୍କ ଝିଅ କଲେଜକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ୪ଜଣ ତାଙ୍କୁ କାର୍‌ରେ ଜୋରଜବରଦସ୍ତ ନେଇଯାଇଥିଲେ ବୋଲି ଜାଣିବାକୁ ପାଇଥିଲେ। ତେବେ ଥାନାରେ ଅଭିଯୋଗ କରିବା ସମୟରେ ପୋଲିସ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଏବଂ ରାଜନେତାଙ୍କ ଚାପରେ ପ୍ରଥମେ ତାଙ୍କ ଅଭିଯୋଗ ଗ୍ରହଣ କରିବାକୁ ମନା କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ମାମଲା ରୁଜୁ କରିଥିଲା ବୋଲି ପରିବାରଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି। ଗୁରୁବାର ସକାଳେ ମେଡିକାଲ ପରିସରରେ ସମ୍ପୃକ୍ତ ନାବାଳିକା ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖି ତାଙ୍କୁ ମେଡିକାଲରେ ଡ୍ୟୁଟି କରୁଥିବା ସିକ୍ୟୁରିଟି ଗାର୍ଡ, ମୋ' ଆଇ ହେଲ୍ପ ଡେସ୍କ କର୍ମଚାରୀ ଉଦ୍ଧାର କରି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଖବରପାଇ ଆଦର୍ଶ ଥାନା ପୋଲିସ ପହଞ୍ଚିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ପୋଲିସ ତାଙ୍କୁ ଥାନାକୁ ନେଇ ପରିବାର ଲୋକଙ୍କୁ ଖବରଦେଇଥିଲା। ପରିବାରଲୋକେ ଏବଂ ବାଘମାରୀ ପୋଲିସ ମଧ୍ୟ ପହଞ୍ଚିଥିଲା। ସେଠାରେ ପୁଣି ଥରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପୋଲିସ ତାଙ୍କୁ ମେଡିକାଲକୁ ଆଣିଥିଲା। ସେ ଚେତାଶୂନ୍ୟ ହୋଇପଡ଼ିବା ଏବଂ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସନ୍ଧ୍ୟାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ଏବଂ ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ ବାଘମାରୀ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏକ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ତଥ୍ୟ ମୁତାବକ ପୋଲିସ ଅନ୍ୟମାନଙ୍କୁ ଉଠାଇ ଆଣିଥିଲା। ଖୋର୍ଦ୍ଧାର ଏକ ଗୁପ୍ତ ସ୍ଥାନରେ ପୋଲିସ ସେମାନଙ୍କୁ ରଖି ତଦନ୍ତ ଜାରି ରଖିଛି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଦର ଏସ୍‌ଡିପିଓ ପ୍ରଧାନଙ୍କ ନେତୃତ୍ୱରେ ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଟାଉନ ଥାନାଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁ, ବାଘମାରୀ ଥାନାଧିକାରୀ ଶମ୍ଭୁନାଥ ନାୟକ, ବେଗୁନିଆ ଥାନାଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍‌ଙ୍କୁ ନେଇ ଗଠିତ ଟିମ୍ ଛାନଭିନ ଜାରି ରଖିଛି। ଅପହରଣ ଦିନ ଅଭିଯୁକ୍ତମାନେ ବ୍ୟବହୃତ କରିଥିବା କାର୍ ଜବତ ହୋଇଥିବା ଜଣାପଡିଛି। ଅନ୍ୟପଟେ ଖୋର୍ଦ୍ଧା ମେଡିକାଲ ନିକଟରେ ସେକ୍ସ ରାକେଟ ଚାଲିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟ ପଛରେ କେତେଜଣ ସିକ୍ୟୁରିଟି କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ପୋଲିସ ଉକ୍ତ ଅଞ୍ଚଳରେ ଭଡାଘର ଯାଞ୍ଚ କରିବା ସହ ଘର ମାଲିକଙ୍କୁ ମଧ୍ୟ ପଚରାଉଚରା କରିଛି। ତେବେ ଏନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ କରାଯାଇନାହିଁ। ଅନ୍ୟପକ୍ଷରେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ସଦର ଏସ୍‌ଡିପିଓ ପ୍ରଧାନ କହିଛନ୍ତି।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟମାନେ।

ବାଣପୁର,୨୨।୧୧(ଦିଲୀପ କୁମାର ସ୍ୱାଇଁ) ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ଉତ୍ସବ ଶନିବାର ବାଣପୁର ବ୍ଲକ ଅଧୀନ ବିରିଜାଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ଆମେ ସ୍ୱାଧୀନ କି' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚାଷୀ ମୂଲିଆ ସଂଘ ଓଡ଼ିଶା, ଅଲ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭାର ରାଜ୍ୟ ସମ୍ପାଦକ ନିରାକାର ନାୟକ ଯୋଗଦେଇ କହିଥିଲେ, ଯେଉଁ ଆଦିବାସୀ କୃଷକ ଓ ଶ୍ରମିକମାନେ ଇଂରେଜ ସରକାରର ଶୋଷଣ, ଜୁଲମ ଓ ଅତ୍ୟାଚାର ବିରୋଧରେ ସଂଘର୍ଷ କରି ଫାଶୀ ଖୁଣ୍ଟରେ ଝୁଲି ଜୀବନ ଦେଇ ଭାରତ ମାଟିରୁ ବିଦାୟ କରିଥିଲେ ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ବିଚାରର ଭାରତ ନିର୍ମାଣ କରାଯାଉ ନାହିଁ। ସ୍ୱାଧୀନତା ସଂଗ୍ରାମୀମାନେ ଜଳ ଜମି ଓ ଜଙ୍ଗଲର ଅଧିକାର ପାଇଁ ସଂଘର୍ଷ କରିଥିଲେ। ଏବେ ସେହି ଜଳ ଜମି ଓ ଜଙ୍ଗଲକୁ କର୍ପୋରେଟ କମ୍ପାନୀ ହାତରେ ଟେକି ଦିଆଯାଉଛି। ସ୍ୱାଧୀନ ଭାରତରେ ଏକ ଭାଗ ଲୋକଙ୍କ ପାଖରେ ଦେଶର ସମ୍ପତ୍ତି ରହିଛି। ଯେଉଁ କୃଷକ ଓ ଶ୍ରମିକମାନେ ଖଟୁଛନ୍ତି ସେହିମାନଙ୍କୁ ସମ୍ପତ୍ତିଗତ ଅଧିକାର ଏବେ ମଧ୍ୟ ମିଳିନାହିଁ ବୋଲି କହିଥିଲେ। ଗଞ୍ଜାମ ଜିଲା ସମ୍ପାଦକ ରଞ୍ଜନ ଶବର ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ହେବ ବୋଲି କହିଥିଲେ। ବ୍ଲକ ସଭାପତି ବିକ୍ରମ ଶବର, ଉପସଭାପତି ଲକ୍ଷ୍ମୀ ଶବର, ସମ୍ପାଦକ ଗାର୍ଡ ଶବର, ବସନ୍ତ ଶବର, ସୁରେନ୍ଦ୍ର ଶବର, କାର୍ଯ୍ୟକାରୀ ସଭାପତି ରମେଶ ଶବର, କୋଷାଧ୍ୟକ୍ଷ ହାରିୟାନୀ, ଭାସ୍କର ଶବର, ଜୟସେନ ପ୍ରଧାନ ପ୍ରମୁଖ ନେତୃତ୍ୱରେ ସଂଘର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

## କ୍ରିକେଟ: ଖୁସି ୱାରିୟର ବିଜୟୀ

ଟାଙ୍ଗୀ,୨୨।୧୧(ରଘୁନାଥ ସାହୁ)

ଜନତା କଲେଜ ଷ୍ଟାଡିୟମଠାରେ ତୃତୀୟ ଜିଷ୍ଟାର ପ୍ରିମିୟର କ୍ରିକେଟ ଲିଗ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଏସ୍‌ଏମ୍ ୱାରିୟର ଏବଂ ଖୁସି ୱାରିୟର ଟିମ୍ ମଧ୍ୟରେ ହୋଇଥିଲା। ଖୁସି ୱାରିୟର ଟିମ୍ ପ୍ରଥମ ବ୍ୟାଟିଂ କରି ୧୦ ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଏମ୍ ୱାରିୟର ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୪୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଖୁସି ୱାରିୟର ଟିମ୍ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ କୁହୁଡ଼ି ଡିଗ୍ରୀ କଲେଜ ଅଧ୍ୟକ୍ଷ ଟୁକୁନା ପ୍ରଧାନ, କୁହୁଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ବନଶ୍ରୀ ରାଉତରାୟ, ଖବରଦାତା ରମେଶ ନାଇଡୁ ଏବଂ ଭାଲେଣ୍ଟିନା ନାହାକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଅଟ୍ରି ଉଷ୍ଣ ପ୍ରସ୍ରବଣ ସ୍ଥିତି ପରଖିଲେ ଅଧିକାରୀ

ବାଘମାରୀ,୨୨।୧୧(ମିହିର ରଞ୍ଜନ ମହାପାତ୍ର)



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଟ୍ରି ଉଷ୍ଣ ପ୍ରସ୍ରବଣ ଅବହେଳିତ ଅବସ୍ଥାରେ ରହିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ବିଭାଗୀୟ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ରୁଦ୍ର ନାରାୟଣ ଦାଶଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ଏହି ପର୍ଯ୍ୟଟନସ୍ଥଳର ସ୍ଥିତି ପରଖିଥିଲେ। ତେବେ ଏହି ପର୍ଯ୍ୟଟନସ୍ଥଳର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି। ପ୍ରକାଶ ଯେ, ଅଟ୍ରି ଉଷ୍ଣ ପ୍ରସ୍ରବଣକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ହେଲେ ଏଠାରେ ପର୍ଯ୍ୟଟକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଲକ୍ଷାଧିକ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଶୌଚାଳୟରେ ପାଣି ନ ଥିବାରୁ ଏହା ଏବେ ଉପଯୋଗ ହୋଇପାରୁନି। ଫଳରେ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଏପରିକି ସ୍ୱଚ୍ଛ ପିଇବା ପାଣିର ସୁବିଧା ନ ଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କ ପାଇଁ ରହିଥିବା ପାନ୍ଥନିବାସ ଅବହେଳିତ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ବିଧାୟକ ସାହୁ କହିଛନ୍ତି ଯେ, ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ପର୍ଯ୍ୟଟନସ୍ଥଳର ସ୍ଥିତି ପରଖିଛନ୍ତି। ଖୁବଶୀଘ୍ର ଏହାର ବିକାଶ ଦିଗରେ ପଦକ୍ଷେପ ନିଆଯିବ।

## ବୋଲଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି

ବୋଲଗଡ଼,୨୨।୧୧(ଦେବବ୍ରତ ହୋତା): ବୋଲଗଡ଼ ମହୋତ୍ସବ ପାଳନ ପାଇଁ ଶୁକ୍ରବାର ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଉନ କ୍ଲବସ୍ଥିତ ମହୋତ୍ସବ କାର୍ଯ୍ୟାଳୟରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ବୀର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟି ସଭାପତି ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ମହୋତ୍ସବ ପ୍ରସ୍ତୁତିରେ ଅଗ୍ରଗତି ନେଇ ଆଲୋଚନା କରିଥିଲେ। ଚଳିତ ମହୋତ୍ସବରେ ବିଭିନ୍ନ ରାଜନୈତିକ ଦଳ ନେତୃବୃନ୍ଦଙ୍କୁ ଆମନ୍ତ୍ରଣ ସହ ଅନ୍ୟାନ୍ୟ ଅତିଥି, ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଲୋକନୃତ୍ୟ ଦଳ, ସ୍ଥାନୀୟ ସାଂସ୍କୃତିକ ଦଳ, ସିନେ କଳାକାରଙ୍କୁ ନିମନ୍ତ୍ରଣ, ସ୍ମରଣିକା ପାଇଁ ଆଲେଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା, ପ୍ୟାରୀମୋହନ ଦାସ, ବିଶ୍ୱଜିତ୍ ସ୍ୱାଇଁ, ପ୍ରଫୁଲ୍ଲ ମହାନ୍ତି, ପାର୍ବତୀକାନ୍ତ ଚମ୍ପତିରାୟ, ଜୟକୃଷ୍ଣ ଦଳବେହେରା, ଭଞ୍ଜକିଶୋର ଯତି, ସଞ୍ଜୟ ବେହେରା, ସଂସାରୀ ସାହୁ, ବାବୁଲି ପ୍ରଧାନ, ମନୋଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସନାତନ ପାଇଁଶାଣୀ ଧନ୍ୟବାଦ ଦେଇଥିଲେ।

## ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୬ ଗିରଫ

ବାଲୁଗାଁ,୨୨।୧୧(ସଂଗ୍ରାମ ପାଇକରାୟ): ଖୋର୍ଦ୍ଧା ଜିଲା ବାଲୁଗାଁ ବଜାର ସ୍ଥିତ ଅଶୋକ ନଗର ଛକଠାରେ ଶୁକ୍ରବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏନେଇ ଉଭୟ ଗୋଷ୍ଠୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା (ନଂ. ୩୯୬/୨୫, ୩୯୭/୨୫) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଉଭୟ ଗୋଷ୍ଠୀର ୩ଜଣ ଲେଖାଏ ମୋଟ୍ ୬ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ବାଲୁଗାଁସ୍ଥିତ ପାଟଣା ସାହି ଏବଂ କେ.କେ. ନୂଆଗାଁର କେତେଜଣ ଯୁବକଙ୍କ ମଧ୍ୟରେ କୌଣସି କାରଣରୁ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଏହାକୁ କେନ୍ଦ୍ରକରି ବିଭିନ୍ନ ସମୟରେ ଉଭୟେ ଉଭୟଙ୍କୁ ଆକ୍ରମଣ ଏବଂ ପ୍ରତିଆକ୍ରମଣ କରିବା ଫଳରେ ଘଟଣା ତୀବ୍ର ରୂପ ଧାରଣ କରିଥିଲା। ଏପରିସ୍ଥଳେ ଶୁକ୍ରବାର ରାତି ପ୍ରାୟ ୯ଟାରେ ଅଶୋକ ନଗର ଛକସ୍ଥିତ ଓଭରବ୍ରିଜ୍ ଠାରେ ପୂର୍ବ ବିବାଦକୁ ନେଇ ଉଭୟ ଗୋଷ୍ଠୀର ଯୁବକ ମୁହାଁମୁହିଁ ହୋଇଥିଲେ। ପରବର୍ତ୍ତୀ ସମୟରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ବଜାରରେ ଏପରି ମାରପିଟ୍ ଦେଖି ଲୋକେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଖବରପାଇ ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ସଂଘର୍ଷ ବେଳେ ଏକ ଚା'ବିସ୍କୁଟ ଦୋକାନ ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଛି। ତେବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉଭୟ ଗ୍ରାମରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd./- (Er. Rashmi Rekha Chattar)
OIPR- Superintending Engineer, M.I. Division, Keonjhar

OFFICE OF THE EXECUTIVE ENGINEER
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)
E-Procurement Tender Notice (e-Tender Notice)
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E-procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
PR 366797 (Water Resource)25-26*D Jamshedpur.

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ
(1)ଇ-ଟେଣ୍ଡର ସଂ.51-eT-DENS-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।
(2)ଇ-ଟେଣ୍ଡର ସଂ.27-eT-SDENW-SBP-25
କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।
(3)ଇ-ଟେଣ୍ଡର ସଂ.56-eT-DENE-SBP-25
କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ),
PR-815/Q/25-26 ସମ୍ବଲପୁର

GOVERNMENT OF ODISHA No. O-1550
OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)
E-Mail ID: eerwrairangpur@yahoo.com
Letter No. // Date:
"e" Procurement Notice for Road Works | Bid Identification No. - RWDRRP-15/2025-26

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.
OIPR- Sd./- Er. S. Naik, Executive Engineer, R.W. Division, Rairangpur

DADLS- 65



ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୨୩.୧୧.୨୦୨୫
ସମୟ : ସକାଳ ୯ .୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର
ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ : ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
ସାଧାରଣ ସଭା
ମୁଖ୍ୟ ଅତିଥି
ଡ଼ ରବୀନ୍ଦ୍ର ନାରାୟଣ ବେହେରା
ସାଂସଦ, ଯାଜପୁର
ସମ୍ମାନନୀୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର
ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# ରହସ୍ୟ ଘେରରେ ଅସୁସ୍ଥ ହାତୀର ମୃତ୍ୟୁ



ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)

ଦାରୁଠେଙ୍ଗ ଭୁଆସୁଣୀ ମୌଜା ବରବାରି କାଜୁବାରି ଜଙ୍ଗଲ କଡରୁ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ହାତୀର ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ହାରପିସ ରୋଗରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଫଳରେ ହାତୀ ମୃତ୍ୟୁ ନେଇ ରହସ୍ୟ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଚନ୍ଦକା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

ଶୁକ୍ରବାର ସକାଳେ ପ୍ରାୟ ସାଢ଼େ ୭ଟାରେ ହାତୀଟି ତଳେ ଅଚେତ୍ ଅବସ୍ଥାରେ ପଡିରହିଥିଲା। ଏହି ସମୟରେ କାଜୁବାରି ସଫାକରିବାକୁ ଯାଇଥିବା ଲୋକେ ଦେଖି ବନ ବିଭାଗକୁ ଖବର ଜଣାଇଥିଲେ। ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ନନ୍ଦନକାନନର ଏକ ଡାକ୍ତରୀ ଦଳ ପହଞ୍ଚି ହାତୀଟିର ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ସହ ଆଣ୍ଟିବାଓଟିକ ଔଷଧ ଦେଇ ସାଲାଇନ ଲଗାଇ ଚିକିତ୍ସା ଆରମ୍ଭ କରିଥିଲା। ପରେ ଓୟୁଏଟିର ବିଶେଷଜ୍ଞ ଡ. ଆଦିତ୍ୟ ଆଚାର୍ଯ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବରିଷ୍ଠ ପଶୁଚିକିତ୍ସକ ଶରତ ମିଶ୍ର, ଚନ୍ଦକା ଅଞ୍ଚଳର ପଶୁ ଚିକିତ୍ସକ ପ୍ରିୟବ୍ରତ ପାଣିଗ୍ରାହୀ ପହଞ୍ଚି ହାତୀର ଚିକିତ୍ସା ଜାରି ରଖିଥିଲେ। ହେଲେ ହାତୀଟି ସୁସ୍ଥ ହେବା ପରିବର୍ତ୍ତେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଚନ୍ଦକା ରେଞ୍ଜର ଉତ୍ତମ କୁମାର ସାହୁ କହିଛନ୍ତି। ମାତ୍ର ସଠିକ ରୋଗ ନିରୂପଣ କରାଯାଇ ପାରି ନ ଥିବାରୁ ହାତୀଟିର ମୃତ୍ୟୁ ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ପୁଣି ୬ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

ଭୁବନେଶ୍ୱର,୨୨।୧୧(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

- ୩ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସିବିଆଇର ସମନ
- ୧୧୪ ପରୀକ୍ଷାର୍ଥୀଙ୍କୁ ପର୍ଯ୍ୟାୟକ୍ରମେ ପଚରାଉଚରା କରିବ ସିବିଆଇ
- ପଶ୍ଚିମବଙ୍ଗ,ମହାରାଷ୍ଟ୍ରକୁ ଲମ୍ବିଛି ରାକେଟ୍‌ର ଚେର

ପୋଲିସ ଏସ୍ଆଇ କେଲେଙ୍କାରୀ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଶନିବାର ପୁଣି ୬ଜଣ ପରୀକ୍ଷାର୍ଥୀଙ୍କୁ ମାରାଥନ ଜେରା କରିଛି। ସମନ ଅନୁସାରେ ୬ଜଣ ପରୀକ୍ଷାର୍ଥୀ ସିବିଆଇ ଅଫିସରେ ହାଜର ହେବାପରେ ସେମାନଙ୍କୁ ତଦନ୍ତକାରୀ ଅଧିକାରୀ ପଚରାଉଚରା କରିଥିଲେ। କାହା ମାଧ୍ୟମରେ ଶଙ୍କର ଏବଂ ମୁନା ସହ ପରିଚୟ ହୋଇଥିଲେ। ଏସ୍ଆଇ ଚାକିରି ପାଇଁ କେତେ ଟଙ୍କା ଦେଇଛନ୍ତି। ଭୁବନେଶ୍ୱରରୁ ବସ୍‌ରେ କିଏ ବ୍ରହ୍ମପୁର ନେଇଥିଲେ ଆଦି ଅନେକ ପ୍ରଶ୍ନ ସିବିଆଇ ପଚାରିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଆଗାମୀ ଦିନରେ ଗିରଫ ହୋଇଥିବା ସମସ୍ତ ୧୧୪ ପରୀକ୍ଷା ଆଶାୟୀଙ୍କୁ ସିବିଆଇ ପଚରାଉଚରା କରିବ। ପ୍ରାଥମିକ ଭାବେ ସିବିଆଇ ୪୦ ଜଣଙ୍କୁ ସମନ କରିଥିଲା। ଯେଉଁ ଆଧାରରେ ଶୁକ୍ରବାର ୧୦ଜଣଙ୍କୁ ସିବିଆଇ ପଚରାଉଚରା କରିଥିବାବେଳେ ଶନିବାର ୬ଜଣଙ୍କୁ ପଚରାଉଚରା କରିଛି। ସୋମବାର ଆଉ ୧୦ଜଣ ପରୀକ୍ଷାର୍ଥୀ ହାଜର ହେବାର ଅଛି। ବଡ଼ କଥା ହେଲା ଏହି ଚାକିରି ରାକେଟ୍ ପଛରେ ଥିବା ୩ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସିବିଆଇ ସମନ କରିଛି। ସେମାନେ ଖୁବ୍‌ଶୀଘ୍ର ସିବିଆଇ ଅଫିସ୍‌ରେ ହାଜର ହେବେ ବୋଲି ଜଣାପଡ଼ିଛି। ସେମାନଙ୍କ ନିର୍ଦ୍ଦେଶରେ ଶଙ୍କର ଏବଂ ମୁନା ଏସ୍ଆଇ ଚାକିରି ପାଇଁ ପିଲା ଯୋଗାଡ଼ କରି ଟଙ୍କା ଆଦାୟ କରୁଥିଲେ। ତେଣୁ ଏହି ୩ଜଣ ପୋଲିସ ବାବୁଙ୍କୁ ସିବିଆଇ ପଚରାଉଚରା କଲେ ସତ ପଦାକୁ ଆସିବ।

ଏହି ରାକେଟରେ ଶଙ୍କର ପୃଷ୍ଟି ମୁଖ୍ୟ ନ ଥିଲେ। ରାଜ୍ୟ ବାହାରର ବଡ଼ ବଡ଼ ଲୋକଙ୍କ ହାତ ରହିଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଠକେଇ ରାକେଟର ଯୋଜନା ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ହୋଇଥିଲା। ସେଠାରେ ଯୋଜନା କରାଯିବା ପରେ ଶଙ୍କରଙ୍କ ପଞ୍ଚସଫ୍ଟ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଶଙ୍କର, ସିଲିକନ୍ ଟେକ୍ ଲ୍ୟାବ୍ ଏବଂ ଅନ୍ୟମାନେ ମିଶି ଚାକିରି ଆଶାୟୀଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ। ସବୁ ଜିଲାରେ ଥିବା ଦଲାଲ ପିଲା ଯୋଗାଡ଼ କରି ମୁନା ନିକଟରେ ପହଞ୍ଚାଉଥିଲେ। ମୁନା ସେମାନଙ୍କୁ ଶଙ୍କର ନିକଟରେ ପହଞ୍ଚିବା ପରେ ମୁଣ୍ଡ ପିଛା ୨୫ଲକ୍ଷ ଟଙ୍କା ଦେବାକୁ ଡିଲ୍ ହେଉଥିଲା। ଅଗ୍ରିମ ଆକାରରେ ୧୦ ଲକ୍ଷ ନେଉଥିବାବେଳେ ଚାକିରି ପରେ ବାକି ଟଙ୍କା ଦେବାକୁ ଡିଲ୍ ହୋଇଥିଲା। ହେଲେ ଭୁବନେଶ୍ୱରରୁ ବସ୍‌ରେ ବ୍ରହ୍ମପୁର ନିଆଯାଉଥିବାବେଳେ ଧରାପଡ଼ି ୧୧୪ ପରୀକ୍ଷାର୍ଥୀ ଓ ୩ ଦଲାଲଙ୍କ ସହ ୧୧୭ଜଣଙ୍କୁ ଶ୍ରୀକାକୁଲମରୁ ବ୍ରହ୍ମପୁର ପୋଲିସ ଗିରଫ କରିଥିଲା। ପରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା ଦଲାଲ ମୁନା ମହାନ୍ତି, ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ଟେକ୍ ମୁଖ୍ୟ ସୁରେଶ ନାୟକଙ୍କ ସମେତ ୧୨ ଜଣଙ୍କୁ ଗିରଫ କରାଯାଇଥିଲା।

## ସମୁଦ୍ର ଭିତରକୁ ନ ଯିବାକୁ ସଚେତନ କଲା ବନ ବିଭାଗ

କାକଟପୁର/ଅସ୍ତରଙ୍ଗ,୨୨।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ପୀରଜାହାନିଆ ସମୁଦ୍ର କୂଳରେ ଶୁକ୍ରବାର ସ୍ଥାନୀୟ ଯୁବକ କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖିବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୀରଜାହାନିଆ ନିକଟ ସମୁଦ୍ର ମଧ୍ୟକୁ ନ ଯିବାକୁ ଡାକବାଜି ଯନ୍ତ୍ର ଓ ସମୁଦ୍ର କୂଳରେ ଫ୍ଲେକ୍ସ ଲଗାଇ ସଚେତନ କଲା ବନ ବିଭାଗ। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ଦେହୁରୀ, ବନପାଳ କାଳୀଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁମ୍ଭୀର ଆତଙ୍କ ଖେଳିଯିବା ପରେ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥିବା ପୀରଜାହାନିଆ ବେଳାଭୂମି ନିକଟରେ ସମୁଦ୍ର ସ୍ନାନ ଓ ସମୁଦ୍ର ଭିତରେ ପ୍ରବେଶ ବାରଣ କରିଛନ୍ତି ବନବିଭାଗ।

# ଭରତପୁର ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନକଲେ ଗୃହ ନିର୍ମାଣ ମନ୍ତ୍ରୀ



ଭୁବନେଶ୍ୱର, ୨୨।୧୧ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ବିଏମ୍‌ସିର ଭରତପୁର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଏମ୍‌ସିସିରେ ଇନ୍‌ସେକ୍ଟିକା ବାୟୋଟେକ୍‌ର ଅତ୍ୟାଧୁନିକ ବ୍ଲାକ୍ ସୋଲଜର ଫ୍ଲାଏ (ବିଏସ୍‌ଏଫ)ଭିତ୍ତିକ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ ବୁଲି ଦେଖିଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ବିଏସ୍‌ଏଫ ଲାର୍ଭା ବ୍ୟବହାର କରି ଜୈବ ଅଳିଆକୁ ନିଷ୍କର୍ଷ ଖତ ବା ଜୈବିକସାରରେ ପରିବର୍ତ୍ତନ କରିବାର ଅଭିନବ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କରିଛନ୍ତି। ପୌର ଆବର୍ଜନା ପରିଚାଳନାକୁ ଉନ୍ନତମାନର କରିବା, ଲ୍ୟାଣ୍ଡଫିଲ୍ ବୋଝ ହ୍ରାସ କରିବା, ପ୍ରୋଟିନ ସମୃଦ୍ଧ ଖାଦ୍ୟ ଏବଂ ଜୈବ ମାଟି ବୃଦ୍ଧିକାରୀ ଭଳି ସ୍ଥାୟୀ ଉପ-ଉତ୍ପାଦ ସୃଷ୍ଟି କରିବା ପାଇଁ ପ୍ରଯୁକ୍ତିର ସମ୍ଭାବନାକୁ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଛନ୍ତି।

ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଏମ୍‌ସି ଡେପୁଟି କମିଶନର ଏନ୍. ଗଣେଶବାବୁ, ଇନ୍‌ସେକ୍ଟିକା ବାୟୋଟେକ୍‌ର ପ୍ରତିଷ୍ଠାତା ଅରୁଣ କୁମାର ଦାସ, ଗବେଷଣା ଓ ବିକାଶ ମୁଖ୍ୟ ଡ. ଚିନ୍ମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏଠାରେ ଓଦା ଅଳିଆରୁ ଉନ୍ନତମାନର ଜୈବିକ ସାର ପ୍ରକ୍ରିୟାକରଣ କରାଯାଉଛି। ଓଦା ଅଳିଆକୁ ଗୁଣ୍ଡ କରାଯିବା ପରେ ଏକ ପ୍ରକାର କୀଟ ପ୍ରୟୋଗ କରାଯାଇ ଖତ ପ୍ରସ୍ତୁତ ହୋଇଥାଏ। ପରବର୍ତ୍ତୀ ପ୍ରକ୍ରିୟାରେ ଏଥିରୁ ସ୍ୱତନ୍ତ୍ର ସାର ବାହାରି ଥାଏ। ଏହା ମାଟିର ଉର୍ବରତା ବଢ଼ାଇବାରେ ସହଯୋଗୀ ହୋଇଥାଏ। ଏହି ପ୍ରକ୍ରିୟାର ପରୀକ୍ଷାମୂଳକ ପ୍ରୟୋଗକୁ ପରିଚାଳନା କରିବା ପାଇଁ ବିଏମ୍‌ସି ଏବଂ ଏମ୍‌ଏସ୍ ଇନସେକ୍ଟିକା ବାୟୋଟେକ ପ୍ରାଇଭେଟ ଲିମିଟେଡ ସହିତ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ବର୍ଷେ ପାଇଁ ହୋଇଥିବା ରାଜିନାମା ଅନୁସାରେ ଉକ୍ତ ସଂସ୍ଥା ଏହି ପରିଚାଳନା ଦାୟିତ୍ୱରେ ରହିଛି।

# ବିଦ୍ୟାଳୟରେ ପାଠପଢ଼ାକୁ ସହଜ କରିବ ଏଆଇ



ଭୁବନେଶ୍ୱର,୨୨।୧୧(ସୁଚିସ୍ମିତା ସାହୁ)

ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ସରଳୀକରଣ କରିବାରେ ସହଯୋଗ କରିବ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)। ସ୍ୱଳ୍ପ ସମୟ ମଧ୍ୟରେ ବ୍ୟାପକ ବ୍ୟବହାର ସମ୍ପର୍କରେ ପିଲାଙ୍କୁ ପ୍ରଶିକ୍ଷଣ କରାଯିବା ସହିତ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାଳୟ କାର୍ଯ୍ୟ ପାଇଁ ମଧ୍ୟ ଏଆଇକୁ ଉପଯୋଗ କରିହେବ। ଏନେଇ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ ନେଇ ଏସ୍ ଚାନ୍ଦ ପୁସ୍ତକ ପ୍ରକାଶନ ପକ୍ଷରୁ ଶନିବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ନବସୃଜନ ପୁରସ୍କାରପ୍ରାପ୍ତ ୱିଲିବ୍ରୋର୍ଡ ଜର୍ଜ କର୍ମଶାଳାରେ ଯୋଗଦେଇ ସହଜ ଓ ଆକର୍ଷଣୀୟ ଶୈଳୀରେ ପିଲାଙ୍କୁ ଶିକ୍ଷାଦାନ କରିବା ସହ ବିଭିନ୍ନ ଅଫିସ କାର୍ଯ୍ୟ କରିବା ସମ୍ପର୍କରେ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। କେମିତି ଶିକ୍ଷକମାନେ ଅତ୍ୟାଧୁନିକ ଶୈଳୀରେ ଶିକ୍ଷାଦାନ କରିବା ସହ ନୋଟିସ ଲେଖିବା, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ବାର୍ତ୍ତାଳାପ କରିବା ଏବଂ ଶୈକ୍ଷିକ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ଏଆଇର ଉପଯୋଗ କରିବା ଦିଗରେ ବୁଝାଇଥିଲେ। କର୍ମଶାଳାରେ ସିବିଏସ୍‌ଇ ଓ ଆଇସିଏସ୍‌ଇ ବିଦ୍ୟାଳୟର ବହୁ ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀ ଅଂଶଗ୍ରହଣ କରିଥିବାବେଳେ ଏସ୍. ଚାନ୍ଦ ପୁସ୍ତକ ପବ୍ଲିକେଶନ ବିଦ୍ୟାଳୟ ଶିକ୍ଷାର ଜେନେରାଲ୍ ମ୍ୟାନେଜର ଗୌରୀ ଶଙ୍କର ପଟ୍ଟନାୟକ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ରୋଟାରି କ୍ଲବ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର

**ବାଲିଅନ୍ତା,୨୨।୧୧(ନୀଳମାଧବ ସାହୁ):** ଭୁବନେଶ୍ୱର ମହାନଗର ନିଗମର ୧୮ ନଂ ୱାର୍ଡ଼ର୍ ପାଣ୍ଡରାସ୍ଥିତ ୱାର୍ଡ଼ କାର୍ଯ୍ୟାଳୟ ପରିସରରେ ଶନିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଏକ୍ସଲେନସ ପକ୍ଷରୁ ଆୟୋଜିତ ଏହି ଶିବିରକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରା ଓ ଜିଲା ପ୍ରାନ୍ତପାଳ ମନୋଜ ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ଆଖି, ଦାନ୍ତ ଓ ମେଡିସିନ ବିଭାଗ ସ୍ପେଶାଲିଷ୍ଟମାନେ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ୨୦୦ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ଏକ୍ସଲେନ୍ସର ସଭାପତି ରଶ୍ମିରଞ୍ଜନ ମହାନ୍ତି ଓ ସମ୍ପାଦକ ଦିଲୀପ ଦାସଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଗୋପ ଅଞ୍ଚଳରେ ବାଂଲାଦେଶୀ

ଗୋପ, ୨୨।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳରେ ଏବେ ମାଳମାଳ ବାଂଲାଦେଶୀ ଦେଖିବାକୁ ମିଳୁଛନ୍ତି। ଦୀର୍ଘ ଦିନ ଧରି ଏଠାରେ ରହି ଆସିଥିବା କେତେଜଣ ସନ୍ଦିଗ୍ଧ ବାଂଲାଦେଶୀ ଆଧାର କାର୍ଡ ଓ ରାସନ କାର୍ଡ କରିଦେଇଛନ୍ତି। ଏପରିକି କେତେଜଣ ଗୋପ ଥାନା ଅଞ୍ଚଳରେ ବିବାହ କରିଥିବା ଜଣାପଡ଼ିଛି। ତୁରନ୍ତ ଏହି ସବୁ ବାଂଲାଦେଶୀଙ୍କ ସମ୍ପର୍କରେ ତଦନ୍ତ କରିବା ପାଇଁ ଦାବି ମଧ୍ୟ କରାଯାଇଛି। ଏହି ବାଂଲାଦେଶୀ କୁହାଯାଉଥିବା ବ୍ୟକ୍ତିବିଶେଷମାନେ ଥାନା ଓ ବ୍ଲକ ଅଞ୍ଚଳରେ ସାଧାରଣ ଲୋକଙ୍କୁ ନକଲି ଜିନିଷ ବିକ୍ରି କରୁଥିବା ବେଳେ କେତେଜଣ ଚେରମୂଳି ଔଷଧ ନାମରେ ସାଧାରଣ ଲୋକଙ୍କୁ ଠକୁଥିବା ଜଣାପଡ଼ିଛି। ଅପରପକ୍ଷରେ ଏହି ବାଂଲାଦେଶୀ ନାଗରିକ କୁହାଯାଉଥିବା ବ୍ୟକ୍ତିବିଶେଷ ନକଲି ଟଙ୍କା କାରବାର କରୁଥିବା ଭଳି ଅଭିଯୋଗ ରହିଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd./- (Er. Rashmi Rekha Chattar)
Superintending Engineer, M.I. Division, Keonjhar
OIPR-



OFFICE OF THE EXECUTIVE ENGINEER
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)
E-Procurement Tender Notice (e-Tender Notice)
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E - procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
Jamshedpur.
PR 366797 (Water Resource)25-26*D



ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ

(1)ଇ-ଟେଣ୍ଡର ସଂ.51-eT-DENS-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ଼-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।

(2)ଇ-ଟେଣ୍ଡର ସଂ.27-eT-SDENW-SBP-25
କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ଼-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।

(3)ଇ-ଟେଣ୍ଡର ସଂ.56-eT-DENE-SBP-25
କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।

କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-815/Q/25-26



DADLS- 65



ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୨୩.୧୧.୨୦୨୫
ସମୟ : ସକାଳ ୯.୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର
ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ : ସନ୍ଧ୍ୟା ୫.୩୦ ମିନିଟ୍ | ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
ସାଧାରଣ ସଭା
ମୁଖ୍ୟ ଅତିଥି
ଡ଼ ରବୀନ୍ଦ୍ର ନାରାୟଣ ବେହେରା
ସାଂସଦ, ଯାଜପୁର
ସମ୍ମାନନୀୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର
ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-



GOVERNMENT OF ODISHA
No. O-1550
OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)
E-Mail ID: eerwrairangpur@yahoo.com
Letter No. // Date:
"e" Procurement Notice for Road Works | Bid Identification No. - RWDRRP-15/2025-26

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.
OIPR-
Sd./- Er. S. Naik, Executive Engineer, R.W. Division, Rairangpur

## ସଂକ୍ଷେପରେ

### ସିମ୍ରନଙ୍କୁ ରାଜ୍ୟସ୍ତରୀୟ ସମ୍ମାନ



**ବାଙ୍କୀ, ୨୨।୧୧(ଶୁଭେନ୍ଦୁ ମହାପାତ୍ର/ ସୁବ୍ରତ କୁମାର ନାୟକ):**

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତ ସ୍ଥିତ ପଦନପୁର ଗ୍ରାମର ସିମ୍ରନ ମହାରଣା ରାଜ୍ୟସ୍ତରୀୟ ସୁରଭି ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏନେଇ ସିମ୍ରନଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ସେ ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରର ଦଶମ ଶ୍ରେଣୀର ଛାତ୍ରୀ। ଅନନ୍ୟା ଦାସ ପ୍ରୋଜେକ୍ଟ ଡିରେକ୍ଟର ଓସେପା, ଅତିରିକ୍ତ କମିଶନର ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ଏସ ତିରୁମାଲା ନାୟକଙ୍କଠାରୁ ସିମ୍ରନ ପୁରସ୍କାର ସ୍ୱରୂପ ଟ୍ରଫି ଏବଂ ପ୍ରଶଂସା ପତ୍ର ଗ୍ରହଣ କରିଛନ୍ତି। ସିମ୍ରନଙ୍କ ସଫଳତା ପାଇଁ ତାଳବସ୍ତ ପଞ୍ଚାୟତର ଅଗ୍ରଣୀ ସାମାଜିକ ସଂଗଠନ ଶ୍ରୀରାମ କମିଟିର ସଭାପତି ବିଶ୍ୱ ରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ତଥା ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସିମ୍ରନ ଭଲ ଚିତ୍ର ଆଙ୍କିବା ସହ ସଂଗୀତ ଏବଂ ଇଂରାଜୀ ପ୍ରବନ୍ଧ ଲେଖିବାରେ ମଧ ରୁଚି ରଖନ୍ତି।

# ଏସ୍‌ସିବିରେ କର୍ମଚାରୀ ଅଭାବ: ରୋଗୀ ସେବା ବିପର୍ଯ୍ୟସ୍ତ

**କଟକ,୨୨।୧୧(ଶିଳ୍ପା ପ୍ରିୟଦର୍ଶିନୀ):**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ କର୍ମଚାରୀ ଅଭାବ ଦେଖାଦେଇଛି। ନର୍ସିଂ ଅଫିସରଙ୍କ ସମେତ ପରିମଳ ବ୍ୟବସ୍ଥା ପାଇଁ ଥିବା କର୍ମଚାରୀ ଅଭାବ ଦ୍ୱାରା ମେଡିକାଲରେ ପ୍ରାୟତଃ କାର୍ଯ୍ୟ ଧିମେଇ ଯାଉଥିବାବେଳେ ମେଡିକାଲ ପରିସର ଅଳିଆ ଆବର୍ଜନାରେ ଭର୍ତ୍ତି ରହୁଛି। ମୁଖ୍ୟତଃ ଭାବେ ରୋଗୀ ଓ ସମ୍ପର୍କୀୟ ସେବା ପାଇବାରୁ ବଞ୍ଚିତ ରହୁଛନ୍ତି।

ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲରେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ପାରାମେଡିକାଲ କର୍ମଚାରୀଙ୍କ ଅନୁମୋଦିତ ପଦବୀ ୧୨୬୦ ଥିବାବେଳେ ଏବେ ୨୬୭ଟି ଖାଲି ପଡିଛି। ଏହାସହ ୧୨୧ରୁ ୩୭ଟି ଫାର୍ମାସିଷ୍ଟ ଅଫିସର ପଦ, ୧୨୪ରୁ ୩୪ଟି ମେଡିକାଲ ଲାବ ଟେକ୍ନିସିଆନ, ୮ରୁ ୩ଟି ଇସିଜି ଟେକ୍ନିସିଆନ, ୧୪ରୁ ୫ଟି ପରଫ୍ୟୁଜନିଷ୍ଟ, ୪୩ରୁ ୧୦ ରେଡିଓଗ୍ରାଫର, ୬ରୁ ୨ଟି ଡାଏଲିସିସ ଟେକ୍ନିସିଆନ କର୍ମଚାରୀ ନାହାନ୍ତି। ମୁଖ୍ୟତଃ ଭାବେ ବିସିଜି ଟେକ୍ନିସିଆନ, ଅପଥାଲମିକ ସହକାରୀ, ଇୟର ମୋଲଡ଼ ଟେକ୍ନିସିଆନ, ହେଲଥ୍ ଏଜୁକେଟର, ହେଲଥ ଭିଜିଟର ଓ ରିହାବିଲିଟେଶନ ସହକାରୀ ପଦ ସମ୍ପୂର୍ଣ୍ଣ ଖାଲି ପଡିଛି। ଏଥିରେ ଦୀର୍ଘଦିନ ହେବ ନିଯୁକ୍ତି କରାଯାଇ ନାହିଁ। ସେହିପରି ଏସ୍‌ସିବିରେ ୯୨ଜଣ ସିକ୍ୟୁରିଟି ସୁପରଭାଇଜର ରହିବାକୁ ଥିବାବେଳେ ୪୦ଟି ପଦବୀ ଖାଲି ରହିଛି। ମେଡିକାଲରେ ୯୨୪ଜଣ ସୁରକ୍ଷାକର୍ମୀ ରହିବାକୁ ଥିବାବେଳେ ଏବେ ମାତ୍ର ୫୮୭ଜଣ ସୁରକ୍ଷାକର୍ମୀ ରହିଛନ୍ତି ଏବଂ ୩୩୭ଟି ପଦ ଖାଲି ପଡିଛି। ସେହିପରି ସାନିଟେଶନ ସୁପରଭାଇଜର ପଦରେ ୯୨ରୁ ୨୮ଟି, ସାନିଟେସନ ୱାର୍କର ପଦରେ ୯୨୪ଟିରୁ ୨୯୮ଟି ପଦ ଫାଙ୍କା ପଡିଛି। ଏହାସହ ୩୧୬ ସୁଇପର, ରୋଗୀ ସହାୟକ ୩୨୨, ଜମାଦାର ୮, ଅଫିସ ବିଅରର ୧୯, ମାଳି ୧୧, ଚୌକିଦାର ୭, କୁକ ୨୬, ଧୋବି ୧୮, ହେଲ୍ପର ୨୨, ଗେଟ୍ କିପରି ୨୩, ପିଅନ ୧୦ଟି ପଦ ଫାଙ୍କା ଥିବାବେଳେ ଏକ୍ସରେ ଆଟେଣ୍ଡାଣ୍ଟ ଓ ଖବର ବାହକ ଆଦୌ ନାହାନ୍ତି। ଏସ୍‌ସିବି ଭଳି ସର୍ବବୃହତ ରେଫରାଲ ମେଡିକାଲରେ କର୍ମଚାରୀ ଅଭାବ ହେବା ଓ ଦୀର୍ଘ ସମୟ ହେବ ନିଯୁକ୍ତି କରା ନ ଯିବା ଘଟଣା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ନ ଥିବା ସ୍ପଷ୍ଟ ବାରି ହୋଇପଡୁଛି। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ କହିଛନ୍ତି, ରୋଗୀଙ୍କ ଚିକିତ୍ସାକୁ ପ୍ରାଧାନ୍ୟ ଦିଆଯାଉଛି। କର୍ମଚାରୀ ଅଭାବ ରହିଛି, ହେଲେ ଯେତିକି କର୍ମଚାରୀ ଅଛନ୍ତି ସେଥିରେ କାମ କରାଯାଉଛି ବୋଲି ସେ କହିଛନ୍ତି।

# 'ସାହିତ୍ୟ ନ ଥିଲେ ସମାଜ ନାହିଁ'



ଉତ୍କଳ ସାହିତ୍ୟ ସମାଜର ନବ ନିର୍ବାଚିତ ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସାଲେପୁର,୨୨।୧୧(ଅରବିନ୍ଦ ଭୂୟାଁ):**

ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରେ ଶନିବାର ସମ୍ବର୍ଦ୍ଧନା ଉତ୍ସବ ୨୦୨୫ ପାଳନ କରାଯାଇଛି। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମନୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲୋକସେବା ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ଯୋଗଦେଇ ଯଦି ସାହିତ୍ୟ ନାହିଁ ତେବେ ସମାଜ ନାହିଁ, ତେଣୁ ସାହିତ୍ୟକୁ ବ୍ୟାପକ କରିବା ପାଇଁ ନୂଆ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ସନାତନ ଦାଶ, ବିଶିଷ୍ଟ ଅତିଥି ଭାବେ ବରିଷ୍ଠ ଖବରଦାତା ଅକ୍ଷୟ କୁମାର ଦାଶ, ସମ୍ମାନିତ ଅତିଥିଭାବେ କୁଞ୍ଜ ମୋହନ ସେଠୀ, ମୀନକେତନ ଦାସ, ଶିକ୍ଷାବିତ୍ ସମରେନ୍ଦ୍ର ଷଡ଼ଙ୍ଗୀ, ନିରୁପମା ସାମଲ, ସନ୍ଧ୍ୟାରାଣୀ ମଲ୍ଲିକ, ପ୍ରହଲ୍ଲାଦ ସାମଲ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସର୍ବ ପୁରାତନ ଉତ୍କଳ ସାହିତ୍ୟ ସମାଜର ନବନିର୍ବାଚିତ ହୋଇଥିବା ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରିତେଶ ଦାସ ଏବଂ ଶଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# କେନାଲର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି, ୨୨।୧୧ (ଅଶୋକ କୁମାର ମହାପାତ୍ର):**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପଟଣା ଜଳସମ୍ପଦ ବିଭାଗ ଅଧୀନରେ ଥିବା ୮ ଖ କେନାଲର ପୁନରୁଦ୍ଧାର କରାଯିବ। ଏନେଇ ନତକାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶନିବାର ପୂର୍ବାହ୍ନରେ ଶିଳାନ୍ୟାସ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟା ସରସ୍ୱତୀ ରାଉତ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ନାଥ ସାହୁ, ଯତୀନ୍ଦ୍ର ନାଥ ଜେନା, ଆମ୍ବା ସଭାପତି ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ।

**୪୫ ଲକ୍ଷ ଟଙ୍କା ବ୍ୟୟବରାଦ**

କେନାଲ ନତକାଇ ପଞ୍ଚାୟତ ଠାରୁ ମେଘନାଦ ଗହୀର ପର୍ଯ୍ୟନ୍ତ ପୁନରୁଦ୍ଧାର ଓ ଉନ୍ନତୀକରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ୪୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି। ବିଧାୟକ ପ୍ରଥମେ ଶକ୍ତିଶ୍ୱର ମନ୍ଦିର ଯାଇ ଠାକୁର ଦର୍ଶନ ପରେ ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ବେହେରା, ଦିଲୀପ ରାଉତ, ଅମିୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

## ଖଣ୍ଡା ବୁଲାଇ ଦାଦାବଟି ଆଦାୟ: ଜଣେ ଗିରଫ

ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ଅଞ୍ଚଳରେ କେତେ ଜଣ ଯୁବକ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ସହ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅନ୍ଧାରୁଆ ଗଡସାହିର ସାନିଆ ଓରଫ ସନାତନ ବଳିଆରସିଂ(୩୪)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ. ୫୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ପୋଲିସ ସନାତନଙ୍କଠାରୁ ଏକ ବଙ୍ଗାଳୀ କଟୁରି ଓ ମୋବାଇଲ ଫୋନ ଜବତ କରିଛି।

# କଣ୍ଟାପଡ଼ା ବାଳିକା, ବାଳକ ଟିମ୍ ଚାମ୍ପିୟନ

**ଜିଲା ବିଦ୍ୟାଳୟ ସମୂହ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

**ଟିଗିରିଆ,୨୨।୧୧(ଜାଫର ଖାଁ):**



ଟ୍ରଫି ସହ କଣ୍ଟାପଡ଼ାର ବାଳିକା ଓ ବାଳକ ଟିମ୍।

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ ଓ ପୁରୁଣା ଟିଗିରିଆ ମହେଶ୍ୱର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଚାଲିଥିବା ୧୭ ବର୍ଷରୁ କମ୍ କଟକ ଜିଲା ବିଦ୍ୟାଳୟ ସମୁହ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାପଡ଼ା ବ୍ଲକର ଉଭୟ ବାଳିକା ଓ ବାଳକ ଟିମ୍ ଚାମ୍ପିୟନ ହୋଇଛି। ଉଭୟ ସ୍ଥାନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ବାରଙ୍ଗ ବ୍ଲକ ବାଳିକା ଓ ବାଳକ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଟାଇବ୍ରେକର ଜରିଆରେ ଉଭୟ ମ୍ୟାଚ୍ ଶେଷ ହୋଇଥିବାବେଳେ କଣ୍ଟାପଡ଼ାର ବାଳକ ଦଳ ୪-୩ ଗୋଲ୍ ଓ ବାଳିକା ଦଳ ୩-୨ ଗୋଲରେ ବାରଙ୍ଗ ବ୍ଲକକୁ ପରାସ୍ତ କରିଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଅମର କୁମାର ମହାରଣାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ସମ୍ମାନିତ ଅତିଥିଭାବେ କଟକ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବଡ଼ମ୍ବା ବ୍ଲକ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା ଯୋଗଦେଇ କଣ୍ଟାପଡା ବ୍ଲକର ବାଳିକା ଓ ବାଳକ ଟିମ୍‌କୁ ଚାମ୍ପିୟନ ଟ୍ରଫି ଓ ବାରଙ୍ଗ ଦଳକୁ ରନର ଅପ୍ ଟ୍ରଫି ପ୍ରଦାନ କରିଥିଲେ।

## ବସ୍-ବାଇକ୍ ମୁହାଁମୁହିଁ ଧକ୍କା: ଛାତ୍ର ମୃତ

**ଆଠଗଡ, ୨୨।୧୧(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ସ୍ଥିତ ଆଙ୍କୁଲା ପେଟ୍ରୋଲ ପମ୍ପ ନିକଟରେ ଶନିବାର ଭୁବନେଶ୍ୱରରୁ ଅନୁଗୋଳ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଓ ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ବାରମାଣିଆ ଗ୍ରାମର ଜ୍ୟୋତିର୍ମୟ ଓଝା (୨୧)। ସେ ହେଲେ ଟିଗିରିଆସ୍ଥିତ ପ୍ରସନ୍ନମଣି ଶାରିରୀକ ଶିକ୍ଷା ମହାବିଦ୍ୟାଳୟର ଛାତ୍ର। ଜ୍ୟୋତିର୍ମୟ ଓ ତାଙ୍କ ସମ୍ପର୍କୀୟ ଖଗେଶ୍ୱର ମହାରଣା (୨୪) ଏକ ପଲ୍‌ସର ବାଇକ୍ ଯୋଗେ ଘରକୁ ଆସୁଥିଲେ। ଆଙ୍କୁଲା ପେଟ୍ରୋଲ ପମ୍ପ ନିକଟରେ ସୋନୀ ନାମକ ଘରୋଇ ବସ୍ ସହ ବାଇକ୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଦ୍ୱୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଜ୍ୟୋତିର୍ମୟଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅପରପକ୍ଷେ ଖଗେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ମୃତକ ଓ ଆହତଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ଆଠଗଡ଼ ଥାନା ଆଇଆଇସି ସୁମତୀ କୁମାରୀ ମହାନ୍ତି ଘଟଣାସ୍ଥଳରେ ସଦଳବଳ ପହଞ୍ଚି ବାଇକ ଓ ବସ୍ ଜବତ କରିଥିବାବେଳେ ବସ୍ ଚାଳକଙ୍କୁ ଅଟକ ରଖିଛନ୍ତି।

## ଜିଲାସ୍ତରୀୟ ସାଉଣ୍ଡ ଲାଇଟ ସଂଘ ବୈଠକ

ବାଙ୍କୀ,୨୨।୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): କଟକ ଜିଲାର ସାଉଣ୍ଡ ଲାଇଟ ସଂଘ ପକ୍ଷରୁ ଏକ ବୈଠକ ବାଙ୍କୀ ଅଂଶୁପାଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଙ୍କୀ ଉପଖଣ୍ଡର ୨ ବ୍ଲକର ଲାଇଟ ସାଉଣ୍ଡର ମାଲିକମାନେ ଯୋଗଦେଇଥିଲେ। ମନ୍ମଥ ଦାସଙ୍କୁ ସଭାପତି ଭାବେ, ବାପୁଜୀ କୁମାର ସାହୁଙ୍କୁ ସଂପାଦକ ଭାବେ ଏବଂ ଧିରେନ୍ଦ୍ର କୁମାର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଉପସଭାପତି ଅମର କୁମାର ବେହେରା, ମନୋଜ କୁମାର ରଣା, ଅନୀଲ କୁମାର ପାତ୍ରଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd./- (Er. Rashmi Rekha Chattar)
Superintending Engineer, M.I. Division, Keonjhar
OIPR-

OFFICE OF THE EXECUTIVE ENGINEER
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)
E-Procurement Tender Notice (e-Tender Notice)
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E-procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
Jamshedpur.
PR 366797 (Water Resource)25-26*D

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ
(1)ଇ-ଟେଣ୍ଡର ସଂ.51-eT-DENS-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।
(2)ଇ-ଟେଣ୍ଡର ସଂ.27-eT-SDENW-SBP-25
କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।
(3)ଇ-ଟେଣ୍ଡର ସଂ.56-eT-DENE-SBP-25
କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-815/Q/25-26

GOVERNMENT OF ODISHA
No. O-1550
OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)
E-Mail ID: eerwrairangpur@yahoo.com
Letter No. // Date:
"e" Procurement Notice for Road Works | Bid Identification No. - RWDRRP-15/2025-26

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.
OIPR-
Sd./- Er. S. Naik, Executive Engineer, R.W. Division, Rairangpur

DADLS- 65



ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୨୩.୧୧.୨୦୨୫
ସମୟ : ସକାଳ ୯.୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର
ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ : ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
ସାଧାରଣ ସଭା
ମୁଖ୍ୟ ଅତିଥି
ଡ଼ ରବୀନ୍ଦ୍ର ନାରାୟଣ ବେହେରା
ସାଂସଦ, ଯାଜପୁର
ସମ୍ମାନନୀୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର
ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# କୃଷି ସମବାୟ ସମିତି ମାଧ୍ୟମରେ କୃଷକ ଅଧିକ ସଶକ୍ତ ହୋଇପାରିବେ

ନିମାପଡ଼ା,୨୨।୧୧(ବିଚିତ୍ରାନନ୍ଦ ସାହୁ)

ରାଜ୍ୟରେ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ କୃଷକମାନେ ଅଧିକ ସଶକ୍ତ ଓ ବିକାଶଶୀଳ ହୋଇପାରିବେ, କୃଷି ଓ କୃଷକଙ୍କର ବିକାଶ ପାଇଁ ସରକାର ଦୃଢ଼ ସଂକଳ୍ପବଦ୍ଧ ଓ ସଦା ଚେଷ୍ଟିତ। ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ଅଧିକ ସଶକ୍ତ, କ୍ରିୟାଶୀଳ କରିବାକୁ ସରକାର ସବୁମତେ ପ୍ରୟାସ ଓ ଉଦ୍ୟମ ଚଳାଇଛନ୍ତି ବୋଲି ନିମାପଡ଼ାରେ ଆୟୋଜିତ ବିଭିନ୍ନ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି। ନିମାପଡ଼ାରେ ଶନିବାର ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କର ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ବାମନାଳ ମାଇନର କେନାଲବନ୍ଧ ରାସ୍ତାର ଅରିଲୋ ଠାରୁ ଧଳେଶ୍ୱର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ଅଘୋରା ମାଇନର ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତୀକରଣ, ୧କୋଟି ୬୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆମଡଙ୍ଗ ଓ ଆଡେଶା ମାଇନରରେ ଗ୍ରୁପ୍ ୱାଲ ନିର୍ମାଣ କାର୍ଯ୍ୟ, ୧୫ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟରେ ଖଣ୍ଡସାହି ଡିଷ୍ଟ୍ରିବ୍ୟୁଟାରର ବେଉଳିଆପେଙ୍ଗ ଠାରେ ଏକ ପକ୍କା ବ୍ରିଜ୍ ନିର୍ମାଣ କାର୍ଯ୍ୟ ଓ ଧଳେଶ୍ୱର ପଞ୍ଚାୟତର ଧଳେଶ୍ୱର ଗ୍ରାମଠାରେ ୩୧ଲକ୍ଷ ୮୬ହଜାର ଟଙ୍କା ବ୍ୟୟ ଅଟକଳରେ ସମବାୟ ବିଭାଗର ଅଫିସ ଗୃହ ଓ ଗୋଦାମ ଗୃହ ନିର୍ମାଣ, କଣ୍ଟିଆ କାଳପୁର ଠାରେ ୩୦ଲକ୍ଷ ୮୬ହଜାର ଟଙ୍କା ବ୍ୟୟରେ ସମବାୟ ବିଭାଗର ଗୋଦାମ ଗୃହ ଓ ଅଫିସ ଗୃହ ନିର୍ମାଣ, ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଠାରେ ୫୫ଲକ୍ଷ ୬୭ହଜାର ଟଙ୍କା ବ୍ୟୟରେ ଧାନ କ୍ରୟ କେନ୍ଦ୍ର, ଧଳେଶ୍ୱର ଠାରେ ୫୬ଲକ୍ଷ ୪୧ହଜାର ଟଙ୍କା ବ୍ୟୟରେ ଧାନ କ୍ରୟ କେନ୍ଦ୍ର ସମେତ ମୋଟରେ ପ୍ରାୟ ୯କୋଟିଟଙ୍କା ବ୍ୟୟ ଅଟକଳରେ ୮ଟି ନୂତନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ, ସହକାରୀ ନିର୍ବାହୀଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରା, ହେମାମାଳିନୀ ପତି, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଅମିତାଭ ମଲ୍ଲିକ, ସମବାୟ ବିଭାଗର ନିଯନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁଷାନ୍ତ ରାଉତ, ନିମାପଡ଼ା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ପ୍ରଧାନ, ସହକାରୀ ଯନ୍ତ୍ରୀ ଶରତ ପୁଷ୍ପାଳ ରଥ, ଉପଜିଲ୍ଲାପାଳ ଶଙ୍କରଲେଖା ମଲ୍ଲିକ, ଏନ୍‌ଏସିର ଏମ୍ପିଙ୍କ ପ୍ରତିନିଧି ମୀନକେତନ ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ର ନାଥ ସ୍ୱାଇଁ, ସରପଞ୍ଚ ସୁବିଦାନନ୍ଦ ରାଉତରାୟ, ସମିତି ସଭ୍ୟା ବେବିନା ଜେନା, ମଣ୍ଡଳ ସଭାପତି ସନ୍ତୋଷ ପରିଡ଼ା, ଯୁବନେତା ରମେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ।



ନିମାପଡ଼ା ବ୍ଲକର ଧଳେଶ୍ୱର ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭିନ୍ନ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ନୟାହାଟରେ ଅପମିଶ୍ରିତ, ବାସି ଖାଦ୍ୟ ବିକ୍ରି

ଯୋଗେଶ୍ୱରପୁର,୨୨।୧୧(ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାରରେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଛି। ଲୋକେ ଏହାକୁ ଖାଇ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। କେତେକ ଉଠାଦୋକାନୀ ଖୋଲାରେ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ନୟାହାଟ ବସଷ୍ଟାଣ୍ଡ ନିକଟରେ ଥିବା ଉଠାଦୋକାନରେ ଖୋଲାରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀରେ ଧୂଳି ପଡ଼ି ଦୂଷିତ ହେଉଛି। ସେହିପରି ଗ୍ରାହକଙ୍କୁ ବାସି ଖାଦ୍ୟ ପରଷାଯାଉଛି। ଏପରିକି ପୋଡ଼ା ତେଲରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଗ୍ରାହକ ଏଭଳି ଖାଦ୍ୟ ଖାଇ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅପମିଶ୍ରିତ ଓ ବାସି ଖାଦ୍ୟ ବିକ୍ରି କରୁଥିବା ଦୋକାନ ଏବଂ ହୋଟେଲରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯିବା ଉଚିତ ବୋଲି ବାନାରେ ବେହେରା, ଗୁରୁ ପ୍ରସାଦ ଭୋଇ ଓ ପୁନା କାଣ୍ଡି ପ୍ରମୁଖ ମତ ଦେଇଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ବଳଙ୍ଗା,୨୨।୧୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଚନ୍ଦନପୁର ଶାଖା କେନାଲ ବନ୍ଧ ରାସ୍ତା ବଳଙ୍ଗା ଠାରୁ ପାର୍ବତୀପୁର ୫ କି.ମି. ରାସ୍ତାର ଉନ୍ନତୀକରଣ ପାଇଁ ନିମାପଡ଼ା ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶିଳାନ୍ୟାସ କରିଛନ୍ତି। ଫଳରେ କେନାଲ ବନ୍ଧ ରାସ୍ତାରେ ଗମନାଗମନ ହେବା ସହ ଏହାର ଆଖପାଖ ଅଞ୍ଚଳର ଶମ୍ଭୁଭାରତୀ ପାଟଣା, ନାହାମଙ୍ଗ, ଶାହାପୁଡ଼ା, ନଡ଼ୁଆ ତଥା ବଳଙ୍ଗା ଅଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଭାରପ୍ରାପ୍ତ ଅଧିକାରୀ ଅଭୟ କୁମାର ପ୍ରଧାନ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ନାୟକ, ଏମ୍ପିଙ୍କ ପ୍ରତିନିଧି ମୀନକେତ ମହାନ୍ତି, ଯତୀନ୍ଦ୍ର ସ୍ୱାଇଁ, ପ୍ରସନ୍ନ କୁମାର ଦାଶ, ଦେବାଶିଷ ଆଚାର୍ଯ୍ୟ, ରଞ୍ଜନ କୁମାର ପ୍ରଧାନ, ରତ୍ନାକର ମିଶ୍ର, ସରୋଜ କୁମାର ସାହୁ, କୃଷକ ମୋର୍ଚ୍ଚା ଉପ ସଭାପତି ଓ ବଳଙ୍ଗା ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କୃଷକ ଉତ୍ପାଦକ ସଙ୍ଗଠନର ତାଲିମ ଶିବିର

ସାକ୍ଷୀଗୋପାଳ,୨୨।୧୧(ଭରତ ରାଉତ/କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ପୁରୀ ଜିଲ୍ଲାର ୧୧ଟି ବ୍ଲକର ବିଭିନ୍ନ କୃଷକ ଉତ୍ପାଦକ ସଂଘ ନିମନ୍ତେ ସାକ୍ଷୀଗୋପାଳସ୍ଥିତ ପୁରୀ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଦିନିକିଆ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ଟି କୃଷକ ଉତ୍ପାଦକ ସଂଘର ୨୫ ଜଣ କର୍ମକର୍ତ୍ତା, ବୋର୍ଡ ସଭ୍ୟ ଓ ସିଇଓ ପ୍ରମୁଖ ଯୋଗଦେଇ ସେମାନଙ୍କ ସଂଘର ସମସ୍ୟା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟତଃ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ସହିତ ଏହି ଉତ୍ପାଦକ ଗୋଷ୍ଠୀଗୁଡ଼ିକ ଯୋଡ଼ିହେବା ସହ ସେମାନେ କିପରି ଲାଭବାନ ହୋଇପାରିବେ ସେହି ବିଷୟରେ ସତ୍ୟବାଦୀ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅସୀମା ଦାସ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବିଭାଗ ବୈଜ୍ଞାନିକ ଡ. ବିଷ୍ଣୁପଦ ଗିରି, ହାଇଟେକ୍ ଉଦ୍ୟାନ କୃଷି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ମଞ୍ଜୁଳା ତ୍ରିପାଠୀ କାର୍ଯ୍ୟକ୍ରମରେ ଆଜୁ ଉପାଦାନରେ ବିଭାଗର ସହାୟତା ଏବଂ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ସୌମ୍ୟାଶ୍ରୀ ମହାରଣା ମଧ୍ୟ ଆଳୁଚାଷ ଜିଲ୍ଲାରେ କିପରି ଉତ୍ପାଦନ ସହ ସଂରକ୍ଷଣ କରି ରଖିହେବ ତାର ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର ବୈଠକରେ ସାମୂହିକ ଉତ୍ପାଦନ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ବଜାର ସୃଷ୍ଟି କରି ଅଧିକ ଲାଭବାନ ହେବାପାଇଁ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୁମିତା ଆଚାର୍ଯ୍ୟ ଉତ୍ପାଦିତ ଦ୍ରବ୍ୟରେ ମୂଲ୍ୟଯୁକ୍ତ ଖାଦ୍ୟ ପ୍ରସ୍ତୁତି ଏବଂ ତାର ବ୍ରାଣ୍ଡିଙ୍ଗ ଏବଂ ପ୍ୟାକେଜିଂ ଉପରେ ଆଲୋଚନା କରିଥିଲେ। କେନ୍ଦ୍ରର ଯାନ୍ତ୍ରିକ ବୈଜ୍ଞାନିକ ଡ. ଦୀପସିକା ପରମଜିତା କୃଷି ଯାନ୍ତ୍ରିକରଣ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଓୟୁଏଟିର ପରିଚାଳିତ ସେଷ୍ଟର ଅଫ୍ ଏକ୍ସେଲେନ୍ସ କାର୍ଯ୍ୟରତ ଅର୍ପିତା ଖୁଣ୍ଟିଆ ଆଗାମୀ ଦିନରେ ସମସ୍ୟା ସମାଧାନର ଦିଗ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଗୋପ ଥାନା ଅଞ୍ଚଳରେ ମାଳମାଳ ବାଂଲାଦେଶୀ

ଗୋପ,୨୨।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳରେ ଏବେ ମାଳମାଳ ବାଂଲାଦେଶୀ ଥିବାବେଳେ ଦୀର୍ଘ ଦିନ ଧରି ରହି ଆସିଥିବା କେତେଜଣ ସନ୍ଦିଗ୍ଧ ବାଂଲାଦେଶୀ ସେମାନଙ୍କ ନାଁ ଆଧାର କାର୍ଡ ଓ ରାସନ କାର୍ଡରେ ନାମ ରହିଥିବା ଜଣାପଡ଼ିଛି। ଏପରିକି କେତେଜଣ ଗୋପ ଥାନା ଅଞ୍ଚଳରେ ବିବାହ କରିଥିବା ଜଣାପଡ଼ିଛି। ତୁରନ୍ତ ଏହି ସବୁ ବାଂଲାଦେଶୀଙ୍କ ସମ୍ପର୍କରେ ତଦନ୍ତ କରିବା ପାଇଁ ଦାବି ହୋଇଛି।

ପ୍ରକାଶ ଯେ, ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବହୁସଂଖ୍ୟକ ବାଂଲାଦେଶୀ ରହି ବିଭିନ୍ନ ବ୍ୟବସାୟ କରୁଥିବା ସହିତ ବିଭିନ୍ନ ସମୟରେ ବିଭିନ୍ନ ଅପରାଧ ଘଟାଉଥିବା ଭଳି ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ଏବେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ପୋଲିସ ପ୍ରଶାସନ ମଧ୍ୟ ଏପରି ଅଭିଯୋଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଦୀର୍ଘବର୍ଷ ଧରି ଗୋପ ଥାନା ଅଞ୍ଚଳରେ ମାଳମାଳ ବାଂଲାଦେଶୀ ରହିଥିବା ଭଳି ଅଭିଯୋଗ ଆସିଛି। ବିଶେଷ କରି ଏହି ବାଂଲାଦେଶୀ କୁହାଯାଉଥିବା ବ୍ୟକ୍ତିବିଶେଷମାନେ ଥାନା ଓ ବ୍ଲକ ଅଞ୍ଚଳରେ ସାଧାରଣ ଲୋକଙ୍କୁ ନକଲି ଜିନିଷ ବିକ୍ରି କରୁଥିବା ବେଳେ କେତେଜଣ ଚେରମୂଳି ଔଷଧ ନାମରେ ସାଧାରଣ ଲୋକଙ୍କୁ ଠକୁଥିବା ଜଣାପଡ଼ିଛି। ଅପରପକ୍ଷରେ ଏହି ବାଂଲାଦେଶୀ ନାଗରିକ କୁହାଯାଉଥିବା ବ୍ୟକ୍ତିବିଶେଷ ନକଲି ଟଙ୍କା କାରବାର କରୁଥିବା ଭଳି ଅଭିଯୋଗ ରହିଛି। କିଛିଦିନ ତଳେ ମଧ୍ୟ ଗୋପ ବଜାରରେ ବାଂଲାଦେଶୀ ନାଗରିକ ନକଲି ଟଙ୍କା ଦେବା ଜଣାପଡ଼ିବା ପରେ ଫେରାର ହୋଇଥିବା ଜଣାପଡ଼ିଛି। ତୁରନ୍ତ ଜିଲ୍ଲା ଓ ସ୍ଥାନୀୟ ପୋଲିସ ଏହି ସବୁ ବାଂଲାଦେଶୀ ରହୁଥିବା ସ୍ଥାନଗୁଡ଼ିକରେ ଚଢ଼ାଉ କରିବା ଓ ସେମାନେ ଆଧାର କାର୍ଡ, ରାସନ କାର୍ଡ ତଦନ୍ତ କରିବାକୁ ଦାବି କରାଯାଇଛି।

## ଜାତୀୟ ଆମେଚର ଗୋ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଆମେଚର ଗୋ ଆସୋସିଏସନ ଓଡ଼ିଶା ପକ୍ଷରୁ ଅନୁଷ୍ଠିତ ୩ଦିନିଆ ଜାତୀୟ ଆମେଚର ଗୋ କ୍ରୀଡ଼ା ଉତ୍ସବ ଶନିବାର ରାଜ୍ୟ ସଭାପତି ବିନୟ ନୃସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନର ଅଧ୍ୟକ୍ଷ ସମୀର ରଞ୍ଜନ ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମହାନ୍ତି କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ରାଜକିଶୋର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଦେବବ୍ରତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଯୁଥ ହଷ୍ଟେଲ ପରିସରରେ ଗୋ ଆମେଚର କ୍ରୀଡ଼ା ଉଦ୍‌ଘାଟିତ ହୋଇଥିଲା।

## ଗାନ୍ଧୀ ଶିଳ୍ପ ବଜାର ପ୍ରଦର୍ଶନୀ ମେଳା ଉଦ୍‌ଘାଟିତ

କୋଣାର୍କ,୨୨।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଅର୍ବାନ ହାଟ ପରିସରରେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ ଓ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିଭାଗ ମିଳିତ ସହଯୋଗରେ ଓଡ଼ିଶା ଖାଦୀ ଓ ଗ୍ରାମୋଦ୍ୟୋଗ ସଂଘ, ଭୁବନେଶ୍ୱର ଆନୁକୂଲ୍ୟରେ ୭ଦିନିଆ ସର୍ବଭାରତୀୟ ଗାନ୍ଧୀ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଶିଳ୍ପୀ ଗୁରୁ ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ ହସ୍ତଶିଳ୍ପ ବିକାଶ ଆୟୁକ୍ତର ସହାୟକ ନିର୍ଦ୍ଦେଶକ ଭୁବନ ଭାସ୍କର ଓ ରାଜ୍ୟ ହସ୍ତଶିଳ୍ପ ବିକାଶ ଅଧିକାରୀ ବୀର ଭାରତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗାନ୍ଧୀ ଶିଳ୍ପ ବଜାର ମାଧ୍ୟମରେ ହସ୍ତଶିଳ୍ପୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ସୁଲଭ ବଜାର ସୃଷ୍ଟି ହେବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ବୃଦ୍ଧି ପାଇବା ସହ ଆତ୍ମନିର୍ଭରଶୀଳ ପାଇଁ ମାର୍ଗ ପ୍ରସ୍ତୁତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସର୍ବଭାରତୀୟ ଗାନ୍ଧୀ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ କୋଲକାତା, ଝାଡ଼ଖଣ୍ଡ, ବିହାର, ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କାରିଗରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ନେଇ ୪୦ଗୋଟି ଷ୍ଟଲ ପ୍ରଦର୍ଶିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ମିନତୀ ରାଉତ ଓ ଓଡ଼ିଶା ଖାଦୀ ଓ ଗ୍ରାମୋଦ୍ୟୋଗ ସଂଘର ପ୍ରକଳ୍ପ ଅଧିକାରୀ ବେଣୁଧର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଉତ୍ତମ ସମ୍ପର୍କ ସହ ଶାନ୍ତି ଶୃଙ୍ଖଳା ସହ ଚଳିବା

### - ପୋଲିସ ଓ ସାଧାରଣଜନତା ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କ

କାକଟପୁର/ଅସ୍ତରଙ୍ଗ,୨୨।୧୧(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦାକ୍ଷିତ)

ସମୁଦ୍ରକୂଳ ଦେଇ ଅନୁପ୍ରବେଶ ଭୟ ସର୍ବଦା ରହିଛି। ଏହା ଛଡ଼ା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପଶୁଥିବାକୁ ରୋକିବା ସହ ସନ୍ଦିଗ୍ଧଙ୍କୁ ଚିହ୍ନଟ ପାଇଁ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୁଆଗଡ଼ ସାମୁଦ୍ରିକ ଥାନା ୫ ମେ ୨୦୧୪ ମସିହାରେ ସ୍ଥାପିତ ହୋଇଥିଲା। ଗଭୀର ସମୁଦ୍ରକୁ ଯାଉଥିବା ବେଳେ ଯଦି କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅନୁପ୍ରବେଶକାରୀ ଅବା ସନ୍ଦେହଜନକ ସାମଗ୍ରୀ ନଜର ପଡ଼େ, ତେବେ ତୁରନ୍ତ ଏ ନେଇ ପୋଲିସକୁ ସୂଚନା ଦେବା ସହ ସାମୁଦ୍ରିକ ଥାନା ପୋଲିସ ଓ ଜନସାଧାରଣ ସୁସମ୍ପର୍କ ରଖିବା ପାଇଁ ଶନିବାର ପୂର୍ବାହ୍ନରେ ମୁଖ୍ୟ ଅତିଥି ପୁରୀ ଏସ୍‌ପି ପ୍ରତୀକ ସିଂ, ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଡ଼ୀ ଉପସ୍ଥିତ ରହି ଖାଡ଼ିଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ପୋଲିସ କମ୍ୟୁନିଟି କାର୍ଯ୍ୟକ୍ରମରେ ମତ ଦେଇଥିଲେ। ଅସ୍ତରଙ୍ଗ ନିକଟସ୍ଥ ଖାଡ଼ିଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ପୁରୀ ଏସ୍‌ପି ସିଂ, ମୁଖ୍ୟବକ୍ତା ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଡ଼ୀ, ସମ୍ମାନିତ ଅତିଥି ନୁଆଗଡ଼ ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ଖାଡ଼ିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ, ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗା ଚରଣ ମହାପାତ୍ର, ଟେକ୍ନିକାଲ ଷ୍ଟାଫ୍ ମାଷ୍ଟର ପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ଓ ସାଧାରଣ ଜନତା ହେଉଛନ୍ତି ପରସ୍ପର ବନ୍ଧୁ। ମଞ୍ଚ ପରିଚାଳକ ଶୋଭାକର ବେହେରା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR**
**NOTICE INVITING TENDER e-Procurement**
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimated Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd/- (Er. Rashmi Rekha Chattar)
OIPR- Superintending Engineer, M.I. Division, Keonjhar



**OFFICE OF THE EXECUTIVE ENGINEER**
**SUBERNAREKHA CANAL DIVISION, JAMSHEDPUR**
(Email ID: - eescdjsr.chandil@gmail.com)
**E-Procurement Tender Notice (e-Tender Notice)**
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025(5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E-procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer, Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
PR 366797 (Water Resource)25-26*D Jamshedpur.



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ
(1)ଇ-ଟେଣ୍ଡର ସଂ.51-eT-DENS-SBP-25
ଆନୁମାନିକ ମୂଲ୍ୟ (ଟଙ୍କାରେ): 2,95,79,412/-
ବିଡ଼ ସିକ୍ୟୁରିଟି (ଟଙ୍କାରେ): 2,97,900/-
(2)ଇ-ଟେଣ୍ଡର ସଂ.27-eT-SDENW-SBP-25
ଆନୁମାନିକ ମୂଲ୍ୟ (ଟଙ୍କାରେ): 3,03,48,861.98
ବିଡ଼ ସିକ୍ୟୁରିଟି (ଟଙ୍କାରେ): 3,01,800/-
(3)ଇ-ଟେଣ୍ଡର ସଂ.56-eT-DENE-SBP-25
ଆନୁମାନିକ ମୂଲ୍ୟ (ଟଙ୍କାରେ): 37,66,875.20
ବିଡ଼ ସିକ୍ୟୁରିଟି (ଟଙ୍କାରେ): 75,400/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.12.2025
www.ireps.gov.in
PR-815/Q/25-26



**GOVERNMENT OF ODISHA** No. O-1550
**OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)**
E-Mail ID: eerwrairangpur@yahoo.com
Letter No. // Date:
**"e" Procurement Notice for Road Works | Bid Identification No. - RWDRRP-15/2025-26**

| | | |
|---|---|---|
| 1. | Name of the Work | Periodical maintenance of road for the year 2025-26 |
| 2. | Estimated Cost | From Rs 8.05 to 13.59 lakhs (approximately) |
| 3. | Class of Contractor | "D", "C" Class or relevant Class of works licence |
| 4. | Period of Completion | As per Annexure |
| 5. | Tender paper cost | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding From | To | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in
OIPR- Sd/- Er. S. Naik, Executive Engineer, R.W. Division, Rairangpur



DADLS- 65



ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୨୩.୧୧.୨୦୨୫
ସମୟ : ସକାଳ ୯.୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର
ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ
ସମୟ : ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
ସାଧାରଣ ସଭା
ମୁଖ୍ୟ ଅତିଥି
ଡ଼ ରବୀନ୍ଦ୍ର ନାରାୟଣ ବେହେରା
ସାଂସଦ, ଯାଜପୁର
ସମ୍ମାନନୀୟ ବକ୍ତା
ଶ୍ରୀଯୁକ୍ତ ପ୍ରହ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର
ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

# ପକ୍ଷୀ ସଂରକ୍ଷଣ ପାଇଁ ଗଢ଼ିଛନ୍ତି 'ସେନା'

ଜୀବବିଜ୍ଞାନୀ

**ପୂର୍ଣ୍ଣିମା ଦେବୀ ବର୍ମନ**

ଆସାମର ପୂର୍ଣ୍ଣିମା ଦେବୀ ବର୍ମନ ଜଣେ ପ୍ରସିଦ୍ଧ ବନ୍ୟପ୍ରାଣୀ ଜୀବବିଜ୍ଞାନୀ। ବଗ ବା ସାରସ ପ୍ରଜାତିର ପକ୍ଷୀ(ସ୍ଥାନୀୟ ଭାଷାରେ 'ହରଗିଲା' ପକ୍ଷୀ ଭାବରେ ଜଣାଶୁଣା)ର ସଂରକ୍ଷଣ ପାଇଁ ସେ ବେଶ୍ ପ୍ରସିଦ୍ଧ। ପକ୍ଷୀ ସଂରକ୍ଷଣ ପାଇଁ ସେ ହରଗିଲା ସେନା ଗଠନ କରିଛନ୍ତି। ମହିଳାମାନଙ୍କୁ ନେଇ ଗଠିତ ଏହି ସେନାର ପୂର୍ଣ୍ଣିମା ନେତୃତ୍ୱ ନେଉଛନ୍ତି, ଯାହା କେବଳ ଏକ ବିଲୁପ୍ତପ୍ରାୟ ପ୍ରଜାତିକୁ ସୁରକ୍ଷା ଦେଇନାହିଁ ବରଂ ତାଙ୍କ ସମ୍ପ୍ରଦାୟର ମହିଳାମାନଙ୍କୁ ପରିବେଶ ସଂରକ୍ଷଣରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ମଧ୍ୟ ସଶକ୍ତ କରିପାରିଛି।



୨୦୦୭ରେ ଜଣେ ସଂରକ୍ଷଣବାଦୀ ଭାବରେ ପୂର୍ଣ୍ଣିମା ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କୁ ଏକ ଗଛ କଟାଯିବା ନେଇ ସତର୍କ କରାଯାଇଥିଲା। ଆଉ ଉକ୍ତ ଗଛଟି ଗ୍ରେଟର ଆଡ୍‌ଜୁଟାଣ୍ଟ ଷ୍ଟର୍କ ବା ହରଗିଲା ପକ୍ଷୀଙ୍କ ବାସସ୍ଥାନ ଥିଲା। ସେହି ସ୍ଥାନରେ ପୂର୍ଣ୍ଣିମା ପହଞ୍ଚିବା ପରେ, ସେ ଦେଖିଲେ ଯେ ହରଗିଲା ପକ୍ଷୀଙ୍କ ବସା ଭୂମିରେ ପଡ଼ିଯାଇଛି। ସ୍ଥାନୀୟ ଅଞ୍ଚଳର ବିଶ୍ୱାସ ଅନୁସାରେ କୌଣସି ପକ୍ଷୀ ବସା ତଳେ ପଡ଼ିଯିବା ଏକ ଖରାପ ଲକ୍ଷଣ। ଅର୍ଥାତ୍ ଉକ୍ତ ପକ୍ଷୀ ସମୁଦାୟର ବଞ୍ଚିବା ବିପଦରେ। ପୂର୍ଣ୍ଣିମା ଉକ୍ତ ଗଛକଟାକୁ ତୀବ୍ର ବିରୋଧ କରିଥିଲେ। ଏଥିପାଇଁ ତାଙ୍କୁ ତାଙ୍କ ସମ୍ପ୍ରଦାୟର କ୍ରୋଧର ଶିକାର ମଧ୍ୟ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ସେ ପକ୍ଷୀମାନଙ୍କୁ ସୁରକ୍ଷା ଦେବାକୁ ଦୃଢ଼ନିଶ୍ଚିତ ହୋଇ ତାଙ୍କର ଜୀବନବ୍ୟାପୀ ମିଶନ ଆରମ୍ଭ କରିଥିଲେ।

ପୂର୍ଣ୍ଣିମା ହରଗିଲା ସେନା ମାଧ୍ୟମରେ ୨୦,୦୦୦ ମହିଳାଙ୍କ ଏକ ବଡ଼ ନେଟ୍‌ୱର୍କ ଗଠନ କରିଛନ୍ତି, ଯେଉଁମାନେ ସକ୍ରିୟ ଭାବରେ ସାରସ ପକ୍ଷୀଙ୍କ ବସାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରନ୍ତି। ଏହି ଅନନ୍ୟ ପ୍ରଜାତିକୁ ସଂରକ୍ଷଣର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦିଅନ୍ତି। ସେମାନଙ୍କ ସାମୂହିକ ପ୍ରୟାସ ସାରସ ପକ୍ଷୀଙ୍କୁ ସୁରକ୍ଷା ଦେବାରେ ଏବଂ ସେମାନଙ୍କ ସଂଖ୍ୟା ବୃଦ୍ଧି କରିବାରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛି। ଏକଦା ଗୋଟେ ଅଞ୍ଚଳରେ ବିଲୁପ୍ତପ୍ରାୟ ହୋଇଯାଉଥିବା ସାରସ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ଏବେ ୧,୮୦୦ରୁ ଅଧିକ ହୋଇଗଲାଣି। ପୂର୍ଣ୍ଣିମାଙ୍କ ଏହି କାର୍ଯ୍ୟ ବା ରୂପାନ୍ତରଣ ଯୋଗୁ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍)କୁ ହରଗିଲା ପକ୍ଷୀର ସ୍ଥିତିରେ ପୁନଃ ମୂଲ୍ୟାୟନ କରିବାକୁ ପ୍ରେରଣା ଦେଇଛି। ୨୦୨୩ରେ ଉକ୍ତ ପକ୍ଷୀଙ୍କୁ 'ସଙ୍କଟାପନ୍ନ ବିଲୁପ୍ତପ୍ରାୟ (କ୍ରିଟିକାଲ୍ ଏଣ୍ଡେନ୍‌ଜର୍ଡ) ବିବେଚନାରୁ ବିପଦ ନିକଟ (ନିୟର ଥ୍ରେଟେନ୍‌ଡ)କୁ ରୂପାନ୍ତରିତ କରିପାରିଛି। ପୂର୍ଣ୍ଣିମାଙ୍କ ଏହି ଅସାଧାରଣ କାର୍ଯ୍ୟ ଜାତୀୟ ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି, ଯେଉଁଥିପାଇଁ ଜଣେ ଅଗ୍ରଣୀ ସଂରକ୍ଷଣବାଦୀ ଭାବରେ ଟାଇମ୍ସର ୨୦୨୫ ବର୍ଷର ବିଶିଷ୍ଟ ସଂରକ୍ଷଣବାଦୀ ମହିଳା ତାଲିକାରେ ତାଙ୍କ ନାମ ସ୍ଥାନ ପାଇପାରିଛି।

ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଉଥିବା ପୂର୍ଣ୍ଣିମାଙ୍କ ପ୍ରେରଣାଦାୟକ କାହାଣୀ ନିଃସନ୍ଦେହରେ ଏହି କାର୍ଯ୍ୟକ୍ରମକୁ ଅଧିକ ଋଦ୍ଧିମନ୍ତ କରିବା ସହ ଯୁବ ସମାଜକୁ ପରିବେଶ ସୁରକ୍ଷା ଏବଂ ବିଲୁପ୍ତପ୍ରାୟ ପକ୍ଷୀମାନଙ୍କ ସଂରକ୍ଷଣ କରିବା ଦିଗରେ ଏକ ନୂଆ ଦିଶା ଦେଖାଇବାରେ ସହାୟକ ହୋଇପାରିବ।

ଧରିତ୍ରୀ ଯୁବ ସମ୍ମିଳନୀର ପଞ୍ଚମ ସଂସ୍କରଣ ନଭେମ୍ବର ୨୪ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିଶ୍ୱର ଯୁବ ଜଳବାୟୁ ପ୍ରବକ୍ତାମାନଙ୍କୁ ଏକତ୍ରିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। 'ଜଳବାୟୁ ପରିବର୍ତ୍ତନ: ଫାଇଣ୍ଡିଂ ସଲ୍ୟୁଶନ' ବିଷୟବସ୍ତୁ ଆଧାରରେ ଆୟୋଜନ ହେବାକୁ ଥିବା ଏହି ସମ୍ମିଳନୀ ଯୁବପିଢ଼ିଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରା ବାଣ୍ଟିବା, ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲହେବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ କାର୍ଯ୍ୟକ୍ଷମ ସମାଧାନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ। ବିଶ୍ୱ ପରିବେଶ ନୀତି ଏବଂ କାର୍ଯ୍ୟକୁ ସୁସଂଗଠନ ସହିତ ଭବିଷ୍ୟତ ପଦକ୍ଷେପ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ। ଧରିତ୍ରୀ ଯୁବ ସମ୍ମିଳନୀ ଜଳବାୟୁ ପରିବର୍ତ୍ତନ ପାଇଁ ସୃଜନଶୀଳ ଏବଂ ପ୍ରଭାବଶାଳୀ ସମାଧାନ ବିକାଶ କରିବାରେ ଯୁବପିଢ଼ିଙ୍କ ମଧ୍ୟରେ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ। ଏହି କନ୍‌କ୍ଲେଭ୍‌ରେ ବିଶେଷଜ୍ଞଙ୍କ ପ୍ୟାନେଲ୍ ଆଲୋଚନା ସହିତ ପ୍ରମୁଖ ପରିବେଶବିତ୍ ଏବଂ ସଂଗଠନ ସହ ନେଟୱର୍କିଂ ସୁଯୋଗ ପ୍ରଦାନ କରାଯିବ। ଅଂଶଗ୍ରହଣକାରୀମାନେ ପ୍ରସିଦ୍ଧ ବିଶେଷଜ୍ଞମାନଙ୍କଠାରୁ ଶିଖିବା, ଚିନ୍ତାଧାରା ଆଦାନପ୍ରଦାନ କରିବା ଆଦିର ସୁଯୋଗ ପାଇବେ। ଏଥି ସହ ସନ୍ଧ୍ୟାରେ ପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କ ଦ୍ୱାରା ପରିବେଶ ବିଷୟବସ୍ତୁ ଉପରେ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଆୟୋଜନ ହେବ।

DHARITRI YOUTH CONCLAVE 2025
CLIMATE CHANGE: FINDING SOLUTIONS

# ସବୁଜ ସୃଜନର ସଂରକ୍ଷିକା

ପରିବେଶବିତ୍

**ସୁନୀତା ନାରାୟଣ**



ସୁନୀତା ନାରାୟଣ ଜଣେ ପ୍ରମୁଖ ଭାରତୀୟ ପରିବେଶବିତ୍। ବର୍ତ୍ତମାନ ସେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ)ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏଥି ସହ ଅନ୍ତର୍ଜାତୀୟ ପତ୍ରିକା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦିକା ଭାବେ କାର୍ଯ୍ୟ କରୁଛନ୍ତି। ପରିବେଶ ସଂରକ୍ଷଣ, ଜଳ ସଞ୍ଚୟ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ସୁନୀତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ୧୯୬୧ରେ ନୂଆଦିଲ୍ଲୀଠାରେ ଜନ୍ମିତ ସୁନୀତା ୧୯୮୨ରେ ସିଏସ୍‌ଇରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେଠାରେ ସେ ଜଣେ ଅଗ୍ରଣୀ ପରିବେଶବିତ୍ ଅନିଲ ଅଗ୍ରୱାଲଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲେ। ସେମାନେ ମିଳିତ ଭାବେ 'ଷ୍ଟେଟ୍ ଅଫ୍ ଇଣ୍ଡିଆସ୍ ଏନ୍‌ଭାଇରନ୍‌ମେଣ୍ଟ'ର ସହ-ସମ୍ପାଦନା କରିଥିଲେ। ଏଥି ସହ 'ଟୁ-ୱାର୍ଡସ୍ ଗ୍ରୀନ୍ ଭିଲେଜେସ୍' ରଚନା କରିଥିଲେ। ଏହା ସମ୍ପ୍ରଦାୟ-ନେତୃତ୍ୱାଧୀନ ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ଅଂଶଗ୍ରହଣକାରୀ ଗଣତନ୍ତ୍ର ଉପରେ ଗୁରୁତ୍ୱାରୋପ କରିଥିଲା। ୧୯୯୩ରେ ସେ ସିଏସ୍‌ଇର ଡେପୁଟି ଡାଇରେକ୍ଟର ଭାବେ ପଦୋନ୍ନତି ପାଇବା ପରେ ୨୦୦୦ ମସିହାରୁ ଏହାର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ସୁନୀତାଙ୍କ କାର୍ଯ୍ୟ ସାମାଜିକ ନ୍ୟାୟ ସହିତ ପରିବେଶଗତ ପ୍ରସଙ୍ଗଗୁଡ଼ିକୁ ସମନ୍ୱିତ କରିବା ଉପରେ ଗୁରୁତ୍ୱ ବହନ କରିଥାଏ। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ପରିଚାଳନା, ପରିମଳ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଆଦି କ୍ଷେତ୍ରରେ ତାଙ୍କର ଢେର୍ ଅବଦାନ ରହିଛି। ଦଶନ୍ଧି ଧରି ସେ ମୌଳିକ ପରିବେଶଗତ ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଆସୁଛନ୍ତି। ବର୍ଷ ବର୍ଷ ଧରି ତାଙ୍କର ସଚେତନତା ଅଭିଯାନର ପରିସର ବୃଦ୍ଧି ପାଇଛି। ପରିବେଶଗତ ସମସ୍ୟା ବ୍ୟତୀତ ସେ ନକ୍ସଲବାଦ, ରାଜନୈତିକ ଦୁର୍ନୀତି, ବ୍ୟାଘ୍ର ଏବଂ ବୃକ୍ଷ ସଂରକ୍ଷଣ ସହିତ ଅନ୍ୟାନ୍ୟ ସାମାଜିକ ସମସ୍ୟା ଉପରେ ମଧ୍ୟ ନିଜର ଗୁରୁତ୍ୱପୂର୍ଣ୍ଣ ମତ ରଖୁଛନ୍ତି।

ପରିବେଶ କ୍ଷେତ୍ରରେ ଏଭଳି ଅବଦାନ ପାଇଁ ତାଙ୍କୁ ୨୦୦୫ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ୨୦୧୬ରେ ତାଙ୍କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଭାବେ ଟାଇମ୍-୧୦୦ରେ ଅନ୍ତର୍ଭୁକ୍ତ କରାଯାଇଛି। ସିଏସ୍‌ଇରେ ନିଜର ନେତୃତ୍ୱ ମାଧ୍ୟମରେ ସୁନୀତା ବୈଜ୍ଞାନିକ ଜ୍ଞାନ, ସାମାଜିକ ସମାନତା ଏବଂ ବ୍ୟବହାରିକ ସମାଧାନରେ ମୂଳ ପରିବେଶବାଦର ଏକ ଦୃଷ୍ଟିକୋଣ ପ୍ରସ୍ତୁତ କରିଛନ୍ତି, ଯାହା ତାଙ୍କୁ ବିଶ୍ୱ ପରିବେଶ ଆନ୍ଦୋଳନରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ପ୍ରମାଣିତ କରିଛି। ଧରିତ୍ରୀ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀର ପଞ୍ଚମ ସଂସ୍କରଣରେ ସେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତା ନେଇ ସମ୍ବୋଧିତ କରିବେ।

# ସବୁଜିମା ସୁରକ୍ଷାର ଅନନ୍ୟ ନାୟିକା

ପରିବେଶବିତ୍

**ଚାମୀ ମୁର୍ମୁ**

ଧରିତ୍ରୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ପରିବେଶକର୍ମୀ ଚାମୀ ମୁର୍ମୁ। ଗଛ ଲଗାଇବା କ୍ଷେତ୍ରରେ ତାଙ୍କର ଅସାଧାରଣ ପ୍ରୟାସ ପାଇଁ ସାରା ଭାରତରେ ସେ ବେଶ୍ ଜଣାଶୁଣା। ୧୯୭୩ରେ ଜନ୍ମିତ ଚାମୀ ଝାଡ଼ଖଣ୍ଡର ଷଢ଼େଇକଳା ଖରସୁଆଁ ଜିଲାର ବାଗ୍ରାଇସାଇ ଗ୍ରାମର ବାସିନ୍ଦା। ୧୯୯୬ରେ ସେ ଆରମ୍ଭ କରିଥିଲେ ତାଙ୍କର ମିଶନ୍। ଇତି ମଧ୍ୟରେ ସେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଛନ୍ତି। ସେ କାଠମାଫିଆ ଏବଂ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ନିର୍ଭୀକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଏଭଳି ପ୍ରୟାସ ଜଙ୍ଗଲ କ୍ଷୟକୁ ପ୍ରତିହତ କରିବାରେ ସଫଳ ହୋଇଛି। ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତାଙ୍କର ତୃଣମୂଳ ଆନ୍ଦୋଳନ ଏବେ ଏକ ବିପ୍ଳବରେ ପରିଣତ ହୋଇଛି। ହଜିଯାଇଥିବା ସବୁଜିମାର ପୁନରୁଦ୍ଧାର ଏବଂ ସମାଜ ପାଇଁ ସ୍ଥାୟୀ ଭବିଷ୍ୟତ ପ୍ରଦାନ ଆଶାରେ ଚାମୀ ପ୍ରଥମେ ତାଙ୍କ ଗ୍ରାମରେ ଚାରା ରୋପଣ ଆରମ୍ଭ କରିଥିଲେ। ପରେ ତାଙ୍କର ଏହି ପ୍ରୟାସକୁ ଅନ୍ୟମାନେ ପ୍ରୋତ୍ସାହିତ କରିଥିଲେ। ୨୦୨୦ରେ ସେ ପ୍ରାୟ ୩,୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ 'ସହଯୋଗୀ ମହିଳା ବାଗରାଇସାଇ' ନାମକ ଏକ ସଂଗଠନ ଗଢ଼ିଛନ୍ତି। ଏହି ସଂଗଠନ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କାର୍ଯ୍ୟ କରୁଛି। ଛେଳି, କୁକୁଡ଼ା ପାଳନ ସହିତ ଆଧୁନିକ ଚାଷ ମାଧ୍ୟମରେ ଆତ୍ମନିର୍ଭର ହେବା ସହ ପରିବେଶ ସୁରକ୍ଷା ଏବଂ ସାମାଜିକ ସଶକ୍ତୀକରଣ ପାଇଁ ଉତ୍ସର୍ଗୀକୃତ। ତାଙ୍କର ଅବଦାନ କେବଳ ପରିବେଶକୁ ପୁନରୁଦ୍ଧାର କରିନାହିଁ ବରଂ ସମ୍ପ୍ରଦାୟ ନେତୃତ୍ୱାଧୀନ ସଂରକ୍ଷଣ ପ୍ରୟାସର ଗୁରୁତ୍ୱ ଉପରେ ସଚେତନତା ବୃଦ୍ଧି କରିଛି। ଏଭଳି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଚାମୀଙ୍କୁ ୨୦୨୪ରେ ଭାରତର 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରାଯାଇଥିଲା। ଏହା ପୂର୍ବରୁ ୨୦୧୯ରେ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ଦ୍ୱାରା 'ନାରୀ ଶକ୍ତି ପୁରସ୍କାର'ରେ ସେ ସମ୍ମାନିତ ହୋଇଥିଲେ। ସେହିପରି ଚାମୀ ତାଙ୍କର ସହଯୋଗୀ କର୍ମୀ ଯମୁନା ଟୁଡୁଙ୍କ ସହ ମିଶିବା ନେଇ ପୂର୍ବରୁ ଘୋଷଣା କରିଛନ୍ତି। ଯାହାଙ୍କ ସହ ସେ ଝାଡ଼ଖଣ୍ଡର ଜଙ୍ଗଲ ସୁରକ୍ଷା ପାଇଁ କାମ କରି 'ଲେଡି ଟାର୍ଜନ' ଉପାଧି ପାଇଥିଲେ। ଏହି ଦୁଇ ମହିଳା ଅଧିକ ସମ୍ପ୍ରଦାୟ ସହିତ ସହଯୋଗ କରି ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ପରିବେଶ ଆନ୍ଦୋଳନ ସୃଷ୍ଟି କରି ସେମାନଙ୍କର ପ୍ରଭାବକୁ ବିସ୍ତାର କରିବାକୁ ପ୍ରୟାସ ଜାରି ରଖିଛନ୍ତି।



ନଭେମ୍ବର ୨୪ରେ ଚାମୀ ମୁର୍ମୁ ଭୁବନେଶ୍ୱରରେ ଆୟୋଜିତ 'ଧରିତ୍ରୀ' ଯୁବ ସମ୍ମିଳନୀର ୫ମ ସଂସ୍କରଣରେ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର' ପାଇବେ। ଏହି ପୁରସ୍କାର ପରିବେଶ ସଂରକ୍ଷଣରେ ତାଙ୍କର ଦଶନ୍ଧି ଧର ଜାରି ରହିଥିବା କାର୍ଯ୍ୟ ଏବଂ ଜଙ୍ଗଲ କ୍ଷୟ ବିରୋଧରେ ଲଢ଼େଇ, ବିଶେଷକରି ମହିଳାମାନଙ୍କୁ ସଶକ୍ତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନିତ କରୁଛି। ଧରିତ୍ରୀ ଯୁବ ସମ୍ମିଳନୀ ଉତ୍କୃଷ୍ଟ ପରିବର୍ତ୍ତନକାରୀଙ୍କୁ ସ୍ୱୀକୃତି ଦେବା ଏବଂ ଏହି ପୁରସ୍କାର ତାଙ୍କ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ଉଭା ହେବ।

# ହ୍ରଦ ସୁରକ୍ଷାର ଜାଗ୍ରତ ପ୍ରହରୀ

ପରିବେଶବିତ୍

**ଅରୁଣ କ୍ରିଷ୍ଣମୂର୍ତ୍ତି**

ଚେନ୍ନାଇର ମୁଦିଚରରେ ଜନ୍ମିତ ଅରୁଣ କ୍ରିଷ୍ଣମୂର୍ତ୍ତି ପରିବେଶ ସୁରକ୍ଷାକୁନେଇ ବେଶ୍ ସମ୍ବେଦନଶୀଳ। ଭାରତର ବିଭିନ୍ନ ହ୍ରଦ ସଫେଇ ଅଭିଯାନରେ ତାଙ୍କ ଯୋଗଦାନ ବେଶ୍ ଉଲ୍ଲେଖନୀୟ। ତାଙ୍କ ଉଦ୍ୟମରେ ଅନ୍ତର୍ଜାତୀୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ସଂଗଠନ 'ଏନ୍‌ଭାଇରନମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ' ବା 'ଇଏଫ୍‌ଆଇ' ପ୍ରତିଷ୍ଠା ହୋଇଛି। ଅରୁଣ ଏବଂ ତାଙ୍କ ସଂସ୍ଥା ପକ୍ଷରୁ ଶତାଧିକ ହ୍ରଦ ସଫା କରିବାରେ ସଫଳ ହୋଇଛନ୍ତି। ମାଡ୍ରାସ ଖ୍ରୀଷ୍ଟିଆନ କଲେଜରୁ ମାଇକ୍ରୋବାୟୋଲୋଜିରେ ସ୍ନାତକ ଶିକ୍ଷା ଶେଷ ପରେ ହାଇଦ୍ରାବାଦରେ ଗୁଗଲ୍‌ରେ ଅରୁଣ ୩ବର୍ଷ କାମ କରିଥିଲେ। ଏହାପରେ ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ସି)କୁ ପଢ଼ିବା ପାଇଁ ଯାଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୮ରେ ଗୁଡଅଲ୍ସ ରୁଟ୍‌ସ ଆଣ୍ଡ ସୁଟ୍‌ସ'ରେ କାମ କରିଥିଲେ। ଏହାବ୍ୟତୀତ ଅରୁଣ ପରିବେଶ ସମ୍ବନ୍ଧୀୟ ଡକ୍ୟୁମେଣ୍ଟାରି ଫିଲ୍ମର ନିର୍ଦ୍ଦେଶନା ପାଇଁ ଜଣାଶୁଣା। ତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ଟେଲିଭିଜନରେ ପ୍ରସାରିତ ହୋଇଛି। ବିଶେଷକରି ତାମିଲନାଡୁର ନଦୀଗୁଡ଼ିକ ଉପରେ ସେ କରିଥିବା ଟ୍ରାଭେଲ ଡକ୍ୟୁମେଣ୍ଟାରି ଫିଲ୍ମ ବେଶ୍ ଲୋକାଦୃତି ହାସଲ କରିଛି। ୨୦୧୨ରେ ସମ୍ମାନଜନକ 'ରୋଲେକ୍ସ ଆୱାର୍ଡସ ଫର୍ ଏଣ୍ଟରପ୍ରାଇଜେସ' ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ୫ଜଣଙ୍କ ମଧ୍ୟରେ ଅରୁଣ ଥିଲେ ସର୍ବକନିଷ୍ଠ। ଭାରତରେ ହ୍ରଦ ପୁନରୁଦ୍ଧାର ଦିଗରେ ନିରନ୍ତର ପ୍ରୟାସ ପାଇଁ ଜେନେଭାଠାରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ନିଜର କାର୍ଯ୍ୟଦକ୍ଷତା ପାଇଁ ସେ ୨୦୧୦ରେ 'ୟୁଥ୍ ଲିଡରଶିପ୍', ୨୦୧୧ରେ 'ଗୁଗଲ୍ ଆଲୁମ୍ନି ଇମ୍ପାକ୍ଟ', ୨୦୦୨ରେ ନେକ୍ସଟ ଜେନେରେଶନ ଲିଡର ଭାବେ ସେ ମନୋନୀତ ହୋଇଥିଲେ। ଏଥିସହିତ ଅରୁଣ ତାଙ୍କର ମନୋମୁଗ୍ଧକର ଭାଷଣ ପାଇଁ ମଧ୍ୟ ବେଶ୍ ଜଣାଶୁଣା। ତାଙ୍କ ଅଭିଭାଷଣରେ ନଦୀ, ହ୍ରଦ, ବନ୍ୟପ୍ରାଣୀଙ୍କ ସୁରକ୍ଷା ସର୍ବଦା ପ୍ରାଥମିକତା ପାଇଥାଏ। ଧରିତ୍ରୀ' ପକ୍ଷରୁ ନଭେମ୍ବର ୨୪ରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି ମଡରେଟର ଭାବେ ଯୋଗଦେବେ।



ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ସୃଷ୍ଟି କ୍ଷେତ୍ରରେ ମିତ୍ ସିଜରିଆ ସକ୍ରିୟ ଭୂମିକା ନିର୍ବାହ କରି ଆସୁଛନ୍ତି। ଆଉ ଖୁବ୍ କମ୍ ସମୟ ଅବଧି ମଧ୍ୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶହୀଦ ସୁଖଦେବ କଲେଜ ଅଫ୍ ବିଜ୍‌ନେସ୍ ଷ୍ଟଡିଜ୍‌ର ଦ୍ୱିତୀୟ ବର୍ଷ ଛାତ୍ର। ମିତ୍ କ୍ଲାଟ୍ ୨୦୨୪ରେ ସର୍ବଭାରତୀୟ ର୍‍ୟାଙ୍କ-୫୪୯ (୯୯.୫%) ଏବଂ ଭାରତୀୟ ଦର୍ଶନ ଅଲିମ୍ପିଆଡ୍‌ରେ ସର୍ବଭାରତୀୟ ର୍‍ୟାଙ୍କ-୧ ପ୍ରାପ୍ତ କରିଛନ୍ତି। ମିତ୍ କମନ୍‌ୱେଲ୍‌ଥ ୟୁଥ୍ କ୍ଲାଇମେଟ୍ ଚେଞ୍ଜ ନେଟ୍‌ୱର୍କରେ ଭାଗୀଦାରି ଏବଂ ହିତାଧିକାରୀଙ୍କ ଉପାଧ୍ୟକ୍ଷ ଭାବେ ୫୬ଟି ଦେଶ ଏବଂ ୧.୫ ବିଲିୟନ ଯୁବକଙ୍କ ସ୍ୱରକୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିସହ ସେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ୩୦ ବର୍ଷରୁ କମ୍ ବୟସର ନେଟ୍‌ୱର୍କର ଦକ୍ଷିଣ ଏସିଆର ସବୁଠାରୁ କନିଷ୍ଠ ଶେପର୍ଙ୍କ ମଧ୍ୟରୁ ଅନ୍ୟତମ। ୨୦୨୩ରେ ଗ୍ରୀସ୍‌ରେ ହୋଇଥିବା ଅନ୍ତର୍ଜାତୀୟ ଦର୍ଶନ ଅଲିମ୍ପିଆଡ୍ ପାଇଁ ଭାରତର ସରକାରୀ ପ୍ରତିନିଧି ଭାବେ ମିତ୍ ଯୋଗଦେଇଥିଲେ। ଇଣ୍ଡୋନେସିଆରେ ଅନ୍ତର୍ଜାତୀୟ ଭୂଗୋଳ ଅଲିମ୍ପିଆଡ୍ ପାଇଁ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ମିତ୍ ହେଉଛନ୍ତି 'ଦି ଇଣ୍ଡିଆନ୍ ବିଦ୍ୟାର୍ଥୀ' ପ୍ରତିଷ୍ଠାତା। ଏହି ଯୁବ ସଂଗଠନ ୨୦ଟି ଦେଶର ୧୫୦ଟି ସହରରେ କାର୍ଯ୍ୟ କରିବା ସହ କ୍ଷମତା- ନିର୍ମାଣ ପଦକ୍ଷେପ ମାଧ୍ୟମରେ ଏହି ସଂଗଠନ ଯୁବକମାନଙ୍କୁ ସଶକ୍ତ କରୁଛି। ସେ ହଲ୍ଟ ପ୍ରାଇଜ୍ ଇଣ୍ଡିଆର ଇକୋସିଷ୍ଟମ୍ ନିର୍ଦ୍ଦେଶକ ଭାବେ ବିଶ୍ୱର ସର୍ବବୃହତ୍ ଛାତ୍ର ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆୟୋଜନରେ ସହାୟତା କରୁଛନ୍ତି। ଏକାଡେମିକ୍ କାଉନ୍‌ସିଲ ଫର୍ ଦି ୟୁନାଇଟେଡ ନେଶନ୍ସ ସିଷ୍ଟମ (ଏସିୟୁଏନ୍‌ଏସ୍) ଏବଂ ଗ୍ଲୋବାଲ ୟୁଥ୍ ବାୟୋଡାଇଭର୍ସିଟି ନେଟ୍‌ୱର୍କ (ଜିୱାଇବିଏନ୍) ଭଳି ସଂଗଠନ ସହିତ ଜଡ଼ିତ ରହିବା ଏକ ସ୍ଥାୟୀ, ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନରେ ସହାୟକ ହୋଇପାରିଛି।

# ସଚେତନତାର ବାର୍ତ୍ତାବହ

ପରିବେଶବିତ୍

**ମିତ୍ ସିଜରିଆ**



ଚଳିତ ଧରିତ୍ରୀ ଯୁବ ସମ୍ମିଳନୀରେ ମିତ୍ ସିଜରିଆ ପ୍ୟାନେଲିଷ୍ଟ ଭାବେ ଯୋଗଦେବା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ସମାଧାନ ଉପରେ ତାଙ୍କର ଅଭିମତ ରଖିବେ। ତାଙ୍କର ଅଂଶଗ୍ରହଣ ପରବର୍ତ୍ତୀ ପିଢ଼ିର ଜଳବାୟୁ ପ୍ରବକ୍ତାଙ୍କୁ ସଶକ୍ତ କରିବ ଏବଂ ବିଶ୍ୱସ୍ତରରେ ପରିବର୍ତ୍ତନକାରୀ ଆନ୍ଦୋଳନ ସୃଷ୍ଟିରେ ସହାୟକ ହୋଇପାରିବ।

# ପରିବେଶ ଓ ସାମୁଦ୍ରିକ ସଂରକ୍ଷଣର କର୍ଣ୍ଣଧାର

ପରିବେଶବିତ୍

**କାର୍ତ୍ତିକ ଶଙ୍କର**

ଜଣେ ଆଗ ଧାଡ଼ିର ପରିବେଶବିତ୍ ଭାବେ ବେଶ୍ ଜଣାଶୁଣା କାର୍ତ୍ତିକ ଶଙ୍କର। ତାଙ୍କର ଗବେଷଣା ପର୍ବତ ଓ ସାମୁଦ୍ରିକ ଉଭୟ ପ୍ରଣାଳୀ ଉପରେ ଆଧାରିତ। କାର୍ତ୍ତିକ ଗତ ୨୦ବର୍ଷ ଧରି ସେ ସାମୁଦ୍ରିକ କଇଁଛ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଛନ୍ତି। ବିଶେଷକରି ସେ ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଉପରେ ଗବେଷଣା କରୁଛନ୍ତି। ଏହା ସାମୁଦ୍ରିକ ସଂରକ୍ଷଣ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ସଂରକ୍ଷଣ, ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ସ୍ଥାୟୀ ବିକାଶ ପାଇଁ କାମ କରୁଥିବା ସଂଗଠନ 'ଦକ୍ଷିନ୍ ଫାଉଣ୍ଡେଶନ୍'ର ସେ ପ୍ରତିଷ୍ଠାତା ଟ୍ରଷ୍ଟି । ବର୍ତ୍ତମାନ ବାଙ୍ଗାଲୋରର ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍‌ସି)ର ପରିବେଶ ବିଜ୍ଞାନ କେନ୍ଦ୍ର (ସିଇଏସ୍)ରେ ସେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସେଠାରେ ବେଙ୍ଗ, ସରୀସୃପ, ପକ୍ଷୀ, ଉଦ୍ଭିଦ ଏବଂ ରିଫ୍ ମାଛ ସହିତ ଅନ୍ୟ ସାମୁଦ୍ରିକ ଜୀବଙ୍କ ଉପରେ ଛାତ୍ରଙ୍କ ଦ୍ୱାରା କରାଯାଉଥିବା ଗବେଷଣାକୁ ତଦାରଖ କରୁଛନ୍ତି। ସେ ଭାରତରେ ସାମୁଦ୍ରିକ କଇଁଛ ସଂରକ୍ଷଣର ଐତିହାସିକ ବିବରଣୀ ସମ୍ପନ୍ନ 'ଫ୍ରମ୍ ସୁପ୍ ଟୁ ସୁପରଷ୍ଟାର' ପୁସ୍ତକର ଲେଖକ। ଏଥିସହିତ କାର୍ତ୍ତିକ ଅବସର ସମୟରେ ପିଲାଙ୍କ କାହାଣୀ ମାଧ୍ୟମରେ ସେମାନଙ୍କ ମନକୁ ଭିନ୍ନ ରାଇଜକୁ ନେବାକୁ ଚେଷ୍ଟା କରନ୍ତି; ଯେଉଁଥିରେ 'ଲୋରିସ୍ ମ୍ୟାଜିକାଲ ମିଷ୍ଟ୍ରି', 'ଟର୍ଟଲ ଷ୍ଟୋରି', 'ଦି ଆଡ୍‌ଭେଞ୍ଚର୍ସ ଅଫ୍ ଫିଲାଉଟସ ଫ୍ରଗ୍' ଏବଂ 'ମୁନ୍‌ଲାଇଟ ଇନ୍ ଦି ସି' ଅନ୍ତର୍ଭୁକ୍ତ। ପରିବେଶର ସଂରକ୍ଷଣ, ସ୍ଥାୟୀ ଜୀବିକା, ସାମାଜିକ ବିକାଶ ଆଦିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ କାର୍ତ୍ତିକ 'ଦକ୍ଷିନ୍ ଫାଉଣ୍ଡେଶନ୍' ଜରିଆରେ ଆଗକୁ ବଢ଼ି ଚାଲିଛନ୍ତି। ନଭେମ୍ବର ୨୪ରେ ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ 'ଯୁବ ସମ୍ମିଳନୀ ୨୦୨୫'ରେ କାର୍ତ୍ତିକ ଶଙ୍କର ପ୍ୟାନେଲିଷ୍ଟ ଭାବରେ ଯୋଗଦେବେ। ତାଙ୍କର ବିଶେଷ ଅଭିଜ୍ଞତା ଏବଂ ଅନ୍ତର୍ଦୃଷ୍ଟି ଧରିତ୍ରୀ ଯୁବ ସମ୍ମିଳନୀକୁ ସମୃଦ୍ଧ କରିବ, ଯାହା ପରବର୍ତ୍ତୀ ପିଢ଼ିର ଜଳବାୟୁ ସଂରକ୍ଷଣର ଅଗ୍ରଗାମୀଙ୍କୁ ପ୍ରେରଣା ଦେବ।



DHARITRI
YOUTH
CONCLAVE 2025
CLIMATE CHANGE:
FINDING SOLUTIONS





## ସଂହତି, ସଂଯୋଗର ସେତୁ ଆଣ୍ଡ୍ର୍ୟୁ ଫ୍ଲେମିଂ

ଧରିତ୍ରୀ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀର ୫ମ ସଂସ୍କରଣରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବ୍ରିଟିଶ ଡେପୁଟି ହାଇ କମିଶନର ଆଣ୍ଡ୍ର୍ୟୁ ଫ୍ଲେମିଂ। ସେ ଏବେ କୋଲକାତାରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ୫ବର୍ଷ ପାଇଁ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ବ୍ରିଟିଶ ଡେପୁଟି ହାଇ କମିଶନର ଭାବେ କାର୍ଯ୍ୟ କରିଥିଲେ। ତତ୍‌ପରେ ବେଙ୍ଗାଲୁରୁରେ ସ୍ୱତନ୍ତ୍ର ଅସ୍ଥାୟୀ ଡ୍ୟୁଟି ଅଧିକାରୀ ଭାବରେ ନିଯୁକ୍ତ ହୋଇଥିଲେ। ୟୁକେ(ମିଳିତ ଯୁକ୍ତରାଜ୍ୟ ବା ଇଂଲଣ୍ଡ) ଏବଂ ସେ କାର୍ଯ୍ୟ କରୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ବ୍ୟବସାୟ, ବାଣିଜ୍ୟକୁ ପ୍ରୋତ୍ସାହନ, ଗବେଷଣା ଏବଂ ସହଭାଗିତାରେ ଆଗ୍ରହୀ ଶିକ୍ଷାନୁଷ୍ଠାନକୁ ଚିହ୍ନଟ ସହ ସ୍ଥାନୀୟ ସମସ୍ୟାଗୁଡ଼ିକୁ ବୁଝିବା ଆଦି ଅନ୍ତର୍ଭୁକ୍ତ ରହିଛି। ହାଇଦ୍ରାବାଦକୁ ଏକ ସ୍ୱଚ୍ଛ ସହର ଭାବେ ପରିଣତ କରିବା ଲକ୍ଷ୍ୟରେ ସେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଅନ୍ୟମାନଙ୍କୁ ଏଥିରେ ସାମିଲ୍ ହେବାକୁ ପ୍ରୋତ୍ସାହିତ କରିଥିଲେ। ଡେପୁଟି ହାଇ କମିଶନ୍‌ର ମୁଖ୍ୟ ଭାବରେ ସେ ସଂହତି ଏବଂ ଆନ୍ତଃ ଧର୍ମ, ମହିଳା ବିରୋଧୀ ହିଂସା, ମାନବ ଚାଲାଣ, ଶିଶୁ ଯୌନ ନିର୍ଯାତନା ଏବଂ ଯୁବ ସଶକ୍ତୀକରଣ ଉପରେ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସହଯୋଗ କରି ଆସୁଛନ୍ତି। ଆଣ୍ଡ୍ର୍ୟୁ ୧୯୮୬ରେ ବ୍ରିଟିଶ ସିଭିଲ ସର୍ଭିସରେ ଯୋଗଦେଇ ୟୁକେ ଏବଂ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେ ଦକ୍ଷିଣ ଏସିଆ ସମେତ ବିଶ୍ୱର ଅନେକ ସ୍ଥାନରେ ଅନ୍ତର୍ଜାତୀୟ ନୀତି ପ୍ରସଙ୍ଗରେ କାର୍ଯ୍ୟ କରିବା ସହ ଏ ପର୍ଯ୍ୟନ୍ତ ୧୧୭ଟି ଦେଶ ପରିଦର୍ଶନ କରିସାରିଛନ୍ତି।

## ହାତୀଙ୍କ ସାଥୀ ଦେବବ୍ରତ ସ୍ୱାଇଁ



ହାତୀଙ୍କ ସୁରକ୍ଷା, ସେମାନଙ୍କ ସଂରକ୍ଷଣ ଏବଂ ବିଶେଷକରି ମଣିଷ-ହାତୀ ସଂଘର୍ଷ ହ୍ରାସ ନେଇ ଉତ୍ସର୍ଗୀକୃତ ସଂଗଠନ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ହେଉଛନ୍ତି ଦେବବ୍ରତ ସ୍ୱାଇଁ। ସେ ଜଣେ ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଏବଂ ଓଡ଼ିଶା ଲୋକାୟୁକ୍ତର ପୂର୍ବତନ ସଦସ୍ୟ। ଫାଉଣ୍ଡେଶନ ଜରିଆରେ ଦେବବ୍ରତ ଓଡ଼ିଶା ଏବଂ ଏହାର ସୀମାବର୍ତ୍ତୀ ଅଞ୍ଚଳରେ ବୃଦ୍ଧି ପାଉଥିବା ମଣିଷ-ହାତୀ ସଂଘର୍ଷର ସମାଧାନ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନିମନ୍ତେ ସକ୍ରିୟ ଭାବେ ଯୋଗଦାନ କରିଆସୁଛନ୍ତି। ଏଥିସହ ସ୍ଥାନୀୟ ଗ୍ରାମବାସୀ ଏବଂ ବନ ବିଭାଗ ମଧ୍ୟରେ ବିଶ୍ୱାସ ଦୃଢ଼ କରିବା, ସମ୍ପ୍ରଦାୟ ସମ୍ପର୍କ ଏବଂ ଜନସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ହାତୀମାନଙ୍କ ଗତିବିଧିକୁ ତଦାରଖ କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ କରିଡର ପଦଯାତ୍ରା କରାଯାଉଛି। ଏହାବାଦ୍ ସେ ଜଣେ ଉଚ୍ଚକୋଟୀର ଲେଖକ। ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସିକ୍ରେଟସ୍ ଅଫ୍ ଶିମିଳିପାଳ: ଏ ୱାଣ୍ଡରଲ୍ୟାଣ୍ଡ ଅଫ୍ ଏଲିଫାଣ୍ଟସ୍ ଆଣ୍ଡ ମେଲାନିଷ୍ଟିକ୍ ଟାଇଗର୍ସ' ଅନେକ ଆଦୃତି ଲାଭ କରିଛି। ଧରିତ୍ରୀ ଯୁବ ସମ୍ମିଳନୀରେ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ ଦେବବ୍ରତ ନିଜର ଅଭିମତ ପ୍ରକାଶ କରିବା ସହ ନିଜର ଅଭିଜ୍ଞତା ବଖାଣିବେ।

## ଗୀତରେ ବାର୍ତ୍ତା ଦେବେ ରାହଗିର



ସୋସିଆଲ ମିଡିଆରେ ଏକ ପ୍ରକାର ଝଡ଼ ସୃଷ୍ଟି କରିଥିବା 'ଆଦ୍ ମୀ ଚୁତିୟା ହୈ, କୁଛ୍ ଭି ଚାହତା ହୈ' ଭାଇରାଲ ଗୀତ ପଛରେ ଥିବା କଣ୍ଠର ଯାଦୁକର ହେଉଛନ୍ତି ରାହଗିର। ତାଙ୍କର ପ୍ରକୃତ ନାମ ସୁନୀଲ କୁମାର ଗୁର୍ଜ୍ଜର। ୧୯୯୩ ମେ ୧୮ରେ ରାଜସ୍ଥାନର ସିକରରେ ଜନ୍ମିତ ଏହି ବ୍ୟକ୍ତିତ୍ୱ ଏକାଧାରରେ କଣ୍ଠଶିଳ୍ପୀ, ଗୀତିକାର ଏବଂ ସଙ୍ଗୀତକାର। 'ଆଦ୍‌ମୀ ଚୁତିୟା ହୈ' ଗୀତଟି ୟୁଟ୍ୟୁବ୍ ଚ୍ୟାନେଲରେ ୬ ନିୟୁତରୁ ଅଧିକ ଭ୍ୟୁ ଏବଂ ସ୍ପଟିଫାଏରେ ୧୦ନିୟୁତରୁ ଅଧିକ ଷ୍ଟ୍ରିମ୍ ସହିତ ଭାଇରାଲ ହିଟ୍ ହୋଇଛି। 'ଫୁଲୋଁ କି ଲାଶୋଁ ମେଁ ତାଜଗି ଚାହତା ହୈ, ଆଦ୍‌ମୀ ଚୁତିୟା ହୈ, କୁଛ୍ ଭି ଚାହତା ହୈ' ଏକ ଟ୍ରେଣ୍ଡ ହୋଇଗଲା। ରାହଗିରଙ୍କ ସଙ୍ଗୀତ ଯାତ୍ରା ସେତେ ସହଜ ନ ଥିଲା। ରାଜସ୍ଥାନର ଏକ ଗାଁରେ ପିଲାଦିନ ବିତାଇବା ସହ ଇନ୍ଦିରା ସିନିୟର ସେକେଣ୍ଡାରି ସ୍କୁଲରୁ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ସେ ତାଙ୍କ ପରିବାରରେ ପ୍ରଥମ ବ୍ୟକ୍ତି ଥିଲେ, ଯିଏ କି ଇଞ୍ଜିନିୟର ହୋଇଥିଲେ। ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ ପ୍ରାୟ ଦେଢ ବର୍ଷ ଧରି ସେ ଉଚ୍ଚ ବେତନର ଚାକିରି କରିଥିଲେ। ମାତ୍ର ୨୦୧୬ରେ ସଙ୍ଗୀତ ପ୍ରତି ତାଙ୍କର ଅହେତୁକ ଆଗ୍ରହକୁ ଗୁରୁତ୍ୱ ଦେଇ ସେ ଚାକିରି ଛାଡ଼ିଥିଲେ। ବବ୍ ଡିଲାନ ଏବଂ ଜନି କ୍ୟାଶ୍‌ଙ୍କ ଭଳି କିମ୍ବଦନ୍ତୀ ସଙ୍ଗୀତଜ୍ଞଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ କବିତା ଲେଖିବା ଆରମ୍ଭ କରିଥିଲେ ଏବଂ ସେଗୁଡ଼ିକ ଗୀତରେ ପରିଣତ ହୋଇଥିଲା। 'ଅସ୍‌ଲି ଦୋପହର', 'ତନ୍ ଖା ଗୟି ୟେ ତନ୍‌ଖା' ଭଳି ଗୀତଗୁଡ଼ିକରେ ସାମାଜିକ ବାର୍ତ୍ତା ରହିଛି। ତାଙ୍କର ପ୍ରାୟତଃ କାବ୍ୟିକ ପଦ୍ୟରେ ସାମାଜିକ ସମସ୍ୟାଗୁଡ଼ିକର ସମାଧାନ ଭରି ରହିଥାଏ। ନଭେମ୍ବର ୨୪ରେ ଧରିତ୍ରୀ ଯୁବ ସମ୍ମିଳନୀରେ ରାହଗିର ଉପସ୍ଥିତ ସକଳଙ୍କ ନିକଟରେ ତାଙ୍କର ଶକ୍ତିଶାଳୀ ବାର୍ତ୍ତା ଏବଂ ଅର୍ଥପୂର୍ଣ୍ଣ ସଙ୍ଗୀତ ପରିବେଷଣ କରିବେ।

## ରାଜ୍ୟ ଖବର

## ବିଜେଡି ପିଏସି ବୈଠକରେ ନୂଆପଡ଼ା ଫଳାଫଳର ତର୍ଜମା



ପିଏସି ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଶନିବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଙ୍ଗଠନିକ ସ୍ଥିତି ଏବଂ ନୂଆପଡ଼ା ଉପନିର୍ବାଚନରେ ବିପର୍ଯ୍ୟୟ ବିଷୟରେ ବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏଥିରେ ପିଏସିର ୮ ସଦସ୍ୟଙ୍କ ସହ ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଦେବୀପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଦୀର୍ଘ ସମୟ ଧରି ଚାଲିଥିବା ଏହି ବୈଠକ ସରିବା ପରେ ନବୀନ ନିବାସରୁ ବାହାରକୁ ଆସି ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ନବୀନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେଲା। ଏହି ଅବସରରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ଯେପରି ଭାବେ ସରକାରୀ ଦଳ କଳ, ବଳ, କୌଶଳ ଏବଂ ବାହୁ ଓ ଅର୍ଥ ବଳ ଖର୍ଚ୍ଚ କରିବା ସହ ଇଭିଏମ୍ ବ୍ୟବହାରକରି ଭୋଟ ନେଇଛନ୍ତି ସେନେଇ ଆଲୋଚନା ହେଲା। ନୂଆପଡ଼ାର ୬୩ଟି ବୁଥ୍‌ରେ ଲୋକଙ୍କୁ ଭୋଟ ଦିଆ ନ କରାଇଦେଇ ରିଗିଂ କରିଛନ୍ତି ସେନେଇ ମଧ୍ୟ ଆଲୋଚନା ହେଲା। ସେହି ୬୩ଟି ବୁଥ୍‌ରେ ସେମାନେ ଇଭିଏମ୍ ଦ୍ୱାରା ହେଉ ବା ବୁଥ୍ କ୍ୟାପ୍‌ଚରକରି ବିଜେଡି ଭୋଟ ଜବରଦସ୍ତ ନେଇଛନ୍ତି। ଖୁବ୍‌ଶୀଘ୍ର ଏ ବିଷୟକୁ ଗଭୀରତାର ସହ ଆଲୋଚନାକରି ପଦକ୍ଷେପ ନିଆଯିବ। ପ୍ରତ୍ୟେକ ବୁଥ୍‌ରେ ତର୍ଜମା କରାଯିବ। ଉପନିର୍ବାଚନର ୨ ଦିନ ପୂର୍ବରୁ ବିଜେଡି ନିର୍ବାଚନ କମିଶନଙ୍କୁ ଭେଟି ଏ ବିଷୟରେ ମଧ୍ୟ ଅବଗତ କରାଇଥିଲା। ଆଗକୁ ସବୁ ତର୍ଜମାକରିବା ପରେ ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଦଳ ଫେରାଦ ହେବ ବୋଲି ପ୍ରମିଳା କହିଛନ୍ତି।

## ଅବୈଜ୍ଞାନିକ ପଦ୍ଧତିରେ ନିର୍ମିତ ବସ୍‌କୁ ଅଙ୍କୁଶ ନାହିଁ

**ଯାଜପୁର,୨୨।୧୧(ହର୍ଷବର୍ଦ୍ଧନ ବେହେରା)**

### ୩ ବର୍ଷରେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ମୃତ

ଅବୈଜ୍ଞାନିକ ଭାବେ ନିର୍ମାଣ ହେଉଥିବା ଘରୋଇ ବସ୍‌ଗୁଡ଼ିକର ଫିଟ୍‌ନେସ ଯାଞ୍ଚ କରିବାରେ ଅନେକ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଏବଂ ମୋଟର ଯାନ ନିରୀକ୍ଷକ (ଏମ୍‌ଭିଆଇ) ବିଫଳ ହେଉଛନ୍ତି। ଫଳରେ ଏଭଳି ବସ୍‌ଗୁଡ଼ିକର ଯାତ୍ରୀଙ୍କ ଜୀବନ ପ୍ରତି ଗୁରୁତର ବିପଦ ରହୁଛି। କେତେକାଂଶରେ ଯାତ୍ରୀଙ୍କ ଜୀବନ ଯାଉଥିବା ନଜିର ରହିଛି। ଏହି ଅଭିଯୋଗ ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁସଚିବ ଏସ୍.କେ. ମହାରଥୀ ୧୮।୧୧।୨୦୨୫ରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କଟକ ପରିବହନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦେଶରେ ବର୍ଷକୁ ପ୍ରାୟ ୧.୬୦ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଗତ ୩ ବର୍ଷରେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଏହା ଦେଶର ସଡ଼କ ଦୁର୍ଘଟଣା ମୃତ୍ୟୁରେ ସର୍ବାଧିକ। ୨୦୨୪ରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣାରେ ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଏଭଳିସ୍ଥଳେ ସାମାଜିକ କର୍ମୀ ଗାଞ୍ଜି ଶ୍ରୀନିବାସ ରାଓ ବେଆଇନ ଓ ଅବୈଜ୍ଞାନିକ ପଦ୍ଧତିରେ ବସ୍ ନିର୍ମାଣ ହେଉଥିବା ନେଇ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶା ମଧ୍ୟରେ ଚାଲୁଥିବା ଅଧିକାଂଶ ଘରୋଇ ବସ୍ ଅନଧିକୃତ କାରଖାନାରେ ନିର୍ମାଣ ହେଉଛି, ଯାହା ଅଟୋମୋଟିଭ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ(ଏଆଇଏସ୍) ଏବଂ ସେଣ୍ଟ୍ରାଲ ମୋଟର ଭେହିକିଲ ରୁଲ୍ସ(ସିଏମ୍‌ଭିଆର)କୁ ଉଲ୍ଲଂଘନ କରୁଛି। ଏହି ବସ୍‌ଗୁଡ଼ିକ ଯାତ୍ରୀ ପରିବହନ ପାଇଁ ଅନୁପଯୁକ୍ତ। ଏଥିରେ ପ୍ରତିଷେଧକ ସୁରକ୍ଷା ପଦକ୍ଷେପର ଅଭାବ ରହିଛି। ଭଳି ଗୁରୁତର ଅନିୟମିତତା ଉପରେ ଆର୍‌ଟିଓ ଏବଂ ଏମ୍‌ଭିଆଇ ଅଧିକାରୀମାନେ ଉପଯୁକ୍ତ ଯାଞ୍ଚ କରିପାରୁ ନ ଥିବାରୁ ସେମାନଙ୍କ ନିଷ୍କ୍ରିୟତା ଓ କର୍ତ୍ତବ୍ୟରେ ଘୋର ଅବହେଳାକୁ ଦର୍ଶାଉଛି। ତେଣୁ ଅବୈଜ୍ଞାନିକ ପଦ୍ଧତିରେ ତିଆରି ହେଉଥିବା ବସ୍‌ଗୁଡ଼ିକ ଦ୍ୱାରା ଘଟୁଥିବା ଦୁର୍ଘଟଣାଜନିତ ମୃତ୍ୟୁକୁ ହତ୍ୟା ଭାବେ ବିବେଚନା କରାଯିବା ଉଚିତ। ଏହି କ୍ରମରେ ବୈଷୟିକ ସୁରକ୍ଷା ଯାଞ୍ଚ ସମାପ୍ତ ନହେବା ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶାରେ ଏଭଳି ସମସ୍ତ ଅବୈଧ ବସ୍ ଚଳାଚଳକୁ ତୁରନ୍ତ ବନ୍ଦ କରିବାକୁ ଅଭିଯୋଗକାରୀ ଦାବି କରିଛନ୍ତି। ଏହାବାଦ୍ ପରିବହନ, ଅଗ୍ନିଶମ, ପୋଲିସ ଏବଂ ଅଟୋମେଟିଭ ବିଶେଷଜ୍ଞଙ୍କୁ ନେଇ ଏକ ମିଳିତ ଯାଞ୍ଚ କମିଟି ଗଠନ କରି ଅବୈଜ୍ଞାନିକ ବସ୍ ବଡି ନିର୍ମାଣକାରୀ ସଂସ୍ଥା ଏବଂ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅନ୍ୟପକ୍ଷେ ବସ୍‌ଗୁଡ଼ିକରେ ସୁରକ୍ଷା ମାନଦଣ୍ଡ ଲାଗୁ କରିବାରେ ବିଫଳ ହୋଇଥିବା ଆର୍‌ଟିଓ ଓ ଏମ୍‌ଭିଆଇମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦିଆଯାଇଛି।

## ପିସିସି ପକ୍ଷରୁ ପ୍ରତିଭା ଅନ୍ୱେଷଣ ଆରମ୍ଭ

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

ଦେଶରେ ଯୁବବର୍ଗଙ୍କ ପ୍ରତିଭାକୁ ସବୁବେଳେ କଂଗ୍ରେସ ଅଗ୍ରାଧିକାର ଦେବା ସହ ସୁଯୋଗ ସୃଷ୍ଟି କରିଛି। ଏହି ପରିପେକ୍ଷୀରେ ଜାତୀୟ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସାମାଜିକ ଗଣମାଧ୍ୟମ ତରଫରୁ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଆବେଦନ ନିମନ୍ତେ କ୍ୟୁଆର୍ କୋଡ୍ ଜାରି କରାଯାଇଛି। ମୁଖପାତ୍ର, ଉପସ୍ଥାପକ, ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସମୀକ୍ଷକ ପାଇଁ ଇଚ୍ଛୁକ ଯୁବବର୍ଗଙ୍କ ଆବେଦନ ପାଇଁ କଂଗ୍ରେସ ଆହ୍ୱାନ ଜଣାଇଛି। ଓଡ଼ିଶା କଂଗ୍ରେସ ସାମାଜିକ ମିଡିଆ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ରାଜ୍ୟ ସଂଯୋଜକ ଭାବେ ସୁଦର୍ଶନ ଦାସ ଏବଂ ସହ ସଂଯୋଜକ ପ୍ରଶାନ୍ତ ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମର ବହୁଳ ପ୍ରଚାରପ୍ରସାର ଏବଂ ଅଧିକରୁ ଅଧିକ ପ୍ରତିଯୋଗୀ ଯେମିତି ଭାଗନେବାକୁ ସୁଯୋଗ ପାଇବେ ସେଥିପାଇଁ ରାଜ୍ୟକୁ ୬ ଜୋନ୍‌ରେ ବିଭକ୍ତକରି ୬ ଜୋନ୍ ସଂଯୋଜକ ଏବଂ ୫ ଲେଖାଏ ସ୍ୱେଚ୍ଛାସେବୀ ପ୍ରତ୍ୟେକ ଜୋନ୍‌ରେ ନିଯୁକ୍ତ କରିଛି। ଏହାସହ ଜିଲାସ୍ତରରେ ଜିଲା କଂଗ୍ରେସ ସଭାପତିଙ୍କ ସହ ୨ ଜଣ ଲେଖାଏ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଜାତୀୟ ସଂଯୋଜକ ମହିମା ସିଂହ ଓ ଆବା ଅଜାସ ହାଫିଜଙ୍କ ତତ୍ତ୍ୱାବଧାନରେ ଶନିବାର କଂଗ୍ରେସ ଭବନଠାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସାମାଜିକ ଗଣମାଧ୍ୟମରେ ଉନ୍ମୋଚନ ହୋଇଯାଇଛି।

## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୨।୧୧**
**(ଗୌରୀଶଙ୍କର ପଣ୍ଡା/ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନାରେ ୩୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୋଲିସ ପାଇଁ ଏହା ବଡ଼ ସଫଳତା ହୋଇଥିବା ମାଓ ସଂଗଠନକୁ ଶକ୍ତ ଧକ୍କା ଲାଗିଛି। ସେମାନଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ୨ ଟପ୍ ମାଓବାଦୀ ନେତା ତଥା ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ କୋୟାଡା ସାମ୍ବାଇ ଓରଫ୍ ଆଜାନ୍ ଓ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି। ତେଲଙ୍ଗାନା ଡିଜିପିଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି।

## 'ଦାୟିତ୍ୱ ନିର୍ବାହରେ ଅସମର୍ଥ ହେଲେ ଯୁକ୍ତି ବାଢ଼ିବାକୁ କସରତ ଚାଲେ'

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

### ଦଳର ଶୀର୍ଷ ନେତୃତ୍ୱଙ୍କୁ ଅରୁଣଙ୍କ ଟାର୍ଗେଟ୍ ନେଇ ଚର୍ଚ୍ଚା

ବିଜେଡିର ଲଗାତର ନିର୍ବାଚନୀ ବିପର୍ଯ୍ୟୟ ପରେ ଦଳର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ ପୁଣି ଥରେ ଶୀର୍ଷ ନେତୃତ୍ୱଙ୍କୁ ଇସାରା କରି ଟେରଛା ବାଣ ମାରିଛନ୍ତି। ଶୀର୍ଷ ନେତୃତ୍ୱକୁ ସେ ପ୍ରଶ୍ନ କରିବା ସହ ପରୋକ୍ଷରେ ଉତ୍ତରଦାୟିତ୍ୱର ଶିକ୍ଷା ଦେଇଛନ୍ତି। ନୂଆପଡ଼ା ଉପନିର୍ବାଚନରେ ଲଜ୍ଜାଜନକ ପରାଜୟ ପରେ ଶୁକ୍ରବାର ନୟାଗଡ଼ରେ ଅନୁଷ୍ଠିତ ବରିଷ୍ଠ ନାଗରିକ ସଭାରେ ଅରୁଣ ଦେଇଥିବା ଭାଷଣ ଦଳରେ ହଇଚଇ ସୃଷ୍ଟି କରିଛି। ସେ କହିଛନ୍ତି, ଉତ୍ତରଦାୟିତ୍ୱ ନିଜ ଉପରକୁ ନ ନେଇ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ବୋଲି ଅଧିକ କସରତ ଚାଲିଛି। ଦାୟିତ୍ୱ ନିର୍ବାହ କରିବାରେ ତୁମେ ଅସମର୍ଥ କହି ଯେତେ ପ୍ରକାର ଯୁକ୍ତି ବଢ଼ାଯାଇପାରିବ ସେଥିରେ ଖୁବ୍ ଜୋରରେ ମନୋନିବେଶ କରାଯାଇଥାଏ। ଗତ ସରକାରଗୁଡ଼ିକର ତ୍ରୁଟିର ପରିଣାମ ବର୍ତ୍ତମାନ ଭୟଙ୍କର ହେଉଛି। ଅଫିସରଙ୍କଠାରୁ ନେଇ ଅନ୍ୟ ଯେଉଁମାନେ ଦାୟିତ୍ୱ ନିଅନ୍ତି ସେମାନଙ୍କ ତ୍ରୁଟି ପାଇଁ ଏବେ ସମାଜ କ୍ଷତିଗ୍ରସ୍ତ। ଅଫିସର ରାଜୁତି କଥା କହି ବିଜେଡି ଶାସନକୁ ସେ ପରୋକ୍ଷରେ ନିଶାନା କରିଛନ୍ତି। ଅନ୍ୟପଟେ ବିଜେଡିର ବରିଷ୍ଠ ନେତା ଭୂପିନ୍ଦର ସିଂ ମଧ୍ୟ ନୂଆପଡ଼ା ବିପର୍ଯ୍ୟୟକୁ ନେଇ ଦଳର ପରିଚାଳନାକୁ ଦାୟୀ କରିଛନ୍ତି। କଳାହାଣ୍ଡି ନେତା ସହ ନୂଆପଡ଼ା ଅଭିଜ୍ଞତା ଥାଇ ବି ଦଳ ତାଙ୍କୁ ନୂଆପଡ଼ା ଉପନିର୍ବାଚନରୁ ଦୂରେଇ ରଖିଲା। ଦଳ ଅଣଦେଖାକରି ୩ ନମ୍ବରରେ ରହିଲା ବୋଲି ଭୂପିନ୍ଦର କହିଛନ୍ତି। ହେଲେ ଏନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

## କନ୍ଧମାଳରୁ ଆରମ୍ଭ ହେବ ବଡ଼ ମାଓବାଦୀ ଅପରେଶନ

**ଫୁଲବାଣୀ/ରାଇକିଆ/ ଭୁବନେଶ୍ୱର, ୨୨।୧୧ (ରାକେଶ କୁମାର ରାଉତ/ ପ୍ରଦୀପ ବେହେରା/ ତ୍ରିନାଥ ମହାନ୍ତି)**

କନ୍ଧମାଳରୁ ଆରମ୍ଭ ହେବ ମାଓବାଦୀ ଅପରେଶନ। ବିଶେଷ କରି କନ୍ଧମାଳ ଜିଲା ବାଲିଗୁଡ଼ା ସବ୍‌ଡିଭିଜନ୍ ଉପରେ ପୋଲିସର ଫୋକସ୍ ରହିଛି। ଏଠାରେ ଏକାଧିକ ମାଓବାଦୀ ସକ୍ରିୟ ଥିବା ନେଇ ଖବର ମିଳିଥିବାରୁ ଏହି ଅଞ୍ଚଳ ଉପରେ ପୋଲିସର ନଜର ରହିଛି। ପ୍ରଥମେ ମାଓବାଦୀ ଅପରେଶନ୍‌କୁ ସେଠାରେ ଜୋର୍‌ଦାର କରାଯିବ। କନ୍ଧମାଳରେ ମାଓବାଦୀ ବିରୋଧୀ ଅପରେଶନର ସମୀକ୍ଷା ବେଳେ ଏଭଳି କହିଛନ୍ତି ପୋଲିସ ଡିଜି ୱାଇ. ବି. ଖୁରାନିଆ। ସେ ଆହୁରି କହିଛନ୍ତି, ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୂଳପୋଛ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଉକ୍ତ ସମୟ ମଧ୍ୟରେ ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ଟାର୍ଗେଟ କରାଯାଇଛି। ମାଓବାଦୀଙ୍କୁ ସରେଣ୍ଡର ପାଇଁ ସ୍ୱତନ୍ତ୍ର ପଲିସି ରହିଛି। ଯେଉଁମାନେ ସରେଣ୍ଡର କରିବେ ପଲିସି ଅନୁସାରେ ସୁବିଧା ପାଇବେ। ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲେ ପୋଲିସ ସେମାନଙ୍କୁ ସବୁ ସୁବିଧା ଦେବେ। ଓଡ଼ିଶାରେ ୮୦ରୁ ୮୫ ମାଓବାଦୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୫ ଓଡ଼ିଆ, ବାକି ସବୁ ଅଣ ଓଡ଼ିଆ। ତେଣୁ ପୋଲିସ ଅପରେଶନ୍ କରିବା ଆଗରୁ ସେମାନେ ଆତ୍ମସମର୍ପଣ କରନ୍ତୁ ବୋଲି ଡିଜିପି କହିଛନ୍ତି। ଦୁଇଦିନିଆ ଗସ୍ତରେ ଡିଜିପି ଶୁକ୍ରବାର ବୌଦ୍ଧ ଜିଲା ଏବଂ ଶନିବାର ଫୁଲବାଣୀରେ ପହଞ୍ଚି ମାଓବାଦୀ ଅପରେଶନର ସମୀକ୍ଷା କରିଛନ୍ତି। ଡିଜିପିଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ମାଓବାଦୀ ଅପରେଶନ ନେଇ ଏସ୍‌ପି ମୁଖ୍ୟାଳୟରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଆଣ୍ଟି ନକ୍ସଲ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଭାଗ ନେଇଥିଲେ। କନ୍ଧମାଳ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ମାଓବାଦୀ ମୁକାବିଲା, ଗଞ୍ଜେଇ ଚାଷ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। କନ୍ଧମାଳରେ ମାଓବାଦୀ ଅପରେଶନ ପାଇଁ ଡିଜିପି ସମସ୍ତ ସୁରକ୍ଷା ବାହିନୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। କିଭଳି ଏବଂ କେଉଁ ସ୍ଥାନରୁ ଅପରେଶନ ପ୍ରଥମେ ଆରମ୍ଭ କରାଯିବ, ସେନେଇ ସବୁ କିଛି ଡିଜିପି ଆଲୋଚନାରେ କହିଛନ୍ତି। ବିଶେଷ କରି ଏହି ଅପରେଶନ୍‌ରେ ପୋଲିସ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଆପଣାଇବାକୁ କୁହାଯାଇଛି। ଡ୍ରୋନ୍, ସନ୍ଧାନୀ କୁକୁର, ବିସ୍ଫୋରକ ଠାବକାରୀ ଯନ୍ତ୍ର ଏବଂ ସାଟଲାଇଟ୍ ଫଟୋ ଅଣାଯିବ। ତେଣୁ ପୋଲିସର ଏହି ବଡ଼ ଅପରେଶନ ଯୋଗୁ ମାଓବାଦୀ ଖସିଯିବା ସହଜ ହେବ ନାହିଁ। ଗତ କିଛି ଦିନ ହେଲା ରାଇକିଆରେ ମାଓବାଦୀ ତଲାସୀକୁ ଜୋରଦାର କରାଯାଉଛି। କନ୍ଧମାଳରେ ମାଓବାଦୀ ସେଣ୍ଟ୍ରାଲ କମିଟି ମେମ୍ବର ତଥା ତେଲଙ୍ଗାନାର ମୋଷ୍ଟ ୱାଣ୍ଟେଡ ଗଣେଶ ଆତ୍ମଗୋପନ କରିଛି। ନାଲଗୋଣ୍ଡା ଜିଲାର ଗଣେଶ ନାଁରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ତେଣୁ କନ୍ଧମାଳରେ ବଡ଼ ଧରଣର ଅପରେଶନ ପାଇଁ ଡିଜିପି ଆହ୍ୱାନ ଦେଇଛନ୍ତି। ଡିଜିପି ରାଇକିଆ ଥାନା ପେନାମାଲାରେ ନିର୍ମାଣାଧୀନ ଥିବା ୧୧୮ ନମ୍ବର ବିଏସ୍‌ଏଫ୍ କ୍ୟାମ୍ପକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ନିୟୋଜିତ ଯବାନଙ୍କ ସହ ବରିଷ୍ଠ ପୋଲିସ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟର ଆଲୋଚନା କରିଥିଲେ। ଏନେଇ ଆଣ୍ଟି ମାଓବାଦୀ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ବର୍ତ୍ତମାନ ମାଓବାଦୀ ଅପରେଶନ୍ ଜାରି ରହିଛି। ଏବେ ଡିଜିପିଙ୍କ ନିର୍ଦ୍ଦେଶ ପରେ ଏହାକୁ ଜୋରଦାର କରାଯିବ। ଆକାଶ ମାର୍ଗରୁ ଡ୍ରୋନ୍ ଉଡ଼ାଯାଇ ମାଓବାଦୀଙ୍କ ଗତିବିଧି ଠାବ କରାଯାଉଛି। ଯଦି କିଛି ଖବର ମିଳୁଛି ତୁରନ୍ତ ସେଠାରେ ସୁରକ୍ଷାବାହିନୀ ବଡ଼ ଆକ୍ସନ ନେଉଛନ୍ତି।

ସେହିପରି କନ୍ଧମାଳ ଜିଲା ଏସ୍‌ପି ହରିଶ ବିସି କହିଛନ୍ତି, ଡିଜିପିଙ୍କ ନିର୍ଦ୍ଦେଶ ପରେ ପୁରା ଜିଲାରୁ ମାଓବାଦୀଙ୍କୁ ମୂଳୋତ୍ପାଟନ କରାଯିବ। ବିଶେଷ କରି ବାଲିଗୁଡ଼ା ପାଇଁ ଆମର ଭିନ୍ନ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଅପରେଶନ୍ କରାଯିବ ବୋଲି ଏସ୍‌ପି କହିଛନ୍ତି।



କନ୍ଧମାଳ ଗସ୍ତରେ ଆସିଥିବା ପୋଲିସ ଡିଜି ୱାଇ. ବି ଖୁରାନିଆ।

### ପୋଲିସ ଫୋକସରେ ବାଲିଗୁଡ଼ା ସବ୍‌ଡିଭିଜନ

- ଡ୍ରୋନ୍ ମାଧ୍ୟମରେ ଆକାଶ ମାର୍ଗରୁ ନଜର ରଖାଯିବ
- ମାର୍ଚ୍ଚ ସୁଦ୍ଧା ଜିଲା ହେବ ମାଓବାଦୀ ମୁକ୍ତ
- ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଜିପିଙ୍କ ଆହ୍ୱାନ

## ସଂକ୍ଷେପରେ

### ୨୬ରୁ 'ରାଗୋତ୍ସବ'

ଭୁବନେଶ୍ୱର,୨୨।୧୧(ସୌମ୍ୟରଞ୍ଜନ ରାଉତ)- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ଆସନ୍ତା ୨୬ରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ତିନିଦିନିଆ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରାଗୋତ୍ସବ' ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେଉଛି 'ତେଜିନ୍ଦର ସିଂ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'। ଉଦ୍‌ଘାଟନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଡ. ଶ୍ୟାମାମଣୀ ଦେବୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ପ୍ରତି ସନ୍ଧ୍ୟାରେ ଦେଶର ବିଶିଷ୍ଟ କଳାକାରଙ୍କ ଦ୍ୱାରା ୨ଟି ଉପସ୍ଥାପନା ପ୍ରଦର୍ଶିତ ହେବ। ସର୍ବସାଧାରଣଙ୍କ ପାଇଁ ଏହି ସଙ୍ଗୀତ କାର୍ଯ୍ୟକ୍ରମ ଖୋଲାରହିଛି ବୋଲି ଭାରତୀୟ ବିଦ୍ୟାଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ, ଉପସଭାପତି ରାଜେନ୍ଦ୍ର ସିଂହ, କୋଷାଧ୍ୟକ୍ଷ ଜିପି ପାଣିଗ୍ରାହୀ ପ୍ରମୁଖ ସୂଚନା ଦେଇଛନ୍ତି। ମ୍ୟୁଜିକ୍ ସର୍କଲ ପ୍ରତି ମାସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ସେଥିମଧ୍ୟରୁ ୩ଦିନିଆ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରାଗୋତ୍ସବ' ନଭେମ୍ବରରେ ଅନୁଷ୍ଠିତ ହୋଇଥାଏ। ଏଥିରେ ହିନ୍ଦୁସ୍ଥାନୀ, କର୍ନାଟକୀ ଏବଂ ଓଡ଼ିଶା ଧାରାର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ ଉପସ୍ଥାପନ କରାଯାଇଥାଏ।

### ଖଣ୍ଡା ବୁଲାଇ ଦାଦାବଟି ଆଦାୟ: ଜଣେ ଗିରଫ

ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ): ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ଅଞ୍ଚଳରେ କେତେ ଜଣ ଯୁବକ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ସହ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅନ୍ଧାରୁଆ ଗଡସାହିର ସାନିଆ ଓରଫ ସନାତନ ବଳିଆରସିଂ(୩୪)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ. ୫୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ପୋଲିସ ସନାତନଙ୍କଠାରୁ ଏକ ବଙ୍ଗାଳୀ କଟୁରି ଓ ମୋବାଇଲ ଫୋନ ଜବତ କରିଛି।

ପ୍ରକାଶ ଯେ, ଅନ୍ଧାରୁଆ ଅଞ୍ଚଳରେ ଶନିବାର ଦିନ ଦ୍ୱିପ୍ରହରରେ ସନାତନ ଓ ତା'ର ସହଯୋଗୀ ଚିକୁନା ଦଳାଇ ଏବଂ ଆଶିଷ କୁମାର ରାୟ ଖଣ୍ଡା ଧରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ସ୍ଥାନୀୟ ଦୋକାନୀ ଏବଂ ବିଲ୍ଡରଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଏନେଇ ସ୍ଥାନୀୟ ଲୋକେ ଚନ୍ଦକା ଥାନା ଆଇଆଇସି ସମିତା ମିଶ୍ରଙ୍କ ନିକଟକୁ ଖବର ପଠାଇଥିଲେ। ପରେ ଆଇଆଇସିଙ୍କ ନିର୍ଦ୍ଦେଶ ମୁତାବକ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଦୋକାନୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ଦାଦାବଟି ଦେବାକୁ ଧମକ ଦେଉଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ସେଠାରେ ପହଞ୍ଚି ସନାତନଙ୍କୁ କାବୁ କରିଥିବା ବେଳେ ତାଙ୍କର ଅନ୍ୟ ସହଯୋଗୀମାନେ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ। ପରେ ପଚରାଉଚରା ବେଳେ, ସନାତନ ଓ ତାଙ୍କର ୨ ସହଯୋଗୀଙ୍କ ସହ ମିଶି ସ୍ଥାନୀୟ ଅଞ୍ଚଳରୁ ଦାଦାବଟି ଆଦାୟ କରୁଥିବା କଥା ସ୍ୱୀକାର କରିଥିଲେ। ସନାତନ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ଚନ୍ଦକା ଥାନାରେ ଏକାଧିକ ମାମଲା ରହିଥିବାର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ତେବେ ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଏକାମ୍ର ୱାକ୍‌ରେ ଯୋଡ଼ିହେଲା ୨ ନୂଆ ଟ୍ରେଲ୍

**ଓଡ଼ିଆ ଭାଷାର ଗୌରବ ଗାଥା ସହ ଓଡ଼ିଆ ଫିଲ୍ମ ପାନୋରମା ଜାଣିବେ ସହରବାସୀ**

ଭୁବନେଶ୍ୱର, ୨୨।୧୧(ବନ୍ଦନା ସେଠୀ)

ଭୁବନେଶ୍ୱରର ଐତିହ୍ୟ, ସାଂସ୍କୃତିକ, ପ୍ରାକୃତିକ, ଆଧ୍ୟାତ୍ମିକତା, କଳା, ପରିବେଶର ହୃଦୟସ୍ପର୍ଶୀ ରୂପକୁ ଜାଣିବା ପାଇଁ ବିଡିଏ ଓ ବିଏମ୍‌ସି ପକ୍ଷରୁ ଚାଲିଛି 'ଏକାମ୍ର ୱାକ୍‌ସ'। ଏଥିରେ 'ଓଡ଼ିଆ ଭାଷାର ଗୌରବ ଗାଥା' ଏବଂ 'ଉତ୍କୃଷ୍ଟ କଳାର ଅନ୍ତରାଳେ-ଉତ୍କଳ ଓଡ଼ିଆ ଫିଲ୍ମ ପାନୋରମା' ଭଳି ଦୁଇଟି ନୂଆ ଟ୍ରେଲ ଯୋଡ଼ି ହୋଇଛି। ରବିବାରଠାରୁ କଳାଭୂମିଠାରେ ଏହି ଦୁଇ ଟ୍ରେଲ ଆରମ୍ଭ ହେବ। ଟ୍ରେଲ ମାଧ୍ୟମରେ ଦର୍ଶକ ଓ ପର୍ଯ୍ୟଟକମାନେ ଓଡ଼ିଆ ସାହିତ୍ୟର ମହାନ୍ ସ୍ରଷ୍ଟାମାନଙ୍କ ସହ ଜଡ଼ିତ ସ୍ମୃତି ଓ କାହାଣୀକୁ ଜାଣିବାକୁ ପାଇବେ। ଏହା ପୂର୍ବାହ୍ନ ୧୧ଟା ୩୦ରେ ଅନୁଷ୍ଠିତ ହେବ। ପ୍ରାଚୀନ କାଳରୁ ଆରମ୍ଭ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ଗୌରବ ପର୍ଯ୍ୟନ୍ତ ଏହି ଯାତ୍ରା ସାହିତ୍ୟ, ନୃତ୍ୟ-ନାଟିକା, ଲୋକକଳା ଓ କାହାଣୀ ମାଧ୍ୟମରେ ପ୍ରଦର୍ଶିତ ହେବ। ଓଡ଼ିଆ ଭାଷାର ସୌନ୍ଦର୍ଯ୍ୟ ଓ ଗରିମାକୁ ନୂଆ ଢଙ୍ଗରେ ଅନୁଭବ କରିବା ସକାଶେ ଏହି ଟ୍ରେଲ୍‌ରେ ବିଶେଷ ଆକର୍ଷଣ ମଧ୍ୟ ଭରି ରହିଛି। ଏଥିସହ ବିଭିନ୍ନ ଯୁଗରେ ଓଡ଼ିଆ ଭାଷା କିପରି ବଢ଼ିଛି, ତାହାର ସୁନ୍ଦର ଉପସ୍ଥାପନା କରାଯିବ।

ସେହିପରି ଓଡ଼ିଆ ଫିଲ୍ମ ପାନୋରମା ଟ୍ରେଲ୍‌ରେ ଓଡ଼ିଆ ସିନେମାର ଐତିହ୍ୟ ନେଇ ଆଲୋଚନା ହେବା ସହ ଫିଲ୍ମ ନିର୍ମାତା ଓ କଳାକାରଙ୍କ ସହ ପରିଦର୍ଶକମାନେ କଥୋପକଥନ କରିପାରିବେ। କଳାଭୂମିର ଖୋଲା ଆକାଶ ତଳେ ଥିବା ଥିଏଟରରେ ପ୍ରତି ରବିବାର ଅପରାହ୍ନ ୫ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଠାରେ ପୁରୁଣା ଓ ଐତିହାସିକ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ବଡ଼ ପରଦାରେ ପ୍ରଦର୍ଶନ, ଚଳଚ୍ଚିତ୍ର ଇତିହାସ, ନିର୍ଦ୍ଦେଶକ ଓ ସାଂସ୍କୃତିକ ପୃଷ୍ଠଭୂମି ବିଷୟରେ ପରିଚୟ, ଚଳଚ୍ଚିତ୍ର ବିଶେଷଜ୍ଞ, ସିନେପ୍ରେମୀ ଓ ସାଂସ୍କୃତିକ କର୍ମୀଙ୍କ ସହ ଖୋଲା କଥାବାର୍ତ୍ତା ସହିତ ସାଙ୍ଗମାନଙ୍କ ସହ ଆସି ଓଡ଼ିଆ ସିନେମା, ହସ୍ତଶିଳ୍ପ ଓ ସଂସ୍କୃତିର ଏକ ଅଦ୍ଭୁତ ମିଶ୍ରଣକୁ ଉପଭୋଗ କରିପାରିବେ। ଏହି ଦୁଇ ଟ୍ରେଲର ସୁନ୍ଦର ଅନୁଭୂତି ପାଇବା ପାଇଁ ଇଚ୍ଛୁକ କଳାପ୍ରେମୀ ଓ ଦର୍ଶକ ଆଗୁଆ Ekamra-Walks.com ରେ ପଞ୍ଜୀକରଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ନଭେମ୍ବର ୭ରୁ 'ଏକାମ୍ର ୱାକ୍'ର ୯ମ ସଂସ୍କରଣ ଆରମ୍ଭ ହୋଇଛି। ଭୁବନେଶ୍ୱରର ଐତିହ୍ୟ ଓ କଳା ସଂସ୍କୃତିକୁ ଜାଣିବା ଏହି ୱାକ୍‌ର ନିୟମିତ ଟ୍ରେଲଗୁଡ଼ିକ ନଭେମ୍ବର ୧୫ରୁ ଆରମ୍ଭ ହୋଇ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବ। ରାଜଧାନୀର ଭବ୍ୟ କଳା, ସଂସ୍କୃତିକୁ ଅଧିକ ଜାଣିବା ପାଇଁ ପର୍ଯ୍ୟଟକଙ୍କ ଲାଗି ନୂଆ ଦୁଇ ଟ୍ରେଲ ସମେତ ସମୁଦାୟ ୯ଟି ଟ୍ରେଲ ରହିଛି।



ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ମନ୍ତ୍ରୀ, ବିଧାୟକ, ଅଧିକାରୀ ଓ ସାମାଜିକ ସଙ୍ଗଠନର ପ୍ରତିନିଧିମାନେ।

## ବିଧାନସଭା ପରିସରରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ

ଭୁବନେଶ୍ୱର,୨୨।୧୧
(ସୌମ୍ୟରଞ୍ଜନ ରାଉତ)

ସମଗ୍ର ଆଦିବାସୀ ସମାଜର ଗୌରବ ଓ ମାତୃଭୂମିର ପରମ ପୂଜକ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଶନିବାର ବିଧାନସଭା ପରିସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ, ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ସମ୍ପାଦକ ନୀଳମାଧବ ଦାସ, ସାଧାରଣ ସମ୍ପାଦକ ଇଂ. ଗୋଦାବରୀଶ ମହାପାତ୍ର, ପୂର୍ବତନ ସଭାପତି ଅରବିନ୍ଦ ଡାଲିଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଆଦିବାସୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ବିଭାଗୀୟ ଅଧିକାରୀ ଓ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ।



ଓଡ଼ିଶାର ସ୍ୱଚ୍ଛ ଶକ୍ତି ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ୫୦ରୁ ଊର୍ଦ୍ଧ୍ୱ କ୍ଲିନ୍‌ଟେକ୍ ପ୍ରଫେଶନାଲ ଏବଂ ସଂଗଠନ ଶନିବାର ମିଳିତଭାବେ ଓଡ଼ିଶା କ୍ଲିନ୍‌ଟେକ୍ ଆସୋସିଏଶନ(ଓସିଏ) ଗଠନ କରିଛନ୍ତି। ଅକ୍ଷୟ ଶକ୍ତି, ବିଦ୍ୟୁତ୍ ଚାଳିତ ଯାନ, ପରିବେଶଗତ ଇଞ୍ଜିନିୟରିଂ ଏବଂ ନୂତନ ଶକ୍ତି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏହା ରାଜ୍ୟର ପ୍ରଥମ ଏକୀକୃତ ଶିଳ୍ପ ସଂଗଠନ।

## ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ୫ପଞ୍ଚାୟତର ବୟୋଜ୍ୟେଷ୍ଠ ମୁରବି ତଥା ବରିଷ୍ଠ ବିଜେଡି ନେତା ଭଗବାନ ଜେନା(୯୦)ଙ୍କ ଶନିବାର ପରଲୋକ ଘଟିଛି। ଭଗବାନଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତରଙ୍କ ପକ୍ଷରୁ କୁହାଯାଇଛି। ତାଙ୍କ ମୃତଦେହ ବାଲିପଡ଼ାସ୍ଥିତ ବାସଭବନକୁ ଆସିବା ପରେ ଅଞ୍ଚଳର ବହୁ ମୁରବି, ଲୋକପ୍ରତିନିଧି, ରାଜନୈତିକ ବ୍ୟକ୍ତି ବିଶେଷ ଆସି ଶେଷ ଦର୍ଶନ କରିଥିଲେ। ପରେ ପରିବାର ଲୋକଙ୍କ ଉପସ୍ଥିତିରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବାରଙ୍ଗ କଲେଜରେ ଦିନିକିଆ ସେମିନାର

ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟର ଭୂଗୋଳ ବିଭାଗ ତରଫରୁ ଆୟୋଜିତ ଚ୍ୟାଲେଞ୍ଜେସ ଆଣ୍ଡ ଆପ୍ରୋଚେସ ଇନ୍ ନ୍ୟାଚୁରାଲ ରିସୋର୍ସ ମ୍ୟାନେଜମେଣ୍ଟର ଏକ ଦିବସୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶେଖ ନଇମୁଦ୍ଦିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଆଲୋଚନାଚକ୍ରରେ କାନାଡାର କ୍ୱାଣ୍ଟେଲେନ ପଲିଟେକ୍ନିକ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରଫେସର ଡ. ଦୋଳଗୋବିନ୍ଦ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୂଗୋଳ ବିଭାଗର ବିଭାଗୀୟ ମୁଖ୍ୟ ଡ. ସୁରେନ୍ଦ୍ର ସାହୁ ଓ ଅଧ୍ୟାପିକା ଡ. ପୁଷ୍ପାରାଣୀ ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗଣିତ ବିଭାଗର ପ୍ରଜ୍ଞା ପାରମିତା ସେଠୀ, ମାନସ କୁମାର ପାତ୍ର, ପ୍ରକାଶ କୁମାର ପରିଡ଼ା, ସୁକାନ୍ତ କୁମାର ରାଉତ, ମାନସ ରଞ୍ଜନ ଦାଶ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗର ଛାତ୍ରୀଛାତ୍ରମାନେ ସେମିନାରରେ ଯୋଗଦେଇଥିଲେ।

## ତଦାରଖ କଲା ଜିଲା ପ୍ରଶାସନ, ଏଏସ୍‌ଆଇ

**ଶିଶୁପାଳଗଡ଼ ଐତିହ୍ୟସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଦାବି ଘଟଣା**



ପୁରୁଣା ଭୁବନେଶ୍ୱର,୨୨।୧୧
(ସୁବାସ ଚନ୍ଦ୍ର ପ୍ରଧାନ)

୨୫ ଶହ ବର୍ଷର ଐତିହ୍ୟ ବହନ କରୁଥିବା କୀର୍ତ୍ତିରାଜି ଶିଶୁପାଳଗଡ଼ ଐତିହ୍ୟସ୍ଥଳର ସଂରକ୍ଷଣ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଗତ ୧୦ତାରିଖରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍‌ଆଇ ଅଧୀକ୍ଷକଙ୍କ ନିକଟରେ ଧାରଣା ଦିଆଯିବା ସହ ଦାବି ରଖିଥିଲେ। ଶିଶୁପାଳଗଡ଼ର ପୂର୍ବପାର୍ଶ୍ୱରେ ପାଚେରି ଖୋଳାଯାଇ ରାସ୍ତା ନିର୍ମାଣ ଏବଂ ଐତିହ୍ୟସ୍ଥଳିଗୁଡ଼ିକୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ସେଠାରେ ବେଆଇନ ଭାବେ ବାଂଲାଦେଶୀ ବସବାସ କରୁଥିବା କୁହାଯାଇଥିଲା। ଶନିବାର ଖୋର୍ଦ୍ଧା ଜିଲାପାଳ ଅମ୍ରିତ୍ ଋତୁରାଜ, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ନନ୍ଦ କିଶୋର ସ୍ୱାଇଁ, ଉପଜିଲାପାଳ, ଭୁବନେଶ୍ୱର ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ତୁରନ୍ତ ବେଆଇନ ରାସ୍ତା ନିର୍ମାଣ ଏବଂ ଅନ୍ୟ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ସୂଚନା ଦେଇଛନ୍ତି।

## ରାଜ୍ୟ ସଂଗ୍ରହାଳୟରେ ଜାତୀୟ କଳା, ସଂସ୍କୃତି ପ୍ରତିଯୋଗିତା



ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୨୨।୧୧(ସୁଚିସ୍ମିତା ସାହୁ)

ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଜାତୀୟ କଳା, ସଂସ୍କୃତି ଓ ଐତିହ୍ୟ ସମ୍ପର୍କିତ ସାଧାରଣଜ୍ଞାନ ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଶନିବାର ରାଜ୍ୟ ସଂଗ୍ରହାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସଂଗ୍ରହାଳୟର ପୂର୍ବତନ ଅଧୀକ୍ଷକ ତଥା ବିଶିଷ୍ଟ ସାହିତ୍ୟିକା ଡ. ଜୟନ୍ତୀ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିବା ସହ ସଂଗ୍ରହାଳୟର କାର୍ଯ୍ୟ, ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସଂକ୍ରାନ୍ତରେ ଜ୍ଞାନ ଆହରଣ ନିମନ୍ତେ ସେମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ପରିଚାଳନା କରିଥିବାବେଳେ ଅତିରିକ୍ତ କୋଷାଗାର ଅଧିକାରୀ ଡ. ଅରୁଣ କୁମାର ନାୟକ ବିଚାରକ ଭାବେ ଯୋଗଦେଇଥିଲେ।




ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଶ୍ରମ କୋଡ୍ ରଦ୍ଦ କରିବା ଦାବିରେ ଏଆଇଟିୟୁସି ପକ୍ଷରୁ ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଶ୍ରମ କୋଡ୍ ବିଲ୍‌କୁ ପୋଡାଯାଉଛି।

## ସର୍ଭାଇକାଲ୍ କ୍ୟାନ୍ସର ଦୂର ପାଇଁ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କୁନିପିଲାମାନେ।

ଭୁବନେଶ୍ୱର,୨୨।୧୧
(ସୌମ୍ୟରଞ୍ଜନ ରାଉତ)

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସର୍ଭାଇକାଲ୍ କ୍ୟାନ୍ସର ଦୂର କରିବା ପାଇଁ ବିଶ୍ୱ ରଣନୀତିର ୫ମ ବାର୍ଷିକୀ ଅବସରରେ କ୍ରିୟା ଫାଉଣ୍ଡେଶନ ପକ୍ଷରୁ ଧଉଳି ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାରତୀୟ ମହିଳାଙ୍କ ମଧ୍ୟରେ ସବୁଠାରୁ ସାଧାରଣ କ୍ୟାନ୍ସର, ସର୍ଭାଇକାଲ କ୍ୟାନ୍ସର ବାର୍ଷିକ ପ୍ରାୟ ୭୭,୫୦୦ ଜୀବନ ନେଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରଣନୀତି ୧୫ ବର୍ଷ ବୟସରେ ଝିଅଙ୍କ ୯୦ ଶତକଡ଼ା ଏଚ୍‌ପିଭି ଟୀକାକରଣ, ୩୫ ଏବଂ ୪୫ ବର୍ଷ ବୟସରେ ମହିଳାଙ୍କ ୭୦ ଶତକଡ଼ା ସ୍କ୍ରିନିଂ ଏବଂ ଚିହ୍ନଟ ହୋଇଥିବା ମାମଲା ମଧ୍ୟରୁ ୯୦ ଶତକଡ଼ା ଚିକିତ୍ସା ମାଧ୍ୟମରେ ସର୍ଭାଇକାଲ କ୍ୟାନ୍ସର ଦୂର କରିବା ପାଇଁ ଫାଉଣ୍ଡେଶନ ଲକ୍ଷ୍ୟ ରଖିଛି ବୋଲି ପ୍ରତିଷ୍ଠାତା ଲିଲି ଜେନାମଣି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ୨୦୨୦ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଆରମ୍ଭ ହୋଇଥିବା ବିଶ୍ୱସ୍ତରୀୟ ଆନ୍ଦୋଳନ ସହିତ ସମନ୍ୱିତ, ଯେଉଁଠାରେ ୧୯୪ ଦେଶ ସର୍ଭାଇକାଲ କ୍ୟାନ୍ସର ଦୂର କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ସଚେତନତା ବୃଦ୍ଧି ଏବଂ ପ୍ରତିରୋଧ ଏବଂ ସ୍କ୍ରିନିଂକୁ ପ୍ରୋତ୍ସାହିତ କରିବା ପାଇଁ କ୍ରିୟା ଫାଉଣ୍ଡେଶନର ପ୍ରୟାସ ସହିତ ଭାରତ ଏହି ଆନ୍ଦୋଳନରେ ଯୋଗ ଦେଇଛି। ଫାଉଣ୍ଡେଶନ ସ୍ୱାସ୍ଥ୍ୟ ସଚେତନତା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ। ଏହି ଅବସରରେ ଏକ ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ସାହିତ୍ୟ ସନ୍ଧ୍ୟା, ପୁସ୍ତକ ଲୋକାର୍ପଣ ଉତ୍ସବ




ସାହିତ୍ୟ ସନ୍ଧ୍ୟାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୨।୧୧
(ସୌମ୍ୟରଞ୍ଜନ ରାଉତ)

ଶହୀଦନଗର ଦୁର୍ଗାପୂଜା ପଡ଼ିଆରେ ଚାଲିଥିବା ରାଜଧାନୀ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ପକ୍ଷୀଘର ପ୍ରକାଶନୀ ପକ୍ଷରୁ ସାହିତ୍ୟ ସନ୍ଧ୍ୟା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ କବି ଫନୀ ମହାନ୍ତି ଯୋଗଦେଇ ଯୁବ କବିମାନେ ଓଡ଼ିଆ ଭାଷାର କବିତାକୁ ଉଜ୍ଜୀବିତ କରି ରଖିପାରିବେ ବୋଲି ଆଶା ପ୍ରକାଶ କରିଥିଲେ। କବି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ଗଙ୍ଗାଧର ମିଶ୍ରଙ୍କ ୨ଟି ନାଟକ ପୁସ୍ତକ 'କନ୍ୟାମଣ୍ଡି' ଓ ବିଜୟ ମିଶ୍ରଙ୍କ ଚର୍ଚ୍ଚିତ ନାଟକ 'ତିମିର ତୀର୍ଥ'ର ଇଂଲିଶ ଅନୁଦିତ ପୁସ୍ତକ ସହ ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ୨ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ଅବସରରେ କେନ୍ଦ୍ର ସାହିତ୍ୟ ଯୁବ ପୁରସ୍କୃତ କବି ସୁବ୍ରତ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡ. ରଜନୀ ରଞ୍ଜନଙ୍କ ଅଧ୍ୟକ୍ଷତାରେ ସାରସ୍ୱତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଇଂ. ସରୋଜ ରଞ୍ଜନ ମହାପାତ୍ର, ଡ. ନୃସିଂହ ନନ୍ଦ ମହାପାତ୍ର, ସ୍ୱରୂପ କୁମାର ନାୟକ, ସୁବ୍ରତ ସେନାପତି ପ୍ରମୁଖ କବିତା ପାଠ କରିବା ସହ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ଯ୍ୟକ୍ରମରେ ଅଜୟ ସ୍ୱାଇଁ, ପରେଶ ପଟ୍ଟନାୟକ, ମିହିର ସାହୁ, ସନ୍ତୋଷ ତ୍ରିପାଠୀ, ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମଧୁମିତା ମିଶ୍ର ସଂଯୋଜନା କରିଥିବାବେଳ ପକ୍ଷୀଘର ପ୍ରକାଶନୀର ପ୍ରକାଶିକା ବବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜଧାନୀ ପୁସ୍ତକ ମେଳାର ୯ମ ଦିବସ**

# ଥାଲାସେମିଆ ରୋଗୀ ଚିକିତ୍ସାରୁ ବଞ୍ଚିତ

**ଖୋର୍ଦ୍ଧା,୨୨।୧୧(ପ୍ରଭାତ ପାଣିଗ୍ରାହୀ)**

■ ଡିଏଚ୍ଏଚ୍‌ରେ ଡେ କେୟାର ୟୁନିଟ୍, ପାକସେଲ ସୁବିଧା ଦାବି
■ ମିଳୁନି ଔଷଧ, ଚିଠି ଲେଖିଲା ସଂଘ

ଥାଲାସେମିଆ ରୋଗୀଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶ ରହିଛି। ତେବେ ରକ୍ତ ଏବଂ ଔଷଧ ବଳରେ ଜୀବନ ସହ ସଂଗ୍ରାମ କରୁଥିବା ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍ଏଚ୍)ରେ ଥାଲାସେମିଆ ରୋଗୀ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି ବୋଲି ଥାଲାସେମିଆ ସିକଲସେଲ ସୋସାଇଟି ଖୋର୍ଦ୍ଧା ଜିଲା ସଂଘ ଅଭିଯୋଗ ଆଣିଛି। ଏହି ରୋଗୀଙ୍କୁ ମାଗଣାରେ ଔଷଧ ଦେବା ବ୍ୟବସ୍ଥା ରହିଥିବା ବେଳେ ପ୍ରାୟ ସମୟରେ ନିରାମୟରେ ଔଷଧ ଉପଲବ୍ଧ ନ ଥିବା ଦେଖିବାକୁ ମିଳିଛି। ଫଳରେ ରୋଗୀଙ୍କ ସମ୍ପର୍କୀୟ, ପରିବାରଲୋକେ ବଜାରରୁ ଚଢ଼ାଦରରେ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି ବୋଲି ସଂଘ ସଭାପତି ନିମାଇଁ ଚରଣ ମହାରଣା କହିଛନ୍ତି। ଏନେଇ ସିଡିଏମ୍ଓଙ୍କଠାରୁ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଥେଲିକ୍ସ-୫୦ ଏମ୍‌ଜି ଏବଂ କେଲ୍ଫର-୫୦୦ ଔଷଧ ଏଠାରେ ମିଳୁ ନ ଥିବା ସଭାପତି ମହାରଣା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଏକ୍ସ ଆକାଉଣ୍ଟରେ ଅଭିଯୋଗ କରାଯାଇଛି।

ଏନେଇ ସଭାପତି ମହାରଣା କହିଛନ୍ତି ଯେ, ପୂର୍ବରୁ ମଧ୍ୟ ଥାଲେସେମିଆ ରୋଗୀଙ୍କୁ ଆବଶ୍ୟକ ଔଷଧ ନ ମିଳିବା ନେଇ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ(ଏନ୍ଏଚ୍ଏମ୍ ବିଭାଗ/ରକ୍ତ କୋଷ) ନୂଆଦିଲ୍ଲୀକୁ ଚିଠି ଲେଖି ଜଣାଇଥିଲେ। ଏଥିସହିତ ଥାଲାସେମିଆ ରୋଗୀଙ୍କୁ ପର୍ଯ୍ୟାପ୍ତ ଔଷଧ ଯୋଗାଇଦେବା ଲାଗି ଅନୁରୋଧ କରିଥିଲି। ଏନ୍ଏଚ୍ଏମ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଜନସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ। ତଥାପି ଏନ୍ଏଚ୍ଏମ୍ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଆଧାର କରି ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତ ସ୍ଥାନାନ୍ତର ଏବଂ ଆଇରନ ବଟିକା ପାଇଁ ରାଜ୍ୟଗୁଡ଼ିକୁ ପାଣ୍ଠି ପ୍ରଦାନ କରେ। ଥାଲାସେମିଆ ରୋଗୀଙ୍କୁ ଚିହ୍ନଟ ଏବଂ ଚିକିତ୍ସା ପାଇଁ ଡେ କେୟାର ସେଣ୍ଟରଗୁଡ଼ିକୁ ସମର୍ଥନ ପାଇଁ ଏନ୍ଏଚ୍ଏମ୍ ମଧ୍ୟ ପାଣ୍ଠି ପ୍ରଦାନ କରୁଛି। ଏହା ସତ୍ତ୍ୱେ ଥାଲେସେମିଆ ରୋଗୀ ଡିଏଚ୍ଏଚ୍‌ରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଜିଲାରେ ପ୍ରାୟ ୨୫୦ଜଣ ଥାଲାସେମିଆ ରୋଗୀ ରହିଛନ୍ତି। ସେମାନଙ୍କ ପାଇଁ ମାତୃ ଓ ଶିଶୁ କଲ୍ୟାଣ ବିଭାଗ(ଏମ୍‌ସିଏଚ୍) ଭବନ ଉପର ମହଲାରେ ରକ୍ତ ନେବା ପାଇଁ ୪ଟି ଶଯ୍ୟା ରହିଛି। ଦୈନିକ ପ୍ରାୟ ୧୦ରୁ ୨୦ଜଣ ରୋଗୀ ଚିକିତ୍ସିତ ହେଉଥିବା ବେଳେ କମ୍ ସଂଖ୍ୟା ଶଯ୍ୟା ଯୋଗୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ସବୁଠୁ ବଡ଼ ସମସ୍ୟା ହେଉଛି ରକ୍ତ ସଂଗ୍ରହ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ବାଦ ବିବାଦ ପରେ ସ୍ୱତନ୍ତ୍ର ରକ୍ତଭଣ୍ଡାର କୋଠା ନିର୍ମାଣ ସରିଛି। ତେବେ ଏହା ପୂର୍ଣ୍ଣ ରୂପରେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ରୋଗୀ ରକ୍ତ ସଂଗ୍ରହ ପାଇଁ ଡିଏଚ୍ଏଚ୍‌ରୁ ୨ କିମି ଦୂର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥ ରକ୍ତଭଣ୍ଡାରକୁ ଯାଉଛନ୍ତି।

ରକ୍ତଭଣ୍ଡାର ପକ୍ଷରୁ ରକ୍ତ ଶିବିର ଆୟୋଜନ କରାଯାଉଛି। ତେବେ ଅନେକ ସମୟରେ ନିର୍ଦ୍ଦିଷ୍ଟ ଗ୍ରୁପ୍‌ର ରକ୍ତାଭାବ କାରଣରୁ ଥାଲାସେମିଆ ରୋଗୀ ହଇରାଣ ହେଉଛନ୍ତି। ଏଥିଲାଗି ପାକସେଲ ରକ୍ତ ସୁବିଧା ରକ୍ତଭଣ୍ଡାରରେ ନାହିଁ। ଫଳରେ ରୋଗୀ କ୍ୟାପିଟାଲ ହସ୍ପିଟାଲ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଥାଲାସେମିଆ ରୋଗୀଙ୍କ ଚିକିତ୍ସାକୁ ପ୍ରାଥମିକତା ଦିଆଯାଇ ଡିଏଚ୍ଏଚ୍‌ରେ ଡେ କେୟାର ୟୁନିଟ୍, ପାକସେଲ ସୁବିଧା ପାଇଁ ସଂଘ ଦାବି କରିଛି।

# ରହସ୍ୟଘେରରେ ଅସୁସ୍ଥ ହାତୀର ମୃତ୍ୟୁ



**ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)**

ଦାରୁଠେଙ୍ଗ ଭୁଆସୁଣୀ ମୌଜା ବରବାରି କାଜୁବାରି ଜଙ୍ଗଲ କଡରୁ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ହାତୀର ଶୁକ୍ରବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ହାରପିସ ରୋଗରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଫଳରେ ହାତୀ ମୃତ୍ୟୁ ନେଇ ରହସ୍ୟ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଚନ୍ଦକା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

ଶୁକ୍ରବାର ସକାଳେ ପ୍ରାୟ ସାଢ଼େ ୭ଟାରେ ହାତୀଟି ତଳେ ଅଚେତ୍ ଅବସ୍ଥାରେ ପଡିରହିଥିଲା। ଏହି ସମୟରେ କାଜୁବାରି ସଫାକରିବାକୁ ଯାଇଥିବା ଲୋକେ ଦେଖି ବନ ବିଭାଗକୁ ଖବର ଜଣାଇଥିଲେ। ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଥିଲା। ପରେ ନନ୍ଦନକାନନର ଏକ ଡାକ୍ତରୀ ଦଳ ପହଞ୍ଚି ହାତୀଟିର ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ସହ ଆଣ୍ଟିବାଓଟିକ ଔଷଧ ଦେଇ ସାଲାଇନ ଲଗାଇ ଚିକିତ୍ସା ଆରମ୍ଭ କରିଥିଲା। ପରେ ଓୟୁଏଟିର ବିଶେଷଜ୍ଞ ଡ. ଆଦିତ୍ୟ ଆଚାର୍ଯ୍ୟ, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବରିଷ୍ଠ ପଶୁଚିକିତ୍ସକ ଶରତ ମିଶ୍ର, ଚନ୍ଦକା ଅଞ୍ଚଳର ପଶୁ ଚିକିତ୍ସକ ପ୍ରିୟବ୍ରତ ପାଣିଗ୍ରାହୀ ପହଞ୍ଚି ହାତୀର ଚିକିତ୍ସା ଜାରି ରଖିଥିଲେ। ହେଲେ ହାତୀଟି ସୁସ୍ଥ ହେବା ପରିବର୍ତ୍ତେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଚନ୍ଦକା ରେଞ୍ଜର ଉତ୍ତମ କୁମାର ସାହୁ କହିଛନ୍ତି। ମାତ୍ର ସଠିକ ରୋଗ ନିରୂପଣ କରାଯାଇ ପାରି ନ ଥିବାରୁ ହାତୀଟିର ମୃତ୍ୟୁ ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସାଉଣ୍ଡ ଲାଇଟ୍ ସଂଘର ନୂତନ କର୍ମକର୍ତ୍ତା ଚୟନ

**କଳାପଥର,୨୨।୧୧(ଗଙ୍ଗାଧର ସାହୁ)**

ବାଙ୍କୀ ଅଂଶୁପାଠାରେ ଶନିବାର ସାଉଣ୍ଡ ଲାଇଟ ସଂଘ କଟକ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ସମେତ କଟକ ଜିଲାର କଳାପଥର, ବୈଦେଶ୍ୱର, ଅନୁଆରୀ, ବରପୁଟ ଆଦି ବିଭିନ୍ନ ଲାଇଟ ସାଉଣ୍ଡର ମାଲିକମାନେ ଯୋଗଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତିଭାବେ ମନ୍ମଥ ଦାସ, ସମ୍ପାଦକ ବାପୁଜୀ କୁମାର ସାହୁ, କୋଷାଧ୍ୟକ୍ଷ ଧୀରେନ୍ଦ୍ର କୁମାର ବେହେରା, ଉପସଭାପତି ଅମର କୁମାର ବେହେରା, ଯୁଗ୍ମ ସମ୍ପାଦକ ଭାବେ ଅନିଲ କୁମାର ପାତ୍ର ଏବଂ ମନୋଜ କୁମାର ରଣାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଆଗାମୀ ବିବାହରେ ପ୍ରୋଗ୍ରାମ କରିବାକୁ ଅନୁମତି ପ୍ରଦାନ କରିବା ପାଇଁ ସମସ୍ତେ ଅନୁରୋଧ କରିଥିଲେ। କିଛିଦିନ ହେବ ପ୍ରଶାସନ ପକ୍ଷରୁ ପ୍ରୋଗ୍ରାମ କରିବାପାଇଁ ଅନୁମତି ଦିଆଯାଉ ନ ଥିବାରୁ ସମସ୍ତ ମାଲିକ ଏବଂ କର୍ମଚାରୀ ହଇରାଣ ହେଉଛନ୍ତି। ଏନେଇ ଲିଖିତଭାବେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି।

# ମା’ଦୁର୍ଗାମନ୍ଦିର, ବିଗ୍ରହ ପ୍ରାଣପ୍ରତିଷ୍ଠା ମହୋତ୍ସବ





ମା’ଦୁର୍ଗା ଏବଂ ଶିବ ପରିବାରଙ୍କ ବିଗ୍ରହ ପ୍ରାଣପ୍ରତିଷ୍ଠା ମହୋତ୍ସବ ଅବସରରେ ଅନୁଷ୍ଠିତ ନିଶାନ ଓ କଳସ ଶୋଭାଯାତ୍ରା।

**ଜଟଣୀ,୨୨।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀଗୋପୀନାଥ ଦେବ ମନ୍ଦିର ପରିସରରେ ମା’ଦୁର୍ଗା ଏବଂ ଶିବ ପରିବାରଙ୍କ ବିଗ୍ରହ ପ୍ରାଣପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଯାଇଛି। ଶ୍ରୀଗୋପୀନାଥ ଦେବ ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଅବସରରେ ଶନିବାର ସକାଳେ ସ୍ଥାନୀୟ ଗୋପୀନାଥ ମନ୍ଦିରଠାରୁ ଭବ୍ୟ ନିଶାନ ଏବଂ କଳସ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ମସଜିଦ ଛକ, ଥାନା ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ ଦେଇ ସର୍ଦ୍ଦାର ପଟେଲ ମାର୍ଗ ହୋଇ ଗୋପୀନାଥ ଦେବ ମନ୍ଦିରରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ୨୫୦ଜଣ ଶ୍ରଦ୍ଧାଳୁ ନିଶାନ ଧରିଥିବା ବେଳେ ୪୫୦ ବ୍ରତଧାରୀ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭାଜପା ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳଙ୍କ ସମେତ ବହୁ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଢୋଲ ନିଶାନ ତାସା ଏବଂ ବିଭିନ୍ନ ପାରମ୍ପରିକ ବାଦ୍ୟ ନୃତ୍ୟ, ହରିବୋଲ ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର ପ୍ରାଣପ୍ରତିଷ୍ଠା ମହୋତ୍ସବ ଆସନ୍ତା ୨୮ ତାରିଖରେ ଉଦ୍‌ଯାପିତ ହେବ। ପ୍ରତିଦିନ ସମସ୍ତ ରୀତିନୀତି ସହ ହୋମଯଜ୍ଞ ସହିତ ଭଜନ ଏବଂ କୀର୍ତ୍ତନର ବ୍ୟବସ୍ଥା କରାଯାଇଛି।

# ତଦାରଖ କଲା ଜିଲା ପ୍ରଶାସନ, ଏଏସ୍ଆଇ

**ପୁରୁଣା ଭୁବନେଶ୍ୱର,୨୨।୧୧(ସୁବାସ ଚନ୍ଦ୍ର ପ୍ରଧାନ)**

**ଶିଶୁପାଳଗଡ଼ ଐତିହ୍ୟସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଦାବି ଘଟଣା**

୨୫ ଶହ ବର୍ଷର ଐତିହ୍ୟ ବହନ କରୁଥିବା କୀର୍ତ୍ତିରାଜି ଶିଶୁପାଳଗଡ଼ ଐତିହ୍ୟସ୍ଥଳର ସଂରକ୍ଷଣ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏପରିକି ଗତ ୧୦ତାରିଖରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍ଆଇ ଅଧୀକ୍ଷକଙ୍କ ନିକଟରେ ଧାରଣା ଦିଆଯିବା ସହ ଦାବି ରଖିଥିଲେ। ଶିଶୁପାଳଗଡ଼ର ପୂର୍ବପାର୍ଶ୍ୱରେ ପାଚେରି ଖୋଳାଯାଇ ରାସ୍ତା ନିର୍ମାଣ ଏବଂ ଐତିହ୍ୟସ୍ଥଳିଗୁଡ଼ିକୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଥିଲା। ଏପରିକି ସେଠାରେ ବେଆଇନ ଭାବେ ବାଂଲାଦେଶୀ ବସବାସ କରୁଥିବା କୁହାଯାଇଥିଲା। ଶନିବାର ଖୋର୍ଦ୍ଧା ଜିଲାପାଳ ଅମ୍ରିତ୍ ଋତୁରାଜ, ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ନନ୍ଦ କିଶୋର ସ୍ୱାଇଁ, ଉପଜିଲାପାଳ, ଭୁବନେଶ୍ୱର ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ତୁରନ୍ତ ବେଆଇନ ରାସ୍ତା ନିର୍ମାଣ ଏବଂ ଅନ୍ୟ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ସୂଚନା ଦେଇଛନ୍ତି।

# ବିଦେଶୀ ମଦ ଜବତ, ବେପାରୀ ଗିରଫ

**ନିରାକାରପୁର,୨୨।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଥାନା ପୋଲିସ ଚଢ଼ାଉ କରି ଶନିବାର ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ପଞ୍ଚାୟତ ଛଣଗିରି ମାଳିସାହିର ପଦ୍ମଲୋଚନ ବଳିୟାରସିଂହ। ତାଙ୍କ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ସହ ଏକ ସ୍କୁଟି ଏବଂ ମୋବାଇଲ ଫୋନ ଜବତ ହୋଇଛି। ସୂଚନା ମୁତାବକ, ଏକ ସ୍କୁଟିରେ ପଦ୍ମଲୋଚନ ଦୁଇଟି ବସ୍ତାରେ ବିଭିନ୍ନ କମ୍ପାନୀର ବିଦେଶୀ ମଦ ଛଣଗିରିରୁ ଗୋଳବାଇ ରାସ୍ତା ଦେଇ ପୁରୀ ଜିଲା ଗଡ଼ିଶାଗଡା ଅଞ୍ଚଳ ଅଭିମୁଖେ ଯାଉଥିଲେ। ନିରାକାରପୁର ଓ ଗୋଳବାଇ ରାସ୍ତା ମଧ୍ୟବର୍ତ୍ତୀ ଅଞ୍ଚଳ ତାଳପଡ଼ା ରାସ୍ତାରେ ପୋଲିସକୁ ଦେଖି ପଦ୍ମଲୋଚନ ଲେଣ୍ଡୋ ଅଭିମୁଖେ ପଳାଇଥିଲେ। ପୁଣି ଭୁଷଣ୍ଡପୁର ଅଭିମୁଖେ ଯାଉଥିବା ବେଳେ ପୋଲିସ ପିଛା କରି ଡିଆ ପଞ୍ଚାୟତ ଭୋଇସାହି ଗ୍ରାମ ନିକଟରେ ତାଙ୍କୁ କାବୁ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୦୩/୨୫) ରୁଜୁ ହୋଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି।

# ୨୫ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

**ବୋଲଗଡ଼,୨୨।୧୧(ଦେବବ୍ରତ ହୋତା)**

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶନିବାର ବ୍ଲକସ୍ତରୀୟ ଯୁବପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପରମାନନ୍ଦ କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟାପିକା ଅନସୂୟା ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପରମାନନ୍ଦ କଲେଜ ଅଧ୍ୟକ୍ଷ ପ୍ରଫେସର ଡ.ପ୍ରଦୀପ କୁମାର ଦାଶ ଯୋଗଦେଇ ଯୁବଶକ୍ତି ହିଁ ରାଷ୍ଟ୍ର ପ୍ରଗତିର ମୂଳଉତ୍ସ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ଦେଉଳିସ୍ଥିତ ରାଧାମାଧବ ସଂସ୍କୃତ କଲେଜ ଅଧ୍ୟକ୍ଷ ବଟକୃଷ୍ଣ ସାହୁ, ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାସ ନାଥ ସ୍ୱାଇଁ, ଦେଉଳି ରଘୁନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶେଖ ରହିମ ଖାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ରୂପେଲି ସାହୁ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଯୁବ ପ୍ରତିଭା ଚୟନ ଉତ୍ସବରେ ୧୦୦ଜଣ ଛାତ୍ରୀଛାତ୍ର ଲୋକ ନୃତ୍ୟ, ଗୀତ, ଚିତ୍ରାଙ୍କନ ବିଜ୍ଞାନ ପ୍ରକଳ୍ପ, ଗଳ୍ପ ଲିଖନ, କବିତା ରଚନା, ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୫ଜଣ କୃତୀ ପ୍ରତିଯୋଗୀ ଖୋର୍ଦ୍ଧା ଜିଲାସ୍ତରକୁ ମନୋନୀତ ହୋଇଥିବାବେଳେ ସେମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ, କଲେଜ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନୂଆସାହି ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରଶେଖର ନାୟକ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସହାୟତା

**ଟାଙ୍ଗୀ,୨୨।୧୧(ରଘୁନାଥ ସାହୁ)**

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ନିସହାୟ ମହିଳା ଓ ପୁରୁଷଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଡା.ମଧୁସୂଦନ ସେନାପତି, ଉପଦେଷ୍ଟା ଅରୁଣ ରଞ୍ଜନ ମହାନ୍ତି, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଜୟ ରାଉତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବଡ଼ପାରୀ କମିଟି ସଭାପତି ବିଚ୍ଛେନ୍ଦ ଜୟସିଂ, ସୁନ୍ଦରପୁର କମିଟି ସଭାପତି ବିଜୟ ପ୍ରଧାନ, ଉପଦେଷ୍ଟା ଘନଶ୍ୟାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ଖବରଦାତା ରଘୁନାଥ ସାହୁ, ଖାରପଡ଼ା କମିଟି ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ, ମୟୂରଝାଲିଆ କମିଟି ସଭାପତି ରମେଶ ଚନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। କ୍ରିଷ୍ଣା ଚନ୍ଦ୍ର ପ୍ରଧାନ, ଅଧିକାରୀ ସୁବୁଧି, ଦିଲୀପ ନାଥ, ସାରଙ୍ଗଧର ପାଲଟାସିଂ, ତାରା ପ୍ରସାଦ ପଟ୍ଟନାୟକ, ନିମାଇଁ ଚରଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ ଧନ୍ୟବାଦ ଦେଇଥିଲେ।

# ଖଣ୍ଡା ବୁଲାଇ ବଟି ଆଦାୟ: ଜଣେ ଗିରଫ

**ବାରଙ୍ଗ,୨୨।୧୧(ଲିଙ୍ଗରାଜ ରାଉତ)**

ଚନ୍ଦକା ଥାନା ଅଧୀନ ଅନ୍ଧାରୁଆ ଅଞ୍ଚଳରେ କେତେ ଜଣ ଯୁବକ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ସହ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଅନ୍ଧାରୁଆ ଗଡସାହିର ସାନିଆ ଓରଫ ସନାତନ ବଳିଆରସିଂ(୩୪)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ. ୫୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ପୋଲିସ ସନାତନଙ୍କଠାରୁ ଏକ ବଙ୍ଗାଳୀ କଟୁରି ଓ ମୋବାଇଲ ଫୋନ ଜବତ କରିଛି।

ପ୍ରକାଶ ଯେ, ଅନ୍ଧାରୁଆ ଅଞ୍ଚଳରେ ଶନିବାର ଦିନ ଦ୍ୱିପ୍ରହରରେ ସନାତନ ଓ ତା’ର ସହଯୋଗୀ ଚିକୁନା ଦଳାଇ ଏବଂ ଆଶିଷ କୁମାର ରାୟ ଖଣ୍ଡା ଧରି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ସ୍ଥାନୀୟ ଦୋକାନୀ ଏବଂ ବିଲ୍ଡରଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଏନେଇ ସ୍ଥାନୀୟ ଲୋକେ ଚନ୍ଦକା ଥାନା ଆଇଆଇସି ସମିତା ମିଶ୍ରଙ୍କ ନିକଟକୁ ଖବର ପଠାଇଥିଲେ। ପରେ ଆଇଆଇସିଙ୍କ ନିର୍ଦ୍ଦେଶ ମୁତାବକ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ସମୟରେ ଅଭିଯୁକ୍ତମାନେ ଦୋକାନୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ଦାଦାବଟି ଦେବାକୁ ଧମକ ଦେଉଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ସେଠାରେ ପହଞ୍ଚି ସନାତନଙ୍କୁ କାବୁ କରିଥିବା ବେଳେ ତାଙ୍କର ଅନ୍ୟ ସହଯୋଗୀମାନେ ଘଟଣାସ୍ଥଳରୁ ଖସି ପଳାଇଯାଇଥିଲେ। ପରେ ପଚରାଉଚରା ବେଳେ, ସନାତନ ଓ ତାଙ୍କର ୨ ସହଯୋଗୀଙ୍କ ସହ ମିଶି ସ୍ଥାନୀୟ ଅଞ୍ଚଳରୁ ଦାଦାବଟି ଆଦାୟ କରୁଥିବା କଥା ସ୍ୱୀକାର କରିଥିଲେ। ସନାତନ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ଚନ୍ଦକା ଥାନାରେ ଏକାଧିକ ମାମଲା ରହିଥିବାର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ତେବେ ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ବାବା ଆମ୍ବେଦକର କ୍ଲବ୍ ଚାମ୍ପିୟନ

**ନିରାକାରପୁର,୨୨।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**

**ପ୍ରଦୀପ ସ୍ମାରକୀ ଏକଦିବାସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡ଼ିଆରେ ମା’ହରଚଣ୍ଡୀ କ୍ଲବ୍ ନିରାକାରପୁର ଆନୁକୂଲ୍ୟରେ ପ୍ରଦୀପ ସ୍ମାରକୀ ଏକଦିବାସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୪ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମା’ହରଚଣ୍ଡୀ କ୍ଲବ୍ ନିରାକାରପୁରକୁ ୩ଟି ଗୋଲ ଦେଇ ବାବା ଅମ୍ବେଦକର କ୍ଲବ୍ ବାଲିଗାଡ଼ିଆ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅବିନାଶ ପଟ୍ଟନାୟକ, ହୃଦାନନ୍ଦ ମହତରାୟ ଓ ସୁକାନ୍ତ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ବିପିନ କୁମାର ଜୟସିଂହ, ପୂର୍ବତନ ସେନା କର୍ମଚାରୀ ହରିବନ୍ଧୁ ସିଂ, ମହେଶ୍ୱର ବେହେରା, ପୂର୍ବତନ କ୍ରୀଡ଼ା ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଦୀପକ କୁମାର ପ୍ରଧାନ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ମିଶ୍ର, ଶୁଭମ ଦାଶ, ଦେବ ପ୍ରଧାନ, ଲିପୁ ପ୍ରଧାନ, ଶ୍ୟାମ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କାର୍ତ୍ତିକ ସାମନ୍ତରାୟ, ଦିନେଶ କୁମାର ଜୟସିଂହ, ଦୀପକ କୁମାର ପ୍ରଧାନଙ୍କ ସମେତ କ୍ଲବ୍‌ର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ସୁଆଙ୍ଗ, ମେଣ୍ଢାଶାଳ ବିଜୟୀ

**କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା,୨୨।୧୧(ପ୍ରଭାତ ପାଣିଗ୍ରାହୀ)**





ଅତିଥିଙ୍କଠାରୁ ଦୁଇ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳ ପଡ଼ିଆରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଦୁଇଟି ମ୍ୟାଚରେ ସୁଆଙ୍ଗ ଏବଂ ମେଣ୍ଢାଶାଳ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ସୁଆଙ୍ଗ ଏବଂ କାଇପଦର ଟିମ୍ ମଧ୍ୟରେ ହୋଇଥିଲା।

କାଇପଦର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୯ରନ ସଂଗ୍ରହ କରିଥିଲା। ସୁଆଙ୍ଗ ଟିମ୍ ପକ୍ଷରୁ ନିର୍ମଳ ମାଥା ୩ଟି ଉଇକେଟ ନେଇଥିଲେ। ଜବାବରେ ସୁଆଙ୍ଗ ଟିମ୍ ୪ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ନିର୍ମଳ ମାଥାଙ୍କୁ ସାମାଜିକକର୍ମୀ ଅବନୀକାନ୍ତ ସାମନ୍ତରାୟ ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମେଣ୍ଢାଶାଳ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ହୋଇଥିଲା। ମେଣ୍ଢାଶାଳ ଟିମ୍ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାଲିଆବାଡ଼ି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୪ ଉଇକେଟ ବିନିମୟରେ ୧୯୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ରନ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଟିମ୍ ୧୯ ଓଭରରେ ୪ଟି ଉଇକେଟ ବିନିମୟରେ ୧୯୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଇ.ଏସ୍.ଗିରି ୯୫ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇ ସାମାଜିକକର୍ମୀ ସରୋଜ ବରାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ ଏବଂ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ସେହିପରି ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମିୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। କାଜଲ ବଳିୟାରସିଂ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ରବିବାର ପ୍ରଥମ ମ୍ୟାଚ ବାଙ୍କୁଆଲ ଏବଂ ଯାଁଳା, ଦ୍ୱିତୀୟ ମ୍ୟାଚ୍ କଟକ ଏବଂ କୁମାରବସ୍ତ ଟିମ୍ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୧।୨୦୨୫

| | |
|---|---|
| ୫,୬୯,୨୪୩ ଟଙ୍କା | |
| ସୁନା | ୧.୩୯୦ ଗ୍ରାମ୍ |
| ରୁପା | ୫୬୪ ଗ୍ରାମ୍ |

# ପୁରୀରେ ପ୍ରତିଷ୍ଠା ହେବ କୁସ୍ତି, ବକ୍ସିଂ ଏକାଡେମୀ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ପୁରୀରେ କୁସ୍ତି ଓ ବକ୍ସିଂ ଏକାଡେମୀ ପ୍ରତିଷ୍ଠା ହେବ। କୁସ୍ତିର ଗଡ଼ ବୋଲାଉଥିବା ଶ୍ରୀକ୍ଷେତ୍ରରେ ସୃଷ୍ଟି ହେବ ଉତ୍କର୍ଷ କେନ୍ଦ୍ର। ଏଥିପାଇଁ ଦୁଇ ଏକର ଜାଗା ଚିହ୍ନଟ କରିବାକୁ ଜିଲାପାଳଙ୍କୁ ଚିଠି ଲେଖିଛି ରାଜ୍ୟ କ୍ରୀଡ଼ା ବିଭାଗ। ଏହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ପୁରୀରେ ବକ୍ସିଂ ଓ କୁସ୍ତି ଏକାଡେମୀ ପ୍ରତିଷ୍ଠା ହେଲେ ଖେଳାଳିମାନେ ନିଜ ଦକ୍ଷତା ଓ କୌଶଳ ପ୍ରଦର୍ଶନ କରିବା ସହ ରାଜ୍ୟ ଏବଂ ଦେଶ ପାଇଁ ପଦକ ଜିତି ସୁନାମ ଆଣିପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ପୁରୀରେ କୁସ୍ତି ପରମ୍ପରା ବେଶ୍ ପୁରାତନ। ସାହିର ଯୁବକମାନେ ମାଟିକୁସ୍ତିରୁ ଶରୀରଚର୍ଯ୍ୟା ଆରମ୍ଭ କରି ଗଦିକୁସ୍ତିରେ ଶେଷ କରିଥାନ୍ତି। କିନ୍ତୁ କାଳକ୍ରମେ ଏହି ପୁରାତନ କୁସ୍ତି ପରମ୍ପରା ଲୋପ ପାଉଥିବା ଦେଖିବାକୁ ମିଳୁଥିଲା। କେବଳ ବିଧି ରକ୍ଷା କରିବାକୁ ପଣା ସଂକ୍ରାନ୍ତି ଦିନ ସାହିର ଯୁବକମାନେ ମାଟିକୁସ୍ତି ପରମ୍ପରାକୁ ଉଜ୍ଜୀବିତ ରଖିଥିବାବେଳେ ମାଟି କାମୁଡ଼ି

### କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଉତ୍ସାହର ଲହରୀ

ପଡ଼ିଛି ଗଦିକୁସ୍ତି। ପୂର୍ବରୁ ପୁରୀର ଯୁବକଙ୍କ ସମେତ ସେବାୟତମାନେ ଜାଗା ଆଖଡ଼ା ଘରେ କୁସ୍ତି କରି ଶରୀରକୁ ଫିଟ୍ ରଖି ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କୁ ସୁରକ୍ଷା ଦେଉଥିଲେ। ଏବେ କୁସ୍ତି ଏକାଡେମୀ ଅଭାବରୁ ଯୁବପିଢ଼ି ଜିମ୍‌ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ତେବେ ଖୁବ୍‌ଶୀଘ୍ର ପୁରୀରେ କୁସ୍ତି ଓ ବକ୍ସିଂ ଏକାଡେମୀ ସ୍ଥାପନ ହେବାକୁ ଯାଉଛି। ଏଥିପାଇଁ ପୁରୀ ଜିଲା କ୍ରୀଡ଼ା କମ୍ପ୍ଲେକ୍ସ ନିକଟବର୍ତ୍ତୀ ଅଞ୍ଚଳରେ ଦୁଇ ଏକର ଜାଗା ଯୋଗାଇବାକୁ କ୍ରୀଡ଼ା ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି କରାଯାଇଛି। ପୁରୀର ବିଭିନ୍ନ ବ୍ୟକ୍ତିବିଶେଷ ସ୍ୱାଗତ କରିବା ସହ ସରକାର ତୁରନ୍ତ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ମତ ରଖିଛନ୍ତି। ଏନେଇ ବାଲିସାହି ଆଖଡ଼ାର ସମ୍ପାଦକ ତଥା ଆଠସାହି ଆଖଡ଼ାର ସଂଯୋଜକ ନରେନ୍ଦ୍ର ମହାନ୍ତି କହିଛନ୍ତି, ପୁରୀରେ କୁସ୍ତି ଏକାଡେମୀ ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେଉଥିବା ଜଣାପଡ଼ିବା ପରେ ବହୁତ ଖୁସି ଲାଗୁଛି। ଦୀର୍ଘଦିନ ହେଲା ଆମର ଏହି ଦାବି ରହିଥିଲା। କୋଚ୍‌ଙ୍କ ବିନା ପିଲାମାନେ କୁସ୍ତି କରୁଥିଲେ। କୁସ୍ତି ଏକାଡେମୀ ହେବା ପରେ କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲା କୁସ୍ତି ଶିଖିପାରିବେ। ଅତୀତରେ ୬୦ଟି ଯାଗାଘରେ ପିଲା କୁସ୍ତି ଶିଖୁଥିଲେ। ସାହିଗଳିରେ ଜାତୀୟସ୍ତରୀୟ କୁସ୍ତିଯୋଦ୍ଧା ରହିଥିଲେ। ମାତ୍ର ବର୍ତ୍ତମାନ ୪ରୁ ୫ଟି ଯାଗାଘରେ କୁସ୍ତି କରାଯାଉଛି। ପଣାସଂକ୍ରାନ୍ତିରେ କେବଳ ପ୍ରତୀକାତ୍ମକ ଭାବେ କୁସ୍ତି ଖେଳ ହେଉଛି। ଅନେକ ଯାଗାରୁ କୁସ୍ତି ଲୋପ ପାଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାପ୍ରଭୁଙ୍କ ନୀତି ସହ କୁସ୍ତି ଜଡ଼ିତ। ସେବାୟତମାନେ କୁସ୍ତି ଶିଖି ଶ୍ରୀମନ୍ଦିରକୁ ସୁରକ୍ଷା ଦେଇପାରୁଥିଲେ। ଅତୀତରେ ଶ୍ରୀମନ୍ଦିର ଚାରିପାଖରେ ଅନେକ ଯାଗା ରହିଥିଲା। ସେଠାରେ ପିଲାମାନେ କୁସ୍ତି କରି ଫିଟ୍ ରହୁଥିଲେ। ତେଣୁ କୁସ୍ତି ଏକାଡେମୀ ପ୍ରତିଷ୍ଠା ହେବା ଦ୍ୱାରା ଜଗନ୍ନାଥ ସଂସ୍କୃତିରେ ସୁରକ୍ଷା ହୋଇପାରିବ ବୋଲି ମହାନ୍ତି ମତବ୍ୟକ୍ତ କରିଛନ୍ତି। ପୁରୀ ବକ୍ସିଂ ଏକାଡେମୀର ସଭାପତି ସୁଦର୍ଶନ ସାହୁ କହିଛନ୍ତି, ପୁରୀରେ ଏକ ବକ୍ସିଂ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ସରକାରଙ୍କୁ ଧନ୍ୟବାଦ। ପିଲାମାନେ ପ୍ରଶିକ୍ଷଣ ନେଇ ପୁରୀ ସମେତ ଦେଶର ନାମ ରଖିପାରିବେ। ପୂର୍ବରୁ ପୁରୀରେ ବକ୍ସିଂ ପାଇଁ ହଷ୍ଟେଲ ରହିଥିଲା। ବକ୍ସିଂ ଏରିନା ପାଇଁ ୯ କୋଟି ୮୩ ଲକ୍ଷ ମଞ୍ଜୁର ହୋଇଥିଲା। ମାତ୍ର ରାତାରାତି ତାହାକୁ ବଦଳାଯାଇ ଖୋ ଖୋ ହଲ୍ କରାଯାଇଥିଲା। ତେବେ ବର୍ତ୍ତମାନର ସରକାର ବକ୍ସିଂ ପାଇଁ ପଦକ୍ଷେପ ନେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି, ପୁରୀରେ ବକ୍ସିଂ ଓ କୁସ୍ତି ଏକାଡେମୀ ଖୋଲିବା ନିମନ୍ତେ ପୂର୍ବରୁ ପ୍ରସ୍ତାବ ରହିଥିଲା। ଏବେ ବକ୍ସିଂ ଓ କୁସ୍ତି ଏକାଡେମୀ ସହ ହ୍ୟାଣ୍ଡବଲ୍ ଏକାଡେମୀ ପ୍ରତିଷ୍ଠା ହେବ। ଏଥିପାଇଁ ଖୁବଶୀଘ୍ର ଜାଗା ଚିହ୍ନଟ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏକ ଟିମ୍ ପୁରୀ ଆସି ଜାଗା ଚିହ୍ନଟ କରିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଦାସ କହିଛନ୍ତି।

# ସାମୂହିକ ବନ୍ଦେ ମାତରଂ ଗାଇଲେ ଛାତ୍ରୀଛାତ୍ର



ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ଅବସରରେ ସମୂହ ବନ୍ଦେ ମାତରମ୍ ଗାନ ।

ପିପିଲି,୨୨।୧୧
(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ସାରା ଭାରତରେ ରାଷ୍ଟ୍ରୀୟ ଗାନ ବନ୍ଦେ ମାତରଂର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ପିପିଲି ଜବାହର ବିଦ୍ୟାପୀଠ ଖେଳ ପଡ଼ିଆରେ ପିପିଲି ଶିକ୍ଷାମଣ୍ଡଳ ବିଦ୍ୟାଳୟ ସମୂହ ବନ୍ଦେ ମାତରଂ ସାମୂହିକ ଗାନ କରାଯାଇଥିଲା। ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ୫୦୦ ବିଦ୍ୟାର୍ଥୀ ଉତ୍ସାହର ସହିତ ଏହି ରାଷ୍ଟ୍ରୀୟ ବର୍ଣ୍ଣାଢ଼୍ୟ ଆୟୋଜନରେ ଅଂଶଗ୍ରହଣ କରି ସାମୂହିକ ଭାବେ ବଙ୍କିମ ଚନ୍ଦ୍ରଙ୍କ ରଚିତ ବନ୍ଦେ ମାତରଂ ଗାଇ ଏକ ରାଷ୍ଟ୍ରୀୟ ଦେଶ ଭକ୍ତି ଭାବର ପରିବେଶ ସୃଷ୍ଟି କରିଥିଲେ। ଉକ୍ତ ଆୟୋଜନ ସଭାରେ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୁରୀ ଅତିରିକ୍ତ ଏସ୍‌ପି ସଚିନ କୁମାର ପଟେଲ, ପୁରୀ ସହ ଶିକ୍ଷା ଜିଲା ଅଧିକାରୀ ଭବମ ପ୍ରଧାନ, ପିପିଲି ତହସିଲ୍‌ଦାର ହୃଷିକେଶ ତ୍ରିପାଠୀ, ବିଡିଓ ସରୋଜ କୁମାର ରାଉତ, ପିପିଲି ଶିକ୍ଷା ମଣ୍ଡଳ ଅଧିକାରୀ ପୀତବାସ ସେଠୀ, ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ପିପିଲି ସାଂସ୍କୃତିକ ପରିଷଦ ସମ୍ପାଦକ ରମେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ଅବସରରେ ବନ୍ଦେ ମାତରଂ ଓ ଦେଶାତ୍ମବୋଧକ ଗୀତର ଏକ କ୍ଷୁଦ୍ର ପୁସ୍ତିକା ଉନ୍ମୋଚନ ହୋଇଥିବା ବେଳେ ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ସାମାଜିକ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ମହାପାତ୍ର ବନ୍ଦେ ମାତରଂର ସଂକ୍ଷିପ୍ତ ପରିଚୟ ଇତିହାସ ବର୍ଣ୍ଣନା କରିଥିଲେ। ପିପିଲି ସାଂସ୍କୃତିକ ପରିଷଦର ସହଯୋଗରେ ଉପସଭାପତି ଦୀନବନ୍ଧୁ ବେହୁରା ଓ ସହ ସମ୍ପାଦକ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ କ୍ରୀଡ଼ା ଅବସରରେ ସାହିତ୍ୟ ଉତ୍ସବ

ପୁରୀ,୨୨।୧୧(ଅଜିତ୍ କୁମାର ମହାନ୍ତି)

ଗୋ ଆମେଚର ଜାତୀୟ କ୍ରୀଡ଼ା ଅବସରରେ ସମତା ସାହିତ୍ୟ ସମିତି ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନ ପରିସରରେ ଏକ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ରାଜଧାନୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଅଭିମନ୍ୟୁ ଭୂୟାଁ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ପ୍ରଭାସିନୀ ମିଶ୍ର, ବିପିନ ଦଳାଇ, ମାନସୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସଭାପତି ପ୍ରତିଭା ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ କ୍ରୀଡ଼ା ସହିତ ସାହିତ୍ୟର ସମ୍ପର୍କ ନିଶ୍ଚିତ ଅଛି ବୋଲି ମଞ୍ଚାସୀନ ଅତିଥିମାନେ ଆଲୋଚନା କରିଥିଲେ। ସାହିତ୍ୟ ହେଉଛି ସମାଜର ଦର୍ପଣ। ସାହିତ୍ୟିକମାନେ ତାଙ୍କର ଲେଖନୀ ମୁନରେ ସାହିତ୍ୟର ଅକ୍ଷର ଗୁଡ଼ିକୁ ସୁସଜ୍ଜିତ କରିଥାନ୍ତି। ଆମେ ଯାହାକୁ ଜଡ଼ ବୋଲି କହୁଥାଉ, କବି ତାକୁ ପ୍ରାଣ ସଞ୍ଚାର କରନ୍ତି। କାର୍ଯ୍ୟକ୍ରମକୁ ଅଧିବକ୍ତା ସର୍ବାଣୀ ଦାସ ସଂଯୋଜନା କରିଥିଲେ। ପୌର୍ଣ୍ଣମାସୀ ଦେବୀ, ପ୍ରତିଭା ଦାସ, ମିନତୀ ମିଶ୍ର, ଚନ୍ଦ୍ରମଣି ଦାସ, କଲ୍ୟାଣୀ ନନ୍ଦୀ, ଉମାକାନ୍ତ ମହାପାତ୍ର, ପୂଜା ପ୍ରଧାନ, ଅଜୟ କୁମାର ଦାଶ, ସ୍ମୃତି ରଞ୍ଜନ ପାତ୍ର, ଜୟକୃଷ୍ଣ ନନ୍ଦ, ସୁଭାଷିନୀ ଶତପଥୀ, ବିଶ୍ୱବନ୍ଧୁ ଦାସ, ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ। ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କୋଣାର୍କ ସେବା ସଂଗଠନର ତୃତୀୟ ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ କୃତୀ ଛାତ୍ରୀଙ୍କ ସହ ବିଧାୟକ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ।

କୋଣାର୍କ,୨୨।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସି କଲ୍ୟାଣମଣ୍ଡପ ଠାରେ କୋଣାର୍କ ଅଞ୍ଚଳର କୋଣାର୍କ ସେବା ସଂଗଠନର ତୃତୀୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସେବା ସଂଗଠନର ସମ୍ପାଦକ କୁନାଲ ପାତ୍ରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ତୁଷାରକାନ୍ତି ବେହେରା, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟର ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, କୋଣାର୍କ ଏନ୍‌ଏସି ଏମ୍‌ପିଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, କାଉନ୍‌ସିଲର ନିହାର ରଞ୍ଜନ ବେଉରା ଓ ଗବେଷକ ସଞ୍ଜୟ କୁମାର ବରାଳ ପ୍ରମୁଖ ଯୋଗଦେଇ ସେବା ସଂଗଠନର ଦୀର୍ଘ ବର୍ଷ ଧରି ସମାଜର ନିରାଶ୍ରୟ ଓ ଅସହାୟ ବ୍ୟକ୍ତିଙ୍କ ସେବାରେ ନିଜକୁ ନିୟୋଜିତ କରି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛନ୍ତି। ଗୋସେବା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବା ସଂଗଠନର ଭୂମିକାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଶୋଭନୀୟ ଶିକ୍ଷାକେନ୍ଦ୍ରର କୁନି କୁନି ଛାତ୍ରୀଛାତ୍ର ଓ ଅନ୍ୟ ଶିଶୁ କଳାକାରଙ୍କ ଦ୍ୱାରା ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିବା ବେଳେ କୋଣାର୍କ ସେବା ସଂଗଠନର ପ୍ରିୟ ରଞ୍ଜନ ରଥ, ଆଭାସ ମୁଦୁଲି, ଅଜିତ ସ୍ୱାଇଁ, ପ୍ରଦୀପ୍ତ କୁମାର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ସଭପତି ରଞ୍ଜନ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ସମୁଦ୍ର ଭିତରକୁ ନ ଯିବାକୁ ସଚେତନ କଲା ବନ ବିଭାଗ

କାକଟପୁର/ଅସ୍ତରଙ୍ଗ,୨୨।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ପୀରଜାହାନିଆ ସମୁଦ୍ର କୂଳରେ ଶୁକ୍ରବାର ସ୍ଥାନୀୟ ଯୁବକ କୁମ୍ଭୀର ଚଳପ୍ରଚଳ କରୁଥିବା ଦେଖିବା ପରେ ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୀରଜାହାନିଆ ନିକଟ ସମୁଦ୍ର ମଧ୍ୟକୁ ନ ଯିବାକୁ ସଚେତନ କଲା ବନ ବିଭାଗ। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ଦେହୁରୀ, ବନପାଳ କାଳୀଚରଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁମ୍ଭୀର ଆତଙ୍କ ଖେଳିଯିବା ପରେ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥିବା ପୀରଜାହାନିଆ ବେଳାଭୂମି ନିକଟରେ ସମୁଦ୍ର ସ୍ନାନ ଓ ସମୁଦ୍ର ଭିତରେ ପ୍ରବେଶ ବାରଣ କରିଛନ୍ତି ବନବିଭାଗ। ପର୍ଯ୍ୟଟକଙ୍କୁ ଡାକବାଜି ଯନ୍ତ୍ର ଓ ସମୁଦ୍ର କୂଳରେ ଫ୍ଲେକ୍ସ ଲଗାଇ ସମୁଦ୍ର ମଧ୍ୟକୁ ପ୍ରବେଶକୁ ବାରଣ କରିବା ସହ ସଚେତନ କରିଛନ୍ତି।

# ନୟାହାଟ ଫାଣ୍ଡି ଥାନାରେ ପରିଣତ ହେବ

ଯୋଗେଶ୍ୱରପୁର,୨୨।୧୧
(ରଶ୍ମି ରଞ୍ଜନ ସାହୁ)

ଦୀର୍ଘଦିନ ହେଲା ନୟାହାଟ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିବା ବେଳେ ତାହା ପୂରଣ ହେବବୋଲି ପ୍ରଶାସନ ପକ୍ଷରୁ ଖବର ମିଳିଛି। ସରକାରୀସ୍ତରରେ ଥାନା ପାଇଁ ସମସ୍ତ ପ୍ରକାର କାଗଜପତ୍ର କାମ ଶେଷ ହୋଇଛି ବୋଲି ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ଥାନା ପାଇଁ ଫାଣ୍ଡି ମଧ୍ୟରେ ଆବଶ୍ୟକୀୟ ଜାଗା ରହିଛି।

ନୟାହାଟ ଫାଣ୍ଡି ଅଧୀନରେ ୭ଟି ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ଗାଁ ଥିବାବେଳେ ୭୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ନୟାହାଟରେ ଥାନା ନ ଥିବାରୁ ଲୋକମାନେ ମୋକଦ୍ଦମା କରିବା ପାଇଁ ଦୀର୍ଘ ୨୦ କି.ମି. ଦୂର ଗୋପ ଥାନା ଉପରେ ନିର୍ଭର କରିଥାନ୍ତି। ସେଠାକୁ ଯିବା ପାଇଁ ୨ଟି ଗାଡ଼ିରେ ଯିବାଆସିବା ପାଇଁ ୨ଶହ ଟଙ୍କା ଖର୍ଚ୍ଚାନ୍ତ ହେଉଥିଲେ। ସନ୍ଧ୍ୟାପରେ ଗୋପରୁ ନୟାହାଟ ଯାତ୍ରୀବାହୀ ଗାଡ଼ି ନ ଥିବାରୁ ଲୋକେ ଅଟୋ ଯୋଗେ ୫ଶହ ଟଙ୍କା ଦେଇ ନୟାହାଟ ଆସିଥାନ୍ତି। ନୟାହାଟ ଫାଣ୍ଡିକୁ ଥାନା କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ବହୁବାର ଖବର ପ୍ରକାଶ ପରେ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଥିଲା। ଖୁବ୍‌ଶୀଘ୍ର ଫାଣ୍ଡି ଥାନା ହେବାକୁ ଯାଉଥିବାରୁ ସମାଜସେବୀ ଅଭିମନ୍ୟୁ ସିଂହ, ମକରଧ୍ୱଜ ସ୍ୱାଇଁ, ଅନନ୍ତ ସାହୁ, କେଦାର ନାଥ ସାହୁ, ବସନ୍ତ ପାଳ, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଦେଉଳୀ ସରପଞ୍ଚ ରିସ୍ମା ସ୍ୱାଇଁ, ଇଷାଣପୁର ସରପଞ୍ଚ ବିନୋଦିନୀ ପାଳ, ଜଙ୍ଗଲବୋରୀ ସରପଞ୍ଚ ପ୍ରଭାତୀ ସାହୁ, ପ୍ରଣୟ କୁମାର ସାହୁ, ସୋରଭା ସରପଞ୍ଚ କିଶୋର ସେଠୀ, ଜ୍ୟୋତିରଞ୍ଜନ ନାୟକ ଓ ରାଜଲକ୍ଷ୍ମୀ ଦାସ ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

# ମଧ୍ୟାହ୍ନଭୋଜନ ପାଚିକା ସଂଘର ତୃତୀୟ ସମ୍ମିଳନୀ

ପୁରୀ,୨୨।୧୧
(ଅଜିତ୍ କୁମାର ମହାନ୍ତି)



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପାଚିକା ସଂଘର ଜିଲାସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ପାଚିକାମାନେ।

ପୁରୀ ଜିଲା ମଧ୍ୟାହ୍ନଭୋଜନ ପାଚିକା ସଂଘର ତୃତୀୟ ସମ୍ମିଳନୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସଭାପତି ପୀତବାସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁର ଜିଲା ସମ୍ପାଦକ ଶରତ ରାୟଗୁରୁ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସଂଘର ଜଗନ୍ନାଥ ଦେଓ, ପାଚିକା ରାଜ୍ୟ ସଂଘର ଉପସଭାପତି ମୃତ୍ୟୁଞ୍ଜୟ ରାଉତ, ବନବାସିନୀ ମହାପାତ୍ର, ଟୁନା ନାୟକ, କୃଷକ ସଭାର ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ, ଗଣତାନ୍ତ୍ରିକ ମହିଳା ସମିତିର ଜିଲା ସମ୍ପାଦିକା ଜ୍ୟୋସ୍ନାରାଣୀ ସୁବୁଦ୍ଧି, ପୁରୀ ଜିଲା ସଂଘର ତରୁଲତା ମିଶ୍ର, ନିରୁପମା ନାୟକ, ଝଲି ନାୟକ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାର ପାଚିକାଙ୍କୁ ହେୟ ମନେ କରିବା ସହ ଶୋଷଣ କରିଚାଲିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ରାଜ୍ୟ ଉପସଭାପତିଙ୍କୁ ଶ୍ରମିକ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ପାଚିକା ସତ୍ୟଭାମା ମହାପାତ୍ରଙ୍କୁ 'ମାଣିକ ସମ୍ମାନ' ଏବଂ ତରୁଲତା ମିଶ୍ର, ନିରୁପମା ରଥ, ଟିଙ୍କିନା ପାଲ, ବାସନ୍ତୀ ନାୟକ, ସୁଜାତା ବିଶ୍ୱାସ, ଶୁକଲତା ଦାଶ, ନିରୁପମା ନାୟକ, ପୂର୍ଣ୍ଣିମା ବେହେରା ଓ ଶାନ୍ତିଲତା ପ୍ରଧାନଙ୍କୁ 'ପାଚିକା ମିତ୍ର' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୁରୀ ଜିଲା ମଧ୍ୟାହ୍ନଭୋଜନ ପାଚିକା ସଂଘର ଏକ ୨୩ ଜଣିଆ ଜିଲା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ପୀତବାସ ବେହେରା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଦେଓ, ଉପସଭାପତି ଟିଙ୍କିନା ପାଲ, ସାଧାରଣ ସମ୍ପାଦିକା ଭାବେ ସଂଯୁକ୍ତା ଯାଦବ, କୋଷାଧ୍ୟକ୍ଷ ଭାବେ ସୁଜାତା ବିଶ୍ୱାସ, ସହସମ୍ପାଦିକା ଭାବେ ଭାରତୀ ପରିଜା, ଉପସଭାପତି ଭାବେ ତରୁଣତା ମିଶ୍ର ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି।

# ଶୈକ୍ଷିକ ବାତାବରଣ ସହ ପ୍ରଶିକ୍ଷଣ ପ୍ରୋତ୍ସାହନ ଆବଶ୍ୟକ

### ୩୪ତମ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଅସ୍ତରଙ୍ଗ,୨୨।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ଶୁଭଦର୍ଶନ ମିଶ୍ର)



ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି ।

ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଜନତା ଉଚ୍ଚ ବିଦ୍ୟାଳୟ, ବନ୍ତିଲୋରେ ୩୪ତମ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ଛାତ୍ରୀ ଦିବ୍ୟାଶ୍ରୀ ଦାଶ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, ମୁଖ୍ୟବକ୍ତା ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ସମ୍ମାନିତ ଅତିଥି ମଣ୍ଡଳ ସହ ଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ଓଷ୍ଟା ସଂଘ ଅସ୍ତରଙ୍ଗ ବ୍ଲକ ସମ୍ପାଦକ ସନ୍ତୋଷ କୁମାର ଦାଶ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିପିନ କୁମାର ମହାନ୍ତି, ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କମିଟି ସାଙ୍ଗଠନିକ ସମ୍ପାଦକ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ଏକ ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ମନୋଭାବ ନେଇ ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଛାତ୍ରୀ, ଛାତ୍ରଙ୍କୁ ମାର୍ଗଦର୍ଶନ କରିପାରିଲେ ବିଜ୍ଞାନ ମେଳା ସାର୍ଥକ ହେବ ବୋଲି ସଭାପତି ତଥା ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ମତବ୍ୟକ୍ତ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମନୋନୀତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ, କୃଷି, ବିପର୍ଯ୍ୟୟ ପରିଚାଳନା, ଆଦର୍ଶ ଗଣିତ ପ୍ରଦର୍ଶନ, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା ଆଦି ବିଷୟକୁ ନେଇ ୧୪୫ ବିଜ୍ଞାନ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପରିଡ଼ା, ମଣ୍ଡଳ ସହ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ବିଜ୍ଞାନ ପର୍ଯ୍ୟବେକ୍ଷକ ଜିଲା ଶିକ୍ଷାଧିକାରୀ ଶ୍ରୀକୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଧାୟକ ବେହେରା ନିଜ ବକ୍ତବ୍ୟରେ ବିଜ୍ଞାନର ବିକାଶରେ ଦେଶର ପ୍ରଗତି ନିର୍ଭର କରେ ବୋଲି ମତବ୍ୟକ୍ତ କରିଥିଲେ।

## ଫଟୋ ରେ ଖବର



ପୁରୀବାସୀଙ୍କୁ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଦାବିନେଇ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରିବା ସହ ନୀରବ ଧାରଣା ଦିଆଯାଇଛି।




ଶିଶୁ ସମାଚାର ପକ୍ଷରୁ ସୁଖଲତା ମେମୋରିଆଲ୍ ବିଦ୍ୟାଳୟରେ ବିଶ୍ୱ ଶିଶୁ ଅଧିକାର ଦିବସ ପାଳନ ଅବସରରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ରମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ୧୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅଧୀନ ଆୟତପୁର ପଞ୍ଚାୟତ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ କେୟାର ହସ୍ପିଟାଲ ଡ୍ରିମ୍ସ ଟାଙ୍ଗୀ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଭେଷଜ ଓ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ୧୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ବ୍ୟତୀତ ରକ୍ତଚାପ ଓ ରକ୍ତ ପରୀକ୍ଷା ସମେତ ମାଗଣା ଔଷଧ ବିତରଣ କରାଯାଇଥିଲା। ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ଶିବିର ଉଦ୍‌ଘାଟନ କରିଥିଲେ। ପଦ୍ମିନୀ କେୟାର ହସ୍ପିଟାଲର ମାର୍କେଟିଂ ମ୍ୟାନେଜର ଏ. ନମିତାଭ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିର ପରିଚାଳନାରେ ଅରୁଣ କୁମାର ଲେଙ୍କା, ନିମାଇଁଚରଣ ବେହେରା, ବଳରାମ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ୧୩ରେ

କଟକ,୨୨।୧୧(କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ୧୩ ତାରିଖ (ଶନିବାର) ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାଧିକରଣ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ସହମତି ଭିତ୍ତିରେ ଫଏସଲା କରାଯିବ। ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନି ଓ ଫୌଜଦାରି ଆଦି ମାମଲାଗୁଡ଼ିକ ଅନ୍ତର୍ଭୁକ୍ତ ରହିଛି। ଜନସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେଇ ଅଯଥା ଅଦାଲତକୁ ନ ଦୌଡ଼ି ସମୟ ଓ ଅର୍ଥ ବଞ୍ଚାଇବାକୁ କୁହାଯାଇଛି।

### ଖ୍ରୀଷ୍ଟ କଲେଜରେ ଅର୍ଥନୀତି ବିଭାଗର ବାର୍ଷିକ ପାଠଚକ୍ର

କଟକ,୨୨।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜର ଅର୍ଥନୀତି ବିଭାଗର ବାର୍ଷିକ ପାଠଚକ୍ର କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ରଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ଯୋଗଶଙ୍କର ମହାପ୍ରଶସ୍ତ ନୂତନ ଶିକ୍ଷାନୀତି-୨୦୨୦ ଉପରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ସୁଧାକର ପାତ୍ର ଯୋଗଦେଇ ନୂତନ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଏହାର ବିଦ୍ୟାର୍ଥୀଙ୍କ ଜୀବନରେ କ'ଣ ଭୂମିକା ତାହା ସମ୍ପର୍କରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ପିୟୁଷ ରଞ୍ଜନ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ମର୍ଦ୍ଦରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକ ଓ ଅଧ୍ୟାପକଙ୍କ ସମେତ ଅର୍ଥନୀତି ବିଭାଗର ବିଦ୍ୟାର୍ଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ରଙ୍କ ରାଜପଥ ଅବରୋଧ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୨।୧୧
(ଆଶୁତୋଷ ଦାସ/ମାନସ ସାମଲ)


କଲେଜ କର୍ତ୍ତୃପକ୍ଷ ଓ ପିଲାଙ୍କ ସହ ପୋଲିସ ଆଲୋଚନା କରୁଛି।

ଚୌଦ୍ୱାର ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥ କଲେଜ ରାସ୍ତାରେ ଶୁକ୍ରବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଚୌଦ୍ୱାର କଲେଜ ଅଧ୍ୟାପିକାଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ପୋଲିସ ଅଧିକାରୀ ଭାଗ୍ୟକିଶୋର କରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ଚୌଦ୍ୱାର ମହାବଦ୍ୟାଳୟ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶନିବାର ବିଭିନ୍ନ ଦାବି ନେଇ ଚୌଦ୍ୱାର କଲେଜ ଶତାଧିକ ଛାତ୍ରୀଛାତ୍ର କଲେଜର ସମ୍ମୁଖ ଜାତୀୟ ରାଜପଥ ଅବରୋଧ କରିଥିଲେ। ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରିବା, ଦିନରେ ସର୍ଭିସ ରୋଡ୍‌ରେ ଭାରିଯାନ ଚଳାଚଳ ବନ୍ଦ, ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରି ରାସ୍ତା ସମ୍ପ୍ରସାରଣ କରିବା ଆଦି ବିଭିନ୍ନ ଦାବି କରିଥିଲେ। ଜାତୀୟ ରାଜପଥ ଅବରୋଧ ଯୋଗୁ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଚୌଦ୍ୱାର ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ, ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା, ଇନ୍ସପେକ୍ଟର ସରସ୍ୱତୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ଥାନା ଅଧିକାରୀ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ମଧ ବିଫଳ ହୋଇଥିଲେ। କଲେଜ କର୍ତ୍ତୃପକ୍ଷ ଓ ଅନ୍ୟ କର୍ମଚାରୀବୃନ୍ଦଙ୍କ ସହ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆସି ପିଲାଙ୍କ ସହ ଆଲୋଚନା କଲେ ରାସ୍ତାରୁ ସେମାନେ ହଟିବେ ବୋଲି କହି ଜିଦରେ ଅଟଳ ରହିଥିଲେ। ୧୦ ମିନିଟ୍ ମଧ୍ୟରେ ଅବରୋଧରୁ ନ ହଟିଲେ ଛାତ୍ରୀଛାତ୍ରଙ୍କ ନାମରେ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷଙ୍କୁ ଥାନା ଅଧିକାରୀ ତାଗିଦ କରିଥିଲେ। ଏହାର କିଛି ସମୟ ମଧ୍ୟରେ ସମସ୍ତ ଛାତ୍ରୀଛାତ୍ର ରାସ୍ତାରୁ ହଟିଥିଲେ। ପରେ କଲେଜ ପରିସରରେ ପୋଲିସ ପ୍ରଶାସନ ଓ ଏନ୍‌ଏଚ୍‌ଏଆଇ ଠିକାସଂସ୍ଥା କର୍ମଚାରୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ସର୍ଭିସ ରୋଡ୍‌ରେ ଦିନବେଳା ଭାରିଯାନକୁ ବନ୍ଦ ରଖିବା, ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ସହ କଲେଜ ସମ୍ମୁଖରେ ଏକ ଫୁଟ୍ ଓଭରବ୍ରିଜ୍

### ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ମୃତ ଘଟଣା

ନିର୍ମାଣ ପାଇଁ ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ଅତିରିକ୍ତ ଡିସିପି ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଥାଉକି, ଜାତୀୟ ରାଜପଥ ଅବରୋଧ କରିବା ଘଟଣା ଖବର ପ୍ରସାର ପରେ ଛାତ୍ରୀଛାତ୍ରଙ୍କ କେତେଜଣ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜାତୀୟ ରାଜପଥ ଅବରୋଧ କରିବା ଏକ ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ଏ ସଂକ୍ରାନ୍ତରେ କୌଣସି ସୂଚନା ନ ଦେଇ କାହା ନିର୍ଦ୍ଦେଶରେ ଛାତ୍ରୀଛାତ୍ରଙ୍କୁ ନେଇ ଜାତୀୟ ରାଜପଥ ଅବରୋଧ କରାଗଲା ବୋଲି ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଯଦି ପୋଲିସ କୌଣସି ଛାତ୍ରୀଛାତ୍ରଙ୍କ ନାମରେ ଜାତୀୟ ରାଜପଥ ଅବରୋଧ ମାମଲା ରୁଜୁ କରିଥାନ୍ତା ତେବେ ପିଲାଙ୍କ ଭବିଷ୍ୟତ ନଷ୍ଟ ଆଶଙ୍କା ଦେଖାଯାଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି। ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ।

# ନ୍ୟାୟୋଚିତ ଅଧିକାର, ପେନ୍‌ସନ ଦାବିରେ କର୍ମଚାରୀଙ୍କ ସମାବେଶ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଚୌଦ୍ୱାର,୨୨।୧୧(ଆଶୁତୋଷ ଦାସ)

ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ, ନିୟମିତ, ସେବାନିବୃତ୍ତ ଫୋରମ ପକ୍ଷରୁ ଏକ ସମାବେଶ ସ୍ଥାନୀୟ ଗାନ୍ଧୀ ଛକସ୍ଥିତ ପୌର ଟାଉନହଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫୋରମର ମୁଖ୍ୟ ସଂଯୋଜକ ରଞ୍ଜିତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, କୋଠାବାଡି ଓ ଗୃହ ନିର୍ମାଣ, ଜାତୀୟ ରାଜପଥ, ଜନସ୍ୱାସ୍ଥ୍ୟ ଓ ଗ୍ରାମୀଣ ଜଳଯୋଗାଣ, ଜଳସେଚନ ସମେତ ୫ଟି ବିଭାଗର ଶତାଧିକ ଅବସରପ୍ରାପ୍ତ ଓ କାର୍ଯ୍ୟରତ କର୍ମଚାରୀ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଫୋରମ ପକ୍ଷରୁ ନ୍ୟାଯ୍ୟ ଦାବି ଆଗାମୀ ଦିନରେ ସରକାର ପୂରଣ ନ କରନ୍ତି ତେବେ ଆସନ୍ତା ଡିସେମ୍ବର ୫ରେ ରାଜରାସ୍ତାକୁ ଓହ୍ଲାଇବା ସହିତ ସମୂହ ଆତ୍ମାହୁତି ଭଳି ପଦକ୍ଷେପ ନିଆଯିବ ବୋଲି ଫୋରମର ପ୍ରଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ମୁଦୁଲି, କୃଷ୍ଣଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ମହାରଣା, ପ୍ରସନ୍ନ କୁମାର ପ୍ରଧାନ, ଅଜିତ କୁମାର ଦାସ, ଆଶିଷ ନନ୍ଦ, କ୍ଷୀତିନ୍ଦ୍ର ମିତ୍ର, କପିଳେଶ୍ୱର ବାରିକ, କଲ୍ୟାଣ ମହାରଣା, ସୁଧାଂଶୁ ମିଶ୍ରଙ୍କ ସମେତ କର୍ମଚାରୀ ପ୍ରକାଶ କରିଛନ୍ତି।

# ବିଜ୍ଞାନ ମେଳାରେ ପ୍ରଦର୍ଶିତ ୭୦ ପ୍ରକଳ୍ପ


ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

ଟିଗିରିଆ,୨୨।୧୧(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଖଟୁଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଉପସ୍ଥିତ ସମସ୍ତ ଅତିଥି ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। କୃତୀ ସମସ୍ତ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବ୍ଲକ ପୂର୍ବତନ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୁଳମଣି ରାଉତ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସାହୁ, ପ୍ରିୟଦର୍ଶିନୀ ବେହେରା, ସାଇକୃଷ୍ଣା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବରିଷ୍ଠ କିରାଣି ଗଣେଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର ହରିହର ଜଣେ ଆଧ୍ୟାତ୍ମିକବାଦୀ ବୈଜ୍ଞାନିକ ଥିଲେ

କଟକ, ୨୨।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷାବିତ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ୧୯ତମ ଶ୍ରାଦ୍ଧ ବାର୍ଷିକୀ ସଭା ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ଉପସଭାପତି ଡ. ସତ୍ୟ ରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡା. ରବିରଞ୍ଜନ ସାହୁ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡା. ନିମାଇଁ ଚରଣ ପରିଜା, ବରେଣ୍ୟ ଅତିଥି ଭାବେ ପ୍ରଫେସର ଡା. ଜ୍ଞାନେନ୍ଦ୍ର ନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ରଘୁନାଥ ମହାପାତ୍ର ଯୋଗଦେଇଥିଲେ। ପ୍ରଫେସର ହରିହର ପଟ୍ଟନାୟକ ଜଣେ ଆଧ୍ୟାତ୍ମିକବାଦୀ ବୈଜ୍ଞାନିକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି ସଂସଦର କୋଷାଧ୍ୟକ୍ଷ ପ୍ରିୟରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ କରିଥିବାବେଳେ ସମ୍ପାଦକ ଦିଲୀପ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୁବନାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରାକାନ୍ତ ଅଗସ୍ତି, ବିଦ୍ୟୁତ କୁମାରୀ ଲାଲା, ଡ. ଓଁକାର ରାଉତ, ମିଳନ ବଡ୍ଡୁ, ଯୋଗେନ୍ଦ୍ର ନାଥ ବସ୍ତିଆ, ଦେବପ୍ରସାଦ ଦାସ, ପାର୍ଥ ସାରଥୀ ମହାନ୍ତି, ଦେବସ୍ମାନ ଦାସଙ୍କ ସମେତ କୁଟୀରର ଅନ୍ତେବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ସେ ବୃକ୍ଷ ନୁହଁଇ କାହାର' ପୁସ୍ତକ ଉନ୍ମୋଚିତ

କଟକ,୨୨।୧୧(କାର୍ତ୍ତିକ ସାହୁ)

ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ମନ୍ମଥ ନାଥ ବରାଳଙ୍କ 'ସେ ବୃକ୍ଷ ନୁହଁଇ କାହାର' କବିତା ପୁସ୍ତକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଉନ୍ମୋଚିତ ହୋଇଯାଇଛି। ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଜୀବନ ତତ୍ତ୍ୱ ଉପରେ ରଚିତ କବିତା ସମାଜକୁ ଶୃଙ୍ଖଳିତ କରିଥାଏ। ମୁଖ୍ୟ ଅତିଥି ଡକ୍ଟର ବୈଷ୍ଣବ ଚରଣ ସାମଲ କହିଲେ, ବିଶାଳ ହୃଦୟ ସାହିତ୍ୟକୁ ବଳିଷ୍ଠ କରିଥାଏ। ସମ୍ମାନିତ ଅତିଥି ସ୍ତମ୍ଭକାର ଜଗବନ୍ଧୁ ମିଶ୍ର କହିଲେ, ମାଟି ମନସ୍କତା କବିକୁ କାଳଜୟୀ କରେ। ମୁଖ୍ୟ ବକ୍ତା ଡକ୍ଟର ସଂଘମିତ୍ରା ବେହେରା କହିଲେ, ସେ ବୃକ୍ଷ ନୁହଁଇ କାହାର ପୁସ୍ତକରେ ଜିଇଁବାର କଳା ଓ ଶରୀର ତତ୍ତ୍ୱକୁ ସୁନ୍ଦର ଭାବରେ କବି ତାଙ୍କ ରଚନାରେ ଚିତ୍ରିତ କରିଛନ୍ତି। ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ଅଧକ୍ଷତା କରି କହିଲେ, ଅନୁଭବ ଓ ଅନୁଭୂତି ସାହିତ୍ୟକୁ ସମୃଦ୍ଧ କରିଥାଏ। ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ ବିଜୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ମନ୍ମଥ ନାଥ ବରାଳ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ହେମନ୍ତ କୁମାର ଜେନା ଅତିଥି ପରିଚୟ ଓ ଅଶୋକ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କନ୍ୟା, ବାଲ୍ ଶିବିର କାର୍ଯ୍ୟକ୍ରମ


କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

କଟକ ସଦର,୨୨।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର କନ୍ୟା ଓ ବାଲ୍ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ, ଯୋଗ ଓ ବ୍ୟାୟାମ, ସଙ୍ଗୀତ ଚୌକି, ବିଭିନ୍ନ ପ୍ରତିଯୋଗିତା, ସ୍ୱାସ୍ଥ୍ୟଶିକ୍ଷା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଭଗ୍ନୀ ସସ୍ମିତା ଉଦ୍‌ଘାଟନ କରିଥିଲେ। ଶୁଭଶ୍ରୀ ଲେଙ୍କା ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥବା ବେଳେ ଡ. ଆକୃତି ଜେନା ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ଅନିତା ଶତପଥୀ, ସସ୍ମିତା ପାତ୍ର, ଶୁଭଶ୍ରୀ ପ୍ରଧାନ, ଅନସୂୟା ମହନ୍ତ, ରାଜସ୍ମିତା ବିଶ୍ୱାଳ, ନମିତା ପ୍ରଧାନ, ବିଷ୍ଣୁପ୍ରିୟା ପଣ୍ଡା, ସୁପ୍ରଭା ମିଶ୍ରଙ୍କ ସମେତ ସମସ୍ତ ଗୁରୁମାମାନେ ପରିଚାଳନା କରିଥିଲେ।

## ରକ୍ତଦାନ ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

କଟକ, ୨୨।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜରେ କମିଶନରେଟ ପୋଲିସ ଓ ଯୁବ ରେଡକ୍ରସ୍‌ର ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ, ଜୋନ-୨ ଏସିପି ଗିରିଜା ଚକ୍ରବର୍ତ୍ତୀ, ଭାରପ୍ରାପ୍ତ ଏସିପି ଯତିନ୍ଦ୍ରନାଥ ସେଠୀ, ଯୁବ ରେଡକ୍ରସ୍‌ର ସଂଯୋଜିକା ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ ଯୋଗଦେଇ ରକ୍ତଦାନର ମହାନତା ଓ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରକୁ ଡ. ସ୍ୱାତୀ ମହାନ୍ତି, ଡ. ସଞ୍ଜିତ ବିଶ୍ୱାସ, ଅଧ୍ୟାପିକା ମିତାଞ୍ଜଳି ଜେଠୀ, ଡ. ଶାଶ୍ୱତୀ ମିଶ୍ର, ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ, ଆଦ୍ୟାଶା ମହାନ୍ତି, ଶିବାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ଯୁବ ରେଡକ୍ରସ୍‌ର କାଉନସିଲର ଡ. ପ୍ରଦୀପ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ବଂଶୀ ବାଦନରେ ଶ୍ରେୟା ଛୋଟରାୟ ସମ୍ମାନିତ


ଶ୍ରେୟା ଛୋଟରାୟଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ଫୁଲନଖରା,୨୨।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର କୁରାଂଗପ୍ରଧାନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୁଆଳି ମୌଜାର ଶିଶୁ କଳାକାର ଶ୍ରେୟା ଛୋଟରାୟଙ୍କୁ ଭୁବନେଶ୍ୱରରେ ଅବନ୍ତିକା ଏକାଡେମୀ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବରେ ବଂଶୀ ବାଦନରେ ସମ୍ମାନିତ କରାଯାଇଛି। ଗୁଆଳିର ପ୍ରତିଷ୍ଠାତା ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ମା' ଗୁରୁକୁଳର ନୃତ୍ୟଗୁରୁ ସଙ୍ଗୀତା ଛୋଟରାୟ ଓ ପିତା ସୌଭାଗ୍ୟ ନାରାୟଣ ଛୋଟରାୟଙ୍କ ପ୍ରୋତ୍ସାହନରେ ଶ୍ରେୟା ୭ବର୍ଷ ବୟସରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିବାରେ ରୁଚି ରଖିଥିଲେ। ଏହା ସହିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଗୁରୁ ଶ୍ରୀନିବାସ ଶତପଥୀଙ୍କଠାରୁ ବଂଶୀ ବାଦନ ଶିକ୍ଷା କରି ନିକଟ ଅତୀତରେ କେନ୍ଦ୍ର ସଂସ୍କୃତି ବିଭାଗ ନୂଆଦିଲ୍ଲୀ ପକ୍ଷରୁ ସ୍କଲାରଶିପ ପାଇ ଏହି କଳାରେ ଶିକ୍ଷାଲାଭ କରିବା ସହିତ ମାତା ନୃତ୍ୟଗୁରୁଙ୍କଠାରୁ ଓଡ଼ିଶୀ ନୃତ୍ୟ ଓ ଗୁରୁ ଶ୍ରୀନିବାସ ଶତପଥୀଙ୍କଠାରୁ ବଂଶୀ ବାଦନ ଶିକ୍ଷା କରୁଛନ୍ତି। ବ୍ରାହ୍ମଣଝରିଲୋ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଦ୍ୟା ଅଧ୍ୟୟନ କରିବା ସହିତ ଶିଶୁ ଅବସ୍ଥାରୁ ଅଞ୍ଚଳର ଏକ କଳାକାର ପରିବାରରେ ଜନ୍ମ ହୋଇ କଳାପ୍ରତି ଏପରି ରୁଚି ନିମନ୍ତେ ଅଞ୍ଚଳର ଅନେକ ଶିକ୍ଷାବିତ୍ ଓ କଳାପ୍ରେମୀ ତାଙ୍କ ସୁଦୀର୍ଘ ନିରାମୟ ଜୀବନ ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ୨୬ରେ 'ସ୍ମୃତିରେ ଅମୃତମୟୀ ମା' ଇଚ୍ଛାବତୀ'

କଟକ,୨୨।୧୧(କାର୍ତ୍ତିକ ସାହୁ)

କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯ମ ଶ୍ରାଦ୍ଧବାର୍ଷିକୀ 'ସ୍ମୃତିରେ ଅମୃତମୟୀ ମା' ଇଚ୍ଛାବତୀ' ଆସନ୍ତା ୨୬ ତାରିଖ (ବୁଧବାର) ଅନୁଷ୍ଠିତ ହେବ। ଧନେଶ୍ୱର ରଥ ଫାଉଣ୍ଡେଶନ୍ ଓ ଡ୍ରିମ୍ସ ପରିବାର ପକ୍ଷରୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ହେବାକୁ ଥିବା ସ୍ମୃତିଚାରଣ କାର୍ଯ୍ୟକ୍ରମରେ ବୈଦିକ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାଗ୍ମୀ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ପୁରୋଧା ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ବହୁ ବିଶିଷ୍ଟ ଶିକ୍ଷାବିତ୍, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଏହି ଅବସରରେ ଟାଙ୍ଗୀ (କଏରାପାରି) ବାସଭବନରେ ସଂକୀର୍ତ୍ତନ, ଗୀତା ପାରାୟଣ, ଶ୍ରାଦ୍ଧ ଅର୍ପଣ ହେବ। ଏଥିରେ ସନାତନ ଧର୍ମ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ବୋଲି ରଥ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

# କଥକ, ଓଡ଼ିଶୀରେ ଦର୍ଶକ ବିଭୋର

### ଗୁଞ୍ଜନ ଡ୍ୟାନ୍ସ, ମ୍ୟୁଜିକ୍ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା

କଟକ,୨୨।୧୧(କାର୍ତ୍ତିକ ସାହୁ)


ଗୁଞ୍ଜନ ଡ୍ୟାନ୍ସ, ମ୍ୟୁଜିକ୍ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମହତାବ ରୋଡ୍‌ସ୍ଥିତ ଗ୍ରାଣ୍ଡ ଅଡିଟୋରିୟମଠାରେ ଚାଲିଥିବା ୨୯ତମ ଗୁଞ୍ଜନ ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲର ଶନିବାର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି। ଭୁବନେଶ୍ୱରରୁ ଆସିଥିବା ପ୍ରସିଦ୍ଧ ଶାସ୍ତ୍ରୀୟ ଗାୟିକା ନାଜିଆ ଆଲମଙ୍କ ଶାସ୍ତ୍ରୀୟ ସଙ୍ଗୀତ ସହ ଶ୍ରୀ ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ଅଷ୍ଟପଦି ଗାୟନ ପ୍ରେକ୍ଷାଳୟରେ ଦର୍ଶକଙ୍କ ଖଚାଖଚ ଭିଡ଼କୁ ପ୍ରୋତ୍ସାହିତ କରିଥିଲା। ଏଥିସହ ଗୁଞ୍ଜନ୍‌ର ବରିଷ୍ଠ ନୃତ୍ୟଶିଳ୍ପୀ ମାଳବିକା ଜେନା ଏକକ ନୃତ୍ୟରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ବେଙ୍ଗାଲୁରୁରୁ ଆସିଥିବା ଡକ୍ଟର ଲକ୍ଷ୍ମୀନାରାୟଣ ଜେନାଙ୍କ କଥକ ନୃତ୍ୟ ଓ ଆମେରିକାର ବରିଷ୍ଠ ନୃତ୍ୟାଙ୍ଗନା ଡ. ତାପସୀ ରଥଙ୍କ ଏକକ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମନୋରଞ୍ଜନ ଖୋରାକ ଯୋଗାଇଥିଲା। ଗୁଞ୍ଜନର କୁନି କଳାକାରମାନେ ଗୁରୁବ୍ରହ୍ମା ସଙ୍ଗୀତର ତାଳରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଗୁଞ୍ଜନର ଯୁବ ପ୍ରତିଭାମାନେ ଶଙ୍କରାଭରଣ ପଲ୍ଲବୀରେ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ ସିନର୍ଜି ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବିନୋଦ ଦାସ ଯୋଗଦେଇ ନୃତ୍ୟଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।


ଗୁଞ୍ଜନର ଶିଶୁ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ। (ଫଟୋ: ରାଜକିଶୋର ମହାନ୍ତି)

# ଜନଜାତି ଅସ୍ମିତାର ପ୍ରତୀକ ଶହୀଦ ଲକ୍ଷ୍ମଣ ନାୟକ

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୨୨।୧୧(ସୌମ୍ୟରଞ୍ଜନ ରାଉତ)



ଜୟନ୍ତୀ ସମାରୋହରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥିମାନେ।

ଶହୀଦ ଲକ୍ଷ୍ମଣ ନାଏକଙ୍କ ନିର୍ଭୀକତା, ତ୍ୟାଗ ଓ ଜାତିପ୍ରୀତିର ପଟାନ୍ତର ନାହିଁ। କୋରାପୁଟ ଜିଲା ଟେନ୍ତୁଲିଗୁମାରେ ଜନ୍ମିତ ଏହି ମହାନାୟକ ଜଣେ ବିଚକ୍ଷଣ ଆଦିବାସୀ ନେତା ଥିଲେ। ଅତ୍ୟାଚାରୀ ବ୍ରିଟିଶ୍ ଶାସନ ବିରୋଧରେ ଏବଂ ନିଜ ସମ୍ପ୍ରଦାୟର ଅଧିକାର ପାଇଁ ସଂଗ୍ରାମ କରିଥିଲେ। ପରାଧୀନତା ଓ ଶୋଷଣ ବିରୋଧରେ ସଂଗ୍ରାମ କରି ସେ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଦେଶବତ୍ସଳ, ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବରେ ଶହୀଦ ଲକ୍ଷ୍ମଣ ନାୟକ ଅବିସ୍ମରଣୀୟ ରହିବେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ମତ ରଖିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭାରତର ସ୍ୱାଧୀନତା ସଂଗ୍ରାମର ଚିତ୍ର ଓ ଚରିତ୍ର ଅଧ୍ୟୟନ ଓ ଅନୁଶୀଳନ କଲାବେଳେ ଆଦିବାସୀମାନଙ୍କ ମହାନ୍ ଅବଦାନକୁ ଅସ୍ୱୀକାର କରିପାରିବା ନାହିଁ। ୧୯୨୧ରେ ମହାତ୍ମା ଗାନ୍ଧୀ ଯେତେବେଳେ ଅସହଯୋଗ ଡାକରା ଦେଲେ, ସେତେବେଳେ ଲକ୍ଷ୍ମଣ ନାଏକଙ୍କ ଆହ୍ୱାନକ୍ରମେ କୋୟା ଓ ବଣ୍ଡା ଆଦିବାସୀମାନେ ଲୁଚିଛପି ବ୍ରିଟିଶମାନଙ୍କ ଉପରେ ସଶସ୍ତ୍ର ଆକ୍ରମଣ କରିଥିଲେ। ତାଙ୍କ ଉଦ୍ୟମରେ କୋରାପୁଟ ଜିଲାରେ ସ୍ୱାଧୀନତା ସଂଗ୍ରାମର ବହ୍ନି ଜଳି ଉଠିଥିଲା ବୋଲି ମନ୍ତ୍ରୀ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି କହିଲେ, ଆଦିବାସୀଙ୍କ ମଧ୍ୟରେ ଲକ୍ଷ୍ମଣ ନାଏକ ଜଣେ ଲୋକନାୟକ ଭାବରେ ଜଣାଶୁଣା। କୋରାପୁଟ ଜିଲାର ସରଳ, ନିରୀହ, ନିଷ୍କପଟ ଆଦିବାସୀମାନେ ବର୍ବର ଇଂରେଜମାନଙ୍କ ଅନ୍ୟାୟ ଓ ଅତ୍ୟାଚାରରେ ଶୋଷିତ ହେଉଥିଲେ। ସେତେବେଳେ ମହାଜନମାନେ ଆଦିବାସୀମାନଙ୍କୁ ଶୋଷଣ କରୁଥିଲେ ଏବଂ ସେମାନଙ୍କୁ ବେଠି ଖଟାଉ ଥିଲେ। ଏହିସବୁ କାର୍ଯ୍ୟ ଲକ୍ଷ୍ମଣ ନାଏକଙ୍କୁ ବିଶେଷ ବିବ୍ରତ କରିଥିଲା। ସେ ନିଜ ଦେଶୀୟ ଭାଷାରେ ହୃଦୟସ୍ପର୍ଶୀ ଭାଷଣ ଦେଇ ଦେଶପ୍ରେମ ଓ ସ୍ୱାଧୀନତା ବହ୍ନିକୁ ପ୍ରଜ୍ୱଳିତ କରିଥିଲେ ବୋଲି ଡ. ମହାନ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି ଯୋଗଦେଇ କହିଲେ, ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାଏକଙ୍କ ସଂଗ୍ରାମ ଜନଜାତି ସ୍ୱାଭିମାନକୁ ଋଦ୍ଧିମନ୍ତ କରିଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ସୂଚନା ଭବନର ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସଦର ଭୁବନେଶ୍ୱର ଉପସଭାପତି ଇଂ. ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ୫ମ ନୃତ୍ୟସୁଧା ନୃତ୍ୟ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ୨ ବ୍ୟକ୍ତିତ୍ୱ।

# ବିଜୟଙ୍କୁ 'ନୃତ୍ୟସୁଧା', ସ୍ୱେତାଶ୍ରୀଙ୍କୁ 'ନୃତ୍ୟ ଉର୍ମିମାଳା ସମ୍ମାନ'

## ୫ମ ନୃତ୍ୟସୁଧା ନୃତ୍ୟ ଉତ୍ସବ

ଭୁବନେଶ୍ୱର,୨୨।୧୧ (ସୌମ୍ୟରଞ୍ଜନ ରାଉତ)



ଉତ୍ସବରେ ନୃତ୍ୟସୁଧା ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ନୃତ୍ୟାଭିନୟ କରୁଛନ୍ତି।

ନୃତ୍ୟସୁଧା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶନିବାର ଭଞ୍ଜକଳା ମଣ୍ଡପରେ ୫ମ ନୃତ୍ୟସୁଧା ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶ୍ରୀରାଧା କଳାକୁଞ୍ଜର ଗୁରୁ ମିନତି ପ୍ରଧାନ, ଓଡ଼ିଶୀ ନୃତ୍ୟଗୁରୁ ପଙ୍କଜ କୁମାର ପ୍ରଧାନ, ବଂଶୀବାଦକ ଗୁରୁ ସୌମ୍ୟରଞ୍ଜନ ଜୋଷୀ, ଓଡ଼ିଶୀ ସଙ୍ଗୀତଗୁରୁ ରାସବିହାରୀ ନାଥ, ପରିବେଶବିତ୍ ଅଶୋକ ଶାର୍ଦ୍ଦା, ବେହେଲା ଗୁରୁ ରମେଶ ଚନ୍ଦ୍ର ଦାସ, ଓଡ଼ିଶୀ ନୃତ୍ୟଗୁରୁ ମୀନାକ୍ଷୀ ବେହେରା, ମର୍ଦ୍ଦଳବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ମର୍ଦ୍ଦଳଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ରିଡର ଡ. ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଡ. ବିଜୟ କୁମାର ଦାଶଙ୍କୁ 'ନୃତ୍ୟସୁଧା ସମ୍ମାନ' ଓ ସ୍ୱେତାଶ୍ରୀ ପାତ୍ରଙ୍କୁ 'ନୃତ୍ୟ ଉର୍ମିମାଳା' ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ନୃତ୍ୟର ପ୍ରଥମ ସୋପାନରେ ଏକାଡେମୀର ଛାତ୍ରୀଛାତ୍ର ଓଡ଼ିଶୀ ଏବଂ ଲୋକନୃତ୍ୟରେ ଏକକ, ଦ୍ୱୈତ ଏବଂ ଦଳଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଶିଳ୍ପୀମାନେ ଓଡ଼ିଶୀ, ଲୋକନୃତ୍ୟ ସହ 'ଜୀବନ ଚକ୍ର' ନାମକ ଅଭିନୟ ପ୍ରଦର୍ଶନ କରିଥିଲେ, ଯାହା ଦର୍ଶକଙ୍କୁ ମୋହିତ କରିଦେଇଥିଲା। ଗୁରୁ ବିଶ୍ୱଜିତ୍ ବଳିଆରସିଂହ ମଞ୍ଚ ପରିଚାଳନା ଓ ଏକାଡେମୀର ସ୍ଥାପକ ଗୁରୁ ସଚିକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ହ୍ୟୁମାନ୍ ସାଗରଙ୍କ ମୃତ୍ୟୁକୁ ନେଇ ଏନ୍ଏଚ୍ଆର୍ସିରେ ଅଭିଯୋଗ

## ତୁରନ୍ତ ବିଚାର କରି ନ୍ୟାୟ ଦେବାକୁ ନିବେଦନ

ଭୁବନେଶ୍ୱର,୨୨।୧୧(ତ୍ରିନାଥ ମହାନ୍ତି)

ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣା ଜାତୀୟ ମାନବାଧିକାର ଆୟୋଗ(ଏନ୍ଏଚ୍ଆର୍ସି)ରେ ପହଞ୍ଚିଛି। ହ୍ୟୁମାନ ସାଗରଙ୍କ ମୃତ୍ୟୁ ପଛର ଷଡ଼ଯନ୍ତ୍ରକାରୀ, ତାଙ୍କ ମା'ଙ୍କୁ ଅଶାଳୀନ ବ୍ୟବହାର ଓ ଆକ୍ରମଣକାରୀଙ୍କୁ ଗିରଫ ସହ ତୁରନ୍ତ ମାମଲାର ବିଚାର ପାଇଁ ଉତ୍କଳୀୟମ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଗଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଛି। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଚର୍ଚ୍ଚିତ କଣ୍ଠଶିଳ୍ପୀ ହ୍ୟୁମାନଙ୍କ ମୃତ୍ୟୁ ନେଇ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ହ୍ୟୁମାନଙ୍କ ମା' ତାଙ୍କ ପୁଅକୁ ବ୍ୟବହାର କରାଯାଇଛି ଏବଂ ଜାଣିଶୁଣି ମାରି ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ। ତେଣୁ ଉକ୍ତ ଘଟଣାରେ ସଂଶ୍ଳିଷ୍ଟ ଦୋଷୀମାନଙ୍କୁ ତୁରନ୍ତ ଗିରଫ ସହ ସ୍ୱର୍ଗତ ହ୍ୟୁମାନଙ୍କ କଷ୍ଟ ଅର୍ଜିତ ଆୟକୁ ତୁରନ୍ତ ତାଙ୍କ ପରିବାରକୁ ପ୍ରଦାନ କରି ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ତାଙ୍କ ପରିବାରକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅଦାଲତଙ୍କ ନିକଟରେ ଉତ୍କଳୀୟମ ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ଆଇନ୍‌ଜୀବୀ ରାଜୀବ ଲୋଚନ ପ୍ରଧାନ ନିବେଦନ କରିଛନ୍ତି।

# ଦ ନ୍ୟାଶନାଲ୍ ହାଇକୋର୍ଟ ଅଫ୍ ବ୍ରାଜିଲ୍‌ର ମୁଖ୍ୟ ବିଚାରପତିଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ

## ମନ୍ଦିରର କଳାକୃତି ଓ କାରୁକାର୍ଯ୍ୟ ଦେଖି ଆତ୍ମବିଭୋର ହେଲେ

କୋଣାର୍କ,୨୨।୧୧(ଜ୍ୟୋତିରାଜ ମହାନ୍ତି)



ଦ ନ୍ୟାଶନାଲ୍ ହାଇକୋର୍ଟ ଅଫ୍ ବ୍ରାଜିଲର ମୁଖ୍ୟ ବିଚାରପତି କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିବା ଜଣାପଡ଼ିଛି। ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ବ୍ରାଜିଲ୍ ମୁଖ୍ୟ ବିଚାରପତି ଆଣ୍ଟୋନିଓ ହରମାନ ବେଞ୍ଜାମିନ ପହଞ୍ଚିବା ପରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅମୀୟ ରଞ୍ଜନ ସେଠୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ଦ ନ୍ୟାସନାଲ୍ ହାଇକୋର୍ଟ ଅଫ୍ ବ୍ରାଜିଲର ମୁଖ୍ୟ ବିଚାରପତି ବେଞ୍ଜାମିନ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶ୍ୱେଶର ଦାସ ବ୍ରାଜିଲ ମୁଖ୍ୟ ବିଚାରପତି ବେଞ୍ଜାମିନ୍‌ଙ୍କୁ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, କାରୁକାର୍ଯ୍ୟ, କଳାକୃତି, ଭାସ୍କର୍ଯ୍ୟ ଓ ଇତିହାସ ସମ୍ପର୍କରେ ବିଶଦ ଭାବରେ ଅବଗତ କରାଇଥିଲେ। ପରେ ଦ ନ୍ୟାସନାଲ୍ ହାଇକୋର୍ଟ ଅଫ୍ ବ୍ରାଜିଲର ମୁଖ୍ୟ ବିଚାରପତି ବେଞ୍ଜାମିନ ଇଣ୍ଡିଆନ ଅଏଲ୍ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କେନ୍ଦ୍ର ପରିସରରେ ସୂର୍ଯ୍ୟ ମନ୍ଦିର ଉପରେ ପର୍ଯ୍ୟବେସିତ ପ୍ରାମାଣିକ ଚିତ୍ର ମନଭରି ଉପଭୋଗ କରିବା ସହ ସ୍ୱର୍ଗତ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପଥରରେ ନିର୍ମିତ ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟ ସମ୍ପନ୍ନ କୀର୍ତ୍ତିରାଜି ବୁଲି ଦେଖିଥିଲେ। ଦ ନ୍ୟାସନାଲ୍ ହାଇକୋର୍ଟ ଅଫ୍ ବ୍ରାଜିଲର ମୁଖ୍ୟ ବିଚାରପତିଙ୍କ ଏହି ଗସ୍ତ ଅବସରରେ କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

# ରାଷ୍ଟ୍ରପତିଙ୍କ ପାଇଁ ବ୍ଲୁବୁକ୍ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୨।୧୧(ତ୍ରିନାଥ ମହାନ୍ତି)

## ଜଗିବେ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ

ଆସନ୍ତା ୨୭ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୨୭ତାରିଖ ସକାଳେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସିଧା ରାଜଭବନକୁ ଯିବେ। ସେଠାରେ କିଛି ସମୟ ବିତାଇବାପରେ ଓଡ଼ିଶା ବିଧାନସଭାକୁ ଯାଇ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହିଛି। ରାତିରେ ରାଷ୍ଟ୍ରପତି ରାଜଭବନରେ ରହିବା ସହ ୨୮ତାରିଖ ସକାଳେ ପୁଣି ଦିଲ୍ଲୀ ଫେରିଯିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି କମିଶନରେଟ୍ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ନିୟମ ଅନୁସାରେ ରାଷ୍ଟ୍ରପତିଙ୍କ ପାଇଁ ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷାରେ ୨୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ରହିବେ। ସୁରକ୍ଷା ଦାୟିତ୍ୱରେ ଡିସିପି ଜଗମୋହନ ମୀନା ରହିବା ସହ ୫ଜଣ ଅତିରିକ୍ତ ଡିସିପିଙ୍କୁ ଦାୟିତ୍ୱ ମିଳିଛି। ଏଥିସହିତ ୫୦ଜଣ ପୋଲିସ ଅଫିସର ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ। ରାଷ୍ଟ୍ରପତି ଆସିବା ଦିନକ ପୂର୍ବରୁ ଅର୍ଥାତ୍ ୨୬ତାରିଖରେ କାର୍‌କେଡ୍ ରିହଲର୍ସାଲ କରାଯିବ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେଭଳି କିଛି ଅଘଟଣ ନ ଘଟେ ସେଥିଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଗାଇଡ୍‌ଲାଇନ୍ କରାଯାଇଛି।

# ୨୮ରୁ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ

## ପୁରସ୍କୃତ ହେବେ ୪ ବୈଜ୍ଞାନିକ

ଭୁବନେଶ୍ୱର, ୨୨।୧୧(ବନ୍ଦନା ସେଠୀ)

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନଭେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏହାର ପରିସରରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଜୀବବିଜ୍ଞାନ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ, ଡେରାଡୁନସ୍ଥିତ ଭାରତୀୟ ବନ୍ୟଜୀବ ପ୍ରତିଷ୍ଠାନର ପୂର୍ବତନ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ବେଙ୍ଗାଲୁରୁସ୍ଥିତ ଡିଆରଡିଓ (ଇସିଏସ୍)ର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସଙ୍କୁ ବିଜ୍ଞାନ କ୍ଷେତ୍ରକୁ ଆଜୀବନ ଅବଦାନ ନିମନ୍ତେ ସମ୍ମାନିତ କରାଯିବ। ସେହିଭଳି ସମ୍ମିଳନୀର ଉପଦେଷ୍ଟା ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ବିଗତ ୧୫ବର୍ଷ ଧରି ଆବାହକ ରୂପେ ବିଜ୍ଞାନ କଂଗ୍ରେସକୁ ଆୟୋଜିତ କରି ଏହାକୁ ଉଚ୍ଚସ୍ତରରେ ଅଧିଷ୍ଠିତ କରିଥିବାରୁ ଆୟୋଜକ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ନିରନ୍ତର ବିକାଶ ଲକ୍ଷ୍ୟ କ୍ଷେତ୍ରକୁ ବିଜ୍ଞାନ ଓ ପ୍ରଯୁକ୍ତି ନବସୃଜନର ଅବଦାନ'। ରାଜ୍ୟ ତଥା ଦେଶର ବିଭିନ୍ନ ଅନୁଷ୍ଠାନରୁ ୫୦୦ରୁ ଅଧିକ ବୈଜ୍ଞାନିକ, ଶିକ୍ଷାବିତ୍, ଗବେଷକ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କିମ୍ସ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ

# ଡା. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)




ଅତିଥିମାନେ ଡା. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ ହିରୋ ସମ୍ମାନ ପ୍ରଦାନ କରୁଛନ୍ତି।

କିମ୍ସ ଜାତୀୟ କନ୍‌କ୍ଲେଭର ଦ୍ୱିତୀୟ ସଂସ୍କରଣ ଶନିବାର କିଟ୍ କନ୍‌ଭେନ୍‌ଶନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୟୂରଭଞ୍ଜ ଜିଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା. ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍ପାୱାର୍‌ମେଣ୍ଟ ଇନ୍ ରୁରାଲ ଓଡ଼ିଶା (ହିରୋ)' ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମିଳନୀର ବିଷୟବସ୍ତୁ ଥିଲା 'ନ୍ୟୁୟର ହରିଜନ୍ସ, ନ୍ୟୁୟର କନ୍‌ସେପ୍ଟସ୍, ନ୍ୟୁୟର ଇନୋଭେଶନ୍ସ'। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା ଓ ଗବେଷଣାଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ, ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇ ସାଧାରଣ ଲୋକଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦିଆଯିବ ସେନେଇ ବିଶେଷଜ୍ଞମାନେ ମତ ପ୍ରଦାନ କରିଥିଲେ। ଆଇସିଏମ୍ଆର୍‌ର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା. ରାଜୀବ ବାହାଲ ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତୀକରଣ ଓ ଗବେଷଣାଜନିତ କ୍ଲିନିକାଲ ଅଭ୍ୟାସର ଭବିଷ୍ୟତ ଉପରେ ମତ ରଖିଥିଲେ। କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ଓଡ଼ିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତା'ର ପ୍ରୟାସ ଜାରି ରଖିଛି। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଚିକିତ୍ସା ଗବେଷଣା କିମ୍ସ ମିଶନର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ। ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କୋଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା. ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲ୍‌ଥ କେୟାର ହୃଦ୍ ଏବଂ ଫୁସ୍‌ଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. କେ. ଆର୍. ବାଲ୍‌କ୍ରିଷ୍ଣନ, ମୋହନ ଫାଉଣ୍ଡେଶନର ପ୍ରତିଷ୍ଠାତା ଡା. ସୁନୀଲ ଶ୍ରଫ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ୍ ଡାଇଜେଷ୍ଟିଭ ସାଇସେନସ୍ର ପ୍ରଫେସର ଅଭିଜିତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ପବ୍ଲିକ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ସଭାପତି ଡା. କେ. ଶ୍ରୀନାଥ ରେଡ୍ଡୀ, ସେଣ୍ଟର ଫର୍ ବାୟୋମେଡିକାଲ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଆଲୋକ ଧାୱନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସର ମହାନିର୍ଦ୍ଦେଶକ ଡା. ଅଜିତ ମହାନ୍ତି, ଅଧ୍ୟକ୍ଷ ପ୍ରଫେସର ଆର. ସି. ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ, ଭବିଷ୍ୟତ ଓ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିକୁ



@ ଶକ୍ତିପ୍ରସାଦ



@ ଅବୁଜର



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫେରାର ପୂର୍ବତନ ବରିଷ୍ଠ କିରାଣି ଗିରଫ

## ପେନ୍‌ସନଧାରୀଙ୍କ ୬୮.୮୫ ଲକ୍ଷ ଟଙ୍କା ହଡ଼ପ ମାମଲା

### ଋଣ ମିଳିଲାନି, ରୋଗଗ୍ରସ୍ତ ଭଉଣୀ ପାଇଁ ଟଙ୍କା ନେଇଥିଲି



ପୂର୍ବତନ ବରିଷ୍ଠ କିରାଣି ମନୋରଞ୍ଜନ ସାହୁ।

ଢେଙ୍କାନାଳ,୨୨।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପ କୋଷାଗାରର ପୂର୍ବତନ ବରିଷ୍ଠ କିରାଣି ମନୋରଞ୍ଜନ ସାହୁଙ୍କୁ ଶୁକ୍ରବାର ରାତିରେ ଭିଜିଲାନ୍ସ ସଦର ଥାନା ଅଞ୍ଚଳରୁ ଗିରଫ କରିଛି। ପରେ ମନୋରଞ୍ଜନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ହିନ୍ଦୋଳ ଉପ କୋଷାଗାରରେ ବରିଷ୍ଠ କିରାଣି ଥିବାବେଳେ ପେନ୍‌ସନ୍‌ଧାରୀଙ୍କ ଟଙ୍କାକୁ ସେମାନଙ୍କ ଆକାଉଣ୍ଟକୁ ନ ପଠାଇ ହଡ଼ପ କରିଦେଇଥିଲେ। ମୋଟ ୬୮.୮୫ ଲକ୍ଷ ୪୯୭ ଟଙ୍କା ହଡ଼ପ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ପର୍କରେ ଅଭିଯୋଗ ପରେ ଅଡିଟ୍ ହେବାରୁ ଏହି ଅନିୟମିତତା ପଦାକୁ ଆସିଥିଲା । ଫଳରେ କଟକ ଭିଜିଲାନ୍ସରେ କେସ୍ ନଂ.୩୨/୨୪ରେ ଏକ ମାମଲା ରୁଜୁ କରାଯାଇଥିଲା । ଅନିୟମିତତା ସମ୍ପର୍କରେ ହିନ୍ଦୋଳ ଉପକୋଷାଗାର ଅଧିକାରୀ ୫।୮।୨୦୨୩ରେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ପରେ ମନୋରଞ୍ଜନଙ୍କୁ ନିଲମ୍ବିତ କରାଯାଇଥିଲା। ତାଙ୍କୁ ଭୁବନ ଉପକୋଷାଗାରରେ ହାଜିରା ହେବା ପାଇଁ କୁହାଯାଇଥିଲା। ହେଲେ ସେ ହାଜର ନ ହୋଇ ଫେରାର ହୋଇଯାଇଥିଲେ। ଏପରିକି ମନୋରଞ୍ଜନ ନିଜ ଆକାଉଣ୍ଟ ସହ ନିଜର ବନ୍ଧୁବାନ୍ଧବଙ୍କ ଆକାଉଣ୍ଟରେ ମଧ୍ୟ ଉକ୍ତ ଟଙ୍କାକୁ ହଡ଼ପ କରି ଜମା କରିଥିଲେ। ମନୋରଞ୍ଜନଙ୍କ ଘର ଓଡ଼ାପଡ଼ା ବ୍ଲକ ସଦର ଥାନା ସାଇଁବିରି ଗ୍ରାମରେ। ସେ ନିଜର ଜଣେ ସମ୍ପର୍କୀୟଙ୍କ ଜନ୍ମଦିନ ପାଇଁ ଭୁବନେଶ୍ୱରରୁ ଢେଙ୍କାନାଳ ଆସି ଫେରୁଥିବା ବେଳେ ଶୁକ୍ରବାର ରାତି ସାଢେ ୧୦ଟା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ ସଦର ଥାନା ସମ୍ମୁଖରେ ୫୫ନଂ ଜାତୀୟ ରାଜପଥରୁ ଗିରଫ କରିଥିଲା। ଶନିବାର ତାଙ୍କୁ ଢେଙ୍କାନାଳଠାରେ କୋର୍ଟ ଚାଲାଣ କରାଯାଇଥିଲା। ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସଙ୍କ ଅଦାଲତରେ ତାଙ୍କର ଜାମିନ ନା ମଞ୍ଜୁର ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ଆସନ୍ତା ୩ ତାରିଖରେ ଜାମିନ ଆବେଦନ ଉପରେ ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ଘଟଣା ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ମନୋରଞ୍ଜନ କହିଛନ୍ତି, ତାଙ୍କ ଭଉଣୀ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିଲା । ତାଙ୍କ ପାଖରେ ସେଭଳି ଅର୍ଥ ନ ଥିଲା । ଋଣ ପାଇଁ ଆବେଦନ କରିଥିଲେ। କିନ୍ତୁ କୌଣସି ସହଯୋଗ ମିଳିଲା ନାହିଁ। ଶେଷରେ ଜଣେ ସହଯୋଗୀଙ୍କ ପରାମର୍ଶରେ ପେନ୍‌ସନଭୋଗୀଙ୍କ ଆକାଉଣ୍ଟକୁ ପଠାଉଥିବା ଟଙ୍କାକୁ ସେ ନିଜ ଆକାଉଣ୍ଟ ଏବଂ ପରିବାର ସଦସ୍ୟଙ୍କ ଆକାଉଣ୍ଟରେ ଡିପୋଜିଟ୍ କରିଥିଲେ। ପରେ ଉକ୍ତ ଟଙ୍କାକୁ ଶୁଝି ଦେବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ହେଲେ ଭଉଣୀ ରୋଗରେ ମରିଗଲେ। ଭାଇ ଭାବରେ ଭଉଣୀର ଚିକିତ୍ସା କରିପାରି ନ ଥିବାରୁ ସେ ବହୁତ ଅନୁତପ୍ତ । ଯାହା ହେଲେ ବି ଭୁଲ କରିଥିବା ସ୍ୱୀକାର କରୁଛନ୍ତି ବୋଲି ମନୋରଞ୍ଜନ କହିଛନ୍ତି। ୨୦୧୧ରେ ସରକାରୀ ଚାକିରିରେ ଥିବା ନିଜର ପିତାଙ୍କ ମୃତ୍ୟୁ ପରେ ଅନୁକମ୍ପାମୂଳକ ଭାବେ ମନୋରଞ୍ଜନ କନିଷ୍ଠ କିରାଣି ଭାବେ ଚାକିରି ପାଇଥିଲେ।

# ନବମ ଶ୍ରେଣୀ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର, ୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)

### ବାଳ ସୁଧାର ଗୃହକୁ ଗଲେ ୪ ଛାତ୍ର

ବ୍ରହ୍ମପୁରରେ ଏକ ସରକାରୀ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ମୁଣ୍ଡ, ମୁହଁ ଓ ବେକରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଆକ୍ରମଣ କରିଥିବା ୪ ଛାତ୍ରଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏନେଇ ଆହତ ଛାତ୍ରଙ୍କ ମା' ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୫୮୨/୨୫ରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ କରି ସମ୍ପୃକ୍ତ ୪ ନାବାଳକ ଛାତ୍ରଙ୍କୁ ଧରିଛି। ସେମାନଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର ପରେ ବାଳସୁଧାର ଗୃହକୁ ପଠାଯାଇଛି। ଏମାନଙ୍କ ମଧ୍ୟରେ ୩ଜଣ ଦଶମ ଶ୍ରେଣୀର ଛାତ୍ର ରହିଥିବା ବେଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଅଛନ୍ତି।

ଖବରରୁ ଜଣାପଡିଛି, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ନବମ ଶ୍ରେଣୀରେ ପଢ଼ନ୍ତି। ୨୦ ତାରିଖ ଅପରାହ୍ନରେ ଛାତ୍ର ଜଣଙ୍କ ସ୍କୁଲରୁ ଘରକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ୫ଟାରେ ରାସ୍ତାରେ ଏହି ୪ ନାବାଳକଙ୍କ ମଧ୍ୟରୁ ଜଣେ ନାବାଳକ ତାଙ୍କୁ ଗାଡିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ରାସ୍ତାରେ ଓହ୍ଲାଇ ଦେଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଥିଲେ। କୌଣସି ବିଷୟକୁ ନେଇ ନବମ ଶ୍ରେଣୀ ଛାତ୍ରଙ୍କ ସହ ସେମାନେ ଯୁକ୍ତିତର୍କ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ୪ଜଣଯାକ ନାବାଳକ ମିଶି ହାତରେ ଧରିଥିବା ଲୁହାର ପଞ୍ଝ ସାହାଯ୍ୟରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ନାବାଳକଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ତାଙ୍କ ମା'ସେଠାରେ ପହଞ୍ଚି ପୁଅକୁ ଉଦ୍ଧାର କରି ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ପରେ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସେମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଲୁହାର ପଞ୍ଝ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

# ଡକାୟତି ଯୋଜନା ବେଳେ ଧରିଲା ପୋଲିସ

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ରେଳଷ୍ଟେଶନ ପଛପଟ ମାଲଗୋଦାମ ନିକଟରେ ସହଦେବଖୁଣ୍ଟା ଥାନା ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବହୁ ମାରଣାସ୍ତ୍ର ଜବତ ହୋଇଛି। ୨ ନାବାଳକଙ୍କ ସମେତ ଗିରଫ ଅଭିଯୁକ୍ତମାନେ ହେଲେ ସହଦେବଖୁଣ୍ଟା ଥାନା ଗୋଧିବସା ଗ୍ରାମର ନବକିଶୋର ବାରିକ ଓ ଦିଲୀପ ଶବର, ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ମଡ଼ସାହିର ସେକ ଇସାକ, ରେମୁଣା ଥାନା ସାହାଜିପାଟଣା ଗନୀପୁର ଅଞ୍ଚଳର ସେକଇସାଦ ଅଲ୍ଲୀ ଏବଂ ପୂର୍ବ ମେଦିନୀପୁର ଜିଲା ଖଡ଼ଗପୁର ଥାନା ଗିରିମୈଦାନ ଅଞ୍ଚଳର ଅଶୋକ ବର୍ଦ୍ଧନ। ଶନିବାର ସହଦେବଖୁଣ୍ଟା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସିଟି ଡିଏସ୍‌ପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି। ଆଇଆଇସି ବିରଞ୍ଚି ସାହୁ ଓ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଉପସ୍ଥିତ ଥିଲେ।

ମାଲଗୋଦାମ ନିକଟ ଏକ ପରିତ୍ୟକ୍ତ ଘରେ ଅଭିଯୁକ୍ତମାନେ ଏକାଠି ହୋଇ ଟ୍ରେନ ଓ ବସ୍‌ରୁ ଓହ୍ଲାଇ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍, ଛିନ୍‌ତାଇ କରିବାକୁ ଯୋଜନା କରୁଥିଲେ। ଖବର ପାଇ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ନେପାଳ ସୀମାନ୍ତରୁ ମାଷ୍ଟରମାଇଣ୍ଡ ଗିରଫ

## ପାଣିକୋଇଲି ପଣ୍ଡା ଅଳଙ୍କାରରେ ଗୁଳିକାଣ୍ଡ

ଯାଜପୁର/ପାଣିକୋଇଲି(ହର୍ଷବର୍ଦ୍ଧନ ବେହେରା/ବିକାଶ ମଲ୍ଲିକ),୨୨।୧୧

ଯାଜପୁର ଜିଲା ପାଣିକୋଇଲି ପଣ୍ଡା ଅଳଙ୍କାର ଦୋକାନରେ ଲୁଟ୍ ଉଦ୍ୟମ ଓ ଗୁଳିମାଡ଼ ଘଟଣାରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ୍‌କୁ ନେପାଳ ସୀମାନ୍ତରୁ ଶନିବାର ପୋଲିସ ଗିରଫ କରିଥିବା ସୂଚନା ମିଳିଛି। ପୂର୍ବରୁ ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ଗିରଫ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିବାବେଳେ ସେଠାରୁ ସେମାନେ ଫେରାର ହୋଇଯାଇଥିଲେ। ଏହି ଗୁଳିକାଣ୍ଡରେ ୨ ଜଣ ନିର୍ଦ୍ଦୋଷ ଲୋକଙ୍କ ଜୀବନ ଯାଇଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୪ରେ ଲୁଟ୍ କରିବା ଉଦ୍ଦେଶ୍ୟରେ ୨ ଜଣ ବନ୍ଧୁକଧାରୀ ପଣ୍ଡା ଅଳଙ୍କାର ଦୋକାନକୁ ପଶିଥିଲେ। ଅନ୍ୟ ଜଣେ ବାଇକ ଧରି ବାହାରେ ଅପେକ୍ଷା କରିଥିଲେ। ଦୋକାନ ଭିତରେ ପଶିଥିବା ଦୁର୍ବୃତ୍ତମାନଙ୍କୁ ପ୍ରତିରୋଧ କରିବା ଫଳରେ ଦୋକାନର କର୍ମଚାରୀ କଳସଢିହ ଗ୍ରାମର ସୁନୀଲ ରାୟ ଦୁର୍ବୃତ୍ତଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଏଥିସହିତ ଅନ୍ୟଜଣେ ଦୁର୍ବୃତ୍ତ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗୋଳେଇପୁର ପଞ୍ଚାୟତ ସୋଡି ଗ୍ରାମର ନୀଳମାଧବ ପଣ୍ଡା ଅଟକାଇବାରୁ ଚେଷ୍ଟା କରିଥିଲେ। ଏହି ସମୟରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ନୀଳମାଧବଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। କିନ୍ତୁ ଦୁଇ ଜଣ ଦୁର୍ବୃତ୍ତ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା ବେଳେ ବାହାରେ ବାଇକ୍‌ରେ ଅପେକ୍ଷା କରିଥିବା ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ତେବେ ଲୁଟ୍ ଯୋଜନାର ମାଷ୍ଟରମାଇଣ୍ଡ୍‌ଙ୍କୁ ବିହାର ପୋଲିସ ସହଯୋଗରେ ପାଣିକୋଇଲି ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଜେରା ଚାଲିଥିବାରୁ ପୋଲିସ ଅଧିକ ତଥ୍ୟ ଦେବାକୁ ମନା କରିଦେଇଛି। ମାଷ୍ଟରମାଇଣ୍ଡ୍ ଗିରଫ ହେବା ପରେ ଚୌଦ୍ୱାର ଜେଲରୁ ଚମ୍ପଟ ମାରିଥିବା ଅନ୍ୟ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସହଜ ହୋଇପାରେ ବୋଲି ଆଶା କରାଯାଇଛି।

# ପରକୀୟା ପ୍ରୀତିରୁ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

ବନ୍ତଲା,୨୨।୧୧ (ସୁଶିତ ସାହୁ)

### ୨ ଜଣଙ୍କୁ ଅଟକ ରଖି ବନ୍ତଲା ପୋଲିସର ତଦନ୍ତ

ପରକୀୟା ପ୍ରୀତିରୁ ଘଟିଛି ହତ୍ୟାକାଣ୍ଡ। ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରାଯାଇଛି । ଅନୁଗୋଳ ବ୍ଲକ ବନ୍ତଲା ଥାନା ବଡ଼କନ୍ତକୁଳ ପଞ୍ଚାୟତ ନୂଆକ୍ଷେତା-ନୂଆରାଇଗୁଡ଼ା ରାସ୍ତାର ଧାନମଞ୍ଚା ପାଖରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ନୂଆକ୍ଷେତା ଗାଁର ପ୍ରମୋଦ ସାହୁଙ୍କ ପୁଅ ଟିକନ ସାହୁ (୪୮)। ଶନିବାର ସକାଳେ ଅଭିଯୋଗ ପାଇ ବନ୍ତଲା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନୂଆକ୍ଷେତା ଗାଁର ଟିକନ ପଡ଼ୋଶୀ ଗ୍ରାମର ଜଣୈକା ବିଧବା ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଟିକନଙ୍କ ଏଭଳି ଅବୈଧ ସମ୍ପର୍କକୁ ବିଧବାଙ୍କ ୨ ପୁତୁରା ବିରୋଧ କରି ଆସୁଥିଲେ। ସେମାନେ ଟିକନଙ୍କୁ ବହୁବାର ତାଗିଦ୍ ମଧ୍ୟ କରିଥିଲେ। ଟିକନ ଗତ ୫ ବର୍ଷ ହେବ ଗାଁ ଛାଡ଼ି ସ୍ତ୍ରୀ ଓ ପିଲାଙ୍କୁ ନେଇ ଅନୁଗୋଳ ତୁରଙ୍ଗ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ ମଧ ଗାଁକୁ ଯିବାଆସିବା କରୁଥିଲେ। ସମ୍ପୃକ୍ତା ବିଧବାଙ୍କ ସହ ପୂର୍ବପରି ସମ୍ପର୍କ ରଖିଥିଲେ। ଶୁକ୍ରବାର ଟିକନ ରାଶନ ଚାଉଳ ପାଇଁ ଗାଁ ନୂଆକ୍ଷେତାକୁ ଆସିଥିବା ବେଳେ ଅପରାହ୍ନ ୫ଟାରେ ଗୁରୁତର ଅବସ୍ଥାରେ ନୂଆକ୍ଷେତା-ରାଇଗୋଡ଼ା ରାସ୍ତା ଚକାବର ନିକଟରେ ପଡ଼ିଥିବା ସାନଭାଇ ମାନସ ସାହୁ ଖବର ପାଇଥିଲେ। ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଟିକନଙ୍କୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ହେଲେ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଟିକନଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ସୁନିତା ସାହୁ ଶନିବାର ସକାଳ ୫ଟା ୩୦ରେ ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ୨ଟି ବାଇକ୍, ରକ୍ତଛିଟା ଲାଗିଥିବା ମାଟି ନମୁନା, ହଳେ ଚପ୍ପଲ ଜବତ କରାଯାଇଥିଲା। ଗୋଟିଏ ବାଇକ୍ ଡିକିରୁ ମିଳିଥିବା ଆଧାରକାର୍ଡ, ପାରିପାର୍ଶ୍ୱିକ ସ୍ଥିତି, ସ୍ଥାନୀୟ ଲୋକଙ୍କ ସୂଚନାକୁ ଭିତ୍ତିକରି ପୋଲିସ ସନ୍ଦେହରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନନ୍ଦ ସୂଚନା ଦେଇଛନ୍ତି।

## Business

# ୧୦୦୦ ଏମ୍‌ଟି ମାଲ ବୋଝେଇ କଲା ଭାରତୀୟ ରେଳ

### ନୂଆ ରେକର୍ଡ ହାସଲ



ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ଭାରତୀୟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ମାଲ ବୋଝେଇରେ ଐତିହାସିକ ସଫଳତା ହାସଲ କରିଛି। ନଭେମ୍ବର ୧୯ ସୁଦ୍ଧା ମୋଟ ମାଲ ବୋଝେଇ ୧୦୨୦ ନିୟୁତ ଟନ୍(ଏମ୍‌ଟି) ଅର୍ଥାତ୍ ୧୦୦ କୋଟି ଟନ ଅତିକ୍ରମ କରି ନୂଆ ରେକର୍ଡ ସ୍ଥାପନ କରିଛି। ଗତବର୍ଷ ଏହି ସମୟରେ ଏହା ୯୮୦ ନିୟୁତ ଟନ୍‌ରୁ ଅଧିକ ଥିଲା। ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୯୩୫.୧ ନିୟୁତ ଟନ୍ ମାଲ ବୋଝେଇ ହୋଇଛି, ଯାହା ଗତବର୍ଷ ଏହି ସମୟରେ ଥିବା ୯୦୬.୯ ନିୟୁତ ଟନ୍ ଠାରୁ ଅଧିକ। ଦୈନିକ ହାରରେ ମଧ୍ୟ ମାଲ ବୋଝେଇ ବଢ଼ି ୪.୪ ନିୟୁତ ଟନ୍‌ରେ ପହଞ୍ଚିଛି। ଯାହା ଗତବର୍ଷ ଏହା ୪.୨ ନିୟୁତ ଟନ୍ ରହିଥିଲା। ବିଶେଷକରି ସିମେଣ୍ଟ ବୋଝେଇକୁ ଆହୁରି ସୁଗମ କରିବା ପାଇଁ ରେଳପଥ ନୂଆ ନୀତି ଜାରି କରିଛି। ବଲ୍କ ସିମେଣ୍ଟ ଟର୍ମିନାଲ ନୀତି ଓ କଣ୍ଟେନରରେ ବଲ୍କ ସିମେଣ୍ଟ ବୋଝେଇ ପାଇଁ ଯୁକ୍ତିଯୁକ୍ତ ଭଡ଼ା ନିର୍ଦ୍ଧାରଣ କରାଯାଇଛି। ଏହାଦ୍ୱାରା ସିମେଣ୍ଟ ପରିବହନ ସମୟ କମିବ, ଖର୍ଚ୍ଚ ହ୍ରାସ ପାଇବ ଏବଂ ଶିଳ୍ପକ୍ଷେତ୍ର ଲାଭବାନ୍ ହେବ। ବହୁଳ ମାଲକୁ ରେଳ ମାର୍ଗକୁ ସ୍ଥାନାନ୍ତର କରିବା ଦ୍ୱାରା କାର୍ବନ ନିର୍ଗମନ କମୁଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଛି। ଏହାସହ ରାଜପଥରେ ଯାନବାହନ ଭିଡ଼ ହ୍ରାସ ପାଉଛି ଏବଂ ଏମ୍‌ଏସ୍‌ଏମ୍‌ଇ ସହ ବଡ଼ ଶିଳ୍ପଗୁଡ଼ିକ ଶସ୍ତା ଓ ସବୁଜ ପରିବହନ ସୁବିଧା ପାଉଛନ୍ତି। ଏହା ଭାରତର 'ନେଟ୍ ଜିରୋ କାର୍ବନ ଏମିଶନ' ଲକ୍ଷ୍ୟ ଦିଗରେ ରେଳପଥ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଏହି ସଫଳତା ଭାରତୀୟ ରେଳପଥକୁ ଅର୍ଥନୀତିର ମୂଳସ୍ତମ୍ଭ ଭାବେ ଆହୁରି ମଜଭୁତ କରି ଦେଶର ଶିଳ୍ପ ସମ୍ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

| ବିଭାଗ | ମାଲ ବୋଝେଇ (୧୯ ନଭେମ୍ବର ସୁଦ୍ଧା) |
|---|---|
| କୋଇଲା | ୫୦୫ ନିୟୁତ ଟନ |
| ଆଇରନ୍ ଓର୍ | ୧୧୫ ନିୟୁତ ଟନ |
| ସିମେଣ୍ଟ | ୯୨ ନିୟୁତ ଟନ |
| କଣ୍ଟେନର | ୫୯ ନିୟୁତ ଟନ |
| ପିଗ ଆଇରନ୍ ଓ ଫିନିଶଡ୍ ଷ୍ଟିଲ | ୪୭ ନିୟୁତ ଟନ |
| ସାର | ୪୨ ନିୟୁତ ଟନ |
| ପେଟ୍ରୋଲିୟମ ତୈଳ | ୩୨ ନିୟୁତ ଟନ |
| ଖାଦ୍ୟ ଶସ୍ୟ | ୩୦ ନିୟୁତ ଟନ |
| ଷ୍ଟିଲ କାରଖାନା ପାଇଁ କଞ୍ଚାମାଲ ପ୍ରାୟ | ୨୦ ନିୟୁତ ଟନ |
| ଅନ୍ୟାନ୍ୟ | ୭୪ ନିୟୁତ ଟନ |

# ନାବାର୍ଡ ଓ ଆଇଏଏମ୍‌ଏଆଇ ପକ୍ଷରୁ ଆର୍ଥ ସମିଟ୍

ଭୁବନେଶ୍ୱର,୨୨।୧୧

ନାବାର୍ଡ ଓ ଆଇଏଏମ୍‌ଏଆଇର ପକ୍ଷରୁ 'ଆର୍ଥ ସମିଟ୍ ୨୦୨୫-୨୬'ର ହାଇଦ୍ରାବାଦ ସଂସ୍କରଣ ଶନିବାର ହାଇଦ୍ରାବାଦ ହିଟେକ୍ସ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ ନାବାର୍ଡ ଅଧ୍ୟକ୍ଷ ଶାଜି କେଭି ଗ୍ରାମ୍ୟ ଆର୍ଥିକ ସଂସ୍ଥାଗୁଡ଼ିକର ଡିଜିଟାଲ ଓ ଡାଟାଭିତ୍ତିକ ରୂପାନ୍ତରର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ନବଗଠିତ 'ସହକାର ସାରଥି ପ୍ରାଇଭେଟ ଲିମିଟେଡ'କୁ ସେ ଗ୍ରାମ୍ୟ ଭାରତର ପରବର୍ତ୍ତୀ ପିଢ଼ିର ବିକାଶ ଚାଳକ ବୋଲି କହିଛନ୍ତି। ଏହା ସହକାରୀ ବ୍ୟାଙ୍କିଙ୍ଗ ନେଟୱର୍କରେ ୧୩ କୋଟି ଗ୍ରାହକଙ୍କୁ ଟେକ୍ନୋଲୋଜି ସହ ସଂଯୋଗ କରି ସେବା ଓ ଗଭର୍ନାନ୍ସ ମାନ ଉନ୍ନତ କରିବ। ଦୁଇଦିନିଆ ଏହି ସମିଟ୍‌ରେ ଗ୍ରାମ୍ୟ ଉଦ୍ଭାବନ, ଷ୍ଟାର୍ଟଅପ୍ ଓ କ୍ଲାଇମେଟ-ଟେକ୍ ଉପରେ ଗୁରୁତ୍ୱ ଦିଆଯାଉଛି।

# ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏନ୍‌ସିସି ସୁବିଧା



ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ଜାତୀୟ କ୍ୟାଡେଟ କର୍ପସ୍(ଏନ୍‌ସିସି) କାର୍ଯ୍ୟକ୍ରମକୁ ସାମିଲ କରିଛି। ଏହି ପଦକ୍ଷେପ ବିଦ୍ୟାଳୟକୁ ପ୍ରଥମ ଏବଂ ଏକମାତ୍ର ଅନୁଷ୍ଠାନରେ ପରିଣତ କରିଛି, ଯାହାକି ଲାଞ୍ଜିଗଡ଼, ମୁନିଗୁଡ଼ା ଏବଂ ଆମ୍ବଦଳାର ତିନୋଟି ପ୍ରମୁଖ ବ୍ଲକ୍‌ରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନେତୃତ୍ୱ ଏବଂ ଶୃଙ୍ଖଳା ପାଇଁ ନୂତନ ରାସ୍ତା ଖୋଲି ସମ୍ମାନଜନକ ଏନ୍‌ସିସି କାର୍ଯ୍ୟକ୍ରମ ପ୍ରଦାନ କରୁଛି। ଏହା ଅଧୀନରେ ବିଦ୍ୟାଳୟକୁ ୫୦ଟି ଏନ୍‌ସିସି ଆସନ ଆବଣ୍ଟନ କରାଯାଇଛି, ଯେଉଁଥିରେ ୨୦୨୫ରେ ୨୫ଜଣ କ୍ୟାଡେଟ ଏବଂ ୨୦୨୬ରେ ଆଉ ୨୫ଜଣ କ୍ୟାଡେଟ ସାମିଲ ହେବେ। ୨୦୨୬ରୁ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୫୦ଜଣ କ୍ୟାଡେଟ ପ୍ରତିବର୍ଷ ଯୋଗଦେବେ। ଏହି ଅବସରରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲରେ ଏନ୍‌ସିସି କାର୍ଯ୍ୟକ୍ରମକୁ ସକ୍ଷମ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟାବଶ୍ୟକ ଜୀବନ କୌଶଳ ବିକାଶ କରିବା ଏବଂ ବ୍ୟାପକ ଏକାଡେମିକ ତଥା କ୍ୟାରିଅର ସୁଯୋଗ ଖୋଜିବା ପାଇଁ ନୂତନ ରାସ୍ତା ଖୋଲିଛୁ। କଳାହାଣ୍ଡିରେ ଏକ ଆତ୍ମବିଶ୍ୱାସୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ସମାରୋହରେ ଭବାନୀପାଟଣାର ଓଡ଼ିଶା ନୌସେନା ଏନ୍‌ସିସି ବାଟାଲିୟନର କମାଣ୍ଡିଂ ଅଫିସର ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଦର୍ଶନ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ବ୍ରହ୍ମପୁର ଆଇଜରରେ ୧୦୮ ଫୁଟ ଉଚ୍ଚ ଜାତୀୟ ପତାକା



ଗୋପାଳପୁର,୨୨।୧୧ (ନବୀନରାଜ୍ ଆଚାରୀ)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଜର) କ୍ୟାମ୍ପସରେ ୧୦୮ ଫୁଟ ଉଚ୍ଚତା ବିଶିଷ୍ଟ ଉଚ୍ଚ ସ୍ମାରକୀ ପତାକା ନିକଟରେ ଉଦ୍‌ଘାଟନ କରାଯାଇଛି। ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ଦ୍ୱାରା ସ୍ଥାପିତ ଏହି ସ୍ମାରକୀ ଜାତୀୟ ପତାକାକୁ ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ୍‌ର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ହେଡ୍ (ସିଏସ୍‌ଆର୍ ଓ ଶିକ୍ଷା) ପ୍ରଶାନ୍ତ କୁମାର ହୋତା, ଫ୍ଲାଗ୍ ଫାଉଣ୍ଡେଶନର ସିଇଓ ମେଜର ଜେନେରାଲ ଅସିମ କୋହଲି (ଅବସରପ୍ରାପ୍ତ) ଏବଂ ଆଇଜରର ରେଜିଷ୍ଟ୍ରାର ପ୍ରଦୀପ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ୩୬ ଫୁଟ ପ୍ରଶସ୍ତ ୨୪ ଫୁଟ ଦୀର୍ଘ ତ୍ରିରଙ୍ଗା ପତାକା କ୍ୟାମ୍ପସରେ ଉଲ୍ଲାସ ଓ ଦେଶପ୍ରେମର ବାତାବରଣ ସୃଷ୍ଟି ହୋଇଥିଲା। ଦେଶରେ ଥିବା ୭ଟି ଆଇଜର ମଧ୍ୟରୁ ବ୍ରହ୍ମପୁର ପ୍ରଥମ ଭାବେ ବିଶାଳ ଜାତୀୟ ପତାକା ସ୍ଥାପନକରି ଗୌରବମୟ ରେକର୍ଡ କରିଛି। ଏନେଇ ପ୍ରଫେସର ଗାଙ୍ଗୁଲି ଫ୍ଲାଗ୍ ଫାଉଣ୍ଡେଶନକୁ କୃତଜ୍ଞତା ଜଣାଇଛନ୍ତି। ଫ୍ଲାଗ୍ ଫାଉଣ୍ଡେଶନର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏହି ତ୍ରିରଙ୍ଗା ଛାତ୍ରମାନଙ୍କୁ ପ୍ରତିଦିନ ଦେଶ ଗଢ଼ିବା ଓ ନାଗରିକଙ୍କ ଜୀବନଧାରଣା ଉନ୍ନତ କରିବାକୁ ପ୍ରେରିତ କରିବ। ପ୍ରଶାନ୍ତ କୁମାର ହୋତା ଏହା ସାହସ, ଦୃଢ଼ତା ଓ ଅଧ୍ୟବସାୟର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହିଥିଲେ। ମେଜର ଜେନେରାଲ ଅସିମ କୋହଲି କହିଛନ୍ତି, ତ୍ରିରଙ୍ଗା ଆଗାମୀ ପିଢ଼ିକୁ ଦେଶ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସଂଯୋଜନାରେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଜଗନ୍ନାଥ ପାତ୍ର, ସିନିୟର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସଞ୍ଜୟ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏହାର ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ମେଗା ଏମ୍‌ଏସ୍‌ଏମ୍‌ଇ ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବ୍ରହ୍ମପୁରସ୍ଥିତ ହୋଟେଲ ବାଲାଜୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡିଆଇସିର ମହାପ୍ରବନ୍ଧକ ଦାଶରଥୀ ସରାବୁ, ବ୍ରହ୍ମପୁର ଚାମ୍ବର ଅଫ୍ କମର୍ସର ସେକ୍ରେଟାରି ଭି. ସନ୍ତୋଷ କୁମାର, କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ବି.ଏସ୍.ହରିଲାଲ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ଏବଂ ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ରଙ୍କ ସମେତ ଗଞ୍ଜାମ ରାଇସ୍ ମିଲ୍ ଓ କାଜୁ ପ୍ରୋସେସିଂ ଆସୋସିଏଶନର ଅଧିକାରୀ ଓ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଋଣ ହିତାଧିକାରୀଙ୍କୁ ୪୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ଧନ୍ୟବାଦ ଦେଇଥିଲେ।

# କାଶିଆ ମାଇନ୍ସକୁ କଳିଙ୍ଗ ଉତ୍କର୍ଷ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର,୨୨।୧୧(ଅନୁରାଧା ମହାରଣା)

ଜିନ୍ଦଲ ଷ୍ଟିଲ୍‌ର କାଶିଆ ମାଇନ୍ସକୁ କଳିଙ୍ଗ ଉତ୍କର୍ଷ ସୁରକ୍ଷା ପୁରସ୍କାର ସମ୍ମାନିତ କରାଯାଇଛି। ୨୦୨୪ରେ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଓ ଅବଦାନ ପାଇଁ ପ୍ଲାଟିନମ ବର୍ଗରେ ଏହି ସମ୍ମାନ ମିଳିଛି। ଆଇକ୍ୟୁଇଏମ୍‌ଏସ୍ ପକ୍ଷରୁ ଆୟୋଜିତ ୧୬ଶ ଜାତୀୟ ନିରାପତ୍ତା ସମ୍ମେଳନ- ୨୦୨୫ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବାଚସ୍ପତି ସୁରମା ପାଢ଼ୀ ଓ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ଜିନ୍ଦଲ ଷ୍ଟିଲ୍-ବିକେଟିଆର୍ କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର କହିଛନ୍ତି, ସମସ୍ତ ନିରାପତ୍ତା ନିୟମର କଠୋର ଅନୁପାଳନ ଜିନ୍ଦଲ ଷ୍ଟିଲ୍‌ର ଅଭିନ୍ନ କର୍ମସଂସ୍କୃତି। ଏକ ସୁରକ୍ଷିତ ଓ ନିରାପଦ କାର୍ଯ୍ୟକ୍ଷେତ୍ରକୁ ସୁନିଶ୍ଚିତ କରିବା ସହ ନିରାପତ୍ତାର ଉଚ୍ଚମାନକ ବଜାୟ ରଖିବା ପାଇଁ ଜିନ୍ଦଲ ଷ୍ଟିଲ୍ ସର୍ବଦା ପ୍ରତିଶ୍ରୁତିବଦ୍ଧ।



ଜିନ୍ଦଲ ଷ୍ଟିଲ୍‌ର କାଶିଆ ମାଇନ୍ସକୁ କଳିଙ୍ଗ ଉତ୍କର୍ଷ ସୁରକ୍ଷା ପୁରସ୍କାର ଦିଆଯାଉଛି।

**ହାତୀ ଆକ୍ରମଣରେ ଯୁବଚାଷୀଙ୍କ ମୃତ୍ୟୁ**

ସମ୍ବଲପୁର, (ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଜିଲା ପଡିଆବାହାଲ ରେଞ୍ଜ ଛାମୁଣ୍ଡା ସେକ୍ସନ ଅଧୀନ ସାପଡଗର ଗାଁର ଜଣେ ଚାଷୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ହେଲେ ଇସ୍ରାଏଲ ଲୁଗୁନ(୩୫)। ଇସ୍ରାଏଲ ଶୁକ୍ରବାର ରାତି ୧୦ଟାରେ ଖାଇସାରି ବିଲକୁ ସାଥୀଚାଷୀଙ୍କ ସହ ଧାନଫସଲ ଜଗିବାକୁ ଯାଇଥିଲେ। ଏହି ସମୟରେ ସେମାନେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ କଚାଡ଼ି ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସାଥିରେ ଥିବା ଚାଷୀମାନେ ତାଙ୍କୁ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହାତୀଟି ଗତ କିଛିଦିନ ହେବ ସାପଡଗର ଅଞ୍ଚଳରେ ବୁଲୁଛି।



# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

**କେନ୍ଦୁଝର,୨୨।୧୧(ଦୀପକ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାରଠାରୁ କେନ୍ଦୁଝର ଗସ୍ତରେ ଆସୁଛନ୍ତି। ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର ସୂଚନା ପ୍ରକାଶ ପାଇଛି। ରବିବାର ଅପରାହ୍ନ ୧ଟା ୪୦ରେ ଆନନ୍ଦପୁରରେ ପହଞ୍ଚି ଆନନ୍ଦପୁର କଲ୍ୟାଣ ମଣ୍ଡପରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବେ। ଆନନ୍ଦପୁର ଷ୍ଟାଡ଼ିୟମରେ ହୋଇଥିବା ହେଲିପ୍ୟାଡ୍‌ରୁ ହେଲିକପ୍ଟର ଯୋଗେ ଅପରାହ୍ନ ୩ଟା୧୦ରେ ବାହାରି ନିଜ ଗାଁ ସଦର ବ୍ଲକ୍ ଅନ୍ତର୍ଗତ ରାଇକଳାକୁ ଯାଇ ରାଇଜିଂ ଷ୍ଟାର କ୍ଲବ୍ ଦ୍ୱାରା ଆୟୋଜିତ ସପ୍ତମ ସର୍ବଭାରତୀୟ ମିନି କଳିଙ୍ଗ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାତିରେ ସର୍କିଟ୍ ହାଉସରେ ରାତ୍ରିଯାପନ କରି ୨୪ ତାରିଖରେ ଭୁବନେଶ୍ୱର ଫେରିବେ। ଏହାକୁ ନେଇ ୨୩ ଓ ୨୪ତାରିଖ ଦୁଇ ଦିନ କୌଣସି ଖଣିଜ ପରିବହନ କାର୍ଯ୍ୟ ହେବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଓଡ଼ିଶା ଷ୍ଟେଟ୍ ଡେ' ସେଲିବ୍ରେଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ: ଚମନ ଗୌତମ)

# ଘର ଜବତ କଲା ବ୍ୟାଙ୍କ, ଅନ୍ୟତ୍ର ଆଶ୍ରୟ ନେଲେ ବୃଦ୍ଧ ଦମ୍ପତି

**ସନ୍ତ୍ରୀଛକ, ୨୨।୧୧ (ସନ୍ତୋଷ ପରିଡ଼ା)**

ବାପାଙ୍କ ଆର୍ଥିକ ଅସୁବିଧା ବେଳେ ସହାୟତା ଆଳରେ ଠକିଦେଲେ ଚାକିରିଆ ବଡ଼ପୁଅ। ବାପାଙ୍କ ନାମରେ ଥିବା ଘର ୨ ଲକ୍ଷ ଟଙ୍କାରେ ବ୍ୟାଙ୍କରେ ବନ୍ଧା ପକାଇବାକୁ କାଗଜପତ୍ର କରାଇଥିଲେ ହେଁ ସେଥିରେ ଜାଲିଆତି କରି ଉଠାଇନେଲେ ୨୪ ଲକ୍ଷ ଟଙ୍କା। ହେଲେ ଋଣ କିସ୍ତି ନ ଦେବାରୁ ଶନିବାର ଘର ଜବତ କରିଛି ଆଇସିଆଇସିଆଇ ବ୍ୟାଙ୍କ ଅନୁଗୋଳ ଶାଖା। ଏକମାତ୍ର ଘର ଚାଲିଯିବା ପରେ ବୃଦ୍ଧ ବାପା ମୋହନ ନାଏକ, ମା' ଗୋଲାପ ନାଏକ ଏବେ ପରଘରେ ଆଶ୍ରୟ ନେଇଛନ୍ତି। ଅନୁଗୋଳ ଜିଲା ବଅଁରପାଳ ଥାନା ବୁଢ଼ାପଙ୍କ ଅଞ୍ଚଳରେ ଘଟିଥିବା ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବଡ଼ପୁଅ ନାମରେ ଏପରି ଅଭିଯୋଗ ଆଣିଛନ୍ତି ବୃଦ୍ଧ ବାପା ମୋହନ ନାଏକ। ସେ ମୁଖ୍ୟମନ୍ତ୍ରୀ, ପ୍ରଶାସନର ଦ୍ୱାରସ୍ଥ ହେବାକୁ ସଜବାଜ ହୋଇଛନ୍ତି। ସରକାର ତାଙ୍କ ଗୁହାରି ନ ଶୁଣିଲେ ଆତ୍ମାହୁତି ଦେବେ ବୋଲି ମୋହନ ଚେତାବନୀ ଦେଇଛନ୍ତି। ମୋହନ କହିଛନ୍ତି, ସେ ତାଳଚେର ବଲଣ୍ଡା



ଘର ସମ୍ମୁଖରେ ବୃଦ୍ଧ ଦମ୍ପତି

- **୨ ଲକ୍ଷକୁ ଜାଲିଆତି କରି ୨୪ ଲକ୍ଷ ଟଙ୍କା ଋଣ ଉଠାଇଥିଲେ ବଡ଼ପୁଅ**
- **ପ୍ରଶାସନ ଗୁହାରି ନ ଶୁଣିଲେ ଆତ୍ମାହୁତି ଦେବାକୁ ଚେତାବନୀ**

ଗ୍ରାମର ମୂଳ ବାସିନ୍ଦା। ଏମ୍‌ସିଏଲ୍ ଦ୍ୱାରା ବିସ୍ଥାପିତ ହେବା ପରେ ସେ, ସ୍ତ୍ରୀ ଓ ୨ ପୁଅ ବୁଢ଼ାପଙ୍କରେ ଘରକରି ରହୁଥିଲେ। ବଡ଼ ପୁଅ ତାଳଚେର ଲିଙ୍ଗରାଜ ଖଣିରେ କାମ କରିବା ସହ ସ୍ତ୍ରୀଙ୍କୁ ନେଇ ଏମ୍‌ସିଏଲ୍ କ୍ୱାର୍ଟର୍ସରେ ରହୁଛନ୍ତି। ୨୦୨୧ ଫେବୃଆରୀରେ ସେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବଡ଼ପୁଅ ଅନୁଗୋଳ ଆଇସିଆଇସିଆଇ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କାର ଋଣ କରିବାକୁ କହି ତାଙ୍କଠାରୁ ଦସ୍ତଖତ ନେଇଥିଲେ। ହେଲେ ଜାଲିଆତି କରି ବଡ଼ପୁଅ ୨୪ ଲକ୍ଷ ଟଙ୍କା ଋଣ ଉଠାଇନେଇଥିଲେ। ମାତ୍ର ୧୦ଟି କିସ୍ତି ପଇଠ କରିବା ପରେ ବଡ଼ପୁଅ ଆଉ ଟଙ୍କା ନ ଦେବାରୁ ବ୍ୟାଙ୍କ ଘର ଜବତ କରିଛି। ଉକ୍ତ ଘର ଖଣ୍ଡିକ ଛଡ଼ା ତାଙ୍କ ପାଖରେ ଆଉ କିଛି ସମ୍ପତ୍ତି ନାହିଁ। ରୋଜଗାର ମଧ୍ୟ ନାହିଁ। ତେଣୁ ବଡ଼ପୁଅ ଜାଲିଆତି କରି ଏପରି ଋଣ କରିଥିବାରୁ ତା ଦରମାରୁ ଋଣ ଅର୍ଥ ଆଦାୟ ସହ ତାଙ୍କୁ ଘର ଫେରାଇ ଦିଆଯାଉ ବୋଲି ମୋହନ କହିବା ସହ ଏ ନେଇ ସେ ମୁଖ୍ୟମନ୍ତ୍ରୀ ଓ ଜିଲା ପ୍ରଶାସନକୁ ଗୁହାରି କରିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଅଁରପାଳ ଥାନା ଆଇଆଇସି ଦୁଷ୍ମନ୍ତ କୁମାର ସିଂ କହିଛନ୍ତି, ବ୍ୟାଙ୍କ ପକ୍ଷରୁ ବହୁ ସମୟ ଦିଆଯାଇଥିଲା। କୋର୍ଟରେ ମଧ୍ୟ ମାମଲା ହାରିଥିଲେ। ତେଣୁ ବ୍ୟାଙ୍କ ପକ୍ଷରୁ ପୋଲିସ ଉପସ୍ଥିତିରେ ଘର ଜବତ କରାଯାଇଛି।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

- **ହତ୍ୟା ଅଭିଯୋଗ ଆଣିଲେ ପରିବାର**
- **୭ ଦିନ ତଳେ କେନ୍ଦ୍ରକୁ ଯାଇଥିଲେ**

**ବ୍ରହ୍ମପୁର,୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମିଲନ ନାୟକ। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏମ୍‌କେସିଜିରେ ପରିବାର ଲୋକେ ମିଲନଙ୍କ ହାତ, ଗୋଡ଼ ଓ ପାଦରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ପାଇ ପୁଅକୁ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ହାତ, ଗୋଡ଼ ବାନ୍ଧି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୬୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଛି। ଉକ୍ତ ନିଶା ନିବାରଣ କେନ୍ଦ୍ରରେ ସିସିଟିଭି ଫୁଟେଜ ଅଛି କି ନାହିଁ ତାହା ଯାଞ୍ଚ କରୁଛି। ଏଥିସହ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ପୋଲିସ ଗୁରୁତ୍ୱାରୋପ କରି ଏହାର ତଦାରଖ କରୁଛି। ତଦନ୍ତରେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଛି। ସେଠାରେ ମିଲନଙ୍କ ସହ ଅନ୍ୟ କେଉଁମାନେ ରହୁଥିଲେ ସେମାନଙ୍କୁ ଘଟଣା ସମ୍ପର୍କରେ ପୋଲିସ ପଚରାଉଚରା କରୁଛି।

ଖବରରୁ ପ୍ରକାଶ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଲନ ଅତ୍ୟଧିକ ନିଶାପାନ କରୁଥିଲେ। ସେ କିପରି ନିଶାଠାରୁ ଦୂରେଇଯିବେ ସେ ନେଇ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟିଥିଲେ। ମିଲନଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କଲେ ତାଙ୍କର ନିଶା ଅଭ୍ୟାସ ସେମାନେ ଦୂରେଇଦେବେ ବୋଲି ଉକ୍ତ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ କହିଥିଲେ। ଏହାକୁ ବିଶ୍ୱାସ କରି ପରିବାର ଲୋକେ ଗତ ୧୬ ତାରିଖରେ ମିଲନ୍‌ଙ୍କ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ଶୁକ୍ରବାର ବିଳମ୍ବିତ ରାତି ସାଢ଼େ ୨ଟାରେ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଫୋନ କରି ସାଇବାଣୀଙ୍କୁ ଏମ୍‌କେସିଜି ମେଡିକାଲ ଆସିବାକୁ କହିଥିଲେ। ମିଲନ ଅସୁସ୍ଥ ହେବାରୁ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସାଇବାଣୀ ମେଡିକାଲରେ ପହଞ୍ଚି ପୁଅର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ପୁଅକୁ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀମାନେ ହତ୍ୟା କରିଛନ୍ତି ବୋଲି ମା' ସାଇବାଣୀ ଅଭିଯୋଗ କରିଛନ୍ତି।

# କେରଳରେ ଦାଦନ ଶ୍ରମିକଙ୍କ ଆତ୍ମହତ୍ୟା

**ମୃତଦେହ ଆଣିବାକୁ ପରିବାରର ନିବେଦନ**

**ରାଜନଗର,୨୨।୧୧(ଭାସ୍କର ରାଉତରାୟ)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ଥଇଥାନସ୍ଥଳୀ ବଗପାଟିଆର ଅନାଦି ରଣାଙ୍କ ପୁଅ ଅର୍ଜୁନ ରଣା(୨୫) ଦାଦନ ଶ୍ରମିକ ଭାବେ କାମ କରିବାକୁ କେରଳ ଯାଇଥିଲେ। କେରଳର ଏର୍ନାକୁଲାମ (ଗ୍ରାମାଞ୍ଚଳ ) ଜିଲାର ପେରୁମ୍ବାଭୁର ଥାନା ଅନ୍ତର୍ଗତ ଆକ୍ରାପାଡି ଗ୍ରାମରେ ଅର୍ଜୁନ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନ ୪ ଟାରୁ ରାତି ୭ଟା ୪୫ ମଧ୍ୟରେ ସେ ଆତ୍ମହତ୍ୟା କରିଥିବା ନେଇ କିଚେନ୍ସ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମୃତଦେହ ଜବତ କରି ନଂ.୨୨୫୨/୨୫ରେ ମାମଲା ରୁଜୁ କରିଛି । ଅର୍ଜୁନ ଅନାଦିଙ୍କର ଏକମାତ୍ର ପୁଅ। ପୁଅ ମୃତ୍ୟୁକୁ ନେଇ ପରିବାର ଚିନ୍ତାରେ ପଡିଛନ୍ତି । ଅପରପକ୍ଷରେ ଅର୍ଜୁନଙ୍କ ନିକଟରୁ ଏକ ହାତଲେଖା ଚିଠି ମିଳିଛି। ଯେଉଁ ଚିଠିଟି ମା' ପାଖକୁ ଲେଖାଯାଇଛି । ଯେଉଁଥିରେ ଉଲ୍ଲେଖ ଅଛି, ସେ ଭଦ୍ରକ ଜିଲାର ଜଣେ ଝିଅକୁ ବର୍ଷେ ହେବ ଭଲ ପାଉଥିଲେ। ମାତ୍ର ସେ ଝିଅ ତାଙ୍କୁ ଧୋକା ଦେବାରୁ ସେ ବାଧ୍ୟହୋଇ ଆତ୍ମହତ୍ୟା କରିଥିବା ଦର୍ଶାଇଛନ୍ତି। କେରଳରୁ ଗାଁକୁ ମୃତଦେହ ଆଣିବାକୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

# ସ୍ୱାମୀଙ୍କ ଗୋଇଠା ମାଡ଼ରେ ସ୍ତ୍ରୀ ମୃତ

**ଯାଜପୁରରୋଡ୍, ୨୨।୧୧ (ପବିତ୍ର ରଞ୍ଜନ ମହାନ୍ତି )**

ଯାଜପୁରରୋଡ୍ ଥାନା ଅଞ୍ଚଳରେ ନିଶାସକ୍ତ ସ୍ୱାମୀଙ୍କ ଗୋଇଠା ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ବ୍ୟାସନଗର ପୌରାଞ୍ଚଳ ୨୫ ନଂ. ୱାର୍ଡ ଚୂନଭାଟି ଟିଶ ହଟିଙ୍ଗ ବସ୍ତିରେ ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଦିନମଜୁରିଆ ଭାବେ କାମକରୁଥିବା ଭାଗୀରଥି ପୂର୍ତ୍ତି (ଟୁଟି, ୪୮) ସନ୍ଧ୍ୟାରେ ମଦ୍ୟପାନ କରି ଘରକୁ ଆସିଥିଲେ। ସେହି ସମୟରେ ତାଙ୍କ ସ୍ତ୍ରୀ ବେଲ ପୂର୍ତ୍ତି (୪୫)ଶିଳରେ ମସଲା ବାଟୁଥିବାବେଳେ ଭାଗୀରଥି ଗାଳିଗୁଲଜ କରିଥିଲେ। ବେଲ ପ୍ରତିବାଦ କରିବାରୁ ତାଙ୍କ ପେଟକୁ ଭାଗୀରଥି ଏକ ଗୋଇଠା ମାରିଥିଲେ। ଗୋଇଠା ମାଡ଼ରେ ବେଲ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇଯାଇଥିବା ସାନପୁଅ ଭଗବାନ କହିଛନ୍ତି। ତୁରନ୍ତ ବେଲଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବେଲଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଯାଜପୁରରୋଡ୍ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଭାଗୀରଥିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି। ବେଲଙ୍କ ୩ ପୁଅ, ୩ ଝିଅ ରହିଛନ୍ତି।

# ରାଜା ମୁକୁନ୍ଦଦେବଙ୍କ ସ୍ମୃତିପୀଠ ହେବ ଅତ୍ୟନ୍ତ ରମଣୀୟ: କେନ୍ଦ୍ର ଶିକ୍ଷାମନ୍ତ୍ରୀ



ଭଦ୍ରକ ଜିଲା ଦୋବଲ କାଳୀପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅତିଥି।

**ଧାମନଗର,୨୨।୧୧ (ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)**

**୧୦୧ କୋଟିର ପ୍ରକଳ୍ପ ଶିଳାନ୍ୟାସ**

ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ସ୍ମୃତିପୀଠ ଗୋହିରାଟିକିରିକୁ ଅତ୍ୟନ୍ତ ରମଣୀୟ କରାଯିବ ବୋଲି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଭଦ୍ରକ ଜିଲା ଧାମନଗର ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦୋବଲ କାଳୀପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧାମନଗରରେ ଆୟୋଜିତ ଏକତା ପଦଯାତ୍ରାରେ ଯୋଗଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଥମେ ଦୋବଲରେ ପହଞ୍ଚିବା ପରେ ତାଙ୍କୁ ଗୋହିରାଟିକିରି ଉନ୍ନୟନ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ତାଙ୍କୁ ବାଇକ୍ ଶୋଭାଯାତ୍ରାରେ ଐତିହାସିକ ଗୋହିରାଟିକିରି ପୀଠ ଯାଏ ନିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗୋହିରାଟିକିରି ମଠକୁ ଯାଇ ମୁକୁନ୍ଦଦେବ ସ୍ମାରକୀ ଭିତ୍ତିଭୂମି ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ଏହାପରେ ଦୋବଲ ବସ୍‌ଷ୍ଟାଣ୍ଡକୁ ଫେରି ଆୟୋଜିତ ଏକତା ପଦଯାତ୍ରାରେ ଯୋଗ ଦେଇଥିଲେ। ପରେ ଦୋବଲ କାଳୀପଡ଼ିଆରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଉତ୍କଳ ସନ୍ତାନର ବୀରତ୍ୱର ଗାଥା ବହନ କରୁଥିବା ଗୋହିରାଟିକିରିର ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନେବେ। ଆଗାମୀ ଦିନରେ ୟୁନେସ୍କୋ ସହଯୋଗରେ ଗୋହିରାଟିକିରି ଉପରେ ଗବେଷଣା କରାଯିବ। ରାଜା ମୁକୁନ୍ଦଦେବଙ୍କ ବଳିଦାନକୁ ଇତିହାସ ପୃଷ୍ଠାରେ ବ୍ୟାପକ କରାଇବା ପାଇଁ ଉଦ୍ୟମ ହେବ। ଭାରତର ସ୍ୱତନ୍ତ୍ରତା ପାଇଁ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା, ଏବେ ସମୃଦ୍ଧିର ଆବଶ୍ୟକତା ରହିଛି। ଆଗାମୀ ୧୦ ବର୍ଷ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ସାଢ଼େ ୪ କୋଟି ଲୋକ ଏକ ହୋଇ ଆଗକୁ ବଢ଼ିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ ଦତ୍ତ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅତିରିକ୍ତ କ୍ରୀଡ଼ା ସଚିବ ବିଜୟ ସ୍ୱାଇଁ, ଜିଲାପାଳ ଦିଲୀପ ରାଉତରାଏ, ଭାଜପାର ଜିଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅରୁଣ ସାହୁଙ୍କ ଅନ୍ତରୀଣ ପିଟିଶନ୍ ଖାରଜ

**ନୟାଗଡ଼ ନିର୍ବାଚନୀ ମାମଲା**

**କଟକ,୨୨।୧୧(କାର୍ତ୍ତିକ ସାହୁ)**

ନୟାଗଡ଼ ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ଅରୁଣ ସାହୁଙ୍କ ପକ୍ଷରୁ ରୁଜୁ ଅନ୍ତରୀଣ ପିଟିଶନ୍ ହାଇକୋର୍ଟରେ ଖାରଜ ହୋଇଯାଇଛି। ନୟାଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ହେମନ୍ତ ପୃଷ୍ଟିଙ୍କୁ ପକ୍ଷ କରିବା ଲାଗି ବିଧାୟକ ସାହୁ ଅନ୍ତରୀଣ ପିଟିଶନ୍ ରୁଜୁ କରିଥିଲେ। ମୂଳ ମାମଲା ରୁଜୁ କରିଥିବା ଭାଜପା ପ୍ରାର୍ଥିନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଅନ୍ତରୀଣ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ସୂଚନାନୁସାରେ, ଗତ ସାଧାରଣ ନିର୍ବାଚନରେ ନୟାଗଡ଼ ବିଧାନସଭା ଆସନରେ ପରାଜିତ ଭାଜପା ପ୍ରାର୍ଥିନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ହାଇକୋର୍ଟରେ ବିଜୟୀ ବିଜେଡିର ଅରୁଣ ସାହୁଙ୍କ ବିରୋଧରେ ନିର୍ବାଚନୀ ମାମଲା ରୁଜୁ କରିଥିଲେ। ଅରୁଣଙ୍କ ପ୍ରାର୍ଥୀପତ୍ର ରଦ୍ଦ କରିବା ପାଇଁ ସିଂ ପ୍ରାର୍ଥନା କରିଥିଲେ। ତେବେ ଏହି ମାମଲାର ଶୁଣାଣି ଚାଲିଥିଲା ବେଳେ ବିଧାୟକ ସାହୁ ଅନ୍ତରୀଣ ପିଟିଶନ୍ ରୁଜୁ କରିଥିଲେ। ନୟାଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ହାରିଥିବା ହେମନ୍ତ ପୃଷ୍ଟିଙ୍କୁ ମୂଳ ମାମଲାରେ ପକ୍ଷ କରିବା ପାଇଁ ସେ ପ୍ରାର୍ଥନା କରିଥିଲେ। ପିପୁଲ୍ସ ରିପ୍ରେଜେଣ୍ଟେଶନ୍ ଆଇନରେ ଅନାବଶ୍ୟକ ଭାବେ ଜଣଙ୍କୁ ତୃତୀୟ ପକ୍ଷ ଭାବେ ଗ୍ରହଣ କରାଯିବା ବ୍ୟବସ୍ଥା ନ ଥିବାରୁ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ମୂଳ ମାମଲାର ଆବେଦନକାରିଣୀ ସିଂଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# 'ଗଣତାନ୍ତ୍ରିକ ଆନ୍ଦୋଳନ ଲୋକଙ୍କ ଆୟୁଧ'

**ବଲାଙ୍ଗୀର,୨୨।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

**ସମାଜବାଦୀ ଜନ ପରିଷଦର ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମେଳନ ଉଦ୍‌ଘାଟିତ**

ବିକଳ୍ପ ରାଜନୈତିକ ସଙ୍ଗଠନ ସମାଜବାଦୀ ଜନ ପରିଷଦର ଦୁଇଦିନିଆ ରାଷ୍ଟ୍ରୀୟ ସମ୍ମେଳନ ଶନିବାର ଟିଟିଲାଗଡ ସ୍ଥିତ ମହାବୀର ଧର୍ମଶାଳାଠାରେ ଉଦ୍‌ଘାଟିତ ହୋଇଛି। ପରିଷଦର ରାଷ୍ଟ୍ରୀୟ ଅଧ୍ୟକ୍ଷ ଆଡଭୋକେଟ ନିଶା ସିଉରକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜନଆନ୍ଦୋଳନଗୁଡ଼ିକର ରାଷ୍ଟ୍ରୀୟ ସମନ୍ୱୟ (ଏନ୍‌ଏପିଏମ୍)ର ସଂଯୋଜକ ନରେନ୍ଦ୍ର କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବାଳକୃଷ୍ଣ ଷାଣ୍ଢ ଏବଂ ସତ୍ୟ ମାହାର ଯୋଗଦାନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଲିଙ୍ଗରାଜ ଆଜାଦ୍ ଓ ସଙ୍ଗଠନ ମନ୍ତ୍ରୀ ଅଫ୍‌ଲାତୁନ୍ ମଞ୍ଚାସୀନ ଥିଲେ। ଏହି ରାଷ୍ଟ୍ରୀୟ ସମ୍ମେଳନକୁ ନିକଟରେ ଦିବଙ୍ଗତ ହୋଇଥିବା ବିଶିଷ୍ଟ ସମାଜବାଦୀ ଚିନ୍ତକ ସଚ୍ଚିଦାନନ୍ଦ ସିହ୍ନାଙ୍କୁ ସମର୍ପିତ କରାଯାଇଥିଲା। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଆଜାଦ୍ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଶକ୍ତ କରିବା। ଲୋକେ ସଶକ୍ତ ହେଲେ ଦେଶ ସଶକ୍ତ ହେବ। ସମ୍ବେଦନଶୀଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନ ଆନ୍ଦୋଳନକୁ ଗୁରୁତ୍ୱ ଦିଆଯାଏ। ଏହାକୁ ଲୋକଙ୍କ ଆୟୁଧ ଭାବେ ଗଣାଯାଏ। ଏବେ କିନ୍ତୁ ସରକାର ସର୍ବୋଦୟୀ, ସମାଜବାଦୀ, ସାମ୍ୟବାଦୀ ଏବଂ କମ୍ୟୁନିଷ୍ଟମାନଙ୍କ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଏବଂ ଆନ୍ଦୋଳନକୁ ନେଇ ଭୟଭୀତ ହୋଇପଡୁଛନ୍ତି। ଦେଶକୁ ପ୍ରକୃତ ଶକ୍ତିଶାଳୀ କରିବାକୁ ହେଲେ ଲୋକଙ୍କୁ ଶକ୍ତିଶାଳୀ କରିବାକୁ ପଡିବ ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନେ ସାମାଜିକ ଏବଂ ଆର୍ଥିକ ବିଷମତା ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ରବିବାର ଉଦ୍‌ଯାପନୀ ଅଧିବେଶନରେ ଓଡିଶା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ।

# ସ୍କୁଟିକୁ ଧକ୍କାଦେଲା ବସ୍: ବ୍ଲକ୍ ଅଧ୍ୟକ୍ଷାଙ୍କ ଭାଇ ସମେତ ୨ ମୃତ

**ହମ୍ପ ନିର୍ମାଣ, କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

**ତିହିଡ଼ି,୨୨।୧୧(ସଞ୍ଜିତ ବଳ)**

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଶନିବାର ପୂର୍ବାହ୍ନ ୧୦ଟା ୩୦ ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଚାନ୍ଦବାଲିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବସ୍ ସ୍କୁଟିକୁ ଧକ୍କାଦେବା ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ସ୍କୁଟି ଆରୋହୀ ତିହିଡ଼ି ଥାନା ଅଧୀନ ସୟା ପଞ୍ଚାୟତ ବାଲିଚତୁରୀ ଗ୍ରାମର ଗୋଲେଖ ଦାସ(୪୬) ଓ ଦୈତାରୀ ପୁହାଣ(୩୮)। ମୃତ ଗୋଲେଖ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ବଡ଼ଭାଇ। ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କମାରିଆ ବଜାରରୁ ବିନ୍ଧା ବଜାର ମଧ୍ୟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ହମ୍ପ ନିର୍ମାଣ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ପରେ ମୃତକଙ୍କ ପରିବାର ଲୋକଙ୍କ ସମେତ ବାଲିଚତୁରୀ ଗ୍ରାମବାସୀ ଘଟଣାସ୍ଥଳରେ



ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ପହଞ୍ଚି ରାସ୍ତାରୋକୋରେ ସାମିଲ ହୋଇଥିଲେ। ସୂଚନା ଅନୁଯାୟୀ, ଗୋଲେଖ ଓ ଦୈତାରୀ ଘରୁ ଏକ ସ୍କୁଟିରେ ଅଲେଖ ମେଳାରେ ଯୋଗଦେବାକୁ ଚାନ୍ଦବାଲି ଯାଉଥିଲେ। ସିନ୍ଦୋଳ ନିକଟରେ ବିପରୀତ ଦିଗରୁ ଆସୁଥିବା ହାସାମ ନାମକ ଏକ ବସ୍ (ଓଡି ୦୫ ଏ ଡବ୍ଲ୍ୟୁ ୭୯୫୫) ସ୍କୁଟିକୁ ଧକ୍କା ଦେଇଥିଲା। ସେଠାରେ ଉତ୍ତେଜନା ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ନାୟକାଣିଡିହୀ ଥାନା ଆଇଆଇସି ଉମାଶଙ୍କର ନାୟକ, ବାଂଶଡ଼ା ଥାନା ଆଇଆଇସି ଏମ୍‌ଡି ହାପିଜ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଭଦ୍ରକ ଡିଏସ୍‌ପି ବିଶ୍ୱପତି ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ଭାଜପା ନେତା ସଂଗ୍ରାମ ମହାନ୍ତି ଓ ସରପଞ୍ଚଙ୍କ ପ୍ରତିନିଧି କମଳାକାନ୍ତ ଲେଙ୍କା ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତା ଅବରୋଧ ହଟି ନ ଥିଲା। ଅତିରିକ୍ତ ତହସିଲଦାର ନମିତା ଧଳ ୨ ମୃତକଙ୍କ ପରିବାରକୁ ସୋମବାର ରେଡ୍‌କ୍ରସରୁ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାସ୍ତାର ୨ଟି ସ୍ଥାନରେ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମାତ୍ର ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ବସ୍ ମାଲିକ ଘଟଣାସ୍ଥଳକୁ ଆସନ୍ତୁ ବୋଲି ଦାବି କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ଆଇଆଇସି ଗ୍ରହାଚାର୍ଯ୍ୟ ବସ୍ ମାଲିକଙ୍କୁ ଥାନାକୁ ଡକାଯାଇ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।

# ରାଜଯୋଗିନୀ ଡ. କମଳେଶ ଦିଦିଙ୍କ ପରଲୋକ

**କଟକ,୨୨।୧୧(କାର୍ତ୍ତିକ ସାହୁ)**

**ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ**

ଓଡ଼ିଶାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କଟକ ସବ୍‌ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡକ୍ଟର କମଳେଶ ଦିଦିଙ୍କର ୮୬ ବର୍ଷ ବୟସରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୦ମିନିଟ୍ ସମୟରେ ପରଲୋକ ହୋଇଯାଇଛି। କଟକ ଝାଞ୍ଜିରୀମଙ୍ଗଳାସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମରେ ସେ ଦେହତ୍ୟାଗ କରିଛନ୍ତି। ସେ କଟକ ସବ୍‌ଜୋନର ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିଲେ। ଦିଦିଜୀଙ୍କର ଅନ୍ତିମ ସଂସ୍କାର ଆସନ୍ତା ୨୪ ତାରିଖରେ ଫୁଲନଖରାସ୍ଥିତ ବିଶ୍ୱ ଶାନ୍ତି ସରୋବରଠାରେ ସମ୍ପନ୍ନ ହେବ ବୋଲି ଜଣାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରିଛନ୍ତି। ସୂଚନାନୁସାରେ, ଡ. ଦିଦି ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ତେବେ ପୂରା ଅନ୍ତିମ ସମୟ ପର୍ଯ୍ୟନ୍ତ ସେ ସକ୍ରିୟ ଥିଲେ। ସକାଳୁ ମଧ୍ୟ ତାଙ୍କର ଦିନଚର୍ଯ୍ୟା ସ୍ୱାଭାବିକ ରହିଥିଲା। ଦେହତ୍ୟାଗର ଅଳ୍ପ ସମୟ ପୂର୍ବରୁ ଶରୀରର ଅନ୍ତିମ ସମୟ ଜାଣିପାରି ଦିଦି ସୂଚନା ଦେଇଥିଲେ ବୋଲି କହିଛନ୍ତି



କଟକ ସବ୍‌ଜୋନର ଅତିରିକ୍ତ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଦିଦି। ୧୯୭୩ ମସିହା ଅଗଷ୍ଟରେ କଟକର ତଳ ତେଲେଙ୍ଗା ବଜାରରେ ଏକ ଛୋଟିଆ ଭଡ଼ା ଘରୁ ବ୍ରହ୍ମାକୁମାରୀ କମଳେଶ ଦିଦି ଓଡ଼ିଶାରେ ଈଶ୍ୱରୀୟ ସେବା ଆରମ୍ଭ କରିଥିଲେ। ତାଙ୍କ ମା' କଳାବତୀ ଓ ବାପା ପ୍ରୟାଗ ଦାସ ଗୁପ୍ତା ଉତ୍ତରପ୍ରଦେଶର ମୂଳବାସିନ୍ଦା ହୋଇଥିବା ବେଳେ ଡ. କମଳେଶ ଦିଦିଙ୍କ ଜନ୍ମ କୋଲକାତାରେ ହୋଇଥିଲା। ସେ କୋଲକାତାରୁ ଓଡ଼ିଶା ଆସି ଏହି ଈଶ୍ୱରୀୟ ସେବା ଆରମ୍ଭ କରିଥିଲେ, ଯାହା ଏବେ ଏକ ମହାଦ୍ରୁମରେ ପରିଣତ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ହରି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଜି, କଟକ 'ଏ' ଚାମ୍ପିୟନ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଚାଲିଥିବା ଆନ୍ତଃଜିଲା ଏବଂ ରାଜ୍ୟ ଟେବୁଲ ଟେନିସ ପ୍ରତିଯୋଗିତାର ଦଳଗତ ଇଭେଣ୍ଟ ଶନିବାର ଶେଷ ହୋଇଛି। ଏହାର ସିନିୟର ବର୍ଗରେ ଏଜି ଓଡ଼ିଶା ଏବଂ ୟୁଥ୍ ବାଳକ ବର୍ଗରେ କଟକ 'ଏ' ଚାମ୍ପିୟନ ହୋଇଛି। ସିନିୟର ବର୍ଗରେ ଏଜି ଫାଇନାଲରେ କଟକ 'ବି'କୁ ୩-୦ରେ ପରାସ୍ତ କରିଛି। ତୁଷାର ଚୌହାନ, ମୈନକ ଦାସ ଓ ସମ୍ରାଟ ଚକ୍ରବର୍ତ୍ତୀ ଏଜି ଦଳକୁ ବିଜୟୀ କରିଥିଲେ। ୟୁଥ୍ ବାଳକ ବର୍ଗ ଫାଇନାଲରେ କଟକ 'ଏ' ୩-୦ରେ ଖୋର୍ଦ୍ଧାକୁ ହରାଇ ଦେଇଛି। ଜିଜ୍ଞାଶୁ ସାହୁ, ତକମିଲ ମହମ୍ମଦ ଏବଂ ଜିଜ୍ଞାଶୁ ଓ ଆୟାନ ମୁସ୍ତାକଙ୍କ ଯୋଡ଼ି ବିଜୟ ହାସଲ କରିଥିଲେ।

# ଇନୋଭାରେ କପ୍ କ୍ରିକେଟ

**ଭୁବନେଶ୍ୱର, ୨୨।୧୧ (ବିଜୟ ରଣା)**

ସ୍ଥାନୀୟ ଇଡ୍‌କୋ, ସୋଆ ଓ ରେଲୱେ ଷ୍ଟାଡିୟମରେ ଚାଲିଥିବା ମେଗା କର୍ପୋରେଟ୍ କ୍ରିକେଟ ଟୁର୍ନାମେଣ୍ଟ ଇନୋଭାରେ କପ୍ ୨୦୨୫ର ତୃତୀୟ ଦିବସରେ ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ସୋଆ, ଏସ୍‌ଆସି, ଆର୍‌ସିସି, ଓଡ଼ିଶା ପୋଲିସ, ରୟାଲ ଷ୍ଟ୍ରାଇକର୍ସ, ଟିସିଏସ୍ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। ଇଡ୍‌କୋ ଷ୍ଟାଡିୟମରେ ସୋଆ ୭୩ ରନ୍‌ରେ ସେଫ୍‌ରିସ୍କ ଦଳକୁ ହରାଇଦେଇଛି। ବିଜୟୀ ଦଳର ତନ୍ମୟ ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଏସ୍‌ଆସି ୬୦ ରନରେ ଲୟର୍ସଦଳକୁ ପରାସ୍ତ କରିଛି। ସସ୍ମିତ ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସୋଆ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ କର୍ପୋରେଟ ଏକାଦଶ ବିପକ୍ଷରେ ଆର୍‌ସିସି ୮ଉଇକେଟରେ ବିଜୟ ଲାଭ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆସେଞ୍ଚରକୁ ୭ଉଇକେଟରେ ପରାସ୍ତ କରିଛି ଓଡ଼ିଶା ପୋଲିସ। ସେହିପରି ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ରୟାଲ ଷ୍ଟ୍ରାଇକର୍ସ ୪ ଉଇକେଟରେ କିଟ୍‌କୁ ହରାଇ ଦେଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ସିସିସି ବିପକ୍ଷରେ ଟିସିଏସ୍ ୧୫ରନରେ ବିଜୟ ଲାଭ କରିଛି।


## ଜନ୍ମଦିନ ଶୁଭେଚ୍ଛା



**ଜ୍ଞାନଗମ୍ୟ ବେହେରା (ହରି)**
ଗୁହାଳ ସାହି, ନରସିଂହପୁର, କଟକ
ଆଜି ଜ୍ଞାନର ଶୁଭ ଜନ୍ମଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ଯେ, ସେ ତତେ ଦୀର୍ଘାୟୁ କରିବା ସହିତ ତୋତେ ଭକ୍ତି ଜୀବନ ଯାପନ ପାଇଁ ଶକ୍ତି ପ୍ରଦାନ କରନ୍ତୁ।
ଶୁଭେଚ୍ଛା ସହ: ବାପା- ଗୌରାଙ୍ଗ ବେହେରା, ମା- ମନୋରମା ବେହେରା, ଜେଜେବାପା- ଗୋବିନ୍ଦ ବେହେରା, ଜେଜେମା- ଲାବଣ୍ୟ ବେହେରା, ପିଉସା, ପିଉସି ଓ ବନ୍ଧୁବାନ୍ଧବ ବର୍ଗ।
ଧ-୨୬୫୯


# ଭାରତ ଫାଇନାଲରେ



ପ୍ଲେୟର ଅଫ୍ ଦି ମ୍ୟାଚ୍ ବାସନ୍ତୀ ହାଁସଦା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

**କଲମ୍ବୋ, ୨୨।୧୧**

ସ୍ଥାନୀୟ ପି. ସାରାଭାନାମୁତ୍ତୁ ଷ୍ଟାଡିୟମରେ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରି ଭାରତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲରେ ଦଳ ନେପାଳକୁ ଭେଟିବ। ନେପାଳ ଅନ୍ୟ ସେମିଫାଇନାଲରେ ପାକିସ୍ତାନକୁ ୭ଉଇକେଟରେ ହରାଇ ଦେଇଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳର ଟପ୍ ସ୍କୋରର ଜାନାକାନ ବୁଆଖାଓ ୩୪ ରନ କରିଥିଲେ। ଅଷ୍ଟ୍ରେଲିଆର ୬ଜଣ ବ୍ୟାଟର ରନଆଉଟ ହୋଇଥିଲେ। ଭାରତର ସିମରନଜିତ୍ କୌର ତାଙ୍କ ୨ ଓଭର ବୋଲିଂରେ ମାତ୍ର ୬ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୧.୫ ଓଭରରେ ୧ ଉଇକେଟ ବିନିମୟରେ ୧୧୨ ରନ କରିଥିଲା। ଦଳର ଟପ୍ ସ୍କୋରର ତଥା ପ୍ଲେୟର ଅଫ୍ ଦି ମ୍ୟାଚ୍ ବାସନ୍ତୀ ହାଁସଦା ୪୫ରନ କରିଥିବା ବେଳେ ଗଙ୍ଗା କଦମ ଓ କେ. କରୁଣା ଯଥାକ୍ରମେ ୪୧ ଓ ୧୬ ରନ କରି ଅପରାଜିତ ରହିଥିଲେ।

# ସିଦ୍ଧାନ୍ତ-ପ୍ରଜ୍ୱଲଙ୍କୁ ଡବଲ୍ସ ଟାଇଟଲ

## ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍
## ସିଙ୍ଗଲ୍ସ ସେମିରେ କବିର ପରାସ୍ତ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ପୁରୁଷ ୱାର୍ଲ୍ଡ ଟେନିସ ଟୁର୍ (ଏମ୍୧୫ ଭୁବନେଶ୍ୱର) ପ୍ରତିଯୋଗିତାର ଡବଲ୍ସ ଟାଇଟଲ ଜିତିଛନ୍ତି ସିଦ୍ଧାନ୍ତ ବନ୍ଥିଆ ଓ ଏସ୍.ଡି. ପ୍ରଜ୍ୱଲ ଦେବ। ଏହି ଭାରତୀୟ ଯୋଡ଼ି ଶନିବାର ଅନୁଷ୍ଠିତ ଫାଇନାଲରେ ମାଧ୍ୱିନ କାମାଥ ଓ ରୋହନ ମେହରାଙ୍କୁ ୭-୬ (୫), ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଏପରି ଏକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିବା କବିର ହଂସଙ୍କ ଅଭିଯାନ ଶେଷ ହୋଇଛି। ସେମିଫାଇନାଲରେ ସେ ଦିଗ୍‌ବିଜୟ ପ୍ରତାପ ସିଂଙ୍କଠାରୁ ୩-୬, ୨-୬ରେ ହାରିଯାଇଛନ୍ତି। ଅନ୍ୟ ସେମିଫାଇନାଲରେ ପ୍ରଜ୍ୱଲ ଦେବ ୭-୬(୪), ୬-୦ରେ ମନୀଷ ସୁରେଶ କୁମାରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଦିଗ୍‌ବିଜୟ ଓ ପ୍ରଜ୍ୱଲଙ୍କ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଆଇଟିଏଫ୍ ରେଫରି ପ୍ରବୀଣ କୁମାର ନାୟକଙ୍କ ଉପସ୍ଥିତିରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ଓଡ଼ିଶା ଟେନିସ ଆସୋସିଏଶନ ଯୁଗ୍ମ ସମ୍ପାଦକ ସସ୍ମିତ ପଟ୍ଟନାୟକ ଡବଲ୍ସରେ ବିଜେତା ଓ ରନରଅପ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଆଶୁତୋଷ-ସୁବ୍ରତ ଫାଇନାଲ

## ଅଲ୍ ଓଡ଼ିଶା ସ୍ନୁକର

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ପକେଟ୍ସ କ୍ଲବରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଆଶୁତୋଷ ୫-୦ (୮୫-୪୦, ୯୧-୦, ୮୯-୪୫, ୪୫-୧୬, ୮୯-୦) ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ସୁବ୍ରତ ୫-୧ (୬୮-୧୦, ୧୪-୬୨, ୭୨-୨୧, ୮୦-୨୯, ୫୭-୪୯, ୫୪-୩୬) ଫ୍ରେମ୍‌ରେ ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଦେଇଛନ୍ତି। ଆଶୁତୋଷ ଓ ସୁବ୍ରତ ପ୍ରଭାବୀ ପ୍ରଦର୍ଶନ କରିବାରୁ ୨ଟି ଯାକ ସେମିଫାଇନାଲ ଏକପାଖିଆ ହୋଇଯାଇଥିଲା। ସିନିୟର ସ୍ନୁକରରେ ଏହା ପୂର୍ବରୁ ସୁବ୍ରତ ୫ଥର ଏବଂ ଆଶୁତୋଷ ୪ ଥର ଟାଇଟଲ ଜିତି ସାରିଛନ୍ତି।

# ଗ୍ଲୋବାଲ ଫିଜିଓ, ଓଡିଏମ୍ ଗ୍ଲୋବାଲ ବିଜୟୀ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**


ବିଶୁ ନାୟକ (ଡାହାଣ) ପୁରସ୍କୃତ ହେଉଛନ୍ତି।

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ର ଶନିବାର ଅନୁଷ୍ଠିତ ୨ଟି ମ୍ୟାଚରେ ଗ୍ଲୋବାଲ ଫିଜିଓ ସେଲ୍ ଏବଂ ଓଡିଏମ୍ ଗ୍ଲୋବାଲ ଏଫ୍‌ସି ବିଜୟ ହାସଲ କରିଛି। ଅପରାହ୍ନ ୨ଟାରେ ଅନୁଷ୍ଠିତ ମ୍ୟାଚରେ ଗ୍ଲୋବାଲ ଫିଜିଓ ୮-୧ ଗୋଲରେ ସିଟି କ୍ଲବ୍‌କୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ବିଶୁ ନାୟକ ୨୩, ୪୫, ୫୦ ଓ ୫୫ତମ ମିନିଟରେ ୪ଟି ଗୋଲ ଦେଇଥିଲେ। ମୁସ୍ତାକିନ୍ ଖାଁ ୨ଟି ଏବଂ ସନ୍ତୋଷ ବେହେରା ଓ ରୁଦ୍ର ପ୍ରସାଦ ନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସିଟି କ୍ଲବ୍ ପକ୍ଷରୁ ପ୍ରବୀଣ ମଲିକ ଗୋଟିଏ ଗୋଲ ପରିଶୋଧ କରିଥିଲେ। ହ୍ୟାଟ୍ରିକ ସହ ୪ ଗୋଲ ଦେଇଥିବା ବିଶୁ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଆସୋସିଏଶନର ସିନିୟର ସଦସ୍ୟ ଗୌରବ ପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ ଓଡିଏମ୍ ଗ୍ଲୋବାଲ ୫-୩ ଗୋଲରେ ମା' ମଙ୍ଗଳା ଏଫ୍‌ସିକୁ ହରାଇ ଦେଇଛି। ବିଜୟୀ ଦଳର ଗୁଲସନ ଡିଗଲ ୨ଟି ଏବଂ ରିଙ୍କୁ କଅଁର, ପ୍ରୀତମ ଟୁଡୁ ଓ ଶମ୍ଭୁନାଥ ମୁର୍ମୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମା' ମଙ୍ଗଳା ଦଳର ବରିସ ହେମ୍ବ୍ରମ ୨ଟି ଓ ଆଶୀର୍ବାଦ ବେହେରା ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫୁଟ୍‌ବଲ କୋଚ୍ ଶଙ୍କର୍ଷଣ ଜେନା ଅତିଥିଭାବେ ଯୋଗଦେଇଥିଲେ।


# Classified Everyday
0674-2580101, 9692975378


## MATRIMONIAL
### BRIDE WANTED

Wanted beautiful, educated tall girl (Age-26-30 years) for BTECH +MBA (from KIIT, Bhubaneswar) qualified boy, working as Manager, Talent Acquisition in a Bangalore based IT-AI company, presently working from home (Dhenkanal Town). Bride from Karana/ Kshatriya/ Khandayat family is preferred. Contact- Father (Call -9937717427, Whatsapp -9438772415). D-2651


## REAL ESTATE
### SALE

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649

Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଟଙ୍କପାଣି ସାଇମନ୍ଦିରଠାରୁ 6 କିଲୋମିଟର ଦୂର BJEM-2 ପଛଭାଗ ଚିଙ୍ଗୁଡ଼ିଆ ଛକ ପାଖରେ 1900Sq.ft. ପାଚେରୀ ହୋଇଥିବା ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ମୂଲ୍ୟ 28.5ଲକ୍ଷ। ଯୋଗାଯୋଗ- 9438220432/ 8144658008. D-2642

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2650

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.** D-12

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 km from Bhubaneswar, COST 55 LAKHS, in place of 65 lakhs. Pl contact me immediately who can purchase within 15 days. 7809525452. D-215

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

2 Gharabari, Boundarywall and Electricity facility plot sale (each plot measuring 2600sqft 40×65) near Gudiapokhari Bhubaneswar, cost@2200 per sqft fix price. Mobile-9938867397. D-2643



Newly made 2BHK flat in Shreeram Residency Apartment near Ram Mandir, Uttara Chhak, Bhubaneswar for domestic purpose in urgent basis. Contact- 9861074590. D-2652

1000sq.ft. open area with surrounding boundary wall. Available for rent at Mancheswar Industrial Estate. Water & electricity available. Contact- 8637280147. D-2656

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All type of physiotherapy, contact Number- 9556924059/ 765696134, Jharapada. D-1603

## AFFIDAVIT

I, Sanjaya Kumar Padhiali, formerly called as Sanjaya Ku Padhiali, S/o.- Dandapani Padhiali, permanent resident of At/P.O.- Konkorada, P.S.- Pattapur, Dist.- Ganjam, Odisha, PIN- 761144, currently residing P.O.- Konkorada, P.S.- Pattapur, Dist.- Ganjam, Odisha, PIN- 761144 do hereby Solemnly affirm and state that formerly I was known as Sanjaya Ku Padhiali. Now onwards I will be known with my new name as Sanjaya Kumar Padhiali for all purposes. Hence I filed an affidavit before THE NOTARY PUBLIC, BERHAMPUR, GANJAM on 22.11.2022 bearing No. A-795.
Sd/- Sanjaya Kumar Padhiali D-2655

I, Susama Sahoo, W/o.- Surendra Sahoo, Vill./P.O.-Goradia, P.S.- Kamakhyanagar, Dist.- Dhenkanal, Odisha-759023 have changed my name from SUSILA SAHOO to SUSAMA SAHOO, Dtd.- 21.11.2025 before Executive Magistrate, Dhenkanal. D-2653

I, FAKIR CHARAN MALLIK, S/o.- Late Achuta Mallick, Resident of At- Budhapada, P.O.- Anakhia, P.S.- Biridi, Dist.- Jagatsinghpur, PIN- 754102, Odisha declare by this affidavit No.- 12066, Dated- 20.11.2025, that I have changed my name from FAKIR CHARAN MALLIK to FAKIR CHARAN MALLICK. Henceforth, I Shall be known as FAKIR CHARAN MALLICK for all purposes. D-2654

## LOST

ମୁଁ, ରଶ୍ମୀ ରାଉତରାୟ, ବାସିନ୍ଦା ପ୍ଲଟ୍ ନଂ.୧୫୭, ୟୁନିଟ- ୪, ମଧୁସୂଦନ ନଗର, ଭୁବନେଶ୍ୱର ୭୫୧୦୦୧, ଖୋର୍ଦ୍ଧା, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଅଛି ଯେ, ପ୍ଲଟ୍ ନଂ.୧୫୭, ଡ୍ରଇଂ ନଂ. ୭୮, ଖାତା ନଂ. ୯୬୯ ସମ୍ବନ୍ଧିତ ହସ୍ତାନ୍ତରଣ ଦଲିଲ ସମ୍ବଳିତ ମୂଳ ଆର୍‌ଓଆର୍ ଏବଂ ଜିଏ ବିଭାଗର ଚୂଡ଼ାନ୍ତ ଆଦେଶ ତା.୨୬।୧୦।୨୦୨୫ରିଖରେ କେଉଁଠି ହଜିଯାଇଛି । ଯଦି କେହି ତାହାର ସନ୍ଧାନ ପାଆନ୍ତି ଦୟାକରି କରି ମୋ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୨୬୫୮

ମୁଁ ଶ୍ରୀକାନ୍ତ କୁମାର ସାହୁ, ପି.- ଗଙ୍ଗାଧର ସାହୁ, ଗ୍ରାମ- ହାଟୁଆରୀ, ପୋ.- ବଡ଼ସୁଆଳ, ଥାନା- କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳ, ଘୋଷଣା କରୁଅଛି, ମୋ ନାମରେ ଥିବା ପଟ୍ଟା ଖାତା ନଂ.- ୩୦୬/୩୯, ପ୍ଲଟ୍ ନଂ.- ୩୩୨୦, ଶାରଦ ତିନି ଘୁଷୁରୀପଦା, ବଡ଼ସୁଆଳ, କେଉଁଠାରେ ତା.୧୩।୧୧।୨୦୨୫ ରିଖ ଦିନ ହଜିଯାଇଛି। ଯଦି କେହି ଏହାକୁ ପାଇଥାନ୍ତି, ୯୪୩୭୩୦୪୪୪୫ କିମ୍ବା ୮୮୯୫୦୮୬୧୩୬ (ଆଇନଜୀବୀ) ନମ୍ବରରେ ଜଣାଇବାକୁ ଅନୁରୋଧ। ଶ୍ରୀକାନ୍ତ କୁମାର ସାହୁ ଦୂରଭାଷ ନଂ.- ୯୪୩୭୩୦୪୪୪୫. ଧ-୨୬୫୭

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେଶ କୁମାର ସାହୁ**
(ଶଙ୍କର ମହାଜନ)
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ହା. ସା- ଟଙ୍କପାଣି ରୋଡ, ଭୁବନେଶ୍ୱର
ଆବିର୍ଭାବ- ୧୪.୦୪.୧୯୫୧
ତିରୋଧାନ- ୧୩.୧୧.୨୦୨୫
ତୁମ୍ଭ ସ୍ନେହ ଶ୍ରଦ୍ଧା ଆଶିଷ ଆଉ କରୁଣା ବାରି, ବରଷୁଥାଉ ଏମିତି ତୁମ ସ୍ମୃତିରୁ ଝରି।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ-
ଝରଣା ସାହୁ, ପୁତ୍ର- ବୁ୍ି ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଦମୟନ୍ତୀ ଦେଇ**
ଆବିର୍ଭାବ- ୧୫.୧୧.୧୯୪୮
ତିରୋଧାନ- ରମ୍ଭା ତୃତୀୟା ୦୧.୧୧.୨୦୦୨
ଦେଇ ତୁ ଆଜକୁ ଦୀର୍ଘ ୨୩ ବର୍ଷ ହେଲା ଏ ସଂସାର ଛାଡି ଚାଲି ଗଲୁଣି, କିନ୍ତୁ ତୋ ସ୍ମୃତି ଆଜି ବି ତୋତେ ମୋ ମନ ଭିତରେ ଜୀବିତ ରଖିଅଛି। ତୁ ଯେଉଁ ଜଗତର ନାଥ ଜଗନ୍ନାଥଙ୍କୁ ସବୁବେଳେ ପୂଜା କରୁଥିଲୁ, ମୋର ତାଙ୍କ ପାଖରେ ଏତିକି ଗୁହାରୀ ସେ ତାଙ୍କ ପାଦ ପଦ୍ମରେ ତୋତେ ରଖିଥାଆନ୍ତୁ।
ଇତି
ତୋର ହତଭାଗିନୀ ଝିଅ
ପିଙ୍କୁ

**୧୩ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ**
ଲିଙ୍ଗିପୁର, ଭୁବନେଶ୍ୱର
ତିରୋଧାନ- ୧୫.୧୨.୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ସ୍ତ୍ରୀ- ଶକୁନ୍ତଳା, ପୁଅ- ଅମୂଲ୍ୟ, ଗଣେଶ, ଝିଅ- ସବିତା, ନାତି- ଆଦିତ୍ୟ,ଆର୍ଯ୍ୟ, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।



IN FOND MEMORY
**BINOYA KUMAR DASH**
(BUTU) OPS-1
Retd. Superitendent of Police.
Passed Away: 13th November 2025
The 11th Day Ritual will be held on 23rd November 2025 at Ghodabazar, Puri.
Those we love don't go away, they walk beside us every day.

# ଅଫିସ ଏଟିକେଟ୍ସ

ନିଜକୁ ଅଫିସ୍‌ରେ ଜଣେ ଭଲ କର୍ମଚାରୀର ପରିଚୟ ଦେବାକୁ ସମସ୍ତେ ଚାହାନ୍ତି, ଯାହାକି ଦକ୍ଷତା ବୃଦ୍ଧି ସହ ଜଣେ ଉତ୍ତମ କର୍ମଚାରୀ ଭାବେ ଭବିଷ୍ୟତରେ ପଦୋନ୍ନତିରେ ମଧ୍ୟ ସହଯୋଗ କରିଥାଏ। ହେଲେ କେବେକେବେ ନିଜର କେତେକ ଭୁଲ୍ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିଥାଏ। ତେଣୁ ଅଫିସ୍‌ରେ କ'ଣ କରିବା ଭଲ ଏବଂ କେଉଁସବୁ କାର୍ଯ୍ୟଠାରୁ ଦୂରେଇ ରହିବା ଆବଶ୍ୟକ ଜାଣିରଖନ୍ତୁ ଏଭଳି ଅଫିସ୍ ଏଟିକେଟ୍ସ ସମ୍ପର୍କରେ...

**ହୁଅନ୍ତୁ ସମୟାନୁବର୍ତ୍ତୀ:** ଜଣେ କର୍ମଚାରୀଙ୍କ ପାଇଁ ସବୁଠାରୁ ବଡ଼ ଅଫିସ୍ ଏଟିକେଟ୍ସ ହେଉଛି ସମୟାନୁବର୍ତ୍ତୀ। ତେଣୁ ସମୟର ମୂଲ୍ୟକୁ ବୁଝିବା ସହ ଠିକ୍ ଟାଇମ୍‌ରେ ଅଫିସ୍‌ରେ ପହଞ୍ଚନ୍ତୁ। କାରଣ ବିଳମ୍ବରେ ଅଫିସ୍‌ରେ ପହଞ୍ଚିବାର ଖରାପ ଅଭ୍ୟାସ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିଥାଏ। ତେଣୁ ଯଦି କେବେ ଡେରି ହୋଇଯାଉଛି ତେବେ ନିଜ ସିନିୟର୍‌ଙ୍କୁ ଏହି ବିଷୟରେ ଅବଗତ କରନ୍ତୁ।

**କାମରେ ଅବହେଳା କରନ୍ତୁ ନାହିଁ:** ଅଫିସ୍‌ରେ ନିଜ କାମକୁ ଯଥାସମୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଅଫିସ୍ କାମ ସମୟରେ ଫୋନ୍‌ରେ ଗପିବା କିମ୍ବା ସୋସିଆଲ ମିଡିଆ ବ୍ୟବହାର କରିବାରେ ସମୟ ନଷ୍ଟ କରନ୍ତୁ ନାହିଁ। ଏଭଳି ଅଭ୍ୟାସ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ସବୁବେଳେ କର୍ମକ୍ଷେତ୍ରରେ ନିଜର ବେଷ୍ଟ ଫରଫର୍ମାନ୍ସ ଦେବାକୁ ଚେଷ୍ଟା କରନ୍ତୁ।

**ରଖନ୍ତୁନି ପ୍ରଶଂସା ଲୋଭ:** ଅନେକ କର୍ମଜୀବୀ ଏଭଳି ବି ଅଛନ୍ତି, ଯେଉଁମାନେ ନିଜର ପ୍ରତ୍ୟେକ କାର୍ଯ୍ୟକୁ କେହି ପ୍ରଶଂସା କରନ୍ତୁ ବୋଲି ଚାହାନ୍ତି। ଆଉ କେହି କେହି ପ୍ରଶଂସା ପାଇବା ଲୋଭରେ ଲୋକଦେଖାଣିଆ ଅଧିକ ଅଧିକ କାର୍ଯ୍ୟ କରନ୍ତି। ହେଲେ ସବୁବେଳେ ପ୍ରଶଂସା ପାଇବା ଆଶାରେ କାର୍ଯ୍ୟ କରିବା ଠିକ୍ ନୁହେଁ। ନଚେତ୍ ଏହା ଏକ ନିଶାରେ ପରିଣତ ହୋଇଯିବ ଏବଂ ଅନ୍ୟ କେହି ଭଲ କାମ ପାଇଁ ପ୍ରଶଂସା ପାଇଲେ ମନରେ ଈର୍ଷା, କ୍ରୋଧ ଭାବନା ସୃଷ୍ଟି ହେବ, ଯାହାକି ଆପଣଙ୍କ କାର୍ଯ୍ୟରେ ପ୍ରତିଫଳିତ ହେବ ଏବଂ ସଭିଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟହେବ।

**ଭୁଲ୍ ଥିଲେ ମାନନ୍ତୁ ଏବଂ ସୁଧାରନ୍ତୁ:** ସମସ୍ତେ ସବୁ କାମରେ ପର୍‌ଫେକ୍ଟ ହୋଇ ନ ଥାନ୍ତି। ତେଣୁ ଧୀରେ ଧୀରେ କାମ ଶିଖି ନିଜ ଦକ୍ଷତା ବୃଦ୍ଧି ହୋଇଥାଏ। ତେଣୁ ଯଦି ଆପଣଙ୍କ ଦ୍ୱାରା କିଛି ଭୁଲ୍ ହୋଇଯାଇଛି, ତେବେ ଏହାକୁ ସ୍ୱୀକାର କରନ୍ତୁ। ଅନ୍ୟ କାହାକୁ ଦୋଷ ଦେବା କିମ୍ବା ଅନ୍ୟ କାହାର ଭୁଲ୍ ବାହାର କରିବା ପରିବର୍ତ୍ତେ ନିଜ ଭୁଲ ମାନି ନିଅନ୍ତୁ। ଏହାକୁ ଏକ ଶିକ୍ଷା ଭାବେ ଗ୍ରହଣ କରି ନିଜକୁ ସୁଧାରିବାକୁ ଚେଷ୍ଟା କରନ୍ତୁ।







**ଅଫିସ୍ ପ୍ରତ୍ୟେକଙ୍କ ପାଇଁ ଦ୍ୱିତୀୟ ଘର ସଦୃଶ। କାରଣ ଏହା ହେଉଛି କର୍ମଭୂମି। ତେଣୁ ପ୍ରତ୍ୟେକ କର୍ମଜୀବୀ, ବିଶେଷକରି ନୂଆ ନୂଆ ଜବ୍ ଆରମ୍ଭ କରିଥିବା ଯୁବପିଢ଼ିଙ୍କ ଲାଗି କର୍ମକ୍ଷେତ୍ରରେ ନିଜକୁ ଜଣେ ଦକ୍ଷ ତଥା ସଚ୍ଚୋଟ କର୍ମଚାରୀର ପରିଚୟ ଦେବାକୁ ହେଲେ କେତେକ ଅଫିସ୍ ଏଟିକେଟ୍ସ ପାଳନ କରିବା ନିହାତି ଆବଶ୍ୟକ...**

**ଅଫିସ୍ ଗସିପ୍‌ଠୁ ଦୂରେଇ ରହନ୍ତୁ:** ଅନେକେ ଫାଙ୍କା ସମୟ ପାଇଲେ ଅଫିସ୍‌ରେ ଗସିପ୍ କରିବାରେ ଲାଗିପଡ଼ନ୍ତି। ହେଲେ ଏହାଦ୍ୱାରା ନା କେବଳ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ, ବରଂ ଏଥିପାଇଁ କେବେକେବେ ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସହ ଝଗଡ଼ା ହେବା ଭଳି ଅପ୍ରୀତିକର ପରିସ୍ଥିତି ବି ଉପୁଜିଥାଏ। ତେଣୁ ଯେତେସମ୍ଭବ ଗସିପ୍‌ରୁ ଦୂରେଇ ରୁହନ୍ତୁ। ଅଫିସ୍‌କୁ ନେଇ ନିଜର ବ୍ୟକ୍ତିଗତ ମତାମତ କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କ କଥା ଅନ୍ୟ କର୍ମଚାରୀଙ୍କ ସହ ଶେୟାର୍ କରନ୍ତୁ ନାହିଁ। ଅନେକ ଅଫିସ୍‌ରେ ଏକାଠି କେତେଜଣ ସାଙ୍ଗଙ୍କୁ ଜବ୍ କରିବାର ସୁଯୋଗ ମିଳିଥାଏ। ଯଦିଓ ସାଙ୍ଗମାନେ ଅଫିସ୍‌ରେ ଏକାଠି କାମ କରିବା ଦ୍ୱାରା ଆପଣଙ୍କୁ ଫ୍ରେଶ୍ ଲାଗିଥାଏ, ହେଲେ ମନେରଖନ୍ତୁ ସେ ବି ଅଫିସ୍‌ରେ ଆପଣଙ୍କ ପ୍ରତିଦ୍ୱନ୍ଦ୍ୱୀ। ତେଣୁ ଯଥାସମ୍ଭବ ସେମାନଙ୍କ ସହ ଗସିପଠାରୁ ମଧ୍ୟ ଦୂରେଇ ରହିବା ଭଲ।

**ନିନ୍ଦା ଅଭ୍ୟାସ ବଦଳାନ୍ତୁ:** ଅନେକ କର୍ମଚାରୀଙ୍କୁ ଅଫିସ୍‌ର ୱାର୍କ କଲଚର, ସହକର୍ମୀମାନଙ୍କ ବ୍ୟବହାର କିମ୍ବା ଏହାର ପରିବେଶ ଭଲ ଲାଗି ନ ଥାଏ। ଏଭଳି କ୍ଷେତ୍ରରେ ଅଫିସ୍ ପରିବର୍ତ୍ତନ କରିଦେବା ଏକ ଭଲ ନିଷ୍ପତ୍ତି। ହେଲେ ଅନେକେ ଏପରି ନ କରି ଅଫିସ୍, ଜବ୍ ଏବଂ ଏମ୍ପ୍ଲୟୀମାନଙ୍କ ବିରୋଧରେ ଏଣୁତେଣୁ ଗପିଥା'ନ୍ତି ବା ଏହାର ନିନ୍ଦା କରିଥା'ନ୍ତି। ହେଲେ ମନେରଖନ୍ତୁ ଅଫିସ୍‌କୁ ନିଜର ଭାବିବା ଏବଂ ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କରିବା ହିଁ ଜଣେ ଭଲ କର୍ମଜୀବୀର ପରିଚୟ। ତେଣୁ ସହକର୍ମୀ କିମ୍ବା ସିନିୟରଙ୍କ ଆଗରେ କଥା କଥାରେ ଅଫିସ୍‌କୁ ବଦନାମ କିମ୍ବା ନିନ୍ଦା କରିବା ଠିକ୍ ନୁହେଁ।

**ବିଶ୍ୱସ୍ତ ହୁଅନ୍ତୁ:** ସଚ୍ଚୋଟପଣିଆ ମଣିଷର ଏକ ବଡ଼ ଗୁଣ। ଅଫିସରେ ଯଦି କେହି ଆପଣଙ୍କୁ ବିଶ୍ୱାସରେ କିଛି କୁହନ୍ତି, ତେବେ ତାହାକୁ ଗୋପନ ରଖନ୍ତୁ। ଜଣଙ୍କ କଥା ଅନ୍ୟ ଆଗରେ କୁହନ୍ତୁ ନାହିଁ କିମ୍ବା ଅଫିସ ରାଜନୀତିରେ ମୁଣ୍ଡ ଖେଳାନ୍ତୁ ନାହିଁ। ସେହିପରି ନିଜକୁ ବିଶ୍ୱସ୍ତ କର୍ମଚାରୀର ପରିଚୟ ଦେବା ଲାଗି ଅନ୍ୟ କର୍ମଚାରୀଙ୍କ ଭୁଲ୍ ସମ୍ପର୍କରେ ବସ୍‌ଙ୍କ ଆଗରେ ଆଦୌ କୁହନ୍ତୁ ନାହିଁ। କାରଣ ଏପରି କରିବା ଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ, ବରଂ ଆପଣଙ୍କ ପ୍ରତି ଅନ୍ୟମାନେ ବିଶ୍ୱାସ ହରାଇପାରନ୍ତି।

**ଆଉଟ୍‌ଫିଟ୍ ଓ ବଡିଲାଙ୍ଗୁଏଜ୍ ପ୍ରତି ଯତ୍ନଶୀଳ ହୁଅନ୍ତୁ:** ଅଫିସ୍‌ରେ ସିନିୟର୍ ଜୁନିଅର ସମସ୍ତଙ୍କ ପ୍ରତି ବ୍ୟବହାର ଠିକ୍ ରଖନ୍ତୁ। ଆଉଟ୍‌ଫିଟ୍‌କୁ ଫର୍ମାଲ୍ ରଖନ୍ତୁ ଏବଂ ନିଜର ବସିବା, ଚାଲିବା, କଥା କହିବା ଶୈଳୀକୁ ମଧ୍ୟ ମାର୍ଜିତ ରଖନ୍ତୁ। କାରଣ ଆଉଟ୍‌ଫିଟ୍ ଏବଂ ବଡିଲାଙ୍ଗୁଏଜ୍ ମଧ୍ୟ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇଥାଏ।





## ଜାଣନ୍ତୁ ଦୁନିଆ

# ବ୍ଲାକ୍ ସ୍ୟାଣ୍ଡ ବିଚ୍

**ପୃଥିବୀରେ ଅନେକ ସମୁଦ୍ରକୂଳ ରହିଛି, ଯାହାକି ଏହାର ସୌନ୍ଦର୍ଯ୍ୟ କିମ୍ବା ନିଆରା ବେଳାଭୂମିକୁ ନେଇ ପୃଥିବୀ ପ୍ରସିଦ୍ଧ। ସେହିଭଳି କେତେକ ବେଳାଭୂମି ଏହାର କଳା ବାଲିକୁ ନେଇ ଚର୍ଚ୍ଚିତ, ଯିଏକି ବ୍ଲାକ୍ ସ୍ୟାଣ୍ଡ ବିଚ୍ ଭାବେ ପରିଚିତ। ତେବେ ଏହି ବେଳାଭୂମି ବାଲିର ରଙ୍ଗ କଳା ହେବାର ମୁଖ୍ୟ କାରଣ ହେଉଛି, ସେଠାରେ ହୋଇଥିବା ଆଗ୍ନେୟ ଉଦ୍‌ଗିରଣ। ଜାଣନ୍ତୁ ଏଭଳି କେତୋଟି ବେଳାଭୂମି ସମ୍ପର୍କରେ...**



**ରେନିସ୍ଫଜାରା ବିଚ୍, ଆଇସ୍‌ଲାଣ୍ଡ:** ଏହି ବେଳାଭୂମି ବ୍ଲାକ୍ ସ୍ୟାଣ୍ଡ ବିଚ୍ ଭାବେ ପୃଥିବୀ ପ୍ରସିଦ୍ଧ, ଯେଉଁଥିପାଇଁ ଏଠାରେ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ତେବେ ଏହାର କଳା ବାଲି ପର୍ଯ୍ୟଟକଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାରେ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଜୁଆର ବା ସ୍ନିକର ୱେଭ୍ ସେତିକି ଭୟଙ୍କର ମଧ୍ୟ। କାରଣ ଏହା ଖୁବ୍ ଜୋର୍‌ରେ ଏବଂ ବହୁତ ଆଗକୁ ମାଡ଼ିଆସିଥାଏ, ଯଦ୍ଦ୍ୱାରା ଅଧିକାଂଶ ପର୍ଯ୍ୟଟକ ଏଥିରେ ଭାସିଯାଆନ୍ତି। ଏମିତିକି ଏହା ଯୋଗୁ ଅନେକ ପର୍ଯ୍ୟଟକଙ୍କର ସେଠାରେ ପ୍ରାଣହାନି ମଧ୍ୟ ଘଟିଛି। ତା'ଛଡ଼ା ଏଠାରେ ପାଣିର ତାପମାତ୍ରା ମଧ୍ୟ ବହୁତ କମ୍, ଯେଉଁଥିପାଇଁ ଏହି ପାଣି ସଂସ୍ପର୍ଶରେ ଆସୁଥିବା ପର୍ଯ୍ୟଟକଙ୍କୁ ଅଧିକ ଥଣ୍ଡା ଯୋଗୁ ହାଇପୋଥର୍ମିଆ ହୋଇଥାଏ ଏବଂ ମୃତ୍ୟୁର ଆଶଙ୍କା ବି ବୃଦ୍ଧି ପାଇଥାଏ। ତେଣୁ ସେହି ବେଳାଭୂମିରେ ପର୍ଯ୍ୟଟକଙ୍କ ନିମନ୍ତେ ସତର୍କ ସୂଚନା ଲେଖାଥିବା ବୋର୍ଡ ଲଗାଯାଇଛି।

**ପାନୁଲୁ ବିଚ୍, ହାୱାଇ, ଗ୍ରୀସ୍:** ଏହି ବିଚ୍‌ରେ ଥିବା ବାଲି ମଧ୍ୟ କଳା। କାରଣ ହାୱାଇ ଭଲ୍କାନୋଜ୍ ନ୍ୟାଶନାଲ୍ ପାର୍କରେ ମଝିରେ ମଝିରେ ହେଉଥିବା ଆଗ୍ନେୟ ଉଦ୍‌ଗିରଣ ସମୟରେ ଏହି ବିଚ୍ ଦେଇ ଲାଭା ସମୁଦ୍ର ପାଣିରେ ପ୍ରବେଶ କରିଥାଏ। ଏଥିଯୋଗୁ ବହୁ ପାରିମାଣରେ ବାସଲ୍ଟ ଜମା ହୋଇ ଏହାର ରଙ୍ଗ କଳାରେ ପରିଣତ ହୋଇଯାଇଛି। ଏଠାରେ ମଝିରେ ମଝିରେ ବିଲୁପ୍ତପ୍ରାୟ ହକ୍ସବିଲ୍ ଏବଂ ଗ୍ରୀନ୍ ଟର୍ଟଲ୍ ଦେଖାଯାଆନ୍ତି, ଯାହାକି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏହି ବିଚ୍‌ରେ ବଡ଼ ବଡ଼ ପଥର ଥିବାରୁ ପହଁରିବା ବିପଦପୂର୍ଣ୍ଣ।

**ମିହୋ ବିଚ୍, ଶିମିଜୁ, ଜାପାନ:** ଏହା ହେଉଛି ଜାପାନର ସବୁଠୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଗୋଟିଏ। ଏଠାରେ ଥିବା କଳା ରଙ୍ଗର ଛୋଟ ଛୋଟ ପଥରର ବେଳାଭୂମିକୁ ଚତୁଃପାର୍ଶ୍ୱରୁ ଘେରି ରହିଥିବା ଘଞ୍ଚ ପାଇନ୍ ଗଛଗୁଡ଼ିକ ଏହାର ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷଣୀୟ କରିଥାଏ। ତେବେ ଖରାଦିନେ ଏଠାରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରକାରର ୱାଟର ସ୍ପୋର୍ଟ୍ସ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

**ତିଲ୍‌ମାତି ବିଚ୍, କରୱାର୍, କର୍ନାଟକ:** ଆମ ଦେଶରେ ମଧ୍ୟ କେତୋଟି ବେଳାଭୂମିରେ କଳା ବାଲି ଦେଖିବାକୁ ମିଳେ, ଯାହା ମଧ୍ୟରୁ ତିଲ୍‌ମାତି ବିଚ୍ ଅନ୍ୟତମ। ଏଠାରେ ଥିବା ବାଲି କଳା ରାଶି ବା ତିଳ ଭଳି ଦେଖାଯାଉଥିବାରୁ ଏହାର ନାମ ଏପରି ରଖାଯାଇଛି। ଏହାର ଚତୁଃପାର୍ଶ୍ୱରେ ବାସାଲ୍ଟିକ୍ ପଥର ଏବଂ ସୁନ୍ଦର ଗଛଲତା ଭରି ରହିଛି, ଯାହାକି ଏହାର ଦୃଶ୍ୟକୁ ଅତ୍ୟନ୍ତ ସୁନ୍ଦର କରିଥାଏ। କୁହାଯାଏ ବାସାଲ୍ଟିକ୍ ପଥର ଥିବାରୁ ଏଠାରେ ଥିବା ବାଲି ପ୍ରାକୃତିକ ରୂପେ କଳା। ତେବେ ଏହି ବିଚ୍‌ରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥାଏ।



## ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ସିଡିସିର ଫୁଲ୍‌ଫର୍ମ .......... ?
୨– ଖ୍ରୀଷ୍ଟମାସ ଆଇଲାଣ୍ଡ ........ ମହାସାଗରରେ ଅବସ୍ଥିତ ?
୩– ............ ଦେଶର ନୌସେନା ଦ୍ୱାରା ନିକଟରେ ଦି ଫୁଜିଆନ୍ ଏୟାରକ୍ରାଫ୍ଟ କ୍ୟାରିୟର ଆରମ୍ଭ କରାଯାଇଛି ?
୪– ସୈଦ୍ ମୁସ୍ତାକ୍ ଅଲ୍ଲୀ ଟ୍ରଫି ............. ଖେଳରେ ପ୍ରଦାନ କରାଯାଏ ?
୫– ଡଲ୍‌ଫିନ୍ ଆମ୍ବୁଲାନ୍ସ ଇନିସିଏଟିଭ୍ ............. ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?

## ଗତ ଥରର ଉତ୍ତର

୧ ଉତ୍ତରପ୍ରଦେଶ
୨ ପଞ୍ଚାୟତିରାଜ, ଶିକ୍ଷା ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ
୩ ଗଭର୍ନମେଣ୍ଟ ଇ–ମାର୍କେଟ୍‌ପ୍ଲେସ୍ ପୋର୍ଟାଲ୍
୪ ଓରିଏଣ୍ଟିଆ ସୁସୁଗାମୁଶି
୫ ଯମୁନା ନଦୀ

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ନରେଶ ଚନ୍ଦ୍ର ପ୍ରଧାନ, ସୁକିନ୍ଦା


ଶେଖ୍ ୟାକୁବ୍ ଗୋପ

## ଟପ୍ ଟେନ୍ ୧୦

ସର୍ବାଧିକ ବ୍ୟବହୃତ ସର୍ଚ୍ଚ ଇଞ୍ଜିନ୍–୨୦୨୫

୧ .......... ଗୁଗଲ୍
୨ .......... ମାଇକ୍ରୋସଫ୍ଟ ବିଙ୍ଗ୍
୩ .......... ୟାହୁ
୪ .......... ବାଇଡୁ
୫ .......... ୟାଣ୍ଡେକ୍ସ
୬ .......... ଡକ୍‌ଡକ୍‌ଗୋ
୭ .......... ଆସ୍କ.କମ୍
୮ .......... ଇକୋସିଆ
୯ .......... ଏଓଏଲ୍. କମ୍
୧୦ .......... ଇଣ୍ଟରନେଟ୍ ଆର୍କାଇଭ୍

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। **ଇ–ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଆଲର୍ଟ

# ପାଚନ ସମସ୍ୟା ଦୂରକରେ ମୁଦ୍ରା ଥେରାପି

**କୁହାଯାଏ ସୁସ୍ଥ ପେଟ, ସୁସ୍ଥ ସ୍ୱାସ୍ଥ୍ୟ। ତେଣୁ ଯେଉଁମାନଙ୍କ ଠାରେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ ସେମାନଙ୍କଠାରେ ଗ୍ୟାସ୍, ଏସିଡିଟିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପେଟଜନିତ ସମସ୍ୟା ଉପୁଜିଥାଏ। ବର୍ତ୍ତମାନ ଅନେକଙ୍କଠାରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ତେବେ ଏହାକୁ ଦୂର କରିବା ଲାଗି ସନ୍ତୁଳିତ ଖାଦ୍ୟାଭ୍ୟାସ ସହ ପ୍ରତିଦିନ କେତୋଟି ମୁଦ୍ରା ଅଭ୍ୟାସ କଲେ ପାଚନ ସମସ୍ୟା ଦୂର ହୋଇଥାଏ...**

**ବାୟୁ ମୁଦ୍ରା:** ଏହି ମୁଦ୍ରା ଶରୀରରେ ଥିବା ଅତିରିକ୍ତ ବାୟୁ ବାହାର କରି ଗ୍ୟାସ୍, ହାକୁଟି, ପେଟ ଫୁଲିବା ଭଳି ସମସ୍ୟା ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିପାଇଁ ଏକ କମ୍ଫର୍ଟେବଲ୍ ପୋଜିଶନ୍‌ରେ ବସିଯାଆନ୍ତୁ ଏବଂ ପିଠିକୁ ସିଧା ରଖନ୍ତୁ। ହାତର ବୁଢ଼ା ଆଙ୍ଗୁଠି ମୂଳରେ ତର୍ଜନୀ ଆଙ୍ଗୁଠିକୁ ମୋଡ଼ି ଲଗାଇ ୧୦–୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଠିଆ ହୋଇ ମଧ୍ୟ ଏହି ମୁଦ୍ରା କରିପାରିବେ। ଖାଇବାର ଏକ ଘଣ୍ଟା ପରେ ଏହି ମୁଦ୍ରା କରିବା ଭଲ।

**ଅପାନ ମୁଦ୍ରା:** ଏହି ମୁଦ୍ରା ଶରୀରକୁ ଶୁଦ୍ଧ ବା ଡିଟକ୍ସ କରିବା, ହଜମ କ୍ରିୟାକୁ ଭଲ ରଖିବା, କୋଷ୍ଠକାଠିନ୍ୟ ଦୂର କରିବା ସହ ଅବସାଦମୁକ୍ତ ରଖିବା ଲାଗି ବେଶ୍ ଉପକାରୀ। ଏହାକୁ କରିବା ଲାଗି ସିଧା ହୋଇ ଚକାମାଡ଼ି ବସନ୍ତୁ ଏବଂ ମେରୁଦଣ୍ଡ ସିଧା ରଖନ୍ତୁ। ହାତର ତର୍ଜନୀ, ମଧ୍ୟମା ଏବଂ ଅନାମିକା ଆଙ୍ଗୁଠିର ଅଗ ଭାଗକୁ ଯୋଡ଼ି ଆଣ୍ଠୁ ଉପରେ ରଖନ୍ତୁ ଏବଂ ଅନ୍ୟ ଦୁଇ ଆଙ୍ଗୁଠି ସିଧା ରଖନ୍ତୁ। ସକାଳେ କିମ୍ବା ସନ୍ଧ୍ୟାରେ ଖାଲି ପେଟରେ ୧୦–୧୫ ମିନିଟ୍ ଏହି ମୁଦ୍ରା କରନ୍ତୁ, ଉପକୃତ ହେବେ।

**ପୁଷଣ ମୁଦ୍ରା:** ବଦହଜମି, ଭୋକ ନ ଲାଗିବା ଭଳି ବିଭିନ୍ନ ପେଟ ସମସ୍ୟା ଦୂର କରିବା ଲାଗି ଏହି ମୁଦ୍ରା କରିବା ଭଲ। ଏଥିରେ ଦୁଇ ହାତର ମୁଦ୍ରା ଅଲଗା ହୋଇଥାଏ। ଏହାକୁ କରିବା ପାଇଁ ସିଧା ହୋଇ ବସିପଡ଼ନ୍ତୁ। ଡାହାଣ ହାତର ତର୍ଜନୀ ଓ ମଝି ଆଙ୍ଗୁଠି ସହ ବୁଢ଼ା ଆଙ୍ଗୁଠିର ଆଗକୁ ଯୋଡ଼ି ଆଣ୍ଠୁ ଉପରେ ରଖନ୍ତୁ। ସେହିପରି ବାମହାତର ବୁଢ଼ା ଆଙ୍ଗୁଠି ସହ ମଝି ଏବଂ ଅନାମିକା ଆଙ୍ଗୁଠିର ଆଗକୁ ଯୋଡ଼ି ଆଣ୍ଠୁ ଉପରେ ରଖନ୍ତୁ। ଏହି ସ୍ଥିତିରେ ୧୦–୩୫ ମିନିଟ୍ ରଖନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୨୩ ନଭେମ୍ବର, ୨୦୨୫ | Bhubaneswar, Sunday, 23 November, 2025

# ଆଶେସ ଇତିହାସରେ ୧୦୦ ବର୍ଷରେ ପ୍ରଥମ

## ଦୁଇ ଦିନରେ ଖେଳ ଶେଷ

## ହେଡ୍‌ଙ୍କ ଶତକ; ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ

**ପର୍ଥ, ୨୨।୧୧**

ଅଷ୍ଟ୍ରେଲିଆ-ଇଂଲଣ୍ଡ ପ୍ରଥମ ଆଶେସ କ୍ରିକେଟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଫାଷ୍ଟ ବୋଲରଙ୍କ ପ୍ରାଧାନ୍ୟ ବିଶିଷ୍ଟ ଏହି ଟେଷ୍ଟରେ ଟ୍ରାଭିସ୍ ହେଡ୍ ବିସ୍ଫୋରକ ବ୍ୟାଟିଂ କରି ଶତକ ହାସଲ କରିବା ସହ ଅଷ୍ଟ୍ରେଲିଆକୁ ୮ ଉଇକେଟରେ ବିଜୟୀ କରିଛନ୍ତି। ପ୍ରଥମ ଇନିଂସରେ ଇଂଲଣ୍ଡ ୧୭୨ ଓ ଅଷ୍ଟ୍ରେଲିଆ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୩୪ ରନରେ ଅଲ୍‌ଆଉଟ ହେବାରୁ ଅଷ୍ଟ୍ରେଲିଆ ସମ୍ମୁଖରେ ୨୦୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଇନିଂସ ଓପନ କରିଥିବା ଟ୍ରାଭିସ ହେଡ୍ ମାତ୍ର ୬୯ ବଲ୍‌ରୁ ଶତକ ପୂରଣ କରିବା ସହ ୮୩ ବଲ୍‌ରୁ ୧୨୩ ରନ ସ୍କୋର କରି ଅଷ୍ଟ୍ରେଲିଆ ବିଜୟକୁ ସହଜ କରି ଦେଇଥିଲେ। ଜ୍ୟାକ ୱେଦରାଲ୍ଡ ୨୩ ରନ କରି ଆଉଟ ହୋଇଥିବାବେଳେ ମାର୍ନସ ଲାବୁସେନ ୫୧ ଓ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୨ ରନରେ ଅପରାଜିତ ରହି ମାତ୍ର ୨୮.୨ ଓଭରରେ ଖେଳ ଶେଷ କରିଥିଲେ। କୌଣସି ଆଶେସ ଟେଷ୍ଟ ୨ ଦିନରେ ଶେଷ ହେବା ଗତ ୧୦୦ ବର୍ଷର ଇତିହାସରେ ଏହା ପ୍ରଥମ। ଶେଷଥର ପାଇଁ ୧୯୨୧ରେ ନଟିଂହାମଠାରେ ମ୍ୟାଚ ଦୁଇ ଦିନରେ ସମାପ୍ତ ହୋଇଥିଲା। ଏହା ବ୍ୟତୀତ ୧୮୮୮ରେ ଲର୍ଡ୍ସ, ଓଭାଲ, ମାଞ୍ଚେଷ୍ଟର ଏବଂ ୧୮୯୦ରେ ଓଭାଲଠାରେ ମଧ୍ୟ ଆଶେସ ଟେଷ୍ଟ ୨ ଦିନରେ ଶେଷ ହୋଇଥିଲା।

ଏଥର ପର୍ଥରେ ମୋଟ ୮୪୭ଟି ବଲ୍ ବୋଲିଂ ମଧ୍ୟରେ ଖେଳ ଶେଷ ହୋଇଥିଲା। ବଲ୍ ବୋଲିଂ ଦୃଷ୍ଟିରୁ ବିଂଶ ଶତାବ୍ଦୀର ଆରମ୍ଭରୁ ଏପର୍ଯ୍ୟନ୍ତ ଏହା ସବୁଠାରୁ ସର୍ଟେଷ୍ଟ ଆଶେସ ଟେଷ୍ଟ। ଏହି ଟେଷ୍ଟର ପ୍ରଥମ ଇନିଂସରେ ୭ ଓ ଦ୍ୱିତୀୟ ଇନିଂସରେ ୩ ଉଇକେଟ ସହ ମ୍ୟାଚରେ ୧୦ ଉଇକେଟ ସଫଳତା ପାଇଛନ୍ତି ମିଚେଲ ଷ୍ଟାର୍କ। ୧୯୯୧ରେ କ୍ରେଗ୍ ମ୍ୟାକ୍‌ଡର୍ମଟଙ୍କ ପରେ ଏହି ସଫଳତା ପାଇବାରେ ଷ୍ଟାର୍କ ହେଉଛନ୍ତି ପ୍ରଥମ ଖେଳାଳି। ଏଥିପାଇଁ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ନିଜ ଶତକୀୟ ଇନିଂସ ମଧ୍ୟରେ ୧୬ ଚୌକା ଓ ୪ ଛକା ମାରିଥିବା ହେଡ୍ ୬୯ ବଲ୍‌ରୁ ଶତକ ପୂରଣ କରି ଦ୍ୱିତୀୟ ଦ୍ରୁତତମ ଅଷ୍ଟ୍ରେଲୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଆଡାମ ଗିଲକ୍ରିଷ୍ଟ ୨୦୦୬ରେ ପର୍ଥଠାରେ ୫୭ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ଅଛନ୍ତି।


ଶତକ ହାସଲ ପରେ ଟ୍ରାଭିସ ହେଡ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୧୭୨। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୩୨। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୬୪/ଅଲଆଉଟ (ଗସ ଆଟକିନସନ-୩୭, ଓଲି ପୋପ୍-୩୩, ସ୍କଟ ବୋଲାଣ୍ଡ-୪/୩୩, ମିଚେଲ ଷ୍ଟାର୍କ-୩/୫୫, ବ୍ରେଣ୍ଡନ ଡଗେଟ-୩/୫୧)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୫/୨ (ଟ୍ରାଭିସ ହେଡ୍-୧୨୩, ମାର୍ନସ ଲାବୁସେନ-୫୧*, ବ୍ରେଡନ କାର୍ସ-୨/୪୪)।

# ଦ୍ୱିତୀୟ ଟେଷ୍ଟ: ଦକ୍ଷିଣ ଆଫ୍ରିକା ୨୪୭/୬

**ଗୁଆହାଟୀ, ୨୨।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ବର୍ସାପାରା ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଛି। ବର୍ସାପାରା ଦେଶର ୩୦ତମ ଟେଷ୍ଟ ଭେନ୍ୟୁ ଭାବେ ପଦାର୍ପଣ କରିଛି। ପ୍ରଥମ ଦିବସରେ ଆଲୋକ ଅଭାବ ଯୋଗୁ ୮୧.୫ ଓଭରରେ ଖେଳ ବନ୍ଦ ରହିବା ବେଳକୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା। ଟପ୍ ଅର୍ଡରର ୪ ବ୍ୟାଟର ଏଡେନ ମାରକ୍ରମ (୩୮), ର୍‍ୟାନ ରିକେଲଟନ (୩୫), ଟ୍ରିଷ୍ଟନ ଷ୍ଟବ୍ସ (୪୯) ଓ ଅଧିନାୟକ ବଭୁମା (୪୧) ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ପ୍ରଥମଥର ପାଇଁ କୌଣସି ଦଳର ଟପ୍ ଅର୍ଡରର ୪ ବ୍ୟାଟର ୩୫ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ମିଡିଲ ଅର୍ଡରର ଦୁଇ ବ୍ୟାଟର ଟୋନି ଡି ଜର୍ଜି ୨୮ ଓ ୱିଆନ ମୁଲ୍ଡର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ଷ୍ଟମ୍ପ ବେଳକୁ ସେନୁରାନ ମୁଥୁସାମି ୨୫ ଓ କାଏଲ ଭେରେନ ୧ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ହାସଲ କରିଥିଲେ। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଏହି ମ୍ୟାଚରେ ଆହତ ଶୁବମନ ଗିଲ୍‌ଙ୍କ ସ୍ଥାନରେ ସାଇ ସୁଦର୍ଶନ ଏବଂ ଅକ୍ଷର ପଟେଲଙ୍କ ସ୍ଥାନରେ ନୀତୀଶ କୁମାର ରେଡ୍ଡୀଙ୍କୁ ସ୍ଥାନ ମିଳିଛି। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ରିଷଭ ପନ୍ତ ଦ୍ୱିତୀୟ ଉଇକେଟ କିପର ଭାବେ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି। ଧୋନୀ ୨୦୦୮ରୁ ୨୦୧୪ ମଧ୍ୟରେ ୬୦ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ।


କୁଲଦୀପ ଯାଦବ

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬ (ଏଡେନ ମାରକ୍ରମ-୩୮, ର୍‍ୟାନ ରିକେଲଟନ-୩୫, ଟ୍ରିଷ୍ଟନ ଷ୍ଟବ୍ସ-୪୯, ଟେମ୍ବା ବଭୁମା-୪୧, କୁଲଦୀପ ଯାଦବ-୩/୪୮, ଯଶପ୍ରୀତ୍ ବୁମ୍‌ରା-୧/୩୮, ମହମ୍ମଦ ସିରାଜ-୧/୫୯, ରବୀନ୍ଦ୍ର ଜାଡେଜା-୧/୩୦)।

## ଜାତୀୟ ଫୁଟ୍‌ବଲରେ ଏସ୍‌ଓବି-ଓଡ଼ିଶାର ସଫଳତା

# ମହିଳାଙ୍କୁ ସ୍ୱର୍ଣ୍ଣ, ପୁରୁଷ ଦଳକୁ ବ୍ରୋଞ୍ଜ



ସ୍ପେଶାଲ ଅଲିମ୍ପିକ୍ସ ଭାରତ ଜାତୀୟ ଫୁଟବଲ୍ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶାର ମହିଳା ଓ ପୁରୁଷ ଦଳ।

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ନଭେମ୍ବର ୧୭ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍‌ଓବି) ଜାତୀୟ ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ସଫଳତା ଅର୍ଜନ କରିଛି। ଏଥିରେ ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ ଏବଂ ପୁରୁଷ ଦଳକୁ ବ୍ରୋଞ୍ଜ ପଦକ ମିଳିଛି। ମହିଳା ଦଳ ପ୍ରତିଯୋଗିତାରେ ରାଜସ୍ଥାନକୁ ୪-୦, ଗୋଆକୁ ୫-୨ ଓ ମହାରାଷ୍ଟ୍ରକୁ ୬-୧ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ପୁରୁଷ ଦଳ ହରିୟାଣା, ଛତିଶଗଡ଼ ଓ ଉତ୍ତରାଖଣ୍ଡ ବିରୋଧରେ ଖେଳି ବ୍ରୋଞ୍ଜ୍ ପଦକ ହାସଲ କରିଥିଲା। ମହିଳା ଫୁଟବଲ ଦଳରେ ଅରିଦିତା ଚକ୍ରବର୍ତ୍ତୀ, ଦୁର୍ଗା ସିଂ, ଝରଣା ଦାସ, ରଶ୍ମିତା ଲାଗୁରି, ବର୍ଷା ମହାକୁଡ, ରାମେଶ୍ୱରୀ ବେହେରା ଓ ସୁପ୍ରିୟା ଭୋଇନା ସାମିଲ ଥିଲେ। ମମତା ମହାନ୍ତି ଓ ଆନନ୍ଦ ମୟୀ ବେଉରା ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ପୁରୁଷ ଦଳରେ ରାମ ବରିହା, ଦେବାଶିଷ, ନାରାୟଣ ମହାକୁଡ଼, ରଞ୍ଜିତ ଖୁଣ୍ଟିଆ, କୃଷ୍ଣା ଛତର, ସଞ୍ଜୀବ ବଞ୍ଛୋର୍ ଖେଳାଳି ଭାବେ ପ୍ରତିନିଧିତ୍ୱ କରିଥିଲେ। ବାଦଲ ମହାକୁଡ଼, ନନ୍ଦିକିଶୋର ବାଗ ଓ ସଞ୍ଜୟ ରଣା ପ୍ରଶିକ୍ଷକ ଥିଲେ। ଏସ୍‌ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସଦସ୍ୟ ଉଭୟ ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାକୁ ଆଉ ୩ ପଦକ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆବିଲିଟି ଗେମ୍ସର ଦ୍ୱିତୀୟ ଦିବସରେ ଓଡ଼ିଶା ପାରା ଆଥ୍‌ଲେଟ୍ ଆଉ ୩ ପଦକ ହାସଲ କରିଛନ୍ତି। କମଳାକାନ୍ତ ନାୟକ (ପୁରୁଷ ଜାଭେଲିନ ଥ୍ରୋ-ଏଫ୍-୫୩) ସ୍ୱର୍ଣ୍ଣ ଏବଂ ପ୍ରଫୁଲ୍ଲ ଖଣ୍ଡାୟତରାୟ (ପୁରୁଷ ଡିସ୍‌କସ୍ ଥ୍ରୋ ଏଫ୍-୫୫) ଓ ସୁଚିତ୍ରା ପାତ୍ର (ମହିଳା ଡିସ୍‌କସ୍ ଥ୍ରୋ ଏଫ୍-୫୪/୫୫/୫୬ ମିଳିତ ବର୍ଗ) ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରଥମ ଦିନରେ ୬ ପଦକ ମିଳିଥିଲା।

# ଭାଗନେବେ ଓଡ଼ିଶାର ୯୪ ସ୍କେଟର

## ଜାତୀୟ ରୋଲର ସ୍କେଟିଂ

**ଭୁବନେଶ୍ୱର, ୨୨।୧୧ (ବିଜୟ ରଣା)**

ଚଳିତବର୍ଷ ଶେଷ ଭାଗରେ ଅନୁଷ୍ଠିତ ହେବାକୁଥିବା ୬୩ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତାରେ ଭାଗନେବା ଲାଗି ଓଡ଼ିଶାର ୯୪ ଜଣ ସ୍କେଟର ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳର ନେତୃତ୍ୱ ନେବେ ଅଗ୍ରଣୀ ସ୍କେଟର ଆନାହିତା ମିଶ୍ର। ସେ ବର୍ତ୍ତମାନ ଇନ୍‌ଲାଇନ୍ ଫ୍ରିଷ୍ଟାଇଲ ସ୍ଲିଡ୍ ସାଲୋମ ଜୁନିୟର ମହିଳା କାଟେଗୋରି ବିଶ୍ୱ ର୍‍ୟାଙ୍କିଙ୍ଗରେ ୬ଷ୍ଠ ସ୍ଥାନରେ ରହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୨୫ ଓ ୨୬ରେ ଅନୁଷ୍ଠିତ ୧୨ତମ ଓଡ଼ିଶା ରାଜ୍ୟ ରୋଲର ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ୨୦୨୫ ବେଳେ ଏହି ସ୍କେଟରମାନେ ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇଛନ୍ତି। ଏଥିରେ ୧୨ଟି ଜିଲାର ଦଳ ସ୍କେଟିଂର ୧୦ଟି ବିଭାଗ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମନୋନୀତ ସ୍କେଟରମାନଙ୍କ ତାଲିକାର ନକଲ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ନିକଟକୁ ପଠାଇ ଦିଆଯାଇଛି। ମନୋନୀତ ସ୍କେଟରମାନଙ୍କୁ ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ଲାଗି ଆସୋଏଶନ ତରଫରୁ ଆବଶ୍ୟକ ସହଯୋଗ ଓ ସହାୟତା ଲୋଡ଼ାଯାଇଥିବା ଓଡ଼ିଶା ସ୍କେଟିଂ ଆସୋସିଏଶନ ସମ୍ପାଦକ ସତ୍ୟଜିତ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ।

## କ୍ରୀଡ଼ାକୁ ପ୍ରୋତ୍ସାହନ

# ରିଲାଏନ୍ସ ଫାଉଣ୍ଡେଶନ୍ ପୁରସ୍କୃତ

**ନୂଆଦିଲ୍ଲୀ:** ଫିକିର ୧୫ତମ ବିଶ୍ୱ କ୍ରୀଡ଼ା ସମ୍ମିଳନୀ (ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ) 'ଟର୍ଫ ୨୦୨୫' (ଟିୟୁଆର୍‌ଏଫ୍ ୨୦୨୫) ଏବଂ 'ଇଣ୍ଡିଆ ସ୍ପୋର୍ଟ୍ସ ଆୱାର୍ଡ୍ସ ୨୦୨୫'ରେ କ୍ରୀଡ଼ା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ରିଲାଏନ୍ସ ଫାଉଣ୍ଡେଶନକୁ ସମ୍ମାନିତ କରାଯାଇଛି। ନୀତା ଏମ୍. ଅମ୍ବାନୀଙ୍କ ନେତୃତ୍ୱରେ, ରିଲାଏନ୍ସ ଫାଉଣ୍ଡେଶନ୍ ତୃଣମୂଳସ୍ତରରୁ ହାଇ-ପରଫର୍ମାନ୍ସ ସ୍ତର ପର୍ଯ୍ୟନ୍ତ କ୍ରୀଡ଼ାକୁ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ରିଲାଏନ୍ସ ଫାଉଣ୍ଡେଶନକୁ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ କର୍ପୋରେଟ - ହାଇ ପରଫର୍ମାନ୍ସ (ବେଷ୍ଟ କର୍ପୋରେଟ୍ ପ୍ରମୋଟିଂ ସ୍ପୋର୍ଟ୍ସ-ହାଇ ପରଫର୍ମାନ୍ସ) ବର୍ଗରେ ପୁରସ୍କାର ମିଳିଛି। ଏହି ପୁରସ୍କାର ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଦସ୍ୟ ହୋଇଥିବା ପ୍ରଥମ ଭାରତୀୟ ମହିଳା ଭାବରେ, ନୀତା ଅମ୍ବାନୀ ବିଶ୍ୱବ୍ୟାପୀ ଅଲିମ୍ପିକ୍ ଆନ୍ଦୋଳନକୁ ମଜଭୁତ କରିବା ଏବଂ ଭାରତର କ୍ରୀଡ଼ା ଆକାଂକ୍ଷାକୁ ଉଚ୍ଚ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତ। ନୀତା ଅମ୍ବାନୀ ଏହି ପୁରସ୍କାରକୁ ରିଲାଏନ୍ସ ଫାଉଣ୍ଡେଶନ ପରିବାର ଏବଂ ଦେଶର ଯୁବ କ୍ରୀଡ଼ାବିତ୍‌ଙ୍କୁ ଉତ୍ସର୍ଗ କରିଛନ୍ତି। ସେ କହିଛନ୍ତି, ଭାରତକୁ ଏକ ବିଶ୍ୱସ୍ତରୀୟ ବହୁବିଧ କ୍ରୀଡ଼ା ପାୱାରହାଉସରେ ପରିଣତ କରିବାର ସମୟ ଆସିଛି। ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ରହିଛି ଯେ, ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ